# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଅଗଷ୍ଟ ୬/୨୦୨୧ (୧୬ ପୃଷ୍ଠା) | Sambalpur, Friday, August 6/2021 | ★★

୧୭ଶ ଭାଗ ୨୩୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




## ଘରୋଇ ହିଂସା ମାମଲାରେ ହନି ସିଂ

ଗାୟକ ହନି ସିଂଙ୍କ ବିରୋଧରେ ଘରୋଇ ହିଂସା ଅଭିଯୋଗ ଆଣି ତାଙ୍କ ସ୍ତ୍ରୀ ଶାଳିନୀ ତଲୱାର ଦିଲ୍ଲୀର ତିସ୍ ହଜାରି କୋର୍ଟରେ ମାମଲା ଦାଏର କରିଛନ୍ତି। ୧୨

୧୬

## ରବି ଦହିୟା ରୌପ୍ୟ ଜିତିଲେ

ଭାରତର ରବି କୁମାର ଦହିୟା ଅଲିମ୍ପିକ୍ସ ୫୭କେଜି ଫ୍ରିଷ୍ଟାଇଲ ରେସ୍‌ଲିଂରେ ରୌପ୍ୟ ପଦକ ହାସଲ କରିଛନ୍ତି।




# ଭାରତ ଉଲ୍ଲସିତ, ଓଡ଼ିଶା ପ୍ରଶଂସିତ

## ଅଲିମ୍ପିକ୍ସ ପୁରୁଷ ହକିରେ ମିଳିଲା ବ୍ରୋଞ୍ଜ



**୪୧ ବର୍ଷ ପ୍ରତୀକ୍ଷାର ଅନ୍ତ** ଟୋକିଓ ଅଲିମ୍ପିକ୍ସରେ ଗୁରୁବାର ଜର୍ମାନୀ ବିପକ୍ଷ ମ୍ୟାଚ୍‌ରେ ବ୍ରୋଞ୍ଜ ପଦକ ବିଜୟ ପରେ ଉଲ୍ଲସିତ ଭାରତୀୟ ପୁରୁଷ ହକି ଦଳ।

**ଟୋକିଓ,୫।୮ (ପି.ଟି.)**

ଇତିହାସର ପୁନରାବୃତ୍ତି ହୋଇଛି। ଦୀର୍ଘ ୪୧ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟିଛି। ଭାରତୀୟ ପୁରୁଷ ହକି ଦଳ ଶେଷରେ ଅଲିମ୍ପିକ୍ସରେ ପଦକ ଶୂନ୍ୟତାକୁ ଦୂର କରିଛି। ୧୯୮୦ ମସ୍କୋ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିବା ପରେ ଭାରତ ପ୍ରଥମଥର ପାଇଁ ଅଲିମ୍ପିକ୍ସରେ ଗୁରୁବାର ବ୍ରୋଞ୍ଜ ପଦକ ହାସଲ କରିଛି। ଫଳରେ ସମଗ୍ର ଭାରତରେ ଉଲ୍ଲାସ ଦେଖିବାକୁ ମିଳିଛି। ଭାରତୀୟ ହକିକୁ ଆର୍ଥିକ ପ୍ରୋତ୍ସାହନ ସହ କ୍ରମାଗତ ଉତ୍ସାହିତ କରି ଆସୁଥିବାରୁ ଓଡ଼ିଶା ସବୁଆଡ଼ୁ ପ୍ରଶଂସିତ ହୋଇଛି। ☞ପୃଷ୍ଠା-୪

## ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ପାଇଁ ସ୍ୱପ୍ନ ପୂରଣ ହେଲା: ମନ୍‌ପ୍ରୀତ

**ଭୁବନେଶ୍ୱର,୫।୮ (ବ୍ୟୁରୋ)**



ଟୋକିଓ ଅଲିମ୍ପିକ୍ସରେ ଦୀର୍ଘ ୪୧ ବର୍ଷ ପରେ ପୁରୁଷ ହକି ଦଳ ପଦକ ପାଇଛି। ଜର୍ମାନୀକୁ ୫-୪ ଗୋଲରେ ଚକମା ଦେଇ ବ୍ରୋଞ୍ଜ ପଦକ ହାତେଇଛି। ଭାରତୀୟ ପୁରୁଷ ହକି ଦଳର ଅଧିନାୟକ ମନ୍‌ପ୍ରୀତ ସିଂ ଏହି ସଫଳତାର ସମସ୍ତ ଶ୍ରେୟ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଇଛନ୍ତି। ଏଭଳି ଐତିହାସିକ ☞ପୃଷ୍ଠା-୪

## ୧୬ରେ ହକି ଟିମ୍‌କୁ ସମ୍ବର୍ଦ୍ଧନା

### ୨ ଓଡ଼ିଆ ଖେଳାଳିଙ୍କ ମା'ଙ୍କ ସହ କଥା ହେଲେ ନବୀନ

**ଭୁବନେଶ୍ୱର,୫।୮ (ବ୍ୟୁରୋ)**



ଟୋକିଓ ଅଲିମ୍ପିକ୍ସରେ ଐତିହାସିକ ସଫଳତା ହାସଲ କରିଥିବା ପୁରୁଷ ହକି ଟିମ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ଜରିଆରେ ଅଭିନନ୍ଦନ ଜଣାଇଛନ୍ତି। ☞ପୃଷ୍ଠା-୪






ଅଗଷ୍ଟ ୧୬ରୁ ଖୋଲିବ ନବମ ଶ୍ରେଣୀ: ପୃଷ୍ଠା-୩

**ଆଜିର ସମ୍ପାଦକୀୟ** ମଧ୍ୟପ୍ରାଚ୍ୟରେ ଶାନ୍ତି ଫେରିବ କି









ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ସହ ଭାରତୀୟ ପୁରୁଷ ହକି ଦଳର ଖେଳାଳି।

## ଟିମ୍ ଇଣ୍ଡିଆକୁ ରାଷ୍ଟ୍ରପତିଙ୍କ ଶୁଭେଚ୍ଛା



**ନୂଆଦିଲ୍ଲୀ, ୫।୮:** ଟୋକିଓ ଅଲିମ୍ପିକ୍ସରେ ମେଡାଲ ଜିତିଥିବା ଭାରତୀୟ ପୁରୁଷ ହକି ଟିମ୍‌କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଅଭିନନ୍ଦନ ଜଣାଇଛନ୍ତି। ୪୧ ବର୍ଷ ପରେ ଅଲିମ୍ପିକ ମେଡାଲ ଜିତି ଭାରତୀୟ ପୁରୁଷ ହକି ଇତିହାସ ରଚିଛି। ଅଲିମ୍ପିକ୍ ବିଜୟ ହକିରେ ଏକ ନୂଆ ଯୁଗର ଆରମ୍ଭ ବୋଲି ରାଷ୍ଟ୍ରପତି କହିଛନ୍ତି। ମ୍ୟାଚ୍ ଜିତିବାରେ ଟିମ୍‌ର ଅସାଧାରଣ ଦକ୍ଷତା, ନିଷ୍ଠା ଓ ଦୃଢ଼ ସଂକଳ୍ପକୁ ରାଷ୍ଟ୍ରପତି ପ୍ରଶଂସା କରିଛନ୍ତି।

## ସ୍ମରଣୀୟ ହୋଇ ରହିବ: ମୋଦି



**ନୂଆଦିଲ୍ଲୀ, ୫।୮:** ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ହକି ଟିମ୍ ବ୍ରୋଞ୍ଜ ମେଡାଲ ଜିତିବା ଐତିହାସିକ ଘଟଣା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିବା ସହ ଏହି ଦିନ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି କହିଛନ୍ତି। ସେମାନେ ସାରା ଦେଶ ବିଶେଷ କରି ଯୁବବର୍ଗଙ୍କ ହୃଦୟ ଜିତିଛନ୍ତି। ସାରା ଦେଶ ଆଜି ଏହାର ହକି ଟିମ୍ ପାଇଁ ଗର୍ବିତ ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି। ଟିମ୍‌ର କ୍ୟାପ୍ଟେନ ମନପ୍ରୀତ୍ ସିଂଙ୍କ ସହ ପ୍ରଧାନମନ୍ତ୍ରୀ ଟେଲିଫୋନ ଯୋଗେ କଥା ହୋଇ ଶୁଭେଚ୍ଛା ଜଣାଇଥିଲେ। ଏଥିସହିତ ଟିମ୍‌ରେ ସାମିଲ ହୋଇଥିବା ଓଡ଼ିଶାର ବୀରେନ୍ଦ୍ର ଲାକ୍ରା ଏବଂ ଅମିତ୍ ରୋହିଦାସ୍‌ଙ୍କୁ ମଧ୍ୟ ପ୍ରଧାନମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି।

# ଓଡ଼ିଶା ପାଇଁ ହକି ଚମକିଲା

ଭୁବନେଶ୍ୱର, ୫।୮ (ବ୍ୟୁରୋ)

ଟୋକିଓ ଅଲିମ୍ପିକ୍ସ ପୁରୁଷ ହକିରେ ଭାରତ ବ୍ରୋଞ୍ଜ ପଦକ ଜିତିବା ପରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଣିଥରେ ଚର୍ଚ୍ଚାକୁ ଆସିଛନ୍ତି । ୪୧ ବର୍ଷ ପରେ ଅଲିମ୍ପିକ୍ସ ହକିରେ ବ୍ରୋଞ୍ଜ ପଦକ ଜିତିବା ଭାରତୀୟ ହକି ଟିମ୍‌ର ସ୍ୱର୍ଣ୍ଣିମ ସମୟ ଫେରିଆସିଲା ବୋଲି ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର ଧରିଛି। ହକିକୁ ପୁଣିଥରେ ଜୀବନ୍ତ କରିଥିବାରୁ ଓଡ଼ିଶା ସରକାରଙ୍କୁ ପ୍ରଶଂସାର ସୁଅ ଛୁଟିଛି।

ଭାରତୀୟ ହକି ଟିମ୍ ଯେଉଁ ସଫଳତା ହାସଲ କରିଛି, ତା' ପଛରେ ଓଡ଼ିଶା ସରକାରଙ୍କ ହାତ ରହିଛି। ଓଡ଼ିଶା ସରକାରଙ୍କ ପ୍ରାୟୋଜକରେ ଭାରତୀୟ ପୁରୁଷ ହକି ଟିମ୍ ବ୍ରୋଞ୍ଜ ପଦକ ଜିତିଛି। ଯୁବ ଅବସ୍ଥାରେ ନବୀନ ହକି ଖେଳୁଥିଲେ। ଡୁନ୍

### ଡୁନ୍ ସ୍କୁଲରେ ପଢୁଥିବା ବେଳେ ନବୀନ ଗୋଲକିପର ଥିଲେ

ସ୍କୁଲରେ ପାଠ ପଢୁଥିବା ବେଳେ ସେ ଗୋଲକିପର ଭୂମିକା ତୁଲାଉଥିଲେ।

ଭାରତୀୟ ହକିର ପ୍ରାୟୋଜକ ଥିବା ସାହାରା ପୁରୁଷ ଓ ମହିଳା ଟିମ୍ ସ୍ପନ୍‌ସରରୁ ଓହରି ଯାଇଥିଲା। ଯାହାଫଳରେ ହକିକୁ କୌଣସି ପ୍ରାୟୋଜକ ମିଳି ନ ଥିଲା। ତେବେ ଏଭଳି ବିପଦ ସମୟରେ ନବୀନ ହକିକୁ ସହାୟତାର ହାତ ବଢ଼ାଇଥିଲେ । ୨୦୧୮ରେ ଓଡ଼ିଶା ସରକାର ହକି ଇଣ୍ଡିଆ ସହ ୧୦୦ କୋଟି ଟଙ୍କାର ଚୁକ୍ତି କରିଥିଲେ। ୫ ବର୍ଷ ପାଇଁ ଏହି ଚୁକ୍ତି କରାଯାଇଛି। ସିନିୟର, ଜୁନିୟର, ପୁରୁଷ ଓ ମହିଳା ଟିମ୍ ପାଇଁ ପାଖାପାଖି ୧୦୦ କୋଟି ଟଙ୍କାର ଚୁକ୍ତି କରାଯାଇଛି। ଏହାଛଡ଼ା ଓଡ଼ିଶା ସରକାର ବିଶ୍ୱସ୍ତରୀୟ ଟ୍ରେନିଂ, ପ୍ରାକ୍ଟିସ୍ ମ୍ୟାଚ୍ ଓ ଟୁର୍ନାମେଣ୍ଟ ଜରିଆରେ ହକିକୁ ନୂଆ ଜୀବନ ଦେଇଛନ୍ତି।

୨୦୧୪ରେ ଓଡ଼ିଶାରେ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟ ଆୟୋଜନ ହୋଇଥିଲା। ଏହା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହକି ଉପରେ ନଜର ପଡ଼ିଥିଲା। ୨୦୧୭ରେ ଓଡ଼ିଶା ସରକାରଙ୍କ ପ୍ରାୟୋଜକରେ କଳିଙ୍ଗ ଲାନ୍ସର୍ସ କ୍ଲବ୍ ହକି ଇଣ୍ଡିଆ ଲିଗ୍‌ରେ ବିଜେତା ହୋଇଥିଲା। ଏହା ପରେ ଓଡ଼ିଶା ୨୦୧୮ରେ ହକି ବିଶ୍ୱକପ୍ ଆୟୋଜନ କରିଥିଲା। ସେହିପରି ୨୦୧୯ରେ ଏଫ୍‌ଆଇଏଚ୍ ପୁରୁଷ ସେମିଫାଇନାଲ୍ସ ଓ ଅଲିମ୍ପିକ୍ସ ହକି କ୍ୱାଲିଫାୟର ଏବଂ ୨୦୨୦ରେ ଏଫ୍‌ଆଇଏଚ୍ ପ୍ରୋ'ଲିଗ୍ ଆୟୋଜିତ ହୋଇଥିଲା। ଏସବୁ ନବୀନ ପଟ୍ଟନାୟକଙ୍କ ସମୟରେ ହିଁ ସମ୍ଭବ ହୋଇଛି। ୨୦୧୯ରେ ଇଣ୍ଟରନ୍ୟାଶନାଲ ହକି ଫେଡେରେଶନ (ଏଫ୍‌ଆଇଏଚ) ମୁଖ୍ୟମନ୍ତ୍ରୀଙ୍କୁ ସମ୍ମାନଜନକ ଏଫ୍‌ଆଇଏଚ ପ୍ରେସିଡେଣ୍ଟ ପୁରସ୍କାରରେ ସମ୍ମାନିତ କରିଥିଲା। ୨୦୨୩ରେ ମଧ୍ୟ ଓଡ଼ିଶା ହକି ବିଶ୍ୱକପ୍ ଆୟୋଜନ କରିବ। ଏଥିପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶା ସରକାର ରାଉରକେଲାରେ ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ନିର୍ମାଣ କରିବା ସହ ହକି ଭିତ୍ତିଭୂମି ସୁଦୃଢ଼ କରିବାରେ ଲାଗିଛନ୍ତି। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ଓ ରାଉରକେଲା ଏବଂ କଳିଙ୍ଗ ଷ୍ଟାଡିୟମ ସମ୍ପ୍ରସାରଣ ପାଇଁ ୩୫୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରାଯାଇଛି। ଏଥିସହିତ ସୁନ୍ଦରଗଡ଼ ଜିଲାରେ ହକିକୁ ଆହୁରି ଲୋକପ୍ରିୟ କରିବା ପାଇଁ ୧୭ଟି ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ବାବଦରେ ୧୫୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏହାଛଡ଼ା ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ଖେଳ ଭିତ୍ତିଭୂମି ଏବଂ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରିବାକୁ ରାଜ୍ୟ ସରକାର ୪୬୨ କୋଟି ଟଙ୍କା ଖର୍ଚ୍ଚ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ଭାରତୀୟ ହକିରେ ଓଡ଼ିଶାର ଅବଦାନ ରହି ଆସିଛି। ଉଭୟ ପୁରୁଷ ଓ ମହିଳା ଟିମ୍‌ରେ ଓଡ଼ିଶାର ଏକାଧିକ ଖେଳାଳି ସ୍ଥାନ ପାଇଛନ୍ତି। ଟୋକିଓ ଗେମ୍ସ ପାଇଁ ଓଡ଼ିଆ ଖେଳାଳି ବୀରେନ୍ଦ୍ର ଲାକ୍ରା ଓ ଦୀପ୍ ଗ୍ରେସ୍ ଏକ୍କାଙ୍କୁ ଭାରତୀୟ ଦଳର ଭାଇସ୍ କ୍ୟାପଟେନ୍ କରାଯାଇଛି।

## ଆନ୍ତର୍ଜାତିକ ପ୍ରଦର୍ଶନୀରେ ଅର୍ଚ୍ଚନାଙ୍କ ଚିତ୍ରକୃତି




ବାଲେଶ୍ୱର ଅଫିସ, ୫।୮

ଟୋକିଓ ଅଲିମ୍ପିକ ଅବସରରେ ଆସନ୍ତା ୮ରୁ ୨୪ତାରିଖ ପର୍ଯ୍ୟନ୍ତ ଭର୍ଚୁଆଲ ମୋଡ଼ରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତର୍ଜାତିକ ଚିତ୍ରକୃତି ପ୍ରଦର୍ଶନୀରେ ବାଲେଶ୍ୱର ଚାରୁକଳା ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ରୀ ଅର୍ଚ୍ଚନା ଜେନାଙ୍କ ଏକ ପେଣ୍ଟିଂ ପ୍ରଦର୍ଶିତ ହେବା ପାଇଁ ମନୋନୀତ ହୋଇଛି । 'ଦି ଫାଇଟ' ଶିରୋନାମାରେ ପ୍ରସ୍ତୁତ ଏହି ଚିତ୍ରକୃତି ଭାରତୀୟ ଚିତ୍ରଶିଳ୍ପୀ ମହାସଂଘ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଦର୍ଶିତ ହେଉଥିବା ଜାଣି ଓଡ଼ିଶାର ଚିତ୍ରଶିଳ୍ପୀ ମହଲରେ ଖୁସିର ଲହରୀ ଖେଳିଯାଇଛି। ବାଲେଶ୍ୱର ଜିଲା ରେମୁଣା ଜାନୁଗଞ୍ଜ ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କଳା ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଜେନାଙ୍କ ବହୁ ଚିତ୍ର ପୂର୍ବରୁ ଓଡ଼ିଶା ଲଳିତ କଳା ଏକାଡ଼େମୀ ଦ୍ୱାରା ଅନୁଷ୍ଠିତ ପ୍ରଦର୍ଶନୀରେ ସ୍ଥାନ ପାଇବା ସହ ପୁରସ୍କୃତ ହୋଇଛି। କ୍ରାଫ୍ଟ ଡିଜାଇନରେ ସାର୍ଟିଫିକେଟପ୍ରାପ୍ତ ଅର୍ଚ୍ଚନା ପୂର୍ବରୁ ରାଜ୍ୟ ଏବଂ ରାଜ୍ୟ ବାହାରର ବିଭିନ୍ନ ଆର୍ଟ ଶିବିରରେ ଯୋଗଦେଇ ସମ୍ବର୍ଦ୍ଧିତ ହୋଇଛନ୍ତି।




# ହକି ଗଡ଼ରେ ଖୁସିର ଲହରି

ସୁନ୍ଦରଗଡ଼, ୫।୮ (ଡି.ଏନ୍.ଏ.)

ଟୋକିଓ ଅଲିମ୍ପିକ୍ସରେ ଦୀର୍ଘ ୪୧ବର୍ଷ ପରେ ଜର୍ମାନୀକୁ ୫-୪ ଗୋଲରେ ହରାଇ ଭାରତ ପୁରୁଷ ହକି ଦଳ ବ୍ରୋଞ୍ଜପଦକ ହାସଲ କରିଥିବାରୁ ହକିର ଅନ୍ତୁଡିଶାଳ କୁହାଯାଉଥିବା ସୁନ୍ଦରଗଡ଼ରେ ଖୁସିର ଲହରି ଖେଳିଯାଇଛି। ଭାରତୀୟ ମହିଳା ଓ ପୁରୁଷ ହକିଦଳରେ ସାମିଲ ଥିବା ୪ ଓଡ଼ିଆ ଖେଳାଳିଙ୍କ ଗାଁ ମାଟି ଉତ୍ସବମୁଖର ହୋଇପଡିଥିଲା। ସୁନ୍ଦରଗଡ଼, ରାଉରକେଲା ସମେତ ବାଲିଶଙ୍କରା ବ୍ଲକର ସଉନାମୁରା ଓ ଗୁରୁଣ୍ଡିଆ ବ୍ଲକର ଲଛଡା ଗ୍ରାମରେ ଲୋକେ ଖୁସି ମନାଇଥିଲେ। ହକିପ୍ରେମୀ ଓ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ମିଠାବାଣ୍ଟି ବାଜାବଜାଇ ଗୀତଗାଇ ନାଚିଥିଲେ। ଏପରିକି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ଜରିଆରେ ଭାରତୀୟ ପୁରୁଷ ହକିଦଳରେ ସାମିଲ ହୋଇଥିବା ଅମିତ ରୋହିଦାସ ଓ ବୀରେନ୍ଦ୍ର ଲାକ୍ରାଙ୍କ ପରିବାରବର୍ଗଙ୍କ ସହିତ କଥା ହୋଇ ଶୁଭେଚ୍ଛା ଜଣାଇଛନ୍ତି। ବ୍ରୋଞ୍ଜପଦକ ହାସଲ କରିବା ଖବର ଜାଣିବା ପରେ ଅମିତଙ୍କ ଗାଁ ସଉନାମୁରାରେ ମା'ଗୋଲାପୀ, ଭାଇ ନିରଞ୍ଜନ, ଭାଉଜ ଦୁଷ୍ମନ୍ତି ତଥା ଗ୍ରାମବାସୀ ଆନନ୍ଦିତ ହୋଇଥିଲେ। ଏହି




ବାଲିଶଙ୍କରା ବ୍ଲକର ସଉନାମୁରାବାସୀ ଖୁସିରେ ନାଚୁଛନ୍ତି।

ବିଜୟ ପରେ ସୁନ୍ଦରଗଡ଼ ମାଟିର ଯୁବ ହକି ଖେଳାଳିମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ପ୍ରକାଶ ପାଇଛି। ଗତ କିଛିବର୍ଷ ବ୍ୟବଧାନରେ ଭାରତୀୟ ଦଳ ହକିରେ ଭଲପ୍ରଦର୍ଶନ କରି ନ ଥିବା ନେଇ ଯେଉଁ ନୈରାଶ୍ୟ ସୃଷ୍ଟି ହେଉଥିଲା ତାହା ଏବେ ଦୂର ହୋଇଛି ଓ ହକିକୁ କ୍ୟାରିୟର ଭାବେ ନେବାକୁ ଯୁବପିଢ଼ିଙ୍କ ମଧ୍ୟରେ ଆଶା ସଞ୍ଚାର କରିଛି ବୋଲି ଜିଲା କ୍ରୀଡା ଅଧିକାରୀ ମିଲଟନ ବିଲୁଙ୍ଗ କହିଛନ୍ତି।

ଏହି ଐତିହାସିକ ବିଜୟ ନେଇ ସୁନ୍ଦରଗଡ ବିଜୁ ଜନତା ଦଳ ପକ୍ଷରୁ ସ୍ଥାନୀୟ ଡିଆର୍‌ଡିଏ ଛକରେ ବିଜୟଉତ୍ସବ ପାଳନ କରି ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏଥିସହ ସୁନ୍ଦରଗଡ଼ର ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ସଉନାମୁରା ଗ୍ରାମକୁ ଯାଇ ଅମିତଙ୍କ ମା'ଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ଶୁଭେଚ୍ଛା ଜଣାଇ ସମ୍ମାନିତ କରିଥିଲେ। ସେହିପରି ରାଉରକେଲା ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲରେ ସମସ୍ତ ଛାତ୍ରୀଛାତ୍ର ଏକତ୍ରିତ ହୋଇ ମ୍ୟାଚକୁ ଉପଭୋଗ କରିବା ସହ ବିଜୟ ପରେ ଖୁସି ମନାଇଥିଲେ। ବରିଷ୍ଠ କୋଚ୍ ଅମୂଲ୍ୟାନନ୍ଦ ବିହାରୀ, ବିଜୟ ଲାକ୍ରା, ଅମୂଲ୍ୟ ବେହେରା, ପିଟର ସୋରେଙ୍ଗ, ଫ୍ଲୋରେନସିଆ ଲାକ୍ରା, ଜାତୀୟ ହକି ଅମ୍ପାୟର ରାଜେନ୍ ଏକ୍କା ଉପସ୍ଥିତ ରହି ଏହି ଫଳାଫଳ ନେଇ ସନ୍ତୁଷ୍ଟ ଥିବା କହିଛନ୍ତି। ଏହି ସଫଳତା ହକି ଇତିହାସରେ କେବଳ ଗୌରବର ନୂଆଫର୍ଦ୍ଦ ଯୋଡିବନି ବରଂ ଏକାଧିକ ଖେଳାଳିଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି।



> ଗାଁ ନିକଟ ଧାନବିଲକୁ ଯାଇଥିବାବେଳେ ପୁଅ ଅମିତ ଅଲିମ୍ପିକ୍ସରେ ବିଜୟୀ ହୋଇଥିବା ଖବରପାଇ ଆତ୍ମବିଭୋର ହୋଇଯାଇଥିଲି। ସାରା ବିଶ୍ୱରେ ଭାରତର ନାଁକୁ ରଖି ବିଜୟରଟିକା ପିନ୍ଧାଇ ଥିବାରୁ ମା' ହିସାବରେ ନିଜକୁ ଧନ୍ୟ ଓ ଗୌରବାନ୍ୱିତ ମନେ କରୁଛି। ଭବିଷ୍ୟତରେ ସେ ଆହୁରି ଅଧିକ ପଦକ ଜିତି ରାଜ୍ୟବାସୀଙ୍କ ଆଶା ଓ ଅଭିଳାଷକୁ ପୂରଣ କରିବାରେ ସହାୟକ ହେବ।
>
> **-ଗୋଲାପୀ ରୋହିଦାସ**



ସୁନ୍ଦରଗଡ଼ର ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଅମିତଙ୍କ ମା'ଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

# ପଦକ ଜିତିବାରେ ପ୍ରଥମ ଓଡ଼ିଆ

ଭୁବନେଶ୍ୱର, ୫।୮ (କ୍ରୀଡ଼ା ପ୍ରତିନିଧି)

ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ହକି ଦଳ ବ୍ରୋଞ୍ଜ ପଦକ ଜିତି ଦୀର୍ଘବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇଛି। ଏହି ଦଳର ସଦସ୍ୟ ଭାବେ ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ ମଧ୍ୟ ପଦକ ହାସଲ କରିଛନ୍ତି। ପ୍ରଥମ ଥର ପାଇଁ ଓଡ଼ିଆ ଖେଳାଳିଭାବେ ଏହି ଦୁଇଜଣ ଅଲିମ୍ପିକ୍ସ ପଦକ ପାଇବାର ଗୌରବ ଅର୍ଜନ କରିଛନ୍ତି। ପୂର୍ବରୁ ହକି ଖେଳାଳି ପଦ୍ମଶ୍ରୀ ଦିଲୀପ ତିର୍କୀ, ଲାଜରୁସ ବାର୍ଲା, ଇଗ୍ନେସ ତିର୍କୀ, ୱିଲିୟମ ଖାଲ୍‌କୋ, ଦୀପ୍‌ଗ୍ରେସ୍ ଏକ୍କା, ନମିତା ଟପ୍ପୋ, ଲିଲିମା ମିଞ୍ଜ, ସୁନୀତା ଲାକ୍ରା, ଆଥ୍‌ଲେଟ ଅନୁରାଧା ବିଶ୍ୱାଳ, ରଚିତା ମିସ୍ତ୍ରି ପଣ୍ଡା, ଦୂତୀ ଚାନ୍ଦ, ଶ୍ରାବଣୀ ନନ୍ଦ ଏବଂ ଭାରୋତ୍ତୋଳକ କେ. ରବିକୁମାର ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ ହେଁ ପଦକରୁ ବଞ୍ଚିତ ହୋଇଥିଲେ। ବୀରେନ୍ଦ୍ର ନିଜ ଦ୍ୱିତୀୟ ଅଲିମ୍ପିକ୍ସରେ ଏହି ସଫଳତା ପାଇଥିବାବେଳେ ଅମିତ ରୋହିଦାସ ପ୍ରଥମ ପଦାର୍ପଣରେ ହିଁ ପଦକ ସ୍ୱାଦ ପାଇଛନ୍ତି। ପୂର୍ବରୁ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ବୀରେନ୍ଦ୍ର ଖେଳିଥିଲେ। ଦୀପ୍ ଗ୍ରେସ୍ ଏକ୍କା ଏବଂ ନମିତା ଟପ୍ପୋଙ୍କ ପାଇଁ ଅବଶ୍ୟ ପଦକ ହାସଲର ସୁଯୋଗ ରହିଛି। ଶୁକ୍ରବାର ବ୍ରୋଞ୍ଜ ପଦକ ମୁକାବିଲାରେ ଗ୍ରେଟ୍ ବ୍ରିଟେନ ସହିତ ଭାରତୀୟ ମହିଳା ହକି ଦଳ ମୁକାବିଲା କରିବ। ସେଥିରେ ଭାରତ ବିଜୟୀ ହେଲେ ଦୁଇ ଓଡ଼ିଆ ଖେଳାଳି ପଦକ ହାସଲର ଗୌରବ ପାଇପାରିବେ।





ପଦକ ସହ ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୦,୧୩,୬୨,୦୧୨ | ୪୨,୭୫,୭୭୭ | ୧୮,୧୨,୭୩,୦୬୧ |
| ଭାରତ | ୩,୧୮,୫୫,୭୨୫ | ୪,୨୬,୨୮୨ | ୩,୧୦,୦୭,୭୯୫ |
| ଓଡ଼ିଶା | ୯,୮୩,୫୭୩ | ୬୨୩୬(+୫୩) | ୯,୬୫,୩୭୦ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଦୁଗ୍ଧ ଚାଷୀଙ୍କୁ ୧୧ କୋଟି

ଭୁବନେଶ୍ୱର,୫।୮(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ରାଜ୍ୟର ଦୁଗ୍ଧ ଚାଷୀମାନଙ୍କୁ ସ୍ୱତନ୍ତ୍ର କୋଭିଡ୍ ସହାୟତା ପ୍ରଦାନ କରିଛନ୍ତି। ଏହାଦ୍ୱାରା ୧ ଲକ୍ଷ ଦୁଗ୍ଧଚାଷୀ ୬୦୦୦ ଟଙ୍କା ପର୍ଯ୍ୟନ୍ତ ସହାୟତା ପାଇଛନ୍ତି। ସମୁଦାୟ ୧୧ କୋଟି ଟଙ୍କାର ସହାୟତା ଦିଆଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ସବୁବେଳେ ଗରିବ ଲୋକଙ୍କ ସାଥିରେ ଅଛନ୍ତି। ସେମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ କାମ କରୁଛନ୍ତି। ଗରିବ ଲୋକଙ୍କ ଉପରେ କୋଭିଡ୍ ମହାମାରୀର ପ୍ରଭାବ କମ୍ କରିବା ପାଇଁ ରାଜ୍ୟ ସରକାର ଛୋଟ ଦୋକାନୀ, ଛୋଟ ଚାଷୀ, ମିଶନ ଶକ୍ତିର ମା'ମାନଙ୍କ ଆକାଉଣ୍ଟରେ ୨୦୦୦ କୋଟିରୁ ଅଧିକ ଟଙ୍କା ଜମା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଛୋଟ ଚାଷୀଙ୍କ ରୋଜଗାରରେ ଗୋପାଳନର ଅବଦାନ ବିଷୟ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହା ସେମାନଙ୍କ ରୋଜଗାର ବଢାଇବା ସହିତ ଗ୍ରାମ ଅର୍ଥନୀତିକୁ ମଧ୍ୟ ଚଳଚଞ୍ଚଳ କରେ। ମା'ମାନଙ୍କ ରୋଜଗାର ବଢାଇବା ସହିତ ସାଧାରଣ ଲୋକ ବିଶେଷକରି ପିଲାମାନଙ୍କ ପୁଷ୍ଟି ସାଧନରେ ଦୁଗ୍ଧର ବହୁତ ବଡ ଭୂମିକା ରହିଛି । ତେଣୁ ଦୁଗ୍ଧ ଉତ୍ପାଦନରେ ଅଭିବୃଦ୍ଧି ଆଣି ରାଜ୍ୟର ପୁଷ୍ଟି ସ୍ତରକୁ ଆହୁରି ଉନ୍ନତି କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଦୁଗ୍ଧ ଚାଷୀଙ୍କ ପାଇଁ ରାଜ୍ୟ ସରକାର ଅନେକ ଯୋଜନା କରି ରିହାତି ଯୋଗାଇ ଦେଉଛନ୍ତି। ଚାଷୀମାନେ ଏହି ଯୋଜନାର ଉପଯୋଗ କରି ରାଜ୍ୟର ଦୁଗ୍ଧ ଉତ୍ପାଦନ ଲକ୍ଷ୍ୟ ପୂରଣରେ ସହଯୋଗ କରିବା ପାଇଁ ସେ ଅନୁରୋଧ କରିଛନ୍ତି।


ଚାଷୀଙ୍କୁ ସହାୟତା ଘୋଷଣା ଅବସରରେ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ସଚିବ।

**ସ୍ୱତନ୍ତ୍ର କୋଭିଡ୍ ସହାୟତା**

- ରାଜ୍ୟ ସରକାର ଗରିବଙ୍କ ସହ ଅଛନ୍ତି : ମୁଖ୍ୟମନ୍ତ୍ରୀ
- ରାଜ୍ୟର ଦୁଗ୍ଧ ଉତ୍ପାଦନ ୨୪ ଲକ୍ଷ ମେଟ୍ରିକ ଟନ୍‌ରେ ପହଞ୍ଚିଛି

ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଅରୁଣ ସାହୁ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ୫-ଟି ଏବଂ ମୋ ସରକାର ରାଜ୍ୟ ପ୍ରଶାସନର ମୂଳମନ୍ତ୍ର। ଏହାର ପ୍ରୟୋଗ ଦ୍ୱାରା ରାଜ୍ୟ ପ୍ରାଣୀସମ୍ପଦ କ୍ଷେତ୍ରରେ ପରିବର୍ତ୍ତନର ଧାରା ଆସିପାରିଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଓ ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ପ୍ରମୁଖ ସେମାନଙ୍କର ବକ୍ତବ୍ୟରେ ଚାଷୀ କଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ।

କାର୍ଯ୍ୟକ୍ରମରେ ବରଗଡ଼, ନବରଙ୍ଗପୁର ଓ କଟକର ୩ ଜଣ ଚାଷୀ ମୁଖ୍ୟମନ୍ତ୍ରୀଙ୍କ ସହିତ କଥା ହୋଇ ସ୍ୱତନ୍ତ୍ର ସହାୟତା ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ବରଗଡ଼ରୁ ସତ୍ୟବତୀ ସାହୁ, ନବରଙ୍ଗପୁରରୁ ଖୋକନ ବିଶ୍ୱାସ ଓ କଟକରୁ ବିଜୟଲକ୍ଷ୍ମୀ ସ୍ୱାଇଁ ଆଲୋଚନାରେ ଭାଗ ନେଇ କହିଥିଲେ ଯେ ରାଜ୍ୟ ସରକାର ଦୁଗ୍ଧ ଚାଷ ପାଇଁ ଅନେକ ପ୍ରକାର ସହାୟତା ଦେଉଛନ୍ତି । ଗୋଖାଦ୍ୟ, ଔଷଧ, କ୍ୟାଲସିୟମ, ମିନେରାଲ ମିକ୍ସଚର ଆଦି ଅନେକ ସହାୟତା ମିଳୁଛି। ଦୁଗ୍ଧ ଚାଷ ଦ୍ୱାରା ସେମାନଙ୍କ ଆର୍ଥିକ ଉନ୍ନତି ହେବା ସହିତ ସେମାନେ ପିଲାମାନଙ୍କୁ ଉଚ୍ଚଶିକ୍ଷା ଦେଇପାରିଛନ୍ତି ଏବଂ ଘର ଖଣ୍ଡେ ଖଣ୍ଡେ କରିପାରିଛନ୍ତି ବୋଲି କହିଥିଲେ।

ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମତ୍ସ୍ୟ ଓ ପଶୁସମ୍ପଦ ସଚିବ କେ. ରଘୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ।

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, କୃଷି ଉତ୍ପାଦନ କମିଶନର ଆର୍.କେ. ଶର୍ମା ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ ଓମ୍‌ଫେଡ୍ ଜରିଆରେ ରାଜ୍ୟର ୩୭୦୦ ଦୁଗ୍ଧ ଉତ୍ପାଦନ ସମବାୟ ସମିତି ଏବଂ ୨.୬୩ ଲକ୍ଷ ଦୁଗ୍ଧ ଚାଷୀ ଏହା ଜରିଆରେ ଦୁଗ୍ଧ ଉତ୍ପାଦନ କରୁଛନ୍ତି। ଏଥିରେ ୧୨୯୨ଟି ମହିଳା ସମବାୟ ସମିତି ରହିଛି ଏବଂ ୧ ଲକ୍ଷ ୫ ହଜାର ମହିଳା ଚାଷୀ ମଧ୍ୟ ଦୁଗ୍ଧ ଉତ୍ପାଦନରେ ଯୋଗଦାନ ରଖିଛନ୍ତି।

## ତୋଷାଳି ଭବନରେ ଅଗ୍ନିକାଣ୍ଡ

ଭୁବନେଶ୍ୱର,୫।୮(ବ୍ୟୁରୋ)

ଖାରବେଳନଗର ଥାନା ଅନ୍ତର୍ଗତ ସତ୍ୟନଗରସ୍ଥିତ ତୋଷାଳି ଭବନରେ ଗୁରୁବାର ଅଗ୍ନିକାଣ୍ଡ ଘଟିଛି। ପୂର୍ବାହ୍ନ ପ୍ରାୟ ୧୧ଟା ୪୫ରେ ଏଠାରେ ଥିବା ରାଜ୍ୟ ମାନବାଧିକାର କମିଶନ (ଓଏଚ୍ଆର୍‌ସି) କାର୍ଯ୍ୟାଳୟର ଦ୍ୱିତୀୟ ମହଲାର ଏ କୋଠରିରେ ନିଆଁ ଲାଗିଯାଇଥିଲା। ଏହାଦେଖି କର୍ମଚାରୀମାନେ ଭୟରେ ବାହାରକୁ ପଳାଇ ଆସିଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ଅଧଘଣ୍ଟାର ଉଦ୍ୟମ ପରେ ନିଆଁକୁ ଆୟତ୍ତ କରିଥିଲେ। ଫଳରେ ନିଆଁ ବ୍ୟାପି ପାରି ନ ଥିବାବେଳେ ବଡ଼ ଧରଣର କ୍ଷୟକ୍ଷତିକୁ ଏଡାଇ ଦିଆଯାଇ ପାରିଛି।




# ଅଗଷ୍ଟ ୧୬ରୁ ଖୋଲିବ ୯ମ ଶ୍ରେଣୀ

ଭୁବନେଶ୍ୱର,୫।୮(ବ୍ୟୁରୋ)

**ଅଭିଭାବକଙ୍କ ଅନୁମତି ଆଣିବା ବାଧ୍ୟତାମୂଳକ**

ଆସନ୍ତା ୧୬ ତାରିଖରୁ ନବମ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲିବ। ଗୁରୁବାର ଏ ନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଅଗଷ୍ଟ ୧୬ରୁ ସରକାରୀ, ସରକାରୀ ସହାୟତା ଏବଂ ବେସରକାରୀ ଶିକ୍ଷାନୁଷ୍ଠାନରେ ୯ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ପାଠପଢ଼ା ଆରମ୍ଭ ହେବ ବୋଲି ବିଭାଗ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତିରେ କୁହାଯାଇଛି । ଉଭୟ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ୯ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଅଫ୍‌ଲାଇନ ପାଠପଢ଼ା ଆରମ୍ଭ ହେବ। କରୋନା କଟକଣା ମଧ୍ୟରେ ସ୍କୁଲ ଖୋଲିବା ସହ ରବିବାର ଓ ଛୁଟିଦିନକୁ ଛାଡ଼ି ଅନ୍ୟ ଦିନ ସକାଳ ୯ରୁ ଅପରାହ୍ନ ୧୨ଟା ୩୦ ପର୍ଯ୍ୟନ୍ତ ପାଠପଢ଼ା ହେବ। ସ୍କୁଲରେ ପାଠପଢା ହେଲେ ମଧ୍ୟ ଅନ୍‌ଲାଇନ ଜରିଆରେ ପଢ଼ା ଜାରି ରହିବ। ତେବେ ପିଲାମାନେ ସ୍କୁଲକୁ ଆସିବା ପୂର୍ବରୁ ମାତାପିତାଙ୍କ ଅନୁମତି ନେବାକୁ କୁହାଯାଇଛି। ସ୍କୁଲରେ ଉପସ୍ଥାନ ଛାତ୍ରୀଛାତ୍ରଙ୍କ ପାଇଁ ବାଧ୍ୟତାମୂଳକ ନୁହେଁ। ବିଭାଗ ଦ୍ୱାରା ଜୁଲାଇ ୧୭ରେ ଜାରି କରାଯାଇଥିବା ଗାଇଡ୍‌ଲାଇନକୁ କଡ଼ାକଡ଼ି ଭାବେ ପାଳନ କରିବାକୁ କୁହାଯାଇଛି। ଏଥିସହିତ ନବମ ଶ୍ରେଣୀ ପିଲାଙ୍କ ଛାତ୍ରାବାସ ମଧ୍ୟ ଅଗଷ୍ଟ ୧୬ ତାରିଖରୁ ଖୋଲିବ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି କରାଯାଇଥିବା କୋଭିଡ୍ ଗାଇଡ୍‌ଲାଇନକୁ କଡ଼ାକଡ଼ି ଭାବେ ଅନୁସରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ଜୁଲାଇ ୨୬ରୁ ଦଶମ ଓ ଯୁକ୍ତ୨ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲାଯାଇ ଶିକ୍ଷାଦାନ କରାଯାଉଛି। ପରିସ୍ଥିତିକୁ ଦେଖି ପର୍ଯ୍ୟାୟ କ୍ରମେ ଅନ୍ୟ ଶ୍ରେଣୀଗୁଡ଼ିକ ଖୋଲିବା ନେଇ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି।

# ପାରଳାଖେମୁଣ୍ଡି ଫେରିଲା ତଦନ୍ତକାରୀ ଟିମ୍

ପାରଳାଖେମୁଣ୍ଡି, ୫।୮(ଡି.ଏନ.ଏ.)

ଗଜପତି ଜିଲା ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାର ୨୫ ଦିନ ପରେ ବି ପୋଲିସର ହାତ ଖାଲି। ମାମଲାର ତଦନ୍ତକାରୀ ଟିମ୍ ସୌମ୍ୟଙ୍କ ସ୍ତ୍ରୀ ବିଦ୍ୟାଭାରତୀଙ୍କୁ ତାଙ୍କ ମୟୂରଭଞ୍ଜ ଜିଲା କପ୍ତିପଦାସ୍ଥିତ ବାପଘରେ ଦ୍ୱିତୀୟ ଥର ଜେରା କରି ଗୁରୁବାର ପାରଳାଖେମୁଣ୍ଡି ଫେରିଛି। ଟିମ୍ ଏହା ପୂର୍ବରୁ ବାଲେଶ୍ୱର ଜିଲା ଖଇରାକୁ ଯାଇ ସୌମ୍ୟଙ୍କ ପରିବାର ଲୋକଙ୍କୁ ପଚରାଉଚରା କରିଥିବା ଥିବା ବେଳେ ବିଦ୍ୟାଭାରତୀ ପଢୁଥିବା ବଲାଙ୍ଗୀର ଜିଲାକୁ ମଧ୍ୟ ଯାଇଥିଲା। ପୋଲିସ ତଦନ୍ତ ପାଇଁ ଜିଲାରୁ ଜିଲାକୁ ବୁଲି ଦିନ ଗଡ଼ାଉଥିଲେ ମଧ୍ୟ ସୌମ୍ୟଙ୍କ ପୋଡ଼ି ହେବା ଘଟଣାର ଖିଅ ଖୋଜି ପାଉନି। ଜେରା ପରେ ସୁରାକ ପାଇଛୁ,

**ଏସିଏଫ୍ ମୃତ୍ୟୁ ଘଟଣା**



ତଦନ୍ତ ଆଗକୁ ଯିବ। ଆଉ ଅନ୍ୟ ସବୁ ତଦନ୍ତ କରାଯାଉଛି ବୋଲି ତଦନ୍ତକାରୀ ଅଧିକାରୀ ତଥା ପାରଳାଖେମୁଣ୍ଡି ଥାନା ଆଇଆଇସି ବିବେକାନନ୍ଦ ସ୍ୱାଇଁ କହିଛନ୍ତି। ପୋଲିସ ଆଉ କେଉଁ ଦିଗକୁ ତଦନ୍ତ ବାକି ରଖିଛି ତାହା ବି ଦ୍ୱନ୍ଦ୍ୱରେ। କେଉଁ ପରିସ୍ଥିତିରେ ସୌମ୍ୟଙ୍କ ଶରୀରର ୯୫ ଭାଗ ପୋଡିଗଲା, ପାଖରେ ଥାଇ ବି ସ୍ତ୍ରୀ ବିଦ୍ୟାଭାରତୀ କିପରି ନିଆଁ ଲିଭାଇବାରେ ସକ୍ଷମ ହୋଇପାରି ନ ଥିଲେ ଏବେ ବି ତାହା ଉପରୁ ପରଦା ହଟିନି। ଅନ୍ୟପକ୍ଷରେ ସୌମ୍ୟ ଓ ବିଦ୍ୟାଭାରତୀଙ୍କ ଗୋଟିଏ ପରେ ଗୋଟିଏ ହାତଲେଖାରୁ ସେମାନଙ୍କ ମଧ୍ୟରେ ତିକ୍ତତା ଲାଗି ରହିଥିବା ସ୍ପଷ୍ଟ ହୋଇଛି। ଇତିମଧ୍ୟରେ ଗଜପତି ଏସ୍‌ପି ତପନ କୁମାର ପଟ୍ଟନାୟକ ଅବସର ଗ୍ରହଣ କରିସାରିଛନ୍ତି। ନୂତନ ଏସ୍‌ପି ଦାୟିତ୍ୱ ନେବା ପରେ ତଦନ୍ତ କେତେ ସ୍ପଷ୍ଟ ହେବ ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ନବୀନ ନିବାସ ଘେରିବ ଛାତ୍ର କଂଗ୍ରେସ

ଭୁବନେଶ୍ୱର, ୫।୮(ବ୍ୟୁରୋ)

**ଷ୍ଟାଫ୍ ସିଲେକ୍ସନ କମିଶନ ଦୁର୍ନୀତି ପ୍ରସଙ୍ଗ**

ଷ୍ଟାଫ୍ ସିଲେକ୍ସନ କମିଶନ ଦୁର୍ନୀତି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି କଂଗ୍ରେସ। ଏଭଳି ମହାଦୁର୍ନୀତି ବିରୋଧରେ ଛାତ୍ର କଂଗ୍ରେସ ପକ୍ଷରୁ ୩୩ ସାଙ୍ଗଠନିକ ଜିଲାରେ ଆନ୍ଦୋଳନ କରାଯିବ। ଏଥିସହ ନବୀନ ନିବାସ ଘେରାଉ କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି।

କଂଗ୍ରେସ ଭବନ ପରିସରରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ମୁଖପାତ୍ର ଦେବାଶିଷ ପଟ୍ଟନାୟକ କହିଛନ୍ତି, ଶାସନ ବ୍ୟବସ୍ଥାକୁ ଦୁର୍ନୀତି ମୁକ୍ତ କରିବାକୁ '୫-ଟି' ବିଭାଗ ସୃଷ୍ଟି ହୋଇଛି। ଟିମ୍‌ୱାର୍କ, ଟ୍ରାନସ୍‌ପରେନ୍ସି, ଟ୍ରାନସ୍‌ଫରମେଶନ, ଟେକ୍ନୋଲୋଜି, ଟାଇମ୍ ଲିମିଟ୍‌କୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବାର ଡିଣ୍ଡିମ ପିଟୁଛନ୍ତି। ହେଲେ ରାଜ୍ୟ ସରକାରଙ୍କ ଷ୍ଟାଫ୍ ସିଲେକ୍ସନ କମିଶନ ସଚିବଙ୍କ ଜଣେ ବ୍ୟକ୍ତିଗତ ସହାୟକଙ୍କ ଘରୁ କୋଟି କୋଟି ଟଙ୍କାର ସମ୍ପତ୍ତି ଜବତ ହେବା ପରେ ଦୁର୍ନୀତିର ଚେର କେତେ ଗଭୀରକୁ ଲମ୍ବିଛି, ତାହା ସ୍ପଷ୍ଟ ହୋଇସାରିଛି। ଅଭିଯୁକ୍ତ ବ୍ୟକ୍ତିଗତ ସହାୟକ ଜଣକ ଦୀର୍ଘ ୨୦ ବର୍ଷ ଧରି ଶିକ୍ଷିତ ଯୁବତୀଯୁବକଙ୍କ ଭାଗ୍ୟ ସହ ଖେଳୁଥିଲେ। ଚାକିରି ବିକ୍ରି ଅର୍ଥକୁ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ବଣ୍ଟନ କରାଯାଉଥିଲା। ଆଗାମୀ ଦିନରେ ଏଭଳି ଦୁର୍ନୀତିର ଜବାବ ଜନସାଧାରଣ ଦେବେ ବୋଲି ଦେବାଶିଷ କହିଛନ୍ତି। ଏହାର ପ୍ରତିବାଦରେ ୩୩ ସାଙ୍ଗଠନିକ ଜିଲାରେ ଛାତ୍ର କଂଗ୍ରେସ ଆନ୍ଦୋଳନ କରିବ। ନବୀନ ନିବାସ ମଧ୍ୟ ଘେରାଉ କରାଯିବ ବୋଲି ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଚେତାବନୀ ଦେଇଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ...............................

ବୟସ:...............................

ଜନ୍ମ ତାରିଖ: ...............................



ପ୍ରଜ୍ଞା ପରମିତା
ପରିବାରବର୍ଗ



ରାଧାକ୍ରୀଷ୍ଣ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୩ ଟ୍ରଲର ଜବତ, ୧୯ ମତ୍ସ୍ୟଜୀବୀ ଗିରଫ



**ରାଜନଗର, ୫।୮ (ଡି.ଏନ.ଏ.)** ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ଧରୁଥିବା ୩ଟି ଟ୍ରଲରକୁ ରାଜନଗର ବନ ବିଭାଗ ଜବତ କରିଛି। ଏଥିରେ ଥିବା ୧୯ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ଗୁରୁବାର ରାଜନଗର ବନ ବିଭାଗର ଏକ ଟିମ ଗହୀରମଥା ନିଷିଦ୍ଧାଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ହୁକିଟୋଲା ଦ୍ୱୀପ ନିକଟସ୍ଥ ମାଦଳୀ ମାଉଥ୍ ଓ ଖରନାସୀ ନିକଟରେ ପାରାଦୀପ ଅଞ୍ଚଳର ମା'ଅଳୀ, ଓଁ ମା' ଲକ୍ଷ୍ମୀ ଓ ଜୟ ବଜରଙ୍ଗବାଲୀ ନାମକ ଟ୍ରଲର ବେଆଇନ ଭାବେ ମାଛ ଧରୁଥିଲେ। ପାଟ୍ରୋଲିଂ ଟିମ୍ ସେମାନଙ୍କୁ କାବୁ କରିଥିଲା। ଏହି ବୋଟ୍‌ରେ ଥିବା ବିଷ୍ଣୁ ଚରଣ ଡିଙ୍ଗାଲ, ବିଶ୍ୱନାଥ ନାୟକ, ନିରନନ୍ଦ ବେରା, ଗୁରୁପଦ ମଣ୍ଡଳ, ସୁବାସ ଚନ୍ଦ୍ର ଭୂୟାଁ, ଅନନ୍ତ ଭତା, କମଲ କୁମାର ମାଇତି, ବାସୁଦେବ ବେରା, ସୁକୁମାର ପାରମାଣିକ, ଗୋବିନ୍ଦ ଦାସ, ବିନୋଦ ମଲିକ, ବିଚିତ୍ର ବେହେରା, ପ୍ରଶାନ୍ତ କୁମାର ବେହେରା, ଦେବେନ୍ଦ୍ର ମାଇତି, ସଞ୍ଜୟ ବଳ, ଅନାଦି ସ୍ୱାଇଁ, ବିଟୁ ବିଶୋଇ, ଚନ୍ଦନ ଦାସ, ମାଗୁଣି ସାମଲ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ଗହୀରମଥା ରେଞ୍ଜ ଅଫିସର ଦେବାଶିଷ ଭୋଇଙ୍କ ନେତୃତ୍ୱରେ ଏକ ଟିମ୍ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମଧ୍ୟରେ ପାଟ୍ରୋଲିଂ କରୁଥିବା ବେଳେ ୩ଟି ଟ୍ରଲର ଜବତ କରିଛନ୍ତି।


ପ୍ରଥମ ପୃଷ୍ଠାରୁ...


## ଭାରତ ଉଲ୍ଲସିତ,...

ଗୁରୁବାର ତୃତୀୟ/ଚତୁର୍ଥ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ଭାରତ ୫-୪ ଗୋଲରେ ଶକ୍ତିଶାଳୀ ଜର୍ମାନୀକୁ ହରାଇ ବ୍ରୋଞ୍ଜ ପଦକ ଜିତିଛି। ୮ଥର ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଭାରତ ଗତ ୪ ଦଶନ୍ଧି ଧରି ପଦକ ପାଇଁ ସଂଘର୍ଷ କରିଆସୁଥିଲା। ଏଥିପାଇଁ ଭାରତ ବେଶ୍ ସମାଲୋଚିତ ମଧ୍ୟ ହୋଇଥିଲା। କିନ୍ତୁ ଗତକିଛି ବର୍ଷ ମଧ୍ୟରେ ଭାରତୀୟ ହକି ଢାଞ୍ଚାରେ ଏକପ୍ରକାର ଆମୂଳଚୂଳ ପରିବର୍ତ୍ତନ ହୋଇଥିଲା। ଦୀର୍ଘ ବର୍ଷର କଠିନ ପରିଶ୍ରମ ଓ ଭିତ୍ତିଭୂମିରେ ବିକାଶ କରାଯିବାକୁ ପ୍ରୟାସ କରାଯାଇଥିଲା। ଶେଷରେ ଏହାର ସୁଫଳ ମିଳିଛି। ଭାରତ ବ୍ରୋଞ୍ଜ ପଦକ ହାସଲ କରିଥିଲେ ମଧ୍ୟ ଏହା ସ୍ୱର୍ଣ୍ଣିମ ସଫଳତାଠାରୁ କୌଣସି ଦୃଷ୍ଟିକୋଣରୁ କମ୍ ନୁହେଁ ବୋଲି ମନେହେଉଛି। ହକିର ଏହି ପଦକ ସହ ଭାରତ ଅଲିମ୍ପିକ୍ସରେ ତା'ର ପଞ୍ଚମ ପଦକ ହାସଲ କରିଛି।

ଭାରତ ପାଇଁ ସିମରନଜିତ ସିଂ ୧୭ ଓ ୩୪ତମ ମିନିଟ୍‌ରେ ଦୁଇଟି ଗୋଲ ସ୍କୋର କରିଥିଲେ। ସେହିପରି ହାର୍ଦ୍ଦିକ ସିଂ ୨୭, ହରମନପ୍ରୀତ ସିଂ ୨୯ ଓ ରୂପିନ୍ଦରପାଲ ସିଂ ୩୧ତମ ମିନିଟ୍‌ରେ ଗୋଲ ଦେଇଥିଲେ। ଅପରପକ୍ଷରେ ଜର୍ମାନୀ ତରଫରୁ ଦ୍ୱିତୀୟ ମିନିଟ୍‌ରେ ଗୋଲ ଦେଇଥିଲେ ତିମୁର ଓରୁଜ। ସେହିପରି ନିକ୍ଲାସ ୱେଲେନ ୨୪, ବେନେଡିକ୍ଟ ଫୁର୍କ ୨୫ ଓ ଲୁକାସ ୱିଣ୍ଡରପେଡର ୪୮ତମ ମିନିଟ୍‌ରେ ଗୋଲ ଦେଇଥିଲେ। ପ୍ରଥମଥର ପାଇଁ ଭାରତ ଏହି ଅଲିମ୍ପିକ୍ସରେ ନିଜଠାରୁ ନିମ୍ନ ର୍‍ୟାଙ୍କ ଦଳଠାରୁ ପରାସ୍ତ ହୋଇନାହିଁ। ଏହା ଦଳ ପାଇଁ ଏକ ବିଶେଷ ଉପଲବ୍ଧି ସାବ୍ୟସ୍ତ ହୋଇଛି। ପଦକ ଜିତିବାକୁ ଦୃଢ଼ ସଂକଳ୍ପ କରିଥିବା ଭାରତ ହକି ଇତିହାସରେ ସବୁଠାରୁ ସ୍ମରଣୀୟ ପ୍ରତ୍ୟାବର୍ତ୍ତନ କରି ମ୍ୟାଚ୍ ହାତେଇଥିଲା। ୨ଟି ଗୋଲ ପଛରେ ଥାଇ ଭାରତ ୧-୩ରେ ସଂଘର୍ଷ କରୁଥିଲେ ମଧ୍ୟ ଏହି ମ୍ୟାଚ୍‌ରେ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରି ୫ଟି ଗୋଲ ଦେଇଥିଲା। ଜର୍ମାନୀକୁ ହରାଇବା ପରେ ଭାରତୀୟ ଖେଳାଳିମାନେ ପଡିଆରେ ଆନନ୍ଦରେ ଝୁମି ଉଠିଥିଲେ ଓ କାନ୍ଦି ପକାଇଥିଲେ। ଅଧିନାୟକ ମନପ୍ରୀତ ସିଂ ଓ ଅଷ୍ଟ୍ରେଲୀୟ କୋଚ ଗ୍ରାହମ ରିଡ୍‌ଙ୍କ ତତ୍ତ୍ୱାବଧାନରେ ଭାରତର ଏହି ଐତିହାସିକ ବିଜୟ ଚିର ସ୍ମରଣୀୟ ହୋଇ ରହିବ। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୩ ନମ୍ବର ସ୍ଥାନରେ ଥିବା ଭାରତୀୟ ଦଳ ଏଥିସହ ଅଲିମ୍ପିକ୍ସରେ ତୃତୀୟ ବ୍ରୋଞ୍ଜ ପଦକ ଜିତିଛି। ଏହାପୂର୍ବରୁ ଭାରତ ୧୯୬୮ ମେକ୍ସିକୋ ଅଲିମ୍ପିକ୍ସରେ ଓ ୧୯୭୨ ମ୍ୟୁନିକ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଥିଲା। ମୋଟ ଉପରେ ଭାରତ ୮ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ସହ ୧୨ଟି ଅଲିମ୍ପିକ ପଦକ ହାସଲ କରି ସଫଳତମ ଦଳ ସାବ୍ୟସ୍ତ ହୋଇଛି।

ଅପରପକ୍ଷରେ ୨୦୧୬ ରିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିବା ବିଶ୍ୱର ୫ ନମ୍ବର ଦଳ ଜର୍ମାନୀ ଏଥର ତା'ର ଏହି ସଫଳତାକୁ ଦୋହରାଇ ପାରି ନ ଥିଲା। ପରାଜୟ ପରେ ଜର୍ମାନୀ ଖେଳାଳିମାନେ ନିରାଶ ହୋଇଥିଲେ। ଭାରତର ଏହି ବିଜୟରେ ଗୋଲକିପର ପି.ଆର. ଶ୍ରୀଜେସ୍‌ଙ୍କ ସମେତ ଭାରତୀୟ ଡିଫେନ୍ସର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରହିଛି। ପ୍ରଥମ କ୍ୱାର୍ଟରରେ ଜର୍ମାନୀ ଆଧିପତ୍ୟ ବିସ୍ତାର କରିଥିଲା। ସେହିପରି ଦ୍ୱିତୀୟ କ୍ୱାର୍ଟରରେ ଭାରତ ଜର୍ମାନୀକୁ ଦୃଢ଼ ଜବାବ ଦେଇଥିଲା। ତୃତୀୟ ଓ ଚତୁର୍ଥ କ୍ୱାର୍ଟରରେ ଭାରତର ଆଧିପତ୍ୟ ଦେଖିବାକୁ ମିଳିଥିଲା।

### ରୋମାଞ୍ଚକ ଚତୁର୍ଥ କ୍ୱାର୍ଟର

ପ୍ରଥମ କ୍ୱାର୍ଟରରେ ଜର୍ମାନୀ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ଦ୍ୱିତୀୟ ମିନିଟ୍‌ରେ ଗୋଲ ଦେଇ ଜର୍ମାନୀ ଅଗ୍ରଣୀ ହାସଲ କରିଥିଲା। ତିମୁର ଓରୁଜ ପ୍ରଥମେ ଫିଲ୍ଡ ଗୋଲ ଦେଇଥିଲେ। ପ୍ରଥମ କ୍ୱାର୍ଟର ଶେଷ ବେଳକୁ ଜର୍ମାନୀକୁ ପେନାଲ୍ଟି କର୍ନର ମିଳିଥିଲା। ତେବେ ଭାରତୀୟ ଡିଫେନ୍ସ ଏହାକୁ ପ୍ରତିହତ କରିଥିଲା। ଫଳରେ ଜର୍ମାନୀ ୧-୦ରେ ଅଗ୍ରଣୀ ରହିଥିଲା। ଭାରତୀୟ ଗୋଲକିପର ପି. ଆର. ଶ୍ରୀଜେସ୍ ଦୁଇଟି ସେଭ କରିଥିଲେ। ଏହାପରେ ଦ୍ୱିତୀୟ କ୍ୱାର୍ଟର ଆରମ୍ଭରୁ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲା। ଦଳ ତରଫରୁ ସିମରନଜିତ ସିଂ ୧୭ ତମ ମିନିଟ୍‌ରେ ଗୋଲ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ଏହାପରେ ୨୪ ଓ ୨୫ତମ ମିନିଟ୍‌ରେ ଜର୍ମାନୀ ନିକ୍ଲାସ ୱେଲେନ ଓ ବେନେଡିକ ଫୁର୍କ ଗୋଲ ଦେଇ ଦଳକୁ ୩-୧ରେ ଅଗ୍ରଣୀ କରାଇଥିଲେ। ଏହା ସତ୍ତ୍ୱେ ଭାରତ ଆଟାକ କରିବା ଛାଡି ନ ଥିଲା। ଦଳ ତରଫରୁ ହାର୍ଦ୍ଦିକ ସିଂ ୨୭ ଓ ହରମନପ୍ରୀତ ସିଂ ୨୯ତମ ମିନିଟ୍‌ରେ ଗୋଲ ଦେଇ ମ୍ୟାଚ୍‌କୁ ୩-୩ ବରାବର ସ୍ଥିତିକୁ ଆଣିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ଏହାପରେ ତୃତୀୟ ଓ ଚତୁର୍ଥ କ୍ୱାର୍ଟରରେ ଭାରତୀୟ ଖେଳାଳିଙ୍କ ପ୍ରଭାବ ଦେଖିବାକୁ ମିଳିଥିଲା। ହାଫ୍‌ଟାଇମ ପରେ ୩୧ତମ ମିନିଟ୍‌ରେ ରୂପିନ୍ଦର ପାଲ ସିଂ ପେନାଲ୍ଟି କର୍ନର ମାଧ୍ୟମରେ ଗୋଲ ଦେଇ ଭାରତକୁ ୪-୩ରେ ଅଗ୍ରଣୀ କରାଇଥିଲେ। ଏହାର ଠିକ୍ ୩ ମିନିଟ୍ ପରେ ସିମରନଜିତ ସିଂ ଗୋଲ ଦେଇ ଭାରତକୁ ୫-୩ରେ ଅଗ୍ରଣୀ କରାଇଥିଲେ। କିନ୍ତୁ ଏହାପରେ ଜର୍ମାନୀର ଲୁକାସ ୱିଣ୍ଡରପେଡର ୪୮ତମ ମିନିଟ୍‌ରେ ଗୋଲ ଦେଇ ମ୍ୟାଚ୍‌ର ରୋମାଞ୍ଚକୁ ଆହୁରି ବଢାଇଥିଲେ ମଧ୍ୟ ଭାରତ ୫-୪ରେ ଅଗ୍ରଣୀ ରହିଥିଲା। ମ୍ୟାଚ୍ ଶେଷ ହେବାକୁ ୩ ସେକେଣ୍ଡ ବାକିଥିବା ବେଳେ ଜର୍ମାନୀକୁ ପେନାଲ୍ଟି କର୍ନର ମିଳିଥିଲା। ମ୍ୟାଚ୍‌ର ଅନ୍ତିମ ମୁହୂର୍ତ୍ତରେ ଗୋଲକିପର ଶ୍ରୀଜେସ୍ ଓ ଭାରତୀୟ ଡିଫେନ୍ସ ଏହାକୁ ସେଭ କରି ଭାରତୀୟ ବିଜୟରେ ମୁଣ୍ଡି ମାରିଥିଲେ। ଏହାପରେ ଭାରତୀୟ ଖେଳାଳିମାନେ ଖୁସିରେ ଝୁମି ଉଠିବା ସହ ପଡ଼ିଆସାରା ଉତ୍ସବ ମନାଇଥିଲେ।

ଭାରତ ୧୯୭୨ ଅଲିମ୍ପିକ୍ସ ପରେ ପୁଲ୍ ପର୍ଯ୍ୟାୟରେ ପ୍ରଥମଥର ପାଇଁ ୪ଟି ମ୍ୟାଚ୍ ଜିତିଥିଲା। ଏହି ଅଲିମ୍ପିକ୍ସରେ ଭାରତ ୭ରୁ ୫ଟି ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ଏହାପରେ ୨୦୧୬ ଅଲିମ୍ପିକ୍ସ ପର୍ଯ୍ୟନ୍ତ ଭାରତ ଗ୍ରୁପ ପର୍ଯ୍ୟାୟରେ ୩ରୁ ଅଧିକ ମ୍ୟାଚ୍ ଜିତିପାରି ନ ଥିଲା। ୧୯୮୪ରୁ ୨୦୧୬ ପର୍ଯ୍ୟନ୍ତ ଭାରତ ଗ୍ରୁପ୍ ପର୍ଯ୍ୟାୟରେ କେବେ ୨ରୁ ଅଧିକ ମ୍ୟାଚ୍ ଜିତିପାରି ନ ଥିଲା।

## ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ପାଇଁ...

ବିଜୟ ପରେ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ, ଟୋକିଓ ଅଲିମ୍ପିକ୍ସରେ ପଦକ ଜିତିବା ଆମ ପାଇଁ ଏକ ସ୍ୱତନ୍ତ୍ର ମୁହୂର୍ତ୍ତ। ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରୋତ୍ସାହନ ଏବଂ ଭିଜନ ବିନା ଏହି ସ୍ୱପ୍ନ ସାକାର ହୋଇପାରି ନ ଥାଆନ୍ତା। ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା ସରକାରଙ୍କ ଲଗାତର ସହଯୋଗ ଯୋଗୁ ଏହି ଯାତ୍ରା ସଫଳ ହୋଇଛି। କ୍ରିକେଟକୁ ସମସ୍ତେ ପ୍ରଯୋଜନା କରିବାକୁ ଚାହୁଁଥିବା ବେଳେ ଓଡ଼ିଶା ମୁଖ୍ୟମନ୍ତ୍ରୀ ହକିକୁ ସହଯୋଗ କରି ଆସିଛନ୍ତି। ସେଥିପାଇଁ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ତଥା ହକି ଇଣ୍ଡିଆର ପ୍ରାୟୋଜକ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରୋତ୍ସାହନ ଫଳରେ ଦେଶ ପାଇଁ ଏଭଳି ସଫଳତା ମିଳିଥିବା ନିଜ ପ୍ରତିକ୍ରିୟାରେ ମନ୍‌ପ୍ରୀତ ପ୍ରକାଶ କରିଛନ୍ତି।

## ୧୬ରେ ହକି ଟିମ୍‌କୁ...

ଏଥିସହିତ ଆସନ୍ତା ୧୬ ତାରିଖରେ ଭୁବନେଶ୍ୱରଠାରେ ଭାରତୀୟ ହକି ଟିମ୍‌କୁ ସମ୍ବର୍ଦ୍ଧିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ କଥାବାର୍ତ୍ତା ବେଳେ ଖେଳାଳିମାନେ ବେଶ୍ ଉତ୍ସାହିତ ଥିଲେ। ନବୀନ ହାତ ହଲାଇ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀ ହକି ଟିମ୍‌ର ୨ ଓଡ଼ିଆ ଖେଳାଳି ବୀରେନ୍ଦ୍ର ଲାକ୍ରା ଏବଂ ଅମିତ ରୋହିଦାସଙ୍କ ମାତାପିତା ଓ ଭାଇଙ୍କ ସହ ମଧ୍ୟ ଭିଡିଓ କନଫରେନ୍ସ ଯୋଗେ କଥା ହୋଇ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ଅମିତ ରୋହିଦାସଙ୍କ ଭାଇ ରଞ୍ଜନ ରୋହିଦାସ କହିଥିଲେ, ୪୧ ବର୍ଷ ପରେ ହକି ଟିମ୍ ପଦକ ଆଣିଥିବାରୁ ଆମେ ବହୁତ ଖୁସି ଅଛୁ। ସମଗ୍ର ଭାରତବର୍ଷ ଖୁସି ଅଛି। ସେଥିପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମୁଁ ବି ବହୁତ ଖୁସି ଅଛି। ଆପଣଙ୍କ ଭାଇ ବହୁତ ଭଲ ଖେଳି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ତାଙ୍କ ମା' କହିଥିଲେ, ହକି ଟିମ୍ ପଦକ ପାଇଥିବାରୁ ଆମ ପରିବାର, ଗାଁ ସାରା ଖୁସି ଅଛୁ। ମୁଖ୍ୟମନ୍ତ୍ରୀ କହିଥିଲେ, ମା' ଆପଣ ଭଲ ଅଛନ୍ତି। ଆପଣଙ୍କ ପିଲା ବହୁତ ଭଲ ଖେଳିଛନ୍ତି। ଏଥିପାଇଁ ଆପଣଙ୍କୁ ବହୁତ ଧନ୍ୟବାଦ। ବୀରେନ୍ଦ୍ର ଲାକ୍ରାଙ୍କର ମା' ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ ପରିଚାଳନା କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାହା ମୁହଁରେ ଯୁଇ ଫୁଟେ**
**କାହା ମୁହଁରେ ମଦରଙ୍ଗା ଛୁଟେ।**

ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବଦ୍ଦଶାରେ ପ୍ରାରବ୍ଧ କର୍ମ ଅନୁସାରେ ଫଳ ଭୋଗ କରିଥାଆନ୍ତି। କାହା ଘରେ ଧନଧାନ୍ୟ ପରିପୂର୍ଣ୍ଣ ତ ଆଉ କାହା କାହାର ଦୁଃଖ ଦାରିଦ୍ର୍ୟ ଚିର ସହଚର। କିଏ ରାଜଭୋଗ କରୁଥାଏ, ଅୟସରେ ଦିନ ବିତାଉଥାଏ ତ ଆଉ କିଏ ଭୋକ ଉପାସରେ ପଡ଼ିରହି ଦିନ ବିତାଉଥାଏ। କର୍ମାନୁଯାୟୀ ଫଳ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାଳିଗାଈ ମୁଣ୍ଡରେ ଚାନ୍ଦ**
**ତାକୁ ନେଇ ଶୀଘ୍ର ଘରେ ବାନ୍ଧ।**

ଗାଈ ବଳଦ କିଣିଲାବେଳେ ଶାରୀରିକ ଗଠନ ଉପରେ ଜୋର ଦିଆଯାଇଥାଏ। କାଳି ଗାଈର ମୁଣ୍ଡରେ ଚାନ୍ଦ ପରି ଚିହ୍ନ ରହିବା ଏକ ଉତ୍ତମ ଲକ୍ଷଣ ହୋଇଥାଏ। ଫଳସ୍ୱରୂପ ଏପରି ଗାଈକୁ କିଣିବାରେ ମନରେ କୌଣସି ଦ୍ୱିଧା ରଖିବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଆମ୍ବୁଲାନ୍ସ ପହଞ୍ଚିପାରିଲାନି: ସଫେଇ କର୍ମଚାରୀଙ୍କ ଜୀବନ ଗଲା

**ବାଲେଶ୍ୱର ଅଫିସ, ୫।୮:** ଠିକ୍ ସମୟରେ ଆମ୍ବୁଲାନ୍ସ ପହଞ୍ଚି ନ ପାରିବାରୁ ବାଲେଶ୍ୱର ପୌରପାଳିକା ୨୭ ନମ୍ବର ୱାର୍ଡ ତଳସାହିର ସଫେଇ କର୍ମଚାରୀ ଭାବେ କାମ କରୁଥିବା ମଞ୍ଜୁ ମୁର୍ମୁ (୫୫)ଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସେ ହଠାତ୍ ଅସୁସ୍ଥ ହୋଇପଡିବାରୁ ପରିବାର ଲୋକେ ତାଙ୍କୁ ଡାକ୍ତରଖାନାକୁ ନେବା ପାଇଁ ଆମ୍ବୁଲାନ୍ସକୁ ଫୋନ କରି ଅପେକ୍ଷା କରିଥିଲେ। କିନ୍ତୁ ଦୀର୍ଘ ସମୟ ଧରି ଆମ୍ବୁଲାନ୍ସ ଆସି ନ ଥିଲା। ଠିକ୍ ସମୟରେ ଡାକ୍ତରଖାନାରେ ଯାଇ ନ ପାରିବାରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ** — କର୍ମକ୍ଷେତ୍ରରେ କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ରବି ଓ ବୁଧ ହେତୁ ସାମାଜିକ କ୍ଷେତ୍ରରେ ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ବାଟରେ ଯିବା ସମୟରେ ପ୍ରିୟ ବନ୍ଧୁଙ୍କୁ ଭେଟିପାରନ୍ତି। ପାରିବାରିକ ଅସହଯୋଗରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଟି ହାସଲ ନ ହେବା ହେତୁ ଚିନ୍ତିତ ରହିପାରନ୍ତି।

**ବୃଷ** — କେତୁ ସପ୍ତମଭାବରେ ରହିଥିବାରୁ ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଶାନ୍ତିକର ପରିସ୍ଥିତି ସୃଷ୍ଟି ହୋଇପାରେ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟ କିମ୍ବା ଅନ୍ୟ କୌଣସି ପାରିବାରିକ ସମସ୍ୟା ଶୀର୍ଷରେ ଥିବାରୁ ଚିନ୍ତା ବଢ଼ିପାରେ। ଲେଖାପଢ଼ା, ରଚନାତ୍ମକ କାର୍ଯ୍ୟରେ ପ୍ରଶଂସିତ ହେବେ। ବ୍ୟବସାୟ ଓ ପରିବହନାଦି କ୍ଷେତ୍ରରୁ ଲାଭବାନ ହେବେ।

**ମିଥୁନ** — ଉନ୍ନତଚିନ୍ତା, ପ୍ରୟୋଗାତ୍ମକ କୌଶଳ, ସଂଯମ ପ୍ରଭାବରେ ଆଶା ପୂରଣ ହୋଇପାରିବ। ପାରିବାରିକ କ୍ଷେତ୍ରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ଦୀର୍ଘଦିନରୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ବନ୍ଧୁଙ୍କୁ ପ୍ରତିଶ୍ରୁତି ଦେଇ ଶେଷ ମୁହୂର୍ତ୍ତରେ ନାସ୍ତିବାଣୀ ଶୁଣାଇବା ହେତୁ ସମାଲୋଚିତ ହୋଇପାରନ୍ତି।

**କର୍କଟ** — ନିରାଶା ସମୟରେ ଅନୁକୂଳ ପରିବେଶର ସୂଚନା ସାମୟିକ ଖୁସି ଦେବ। କର୍ମକ୍ଷେତ୍ରରେ ଅଧସ୍ତନଙ୍କୁ ସ୍ୱପକ୍ଷଭୁକ୍ତ କରାଇ ପରିସ୍ଥିତିର ମୁକାବିଲାରେ ସମର୍ଥ ହୋଇପାରନ୍ତି। କିନ୍ତୁ ବନ୍ଧୁଙ୍କ ପ୍ରହେଳିକାପୂର୍ଣ୍ଣ କଥା ଶୁଣି ମରୀଚିକା ପଛରେ ଦୌଡ଼ି ନୟାନ୍ତ ହେବାକୁ ପଡ଼ିପାରେ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବାର ସ୍ଥିତି ଉପୁଜିବ।

**ସିଂହ** — ବନ୍ଧୁମାନଙ୍କ ପରାମର୍ଶକ୍ରମେ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଅତୀତରେ ଘଟିବା ଯାଇଥିବା କୌଣସି ଘଟଣା ମନକୁ ବିବ୍ରତ କରିପାରେ। କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ପରିବାରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**କନ୍ୟା** — ଅନ୍ୟାନ୍ୟ ପ୍ରତ୍ୟେକ ଦୃଷ୍ଟିକୋଣରୁ ଜୀବନଚର୍ଯ୍ୟା ଠିକ୍ ଥିଲେ ମଧ୍ୟ ପୁରାତନ ରୋଗର ପୀଡ଼ା ମାନସିକ ଶାନ୍ତି ନଷ୍ଟ କରିବ। ସରକାରୀ ସ୍ତରରୁ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ସାକ୍ଷାତ ଆଲୋଚନା, ସାହିତ୍ୟ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ। ପରିଜନଙ୍କ ସହ ପ୍ରାତଃ ଭ୍ରମଣ ସୁଖ ଉପଭୋଗ୍ୟ ହୋଇପାରେ।

**ତୁଳା** — ନୂତନ ଯୋଜନାରମ୍ଭ ସକାଶେ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। କେତେକ କ୍ଷେତ୍ରରେ ଇଚ୍ଛା ବିରୁଦ୍ଧରେ କାମ କରି ଅନୁତାପ କରିବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ତରବରିଆ ଯାତ୍ରା କାରଣରୁ ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିବାର ସମ୍ଭାବନା ରହିଛି।

**ବିଛା** — ପ୍ରଭାବଶାଳୀ ଶନିଙ୍କ ଦୃଷ୍ଟି ହେତୁ ପାରିବାରିକ ସମସ୍ୟା ସମାଧାନରେ ବିଫଳ ହେବେ। ଆବଶ୍ୟକତା ଉପଲବ୍ଧି କରି ପରିବାର ସକାଶେ କୌଣସି ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, ଆଲୋଚନା, ସଭା ସମିତି ଓ ଚୁକ୍ତିପତ୍ର ପାଇଁ ଦିନଟି ଭଲ। କଳା ସାହିତ୍ୟ ଓ ସାମ୍ବାଦିକତାରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** — ଆକସ୍ମିକ ଭାବରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନ ସୁଯୋଗ ଲାଭକରି ଉତ୍ସାହିତ ହେବେ। ପ୍ରକାଶନ, ଏଜେନ୍‌ସିପ୍, ରାଜନୀତି, ସଂଗଠନ, କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ସାମାନ୍ୟ କାରଣକୁ ବନ୍ଧୁଙ୍କ ସହ ସମ୍ପର୍କ ହାନି ହୋଇପାରେ। ମାନସିକ ଅଶାନ୍ତିଜନିତ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି।

**ମକର** — ସ୍ଥଗିତ କାମକୁ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପାଦନ କରିବାକୁ ପଡ଼ିବ। ନୂତନ କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିପାରନ୍ତି। ପଦୋନ୍ନତି କିମ୍ବା ନିଜ ଉଚିତ ସ୍ଥାନକୁ ସ୍ଥାନାନ୍ତର ହେତୁ ହଠାତ୍ କୌଣସି ଖବର ପାଇ ଖୁସି ହେବେ। ବ୍ୟବସାୟରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ** — ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ। ସମ୍ପର୍କୀୟଙ୍କୁ କୌଶଳପୂର୍ବକ ଖଟାଇ କାର୍ଯ୍ୟ ହାସଲ ପାଇଁ ଚେଷ୍ଟିତ ହେବେ। ସମ୍ପତି ଭାଗବଣ୍ଟା କ୍ଷେତ୍ରରେ ବିବାଦ ଜଟିଳ ହେଲେ ହେଁ ସଫଳତା ହାସଲ କରିବେ। ତଥାପି କିଛି ଅସୁବିଧା ନ ହୋଇଥିଲେ ମଧ୍ୟ ବନ୍ଧୁଙ୍କ ପକ୍ଷପାତିତାକୁ ନାପସନ୍ଦ କରିବେ।

**ମୀନ** — ବାରମ୍ବାର ବିଫଳତା ଲାଗିରହିବା ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ। ଅଫିସରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହେବେ। ଅପୂରଣୀୟ ଅଭିଳାଷ ନେଇ ନୈରାଶ୍ୟଜନିତ ଦୁଃଖ ଅନୁଭବ କରିବାକୁ ପଡ଼ିବ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସିପାରନ୍ତି।


# classifieds Everyday 0674-2580101, 2549302



real estate

**SALE**

ଜଟଣୀ Railwaystation ହାଟ ବଜାରରେ (ଘରବାରି ସ୍ଥିତିବାନ, ପଟ୍ଟା) ଜାଗା ଉପରେ ୨ବଖରା ଆଜବେଷ୍ଟସ୍ ଘର ଥାଇ ତୁରନ୍ତ ବିକ୍ରିହେବ। Owner-9437011120. D-70881

2289sqft. land with 800sqft. House for sale at Back side of Baragada Govt. School Bhubaneswar. Contact: 9040686695. D-71312

ଭୁବନେଶ୍ୱର ଚନ୍ଦକା, ପିତାପଲ୍ଲୀ ରାସ୍ତାର ମଝିରେ ବିକାଶ ସ୍କୁଲ ପାଖରେ ଘରବାଡ଼ି ପ୍ଲଟ 2400 Sq.ft. 15,60,000/- (20 Plot available), Lipsa - 9938016295. D-70884

Gharabari with boundary wall plot at Aiginia Square just hundred meters from National Highway. 9777594139. D-67796

**30' road gharabari plot at Ghangapatna 4kms from Sum Hospital and commercial/ residential plot Pitapalli NH side. 7978601422.** D-70879

Plot for sale in Shreekhetra Vihar near Mangalpur, Bhubaneswar, Puri NH side with gated community, Electricity, Security, Park, Temple. 9777302825. D-70882

ଭୁବନେଶ୍ୱର ଜଟଣୀଗେଟ୍‌ରୁ 500mtr ଦୂରତାରେ sqft. 250/-, 450/-, Adyanta/ Getam/ BEC Collegeକୁ ଲାଗି sqft. 270/- ପ୍ଲଟ୍ ପୋଜେସନ ସହ ମିଳୁଛି। 7894433357, 9437607388. D-70877

**Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession ଅଗ୍ରିମ Boundarywall, Electricity with 30ft. road sqft.-700/-ରେ ମିଳୁଛି। 7008045582, 7749800648.** D-21248

1Acre & 3Acres sthitiban Patta plot with boundary wall for sale at Khurda (Dadhimachagadia) connecting 40ft. pitchu road, 900mtrs from NH-16, suitable for commercial/ industrial/ farmhouse. Contact: 8338991113, 9338342502. D-71125

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200 Sq.ft. 2,80,000/-, ନଖରା ତ୍ରିନାଥବଜାର Sq.ft. 150/- (outright) 9348232008. D-70883

**କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ Biggest commercial Hub (Grand Bazar) ସମ୍ମୁଖ NH-16ରୁ ଅଳ୍ପଦୂରରେ ଘରବାରି ପ୍ଲଟ୍ ଶସ୍ତାରେ କିଣନ୍ତୁ। 9078699286.** D-70880

ଭୁବନେଶ୍ୱର ଭରତପୁର GA plot ପାଖରେ revenue ରୋଡ୍ ଇଲେକ୍ଟ୍ରିସିଟି ସୁବିଧା ଥାଇ boundary plot @14,40,000/-ରେ ନେଇ ତୁରନ୍ତ ଘର କରନ୍ତୁ। 7978998868. D-70873

**ଭୁବନେଶ୍ୱର ପିତାପଲ୍ଲୀ Flyoverରୁ 300mtr ଦୂରତାରେ 30ft. ରାସ୍ତାଥାଇ ପ୍ଲଟ ମିଳୁଅଛି। 7848882166.** D-70875

ଭୁବନେଶ୍ୱର ଲିଙ୍ଗିପୁରଛକ, ପୁରୀ bypassରୁ 200mtr. ଦୂରତାରେ ସଙ୍ଗେ ସଙ୍ଗେ ଘର କଲାଭଳି ଘରବାରି boundary ପ୍ଲଟ୍, ରୋଡ୍, ଇଲେକ୍ଟ୍ରିସିଟି ସୁବିଧା ଥାଇ @20,40,000/-ରେ ମିଳୁଛି। 7978998868. D-70874

**Flat, Duplex, Simplex near Phulnakhara, Patia Bigbazar, Bhubaneswar (Bank finance available). 8249363553, 9437677099.** D-70876



to-let

Fully furnished A.C. Office space prime lacation of Bhubaneswar. Company preferred. Contact No.-9861120421. D-69045

"600sqft. furnished shop on Patia Station road behind HP petrol pump. Contact No. 9438283062". D-21268

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



healthcare

Newly open Sairkupa Panchakarma Spa positively health benefits with expert. 8984068077. D-21263

Swarna SPA newly open positively health benefits with expert therapist. 9556978408. D-70595

Refreshing your mind, your body with tha best therapy at Lotus Spa. 8018891951. D-70466

**AFFIDAVIT**

By virtue of an affidavit sworn in the Court of Executive Magistrate, Rajgangpur. I do hereby declare that, previously I was known as Mashi Prakash Xosla, son of Mansukh Xosla and it was recorded in all my documents, but now I want to change my surname from Xosla to Xess and henceforth, I shall be known as Mashi Prakash Xess son of Mansukh Xess for all times and all purposes. D-21269

Before Notary Public Berhampur, I, K.Supriya Kumari Reddy, At- Hantulu, PO- Indrakhi, PS.-Golanthara changed my surname after marriage to N. Judhistir Reddy. Henceforth I shall be known as N. Supriya Kumari Reddy for all purposes. D-66663

# ବିଦେଶରେ ଆଦର ପାଉଛି ଗ୍ରାମୋଦ୍ୟୋଗ ସାମଗ୍ରୀ

**ଗ୍ରାମାଞ୍ଚଳର ବିକାଶ ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନ ଥିଲା। ଏହି ଆଧାରରେ ୧୯୫୬ରୁ ଦୀର୍ଘ ୬୫ବର୍ଷ ହେବ କେନ୍ଦ୍ର ସରକାରଙ୍କ ଏମ୍ଏସ୍ଏମ୍ଇ ମନ୍ତ୍ରଣାଳୟ ଅଧୀନରେ ଖଦି ଓ ଗ୍ରାମୋଦ୍ୟୋଗ ଶିଳ୍ପ କମିଶନ (କେଭିଆଇସି) କାମ କରୁଛି। ଖଦିର ପ୍ରଚାର ଓ ପ୍ରସାର କେଭିଆଇସି ପ୍ରମୁଖ ଲକ୍ଷ୍ୟ। ଗ୍ରାମାଞ୍ଚଳ ନିଯୁକ୍ତି ଓ ରୋଜଗାର ବୃଦ୍ଧି ଦିଗରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା କହିଛନ୍ତି କେଭିଆଇସି ଓଡ଼ିଶା, ରାଜ୍ୟ କାର୍ଯ୍ୟାଳୟର ନିର୍ଦ୍ଦେଶକ ସମୀର କୁମାର ମହାନ୍ତି। ହିତାଧିକାରୀଙ୍କ ଲାଗି ଗ୍ରହଣ କରାଯାଉଥିବା ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ସମ୍ପର୍କରେ ମହାନ୍ତିଙ୍କ ସହ 'ଧରିତ୍ରୀ'ର ଆଳାପ।**



ସମୀର କୁମାର ମହାନ୍ତି

ଧରିତ୍ରୀ ଆଳାପ

**ପ୍ରଶ୍ନ– ଖଦି ଓ ଗ୍ରାମୋଦ୍ୟୋଗ ସାମଗ୍ରୀର ଚାହିଦା କିଭଳି ରହିଛି?**

ଉତ୍ତର– ଓଡ଼ିଶାରେ ଭଲ ଚାହିଦା ରହିଛି। ଖଦି ଚାହିଦା ଶତ ପ୍ରତିଶତ ନ ଥିଲେ ମଧ୍ୟ ଗ୍ରାମୋଦ୍ୟୋଗର ଚାହିଦା ଓଡ଼ିଶା ସମେତ ସାରା ଭାରତରେ ସର୍ବାଧିକ ରହିଛି। ଗ୍ରାମୋଦ୍ୟୋଗ ଯୋଗୁ ଲୋକମାନେ ରୋଜଗାର ସହ ଆତ୍ମନିର୍ଭର ହୋଇପାରୁଛନ୍ତି। କେଭିଆଇସିର ବିଭିନ୍ନ ସାମଗ୍ରୀ ବିଦେଶରେ ମଧ୍ୟ ବହୁଳ ଭାବେ ବ୍ୟବହାର ହେଉଛି।

**ପ୍ରଶ୍ନ– ଖଦି ସାମଗ୍ରୀ ଯୁବ ଗୋଷ୍ଠୀଙ୍କୁ ଆକୃଷ୍ଟ କରୁଛି କି?**

ଉତ୍ତର– ଯୁବପିଢ଼ି ଟ୍ରେଣ୍ଡିଂ ସାମଗ୍ରୀ ଓ ପୋଷାକ ଅଧିକ ବ୍ୟବହାର କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ 'ଖଦି ଫର ନେଶନ–ଖଦି ଫର ଫ୍ୟାଶନ'ରେ ଯୁବବର୍ଗ ଅନୁପ୍ରାଣିତ। ଯୁବବର୍ଗଙ୍କଠାରୁ ବୟୋଜ୍ୟେଷ୍ଠ ପର୍ଯ୍ୟନ୍ତ ଖଦି ପୋଷାକ ଏବଂ ଖଦିରୁ ପ୍ରସ୍ତୁତ ଅନ୍ୟ ସାମଗ୍ରୀ ମଧ୍ୟ ବ୍ୟବହାର କରୁଛନ୍ତି। ଏହା ଏକ ଶୁଭ ସଙ୍କେତ। ସମସ୍ତ ଅଂଶୀଦାର ଏହାଦ୍ୱାରା ବେଶ୍ ଉପକୃତ ହୋଇପାରୁଛନ୍ତି। ପଶ୍ଚିମ ଓଡ଼ିଶାରେ ପ୍ରସ୍ତୁତ ପୋଷାକ, ଉତ୍ତର ଓଡ଼ିଶାର ବନଜାତ ଘରୋଇ ସାମଗ୍ରୀ, ଉପକୂଳ ଓଡ଼ିଶାର କଳାକୃତି ପ୍ରଡକ୍ଟ ଏବଂ ଦକ୍ଷିଣ ଓଡ଼ିଶାର ପ୍ରକ୍ରିୟାକୃତ ଖାଦ୍ୟ ବିଦେଶରେ ମଧ୍ୟ ଆଦର ଲାଭ କରିଛି।

**ପ୍ରଶ୍ନ– ଗ୍ରାମୀଣ ବିକାଶରେ ଖଦି ଓ ଗ୍ରାମୋଦ୍ୟୋଗ ଶିଳ୍ପ କେତେ ସକ୍ଷମ ହୋଇଛି?**

ଉତ୍ତର–କମିଶନ ଗ୍ରାମୀଣ ବିକାଶ ପାଇଁ କାର୍ଯ୍ୟ କରୁଛି। ନୂଆ ନିଯୁକ୍ତି ସୃଷ୍ଟି ସାଙ୍ଗକୁ ନିଶ୍ଚିତ ରୋଜଗାର ବଢ଼ିଛି। ଖଦି ଏବଂ ଗ୍ରାମୋଦ୍ୟୋଗ ପ୍ରଡକ୍ଟ ପ୍ରତି ସବୁ ବର୍ଗଙ୍କ ମଧ୍ୟରେ ଆଗ୍ରହ ବଢ଼ିଛି। ଉତ୍ପାଦିତ ଗ୍ରାମୀଣ ସାମଗ୍ରୀ ବଜାରରେ ଭଲ ବିକ୍ରି ହେଉଥିବାରୁ ଲୋକଙ୍କୁ ରୋଜଗାର ବଢ଼ାଇବାରେ ଏହା ଯୋଗଦାନ ରଖୁଛି।

**ପ୍ରଶ୍ନ– କେଉଁ ସବୁ ଯୋଜନା ହିତାଧିକାରୀଙ୍କ ପାଇଁ ବେଶ୍ ଫଳପ୍ରଦ ହୋଇଛି?**

ଉତ୍ତର–ପିଏମ୍ଇଜିପି, ଏମ୍ଡିଏ, ଆଇଏସ୍ଇସି, ସ୍ଫୂର୍ତି, ରିବେଟ ଏବଂ ମହୁ ମିଶନ ଭଳି ଯୋଜନା ଦ୍ୱାରା ହିତାଧିକାରୀମାନେ ବିଭିନ୍ନ ସୁବିଧା ପାଉଛନ୍ତି। ରୋଜଗାର ସୃଷ୍ଟି ଦିଗରେ ରହିଥିବା କମିଶନଙ୍କ ମୂଳ ଲକ୍ଷ୍ୟ ହାସଲରେ ଏହା ସହାୟକ ହେଉଛି।

**ପ୍ରଶ୍ନ– ପିଏମ୍ଇଜିପି ଯୋଜନାକୁ କମିଶନ ଗୁରୁତ୍ୱ ଦେଉଛନ୍ତି। ଏହାଦ୍ୱାରା ହିତାଧିକାରୀ କ'ଣ ସବୁ ଲାଭ ପାଉଛନ୍ତି?**

ଉତ୍ତର–କୋଭିଡ୍ ଯୋଗୁ ଅନେକ ଲୋକ ନିଯୁକ୍ତି ହରାଇଛନ୍ତି। ଏହାକୁ ନଜରରେ ରଖି କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (ପିଏମ୍ଇଜିପି) ସାରା ଦେଶରେ ଲାଗୁ କରିଛନ୍ତି। ଉଭୟ ଗ୍ରାମୀଣ ଓ ସହରାଞ୍ଚଳର ଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ସୁବିଧା ଯୋଗାଇ ଦିଆଯାଉଛି। ଗ୍ରାମାଞ୍ଚଳ ହିତାଧିକାରୀଙ୍କୁ ୩୫% ଏବଂ ସହରାଞ୍ଚଳ ହିତାଧିକାରୀଙ୍କୁ ୨୫% ସବ୍ସିଡି ଦିଆଯାଉଛି। ସହଜ ପଦ୍ଧତିରେ ହିତାଧିକାରୀ ଏହି ଯୋଜନାରେ ସାମିଲ ହୋଇପାରୁଛନ୍ତି। କୌଣସି ସମସ୍ୟା ସାମ୍ନା ନ କରି ଲୋକମାନେ ଯୋଜନାର ଲାଭ ଉଠାଇ ପାରୁଛନ୍ତି। ବ୍ୟାଙ୍କ ଜରିଆରେ ସହାୟତା ପ୍ରଦାନ କରାଯାଉଛି।

**ପ୍ରଶ୍ନ– ରାଜ୍ୟରେ ହନି ମିଶନ କିପରି କାର୍ଯ୍ୟ କରୁଛି?**

ଉତ୍ତର–ରାଜ୍ୟରେ 'ହନି ମିଶନ' ଏକ ନୂଆ ଅଧ୍ୟାୟ ସୃଷ୍ଟି କରିପାରିଛି। ଲୋକଙ୍କ ରୋଜଗାର ଏବଂ ରାଜ୍ୟର ଉତ୍ପାଦନ ବଢ଼ିଛି। ଏହି ମିଶନକୁ ଆହୁରି ସଫଳ କରିବାକୁ ବର୍ତ୍ତମାନ କାର୍ଯ୍ୟପନ୍ଥାର ସମୀକ୍ଷା ହେଉଛି। ଯୋଜନାର ଗୁରୁତ୍ୱ ବଢ଼ିଛି। ହିତାଧିକାରୀଙ୍କୁ ମହୁ ମାଛି ଦଳ (ମହୁ ବାକ୍ସ) ସମେତ ଆବଶ୍ୟକ କିଟ୍ ଯୋଗାଇ ଦିଆଯାଉଛି।

**ପ୍ରଶ୍ନ– କୋଭିଡ୍‌ର ପ୍ରଭାବ କିପରି ପଡ଼ିଥିଲା?**

ଉତ୍ତର– ମହାମାରୀ ଯୋଗୁ କାରବାର ହ୍ରାସ ସହ ମାନ୍ଦାବସ୍ଥା ଜାରି ରହିଛି। ସରକାର ଲୋକଙ୍କ ଲାଗି ବିଭିନ୍ନ ଯୋଜନା ଆଣୁଛନ୍ତି। ସ୍ଥିତି ସ୍ୱାଭାବିକ ହେବାକୁ ଅପେକ୍ଷା। କୋଭିଡ୍ ନିୟମକୁ ନଜରରେ ରଖି କାର୍ଯ୍ୟକ୍ରମ ହାତକୁ ନିଆଯିବ।

**ପ୍ରଶ୍ନ– ଫ୍ରି ଟାଇମ୍‌ରେ କ'ଣ ସବୁ କରିବାକୁ ଭଲପାଆନ୍ତି?**

ଉତ୍ତର– କର୍ମମୟ ଜୀବନରେ କାର୍ଯ୍ୟ ଓ ଦାୟିତ୍ୱ ମୁଦ୍ରାର ୨ଟି ପାର୍ଶ୍ୱ। କାର୍ଯ୍ୟର ଅଧିକାଂଶ ସମୟ ଭ୍ରମଣରେ ବିତିଥାଏ। କାର୍ଯ୍ୟାଳୟରୁ ଗଲାପରେ ଥିବା ଛୁଟି ଦିନଗୁଡ଼ିକରେ ପରିବାର ସହ ପରିଭ୍ରମଣ କରେ। ସାଙ୍ଗଙ୍କ ସହ ସୋସିଆଲ ମିଡିଆରେ ସମ୍ପର୍କରେ ରହୁଛି। ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରିବାକୁ ଭଲ ଲାଗେ।

**ପ୍ରଶ୍ନ– ଖଦିକୁ ନେଇ ଆପଣଙ୍କର ମତ କ'ଣ?**

ଉତ୍ତର– ଖଦି ପୋଷାକର ଏକ ସ୍ୱତନ୍ତ୍ରତା ରହିଛି। ଖଦିକୁ ମୁଁ ବହୁତ ପସନ୍ଦ କରେ। ପ୍ରତିଦିନ ପରିଧାନ କରି ନ ପାରିଲେ ମଧ୍ୟ ପ୍ରାୟ ସମୟ ଖଦି ବସ୍ତ୍ରର ବ୍ୟବହାର କରେ। କାର୍ଯ୍ୟାଳୟରେ ମଧ୍ୟ ସବୁ କର୍ମଚାରୀ ପ୍ରାୟ ଖଦି ପରିଧାନ କରିଥାନ୍ତି। ମନ୍ତ୍ରଣାଳୟ ମଧ୍ୟ ଏହାର ବ୍ୟବହାରକୁ ଗୁରୁତ୍ୱ ଦେଉଛି।

**–ସାକ୍ଷାତ୍କାର: ଅଭୟ ଦାଶ**

# ପାରମିତା ପାଇବେ ଶାରଳା ପୁରସ୍କାର



**ଭୁବନେଶ୍ୱର, ୫।୮ (ବ୍ୟୁରୋ) –** ଇମ୍ପାକ୍ଟ ପକ୍ଷରୁ ଗୁରୁବାର ୪୨ତମ ଶାରଳା ପୁରସ୍କାର ଘୋଷଣା ହୋଇଛି। ଚଳିତବର୍ଷ କଥାକାର ପାରମିତା ଶତପଥୀ ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଉପନ୍ୟାସ 'ଅଭିପ୍ରେତ କାଳ' ପାଇଁ ସେ ଏହି ପୁରସ୍କାର ପାଇବେ। ପୁରସ୍କାର ବାବଦକୁ ୫ଲକ୍ଷ ଟଙ୍କା ସହ ମାନପତ୍ର ପ୍ରଦାନ କରାଯିବ। ଉକ୍ତ ଉପନ୍ୟାସଟି ୨୦୧୬ରେ ପଶ୍ଚିମା ପ୍ରକାଶନ ଦ୍ୱାରା ପ୍ରକାଶିତ ହୋଇଥିଲା। ତେବେ କରୋନା କଟକଣା ପାଇଁ ଚଳିତବର୍ଷ ପୁରସ୍କାର ସମାରୋହ ଆୟୋଜନ ନ ହୋଇ ବ୍ୟକ୍ତିଗତ ଭାବେ ପ୍ରଦାନ କରାଯିବ। ଏଥିସହ କଳା ଓ ସଙ୍ଗୀତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଦାନ କରାଯାଉଥିବା 'ବଂଶୀଧର– ଇଲା ପଣ୍ଡା ସଙ୍ଗୀତ ଓ କଳା ସମ୍ମାନ' ଖୁବ୍‌ଶୀଘ୍ର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ୧୯୬୫ ମସିହା ଅଗଷ୍ଟ ୩୦ରେ ଜନ୍ମଗ୍ରହଣ କରିଥିବା ପାରମିତା ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା କବି ପ୍ରତିଭା ଶତପଥୀ ଓ ନିତ୍ୟାନନ୍ଦ ଶତପଥୀଙ୍କ କନ୍ୟା। ପାରମିତାଙ୍କ ପ୍ରଥମ କ୍ଷୁଦ୍ରଗଳ୍ପ ୧୯୮୫ରେ ଝଙ୍କାର ପତ୍ରିକାରେ ପ୍ରକାଶିତ ହୋଇଥିଲା। ସାହିତ୍ୟ ପ୍ରତି ତାଙ୍କର କୃତିତ୍ୱ ପାଇଁ ୨୦୧୬ରେ (କ୍ଷୁଦ୍ରଗଳ୍ପ ସଂକଳନ'ପ୍ରାପ୍ତି') କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ୨୦୧୭ରେ କଳିଙ୍ଗ କାରୁବାକି ପୁରସ୍କାର, କାଦମ୍ବିନୀ ଗଳ୍ପ ସମ୍ମାନ, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ଗଙ୍ଗାଧର ରଥ ଫାଉଣ୍ଡେଶନ ପୁରସ୍କାର ଭଳି ଅନେକ ପୁରସ୍କାର ଓ ସମ୍ମାନ ସେ ପାଇଛନ୍ତି। ତାଙ୍କର ଅନେକ ଉପନ୍ୟାସ ହିନ୍ଦୀ, ଇଂଲିଶ, ବେଙ୍ଗଲୀ, ତେଲୁଗୁ ଏବଂ ମରାଠୀ ଭାଷାରେ ଅନୁବାଦ ହୋଇଛି। ତାଙ୍କ ଗଳ୍ପ ଓ ଉପନ୍ୟାସ ମଧ୍ୟରୁ 'ଚନ୍ଦନ କେ ଫୁଲ୍', 'ନାରୀକବି ଓ ଅନ୍ୟମାନେ', 'ପ୍ରାପ୍ତି', 'କୁରେଇ ଫୁଲ', 'ଦୂର୍ କେ ପାହାଡ଼', 'ଅନ୍ତରଙ୍ଗ ଛଳ', 'ଅପଥଚାରିଣୀ' ଅନ୍ୟତମ। ୧୯୮୯ରେ ଭାରତୀୟ ରାଜସ୍ୱ ସେବାରେ ଯୋଗଦେଇଥିବା ପାରମିତା ଏବେ ଆୟକର ବିଭାଗର କମିଶନର ଅଛନ୍ତି। ସୂଚନାଯୋଗ୍ୟ, ବିଶିଷ୍ଟ ଶିଳ୍ପପତି ସ୍ୱର୍ଗତ ଡ. ବଂଶୀଧର ପଣ୍ଡା ଏବଂ ସ୍ୱର୍ଗତ ଇଲା ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠିତ ଇମ୍ପା ଦ୍ୱାରା ପରିଚାଳିତ ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ପବ୍ଲିକ୍ ଚାରିଟେବଲ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ଗତ ୧୯୮୦ରୁ 'ଶାରଳା ପୁରସ୍କାର' ପ୍ରଦାନ କରାଯାଉଛି।




# ରଥ ଭଙ୍ଗା ଆରମ୍ଭ



ପୁରୀ ଅଫିସ, ୫।୮

## ଦେବଦଳନ ରଥ ପ୍ରଥମେ ଭଙ୍ଗାଗଲା

ଚଳିତବର୍ଷ କୋଭିଡ୍ କଟକଣା ମଧ୍ୟରେ ପୁରୀରେ ଘୋଷଯାତ୍ରା ସମ୍ପନ୍ନ ହେବା ପରେ ଗୁରୁବାରଠାରୁ ସିଂହଦ୍ୱାର ନିକଟରେ ଥିବା ତିନି ରଥର ଭଙ୍ଗା କାମ ଆରମ୍ଭ ହୋଇଛି। ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି ପରେ ୧୦ ଜଣ ଭୋଇ ସେବାୟତଙ୍କ ସହାୟତାରେ ରଥ ଭଙ୍ଗା କାମ ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ, ପ୍ରଥମେ ସୁଭଦ୍ରାଙ୍କ ଦେବଦଳନ ରଥ ଭଙ୍ଗାଯାଉଛି। ଦେବଦଳନ ରଥର ଉପରି ଅଂଶ କଳସ, ଭୂଇଁ, ଦୁଆରବେଢ଼ା, ଓରା ପ୍ରଭୃତି ଭଙ୍ଗାଯାଇଛି। ଭୋଇ ସେବାୟତମାନେ ସାବଧାନତା ସହ ରଥଗୁଡ଼ିକୁ ଭାଙ୍ଗୁଛନ୍ତି। ଭୋଇ ସର୍ଦ୍ଦାର ରବି ଭୋଇଙ୍କ ଅନୁପସ୍ଥିତିରେ ନନ୍ଦିଘୋଷ ରଥର ମୁଖ୍ୟ ଭୋଇ ସେବକ କାର୍ତ୍ତିକ ଭୋଇଙ୍କ ନିର୍ଦ୍ଦେଶରେ ରଥ ଭଙ୍ଗା କାମ ଚାଲିଛି। ଏହାପରେ ବଳଭଦ୍ରଙ୍କ ତାଳଧ୍ୱଜ ଓ ଶେଷରେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଭଙ୍ଗାଯିବ। ଆସନ୍ତା ୧୬ ତାରିଖରେ ଶ୍ରୀମନ୍ଦିର ଖୋଲୁଥିବାରୁ ଖୁବଶୀଘ୍ର ରଥ ଭାଙ୍ଗିବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଲୋକକଥା ଅନୁଯାୟୀ, ମହାପ୍ରଭୁଙ୍କ ନିଳାଦ୍ରୀ ବିଜେ ନୀତି ପରେ ତିନିରଥକୁ ମୃତ ଭାବେ ବିବେଚନା କରାଯାଏ। ତେଣୁ ଘୋଷଯାତ୍ରା ପରେ ତିନି ରଥକୁ ଭାଙ୍ଗି ଦିଆଯାଇଥାଏ। ତେବେ ମହାପ୍ରଭୁଙ୍କ କୋଠ ଭୋଗ ପ୍ରସ୍ତୁତିରେ ରଥ କାଠଗୁଡ଼ିକୁ ବ୍ୟବହାର କରାଯାଏ। ସେହିଭଳି ଚକଗୁଡ଼ିକୁ ଭକ୍ତମାନେ କିଛି ଅର୍ଥ ଦେଇ କିଣି ନେଇଥାନ୍ତି।

# କାଳିଜାଈ ମନ୍ଦିର ଖୋଲିଲା

**କୃଷ୍ଣପ୍ରସାଦ,୫।୮(ଡି.ଏନ୍.ଏ.)–** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଚିଲିକାର ଅଧିଷ୍ଠାତ୍ରୀ ମା' କାଳିଜାଈଙ୍କ ପୀଠ ଶ୍ରଦ୍ଧାଳୁଙ୍କ ଦର୍ଶନ ନିମନ୍ତେ ଗୁରୁବାର ଖୋଲିଛି। କରୋନାର ପ୍ରକୋପକୁ ହଟାଇବା ପାଇଁ ସାରା ଦେଶରେ ଦୀର୍ଘଦିନ ଧରି କଟକଣା ଲାଗିରହିଥିଲା। ଏଥିପାଇଁ ମନ୍ଦିରରେ ଭକ୍ତଙ୍କ ଦର୍ଶନକୁ ନିଷିଦ୍ଧ କରାଯାଇଥିଲା। ଏବେ କଟକଣା କୋହଳ ହେବା ପରେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ପାରିକୁଦ ରାଜାସାହେବ ସନ୍ତୋଷ ଚନ୍ଦ୍ର ଦେଓଙ୍କ ଅନୁମତିକ୍ରମେ ମା' କାଳିଜାଈଙ୍କ ମନ୍ଦିରକୁ ଦର୍ଶନ ନିମନ୍ତେ ଅନୁମତି ଦିଆଯାଇଛି। ମନ୍ଦିର ଖୋଲା ରହିଥିବା ବେଳେ ମାସ୍କ ପରିଧାନ କରିବା ସହିତ ସାମାଜିକ ଦୂରତ୍ୱକୁ ରକ୍ଷା କରିବା ପାଇଁ ରାଜା ସାହେବ ଶ୍ରଦ୍ଧାଳୁମାନଙ୍କୁ ଅନୁରୋଧ କରିଛନ୍ତି। ଖୋଲିବା ପରେ ମନ୍ଦିରପୀଠରେକାଁଭାଁଶ୍ରଦ୍ଧାଳୁମାନଙ୍କୁଦେଖିବାକୁମିଳିଥିଲା।

# ଟ୍ରେନ୍ ବାତିଲ ଓ ସାମୟିକ ସମୟ ପରିବର୍ତ୍ତନ

**ଭୁବନେଶ୍ୱର,୫।୮:** ହାୱଡ଼ା–ଚେନ୍ନାଇ ମୁଖ୍ୟ ରେଳଲାଇନରେ ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ପଲାସା–କୋଟାଭାଲାସା ରେଳସେକ୍ସନର ବିଜୟ ନଗରମ ଓ କୋରୁକୋଣ୍ଡା ଷ୍ଟେସନ ସହିତ ପୁଣ୍ଡୁରୀ ଓ ଦୁସି ଷ୍ଟେସନ ମଧ୍ୟରେ ରେଳଧାରଣା ତଳେ ଉପାମାର୍ଗ ନିର୍ମାଣ ସମ୍ବନ୍ଧୀୟ ସୁରକ୍ଷା ଜନିତ ଆଧୁନିକୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି ୧୧ ଟି ଟ୍ରେନ୍ ବାତିଲ କରିବାକୁ ନିଷ୍ପତ୍ତି ନିଆଯାଇଥିବା ବେଳେ ୧୧ଟି ଟ୍ରେନକୁ ମଧ୍ୟ ପରିବର୍ତ୍ତିତ ସମୟରେ ଚଳାଚଳ କରାଇବାକୁ ସ୍ଥିର କରାଯାଇଛି। ବାତିଲ ହୋଇଥିବା ଟ୍ରେନଗୁଡିକ ମଧ୍ୟରେ ଅଛନ୍ତି ସିକନ୍ଦରାବାଦ–ଭୁବନେଶ୍ୱର ବିଶାଖା ସ୍ପେଶାଲ୍, ଭୁବନେଶ୍ୱର–ସିକନ୍ଦରାବାଦ ବିଶାଖା ସ୍ପେଶାଲ, ଚେନ୍ନାଇ–ହାଓଡ଼ା ସ୍ପେଶାଲ, ଭାସ୍କୋଡାଗାମା–ହାଓଡ଼ା ଅମରାବତୀ ସ୍ପେଶାଲ, ଗୁଣ୍ଟୁର–ରାୟଗଡା–ଗୁଣ୍ଟୁର ସ୍ପେଶାଲ, ହାଓଡ଼ା–ଯଶୋବନ୍ତପୁର ସ୍ପେଶାଲ, ବିଶାଖାପାଟଣା–ଗୁଣୁପୁର–ବିଶାଖାପାଟଣା ସ୍ପେଶାଲ ଏବଂ ବିଶାଖାପାଟଣା–ଭୁବନେଶ୍ୱର–ବିଶାଖାପାଟଣା ସ୍ପେଶାଲ ବାତିଲ ହୋଇଛି।

ସେହିପରି ଚଳାଚଳ ସମୟରେ ସାମୟିକ ପରିବର୍ତ୍ତନ ହୋଇଥିବା ଟ୍ରେନ ଗୁଡିକ ହେଉଛି ରାମେଶ୍ୱରମ–ଭୁବନେଶ୍ୱର ସ୍ପେଶାଲ୍, ବାଙ୍ଗାଲୋର–ଭୁବନେଶ୍ୱର ପ୍ରଶାନ୍ତି ସ୍ପେଶାଲ, ହାଓଡ଼ା–ପଣ୍ଡିଚେରୀ ସ୍ପେଶାଲ୍, ହାୱଡ଼ା–ଚେନ୍ନାଇ ସ୍ପେଶାଲ୍, ଏର୍ଣ୍ଣାକୁଲମ–ଟାଟା ସ୍ପେଶାଲ୍, ଆଲେପି–ଧାନବାଦ୍ ସ୍ପେଶାଲ୍ ଭଗତ କୀ କୋଠି–ବିଶାଖାପାଟଣା ସ୍ପେଶାଲ, ଭୁବନେଶ୍ୱର–ବାଙ୍ଗାଲୋର ପ୍ରଶାନ୍ତି ସ୍ପେଶାଲ୍, ଡିବ୍ରୁଗଡ଼–କନ୍ୟାକୁମାରୀ ସ୍ପେଶାଲ୍, ଭୁବନେଶ୍ୱର–ସିକନ୍ଦରାବାଦ ବିଶାଖା ସ୍ପେଶାଲ ଓ ଶାଳୀମାର–ତ୍ରିଭେନ୍ଦ୍ରମ ସ୍ପେଶାଲର ସମୟ ପରିବର୍ତ୍ତନ ହୋଇଥିବା ଜଣାପଡ଼ିଛି।




# ଶିଶୁଙ୍କ ପାଇଁ 'ସମ୍ପର୍କ' ହେଲ୍ପଡେସ୍କ

## ଲୋକାର୍ପଣ କଲେ ମନ୍ତ୍ରୀ

- କୋଭିଡ୍ ପ୍ରଭାବିତ ଶିଶୁଙ୍କ ମନୋବଳ ବୃଦ୍ଧିରେ ସହାୟକ ହେବ
- ନିୟୋଜିତ ହେବେ କାଉନ୍‌ସିଲର ଓ ପ୍ରକଳ୍ପ ଅଧିକାରୀ

## ଟୋଲ୍ ଫ୍ରି ନଂ. ୧୮୦୦୪୧୯୧୮୧୩ ଜାରି



ଭୁବନେଶ୍ୱର, ୫।୮ (ବ୍ୟୁରୋ)

କରୋନାର ଦୁଇଟି ଲହରରେ ଶିଶୁମାନେ ଗୁରୁତର ଭାବେ ପ୍ରଭାବିତ ହୋଇଛନ୍ତି। ଏହି ମହାମାରୀର ସମ୍ଭାବ୍ୟ ତୃତୀୟ ଲହର ମଧ୍ୟ ଶିଶୁଙ୍କୁ ଅଧିକ କ୍ଷତିଗ୍ରସ୍ତ କରିବାର ସମ୍ଭାବନା ରହିଛି ବୋଲି ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି। ଶିଶୁଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖିବା, ସେମାନଙ୍କ ମାନସିକ ଓ ସାମାଜିକ ବିକାଶକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ୟୁନିସେଫ୍‌ର ମିଳିତ ସହଯୋଗରେ ଆରମ୍ଭ କରିଛନ୍ତି ସ୍ୱତନ୍ତ୍ର ହେଲ୍ପଡେସ୍କ 'ସମ୍ପର୍କ'। ଗୁରୁବାର ଭର୍ଚୁଆଲରେ ଆୟୋଜିତ କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ଏହି ହେଲ୍ପଡେସ୍କ ସହ ପ୍ରଚାର ପୁସ୍ତିକାର ଲୋକାର୍ପଣ କିରଛନ୍ତି। ଏହି ଅବସରରେ ସେ ହେଲ୍ପଡେସ୍କ ସମ୍ପର୍କିତ ସଚେତନତା ପୋଷ୍ଟର ଓ ଟିକି ମାଉସୀ ଭିଡ଼ିଓ ମଧ୍ୟ ଉନ୍ମୋଚନ କରି କହିଲେ, କୋଭିଡ୍ କ୍ଷତିଗ୍ରସ୍ତ ତଥା କୋଭିଡ୍ ପରବର୍ତ୍ତୀ କଠିନ ସ୍ଥିତିରେ ସମ୍ମୁଖୀନ ହେଉଥିବା ଶିଶୁଙ୍କୁ ଆବଶ୍ୟକ ସୁବିଧାସୁଯୋଗ ଓ ସହାୟତା ସମ୍ପର୍କରେ ଉପଯୁକ୍ତ ସୂଚନା ପ୍ରଦାନର ଆବଶ୍ୟକତା ରହିଛି। ତେଣୁ ମହାମାରୀ କାଳରେ ଶିଶୁଙ୍କୁ ଉପଯୁକ୍ତ ମାନସିକ ପରାମର୍ଶ ଦେବା ପାଇଁ ସେବା ପ୍ରଦାନକାରୀଙ୍କୁ ତାଲିମ ଦିଆଯାଇଛି। ଏକ୍ଷେତ୍ରରେ ଉକ୍ତ ପୁସ୍ତିକା ବି ବିଶେଷ ସହାୟକ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଏହି ହେଲ୍ପଡେସ୍କ ସକାଳ ୮ଟାରୁ ରାତି ୧୦ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବ। ଶିଶୁଙ୍କ ସମସ୍ୟାର ସମାଧାନ ନିମନ୍ତେ ଜଣେ କାଉନ୍‌ସିଲର ଓ ଜଣେ ପ୍ରକଳ୍ପ ଅଧିକାରୀ ନିୟୋଜିତ ହେବେ। ଏଥିପାଇଁ ହେଲ୍ପଡେସ୍କର ଟୋଲ୍ ଫ୍ରି ନଂ.୧୮୦୦୪୧୯୧୮୧୩ ଜାରି ହୋଇଛି।

ବିଭାଗୀୟ ଶାସନ ସଚିବ ଡ. ପ୍ରମୋଦ କୁମାର ମେହେର୍ଦ୍ଦା କହିଲେ, ପୂର୍ବରୁ ଶିଶୁଙ୍କ ପାଇଁ ହେଲ୍ପଲାଇନ୍ ନଂ.୧୦୯୮ (ଚାଇଲ୍ଡଲାଇନ୍) ଓ ନଂ.୧୦୪ (ରାଜ୍ୟ କୋଭିଡ୍ ହେଲ୍ପଲାଇନ୍) କାର୍ଯ୍ୟ କରୁଛି। ଏବେ ଶିଶୁଙ୍କ ପାଇଁ ବୈଷୟିକ ଜ୍ଞାନ ପ୍ରୟୋଗ କରି ଏହି ଉତ୍ସର୍ଗୀକୃତ ହେଲ୍ପଡେକ୍ସ 'ସମ୍ପର୍କ'କୁ ବ୍ୟାପକ ଓ କ୍ରିୟାଶୀଳ କରାଯିବ। ଏହାଦ୍ୱାରା ରାଜ୍ୟର ପ୍ରତି କୋଣଅନୁକୋଣରୁ ଶିଶୁମାନେ ଉପକୃତ ହୋଇପାରିବେ। ୟୁନିସେଫ୍ ଓଡ଼ିଶାର ମୁଖ୍ୟ କ୍ଷେତ୍ର ଅଧିକାରୀ ଡ. ମୋନିକା ନିଲେସନ୍ ଯୋଗଦେଇ, କୋଭିଡ୍ ସମୟରେ ଶିଶୁଙ୍କ ଶାରୀରିକ, ମାନସିକ ଓ ସାମାଜିକ ବିକାଶ ପାଇଁ ଓଡ଼ିଶା ସରକାରଙ୍କ ବହୁବିଧ କାର୍ଯ୍ୟକ୍ରମରେ ୟୁନିସେଫ୍‌ର ସହଯୋଗ ଜାରି ରହିବ ବୋଲି କହିଥିଲେ। ସମନ୍ୱିତ ଶିଶୁ ବିକାଶ ଏବଂ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ନିର୍ଦ୍ଦେଶକ ଡ. ଅରବିନ୍ଦ ଅଗ୍ରୱାଲ ହେଲ୍ପଡେସ୍କର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ, ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଅଧ୍ୟକ୍ଷା, ଡିସିପିଓ, ଶିଶୁ କଲ୍ୟାଣ କମିଟି, ଜିଲା ଶିଶୁ ସୁରକ୍ଷା ସମିତି, ଜିଲା ସମାଜ ମଙ୍ଗଳ ଅଧିକାରୀ ଓ କ୍ଷେତ୍ର କର୍ମଚାରୀମାନେ ଉପସ୍ଥିତ ଥିଲେ।

> ଯଦି ଜୀବନ ଥାନ୍ତା– ମୃତ୍ୟୁ ନ ଥାନ୍ତା –ତେବେ ଅମରତ୍ୱ ମଧ୍ୟ ନ ଥାନ୍ତା। ଯଦି ପ୍ରେମ ଥାନ୍ତା– ହିଂସ୍ରତା ନ ଥାନ୍ତା ତେବେ ଆନନ୍ଦ ହୋଇଥାନ୍ତା କ୍ଷଣିକ ! ଯଦି ସୁଯୁକ୍ତି ଥାନ୍ତା– ଅଜ୍ଞାନ ନ ଥାନ୍ତା– ତେବେ ଆମର ଚରମ ସିଦ୍ଧି ଏକ ସୀମାବଦ୍ଧ ଯୌକ୍ତିକତା ଓ ବ୍ୟାବହାରିକ ବିଜ୍ଞତା ଛାଡି ଆଗକୁ ଯାଇ ପାରନ୍ତା ନାହିଁ। –ଶ୍ରୀଅରବିନ୍ଦ

# ମଧ୍ୟପ୍ରାଚ୍ୟରେ ଶାନ୍ତି ଫେରିବ କି



ଫାୱାଜ ଏ.ଜର୍ଜେସ୍

ମଧ୍ୟପ୍ରାଚ୍ୟରେ ସମ୍ପର୍କ ଓ ମେଣ୍ଟରେ ପରିବର୍ତ୍ତନ ହେବାରେ ଲାଗିଛି। ସେଠାରେ ତୀବ୍ର ଶତ୍ରୁତା ମଧ୍ୟରେ କୂଟନୀତି ବେଶ୍ ଗତିଶୀଳ ହୋଇଛି। ସୌଦି ଆରବ, ଇରାନ, ତୁର୍କି ଏବଂ ଇଜିପ୍ଟ ସେମାନଙ୍କ ବୈଦେଶିକ ନୀତିର ପୁନଃସମୀକ୍ଷା କରି ଦୂରେଇ ଦେଇଥିବା ପଡ଼ୋଶୀଙ୍କ ସହ ସମ୍ପର୍କ ସ୍ଥାପନ କରୁଛନ୍ତି। ଆମେରିକା ଏବଂ ରୁଷିଆ ସେମାନଙ୍କ ଆଞ୍ଚଳିକ ପ୍ରତିଦ୍ୱନ୍ଦ୍ୱିତାକୁ ନବୀକରଣ କରିଛନ୍ତି। ଚାଇନା ମଧ୍ୟ ମଧ୍ୟପ୍ରାଚ୍ୟରେ ନୂଆ ପ୍ରତିଯୋଗୀ ଭାବେ ପ୍ରବେଶ କରିଛି। ମଧ୍ୟପ୍ରାଚ୍ୟ ରାଜନୀତିରେ ପରିବର୍ତ୍ତନ ଯୋଗୁ ସେଠାରେ ଏକ ତୀବ୍ର ଓ ବାସ୍ତବ ବୈଶ୍ୱିକ ପ୍ରତିଯୋଗିତା ଦେଖିବାକୁ ମିଳିବ। ଏହା ଯୋଗୁ ପରସ୍ପର ପ୍ରତି ବିମୁଖ ହୋଇ ରହିଥିବା ଦେଶଗୁଡ଼ିକୁ ଏକାଠି କରି ସେମାନେ ଆଞ୍ଚଳିକ ଝଗଡ଼ାକୁ ଶାନ୍ତ କରିପାରିବେ। ତେବେ ଆମେରିକାର ଆଞ୍ଚଳିକ ବ୍ୟୟ ହ୍ରାସ, ଚାଇନାର ଉତ୍ଥାନ ଏବଂ କୋଭିଡ୍-୧୯ ମହାମାରୀର ପ୍ରତିକୂଳ ପ୍ରଭାବରେ ଦୁର୍ବଳ ହୋଇପଡ଼ିଥିବା ଅର୍ଥ ବ୍ୟବସ୍ଥାଗୁଡ଼ିକର ପରିବର୍ତ୍ତିତ ପରିସ୍ଥିତି ଉପରେ ବହୁତ କିଛି ନିର୍ଭର କରିବ।

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ସ୍ପଷ୍ଟ କରିଛନ୍ତି ଯେ, ତାଙ୍କ ପ୍ରଶାସନରେ ମଧ୍ୟପ୍ରାଚ୍ୟକୁ ବୈଦେଶିକ ନୀତିରେ ପ୍ରାଥମିକତା ଦିଆଯାଇନାହିଁ। ଅନ୍ୟପକ୍ଷରେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୌଦି ଆରବ ଓ ଇସ୍ରାଏଲକୁ ନେଇ ଇରାନ ବିରୋଧରେ ଏକ ମେଣ୍ଟ ଗଢ଼ିଥିଲେ ବି ମୁଖ୍ୟତଃ ୟେମେନରେ ଚାଲିଥିବା ଯୁଦ୍ଧରେ ଆମେରିକା ସହଯୋଗରେ ପୂର୍ଣ୍ଣଚ୍ଛେଦ ପକାଇ ବାଇଡେନ୍ ସୌଦି ଆରବଠାରୁ ନିଜକୁ ଦୂରେଇ ରଖିବାକୁ ଚାହିଁଛନ୍ତି। ତାଙ୍କ ପ୍ରଶାସନ ୨୦୧୫ ଇରାନ ଆଣବିକ ଚୁକ୍ତିକୁ ପୁଣି ଫେରାଇ ଆଣିବାକୁ କୂଟନୀତି କାର୍ଯ୍ୟକଳାପ ଆରମ୍ଭ କରିଦେଇଛି। ୨୦୧୮ରେ ଟ୍ରମ୍ପ ଆମେରିକାକୁ ଏହି ଚୁକ୍ତିରୁ ଓହରାଇ ଆଣିଥିଲେ। କେବଳ ଏତିକି ନୁହେଁ, ଟ୍ରମ୍ପଙ୍କ ପ୍ରିୟ ଦେଶ ତୁର୍କି ଏବଂ ଇଜିପ୍ଟଠାରୁ ଦୂରତା ରକ୍ଷା କରିଛନ୍ତି ବାଇଡେନ୍। ଚଳିତ ମାସରେ ଆଫଗାନିସ୍ତାନରୁ ଆମେରିକା ସମ୍ପୂର୍ଣ୍ଣ ଓହରି ଆସିବାକୁ ନେଇ ବାଇଡେନ୍ ସ୍ପଷ୍ଟ କରିଛନ୍ତି ଯେ, ଆମେରିକା ନିଜକୁ ଆଞ୍ଚଳିକ ଶୀତଳ ଯୁଦ୍ଧରୁ ଦୂରେଇ ରଖିବାକୁ ଚାହେଁ। ଏ ସବୁକୁ ଲକ୍ଷ୍ୟ କରି ସାରା ମଧ୍ୟପ୍ରାଚ୍ୟରେ ବିଶ୍ୱାସ ସୃଷ୍ଟି ହୋଇଛି ଯେ, ଆମେରିକା ଆଉ ପ୍ରକୃତ ଅଂଶୀଦାର ଭାବେ ବେଶି ଦିନ ରହିବ ନାହିଁ।

ଆମେରିକା ଓହରି ଆସୁଥିବାବେଳେ ଚାଇନା ମଧ୍ୟପ୍ରାଚ୍ୟରେ ତା' ଉପସ୍ଥିତି ଜାହିର କରିବା ସହ ପ୍ରଭାବ ବଢ଼ାଉଥିବା ଜଣାପଡ଼ିଛି। ମାର୍ଚ୍ଚରେ ଏହା ଇରାନ ସହ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସମ୍ପାଦନ କରିଥିଲା। ଆସନ୍ତା ୨୫ ବର୍ଷ ମଧ୍ୟରେ ଏହା ୪୦୦ ବିଲିୟନ ଡଲାର ନିବେଶ କରିବାକୁ କଥାଦେଇଛି। ଏହା ବଦଳରେ ଇରାନ ନିୟମିତ ତୈଳ ଏବଂ ଗ୍ୟାସ୍ ଯୋଗାଇବାର ଚୁକ୍ତି କରାଯାଇଛି। ମାର୍ଚ୍ଚରେ ମଧ୍ୟ ଚାଇନାର ବୈଦେଶିକ ମନ୍ତ୍ରୀ ୱାଙ୍ଗ୍ ୟି ସୌଦି ଆରବ, ତୁର୍କି, ଇରାନ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ), ବାହାରିନ ଓ ଓମାନ୍ ଗସ୍ତରେ ଯାଇ ଆଞ୍ଚଳିକ ସୁରକ୍ଷା ଏବଂ ସ୍ଥିରତା ଉପରେ ତାଙ୍କ ଦେଶର ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ଆମେରିକାକୁ ଲକ୍ଷ୍ୟ କରି ସେ କହିଥିଲେ ଯେ, ଚାଇନା ସେଠାରେ ବୈଦେଶିକ ହସ୍ତକ୍ଷେପକୁ ବିରୋଧ କରିବ ଏବଂ ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଦୀର୍ଘ ସଂଘର୍ଷର ସମାଧାନ କରିବାକୁ ଏକ ସଚ୍ଚୋଟ ମଧ୍ୟସ୍ଥି ଭାବେ କାର୍ଯ୍ୟ କରିବ। ୱାଙ୍ଗ୍ ମଧ୍ୟ ଚାଇନାର ମୁକ୍ତ ବାଣିଜ୍ୟ ଚୁକ୍ତିର ଭବିଷ୍ୟତ ସମ୍ପର୍କରେ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକୁ ଅବଗତ କରିବା ସହ ଲୋଭନୀୟ ପ୍ରସ୍ତାବ ରଖିଛନ୍ତି। ଉକ୍ତ ବାଣିଜ୍ୟିକ ଚୁକ୍ତିରେ ଶହ ଶହ ବିଲିୟନ ଡଲାର ନିବେଶ ସୁଯୋଗ ସୃଷ୍ଟି କରାଯାଇପାରିବ ବୋଲି ସେମାନଙ୍କୁ ବୁଝାଇଛନ୍ତି। ଏହି ପ୍ରକାର ଆର୍ଥିକ ପ୍ରଲୋଭନକୁ ନେଇ ମଧ୍ୟପ୍ରାଚ୍ୟରେ ବ୍ୟାପକ ଆଲୋଚନା ହେଉଛି। ଏଠାରେ କୋଭିଡ୍-୧୯ ମହାମାରୀ ପୂର୍ବରୁ ଯୁବ ବେରୋଜଗାରୀ ହାର, ଦାରିଦ୍ର୍ୟ ସ୍ତର ଏବଂ ଅନ୍ୟ ଆର୍ଥିକ ସୂଚକାଙ୍କ ଅତ୍ୟନ୍ତ ନିରାଶାଜନକ ରହିଥିଲା। ପରେ ମହାମାରୀ ଯୋଗୁ ଅନେକ ଦେଶରେ ସାମାଜିକ ସଙ୍କଟ ଆହୁରି ଜଟିଳ ରୂପ ଧାରଣ କରିଛି। ଏହିସବୁ ପରିସ୍ଥିତିରେ ମଧ୍ୟପ୍ରାଚ୍ୟରେ ଆଞ୍ଚଳିକ ସ୍ତରୀୟ ଆଲୋଚନା ଏବଂ କୂଟନୀତି କାର୍ଯ୍ୟକଳାପ ଫେରିବା କଥା ଭାବିଲେ କିଛିଟା ଆଶ୍ଚର୍ଯ୍ୟ ଲାଗେ। ସନ୍ତ୍ରାସବାଦୀ ଦୃଷ୍ଟିଭଙ୍ଗୀ ଏବଂ ଅନ୍ୟକୁ ଘୃଣା କରିବା ବଦଳରେ ଲୋକମାନଙ୍କ ଆବଶ୍ୟକତା ପୂରଣ କରିବା ଉପରେ ଶାସକୀୟ ସୁରକ୍ଷା ନିର୍ଭର କରେ ବୋଲି ମଧ୍ୟପ୍ରାଚ୍ୟର ଅଧିକାଂଶ ଦେଶ ବୁଝିଲେଣି। ଏଣୁ କିଭଳି ୟେମେନ୍‌ରେ ସଂଘର୍ଷ ଶେଷ କରାଯିବ, ସେ ସମ୍ପର୍କରେ ଗତ ଏପ୍ରିଲରେ ସୌଦି ଆରବ ଏବଂ ଇରାନ ଗୁପ୍ତରେ ଆଲୋଚନା କରିଛନ୍ତି। ଉଲ୍ଲେଖଯୋଗ୍ୟ, ମାର୍ଚ୍ଚ ୨୦୧୫ରୁ ୟେମେନ୍‌ରେ ସୌଦି ନେତୃତ୍ୱାଧୀନ ମେଣ୍ଟ ଇରାନ ପ୍ରୋତ୍ସାହିତ ହୌଥି ବିଦ୍ରୋହୀଙ୍କ ବିରୋଧରେ ଯୁଦ୍ଧ ଲଢୁଛି।

ଜୁନ୍ ୨୦୧୭ରେ ସୌଦି ଆରବ ତା'ପଡ଼ୋଶୀ କାତାର ସହ ସବୁ ସମ୍ପର୍କ ଛିନ୍ନ କରିବା ପରେ ମଧ୍ୟ ପୁଣି ବନ୍ଧୁତ୍ୱ ସୃଷ୍ଟି କରିବାକୁ ଚାହିଁଛି। ସୂଚନାଯୋଗ୍ୟ ଯେ, ଇରାନ ସହ କାତାରର ଭଲ ସମ୍ପର୍କ ରହିଛି। ଗତ ଏପ୍ରିଲ୍‌ରେ ବନ୍ଧୁତ୍ୱର ଏକ ମଜଭୁତ ସଙ୍କେତ ଦେବାକୁ ଯାଇ ସୌଦି ଆରବ ରାଜା ସଲ୍‌ମାନ ଔପଚାରିକ ଭାବେ କାତାର ରାଜକୁମାର ଶେଖ ଟାମିନ ବିନ୍ ହମାଦ ଅଲ୍-ଥାନିଙ୍କୁ ସୌଦି ପରିଦର୍ଶନରେ ଆସିବାକୁ ଆମନ୍ତ୍ରଣ କରିଥିଲେ। ପୁନଶ୍ଚ ରାଜନୈତିକ କ୍ଷେତ୍ରରେ ବ୍ୟାପକ ଅଦଳବଦଳ କରିବାର ସୂଚନା ଦେବାକୁ ଯାଇ ସୌଦି ମଧ୍ୟ ଇରାକ ସହ ସମ୍ପର୍କକୁ ସୁଧାରିବାକୁ ଚେଷ୍ଟା କରୁଛି। ପ୍ରକାଶ ଯୋଗ୍ୟ ଯେ, ଇରାକ ମଧ୍ୟ ଇରାନର ସହଯୋଗୀ। ଏହିପରି ୩ ଦଶନ୍ଧି ଧରି ଲାଗି ରହିଥିବା ମନୋମାଳିନ୍ୟ ଏବଂ ଶତ୍ରୁତାକୁ ଶେଷ କରି ସୌଦି ଏଭଳି ପଦକ୍ଷେପ ନେଇଛି। ସିରିଆ(ଏହା ମଧ୍ୟ ଇରାନର ସହଯୋଗୀ)ର ରାଷ୍ଟ୍ରପତି ବସର ଅଲ୍-ଅସାଦଙ୍କ ସହ ଲାଗିରହିଥିବା ବହୁ ବର୍ଷର ମନୋମାଳିନ୍ୟ ପରେ ବି ସୌଦି ଅଧିକାରୀମାନେ ସେମାନଙ୍କ ସିରିଆ ପ୍ରତିପକ୍ଷଙ୍କ ସହ ଡାମାସକସ୍‌ରେ ଗୁପ୍ତରେ ଆଲୋଚନା କରିଛନ୍ତି। ଆଗକୁ କୂଟନୈତିକ ତଥା ରାଜନୈତିକ ସ୍ତରରେ ସାଧାରଣ ସ୍ଥିତି ଫେରାଇ ଆଣିବାକୁ ଏମାନେ ଏକ ବୁଝାମଣା କରିବାକୁ ଯାଉଛନ୍ତି ବୋଲି ଏଥିରୁ ଜଣାପଡୁଛି। ଇରାନ ମଧ୍ୟ ତା'ପଡ଼ୋଶୀ ବିଶେଷକରି ୟୁଏଇ ସହ ସମ୍ପର୍କ ବୃଦ୍ଧି କରିବା ରାସ୍ତାରେ ଅଗ୍ରସର ହେଉଛି। ଇରାନର ବୈଦେଶିକମନ୍ତ୍ରୀ ମହମ୍ମଦ ଜାଭେଦ ଜାରିଫ୍ ଏପ୍ରିଲରେ କାତାର, ଇରାକ, କୁଏତ ଏବଂ ଓମାନ୍‌କୁ ରାଜନୈତିକ ଗସ୍ତରେ ଯାଇ ଫେରିବା ପରେ ଏବେ ଖୁବ୍ ଶୀଘ୍ର ୟୁଏଇ ଗସ୍ତରେ ଯିବା ଲାଗି ଯୋଜନା କରିଥିବା ଜଣାପଡ଼ିଛି। ଇରାନ ଓ ସୌଦି ବନ୍ଧୁତ୍ୱର ସମ୍ଭାବନା ଦେଖାଦେବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ସମ୍ପର୍କର ପୁନଃସ୍ଥାପନ ଯୋଗୁ ବିଶ୍ୱର ସବୁଠୁ ବଡ ମାନବୀୟ ସଙ୍କଟ ପ୍ରକାଶ ପାଇଥିବା ସିରିଆ ଓ ୟେମେନରେ ନାଗରିକ ସଂଘର୍ଷ ଏବଂ ଛାୟାଯୁଦ୍ଧ ହ୍ରାସ ପାଇବ। ଏଭଳି ବନ୍ଧୁତ୍ୱ ରାଜନୈତିକ ଓ ସାମ୍ପ୍ରଦାୟିକ କ୍ଷେତ୍ରରେ ବିଭାଜିତ ଇରାକ ଓ ଲେବାନନ୍‌ରେ ମଧ୍ୟ ସ୍ଥିରତା ଆଣିବ। କହିବାକୁ ଗଲେ ପୂରା ମଧ୍ୟପ୍ରାଚ୍ୟରେ ଏକତା, ସମନ୍ୱୟ ଓ ଶାନ୍ତିର ସୂର୍ଯ୍ୟୋଦୟ ଘଟିବ ବୋଲି ଆଶା କରାଯାଉଛି।

ଶେଷରେ ସୌଦି ଆରବ ଓ ଇରାନ ଭଳି ତୁର୍କିର ରାଷ୍ଟ୍ରପତି ରିସେପ ଟୟିପ ଏର୍ଡୋଗାନ ମଧ୍ୟପ୍ରାଚ୍ୟରେ ବିଶେଷକରି ଇଜିପ୍ଟ ଓ ସୌଦି ଆରବ ସହ ଥିବା ତାଙ୍କର ଉତ୍ତେଜନାପୂର୍ଣ୍ଣ ସମ୍ପର୍କକୁ ଠିକ୍ କରିବା ଲାଗି ରାଜନୈତିକ ପଦକ୍ଷେପ ନେଇଛନ୍ତି। ତୁର୍କି ଏବେ ଇଜିପ୍ଟ ଏବଂ ମଧ୍ୟପ୍ରାଚ୍ୟର ଅନ୍ୟ ଦେଶଗୁଡ଼ିକ ସମେତ ବିଶ୍ୱର ଶକ୍ତିଶାଳୀ ଦେଶଗୁଡ଼ିକ ସହ ରାଜନୈତିକ ସମ୍ପର୍କ ବୃଦ୍ଧି କରିବାକୁ ଚାହୁଁଛି। ଆଞ୍ଚଳିକ କ୍ଷେତ୍ରରେ ପୁନଃସଂଗଠିତ ହେବା ଓ ସମ୍ପର୍କ ପୁନଃସ୍ଥାପନ କରିବାକୁ ସେମାନେ ସାମୂହିକ ଭାବେ ଆଗ୍ରହ ପ୍ରକାଶ କରିଛନ୍ତି। ଆମେରିକାର ଆର୍ଥିକ କାର୍ଯ୍ୟକଳାପ ହ୍ରାସ କରିବା ଦ୍ୱାରା ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକୁ ସେମାନଙ୍କ ନିଜସ୍ୱ ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ବାଧ୍ୟ କରିଛି। ଟ୍ରମ୍ପଙ୍କ ଭଳି ନିଆଁରେ ଘିଅ ଢାଳିବା କାର୍ଯ୍ୟରେ କିଛି ଲାଭ ମିଳିବ ନାହିଁ ବୋଲି ସେଠାକାର ନେତାମାନେ ଭଲ ଭାବେ ବୁଝିଗଲେଣି। ଆମେରିକା, ଚାଇନା, ୟୁରୋପ, ରୁଷିଆ ଏବଂ ଜାପାନ ନେତୃତ୍ୱରେ ଆଗେଇ ଚାଲିଥିବା ଅନ୍ତର୍ଜାତୀୟ କୂଟନୀତି ମାଧ୍ୟମରେ ମଧ୍ୟପ୍ରାଚ୍ୟ ଏବେ ଯୁଦ୍ଧର ତୀବ୍ରତା ହ୍ରାସ କରିବା ପଥରେ ଆଗକୁ ବଢ଼ିପାରିବ। ତେବେ ନୂଆ ସମ୍ମିଳିତ ସୁରକ୍ଷା ଓ ଶାନ୍ତି ପ୍ରତିଷ୍ଠା କରିବା ସହ ଆଣବିକ ଅସ୍ତ୍ରମୁକ୍ତ ମଧ୍ୟପ୍ରାଚ୍ୟ ପାଇଁ ଏକ ବୁଝାମଣା କରିବାରେ ଅନ୍ତର୍ଜାତୀୟ ସମୁଦାୟ ମଧ୍ୟସ୍ଥତା କରିପାରିବେ ତ! ଅତି କମ୍‌ରେ ଆଞ୍ଚଳିକ ଆଲୋଚନା ଓ ସେଠାରେ ସଂଘର୍ଷ କମ୍ କରିବାର ପଦକ୍ଷେପକୁ ସମର୍ଥନ ଓ ଉତ୍ସାହିତ କରିବେ କି। ଏଭଳି ଭାବିବା କେବେ ବି ବୁଦ୍ଧିମାନ୍‌ର ବିଚାର ହେବ ନାହିଁ। ସୀମାହୀନ ସଂଘର୍ଷ ହୁଏତ ମଧ୍ୟପ୍ରାଚ୍ୟର ଅତୀତର ପରିଚୟ ହୋଇପାରେ, କିନ୍ତୁ ଏହା ସେହି ଅଞ୍ଚଳର ନିର୍ଦ୍ଧାରିତ ଭାଗ୍ୟ ନୁହେଁ।

**ପ୍ରଫେସର, ଇଣ୍ଟରନ୍ୟାଶନାଲ ରିଲେଶନ୍ସ ଆଣ୍ଡ ମିଡିଲ୍ ଇଷ୍ଟର୍ନ ପଲିଟିକ୍ସ, ଲଣ୍ଡନ ସ୍କୁଲ୍ ଅଫ୍ ଇକୋନୋମିକ୍ସ**

# ଓଁର ବିଜ୍ଞାନ ତଥ୍ୟ



ଡ. ନରେନ୍ଦ୍ର ସେଠୀ

ସନାତନ ହିନ୍ଦୁ ଧର୍ମରେ କୌଣସି ମନ୍ତ୍ର ପୂର୍ବରୁ ଓଁ ଉଚ୍ଚାରଣ କରାଯାଇଥାଏ। ବୌଦ୍ଧ, ଜୈନ, ଶିଖ୍ ଇତ୍ୟାଦି ଧର୍ମରେ ମଧ୍ୟ ଓଁ ଶବ୍ଦକୁ ଧାର୍ମିକ ମହତ୍ତ୍ୱ ଦିଆଯାଇଛି। ଓଁର ଆକ୍ଷରିକ ଅର୍ଥ ହେଲା 'ସବୁକିଛି ଓ ସମସ୍ତେ'। ଅର୍ଥାତ୍ ଓଁ ମାନେ ସମଗ୍ର ବ୍ରହ୍ମାଣ୍ଡକୁ ସୂଚାଇ ଥାଏ। ହଜାର ହଜାର ବର୍ଷ ତଳେ ହିନ୍ଦୁ ଧର୍ମର ମୁନି ଋଷିମାନେ ଏହି ପ୍ରାଚୀନତମ ମନ୍ତ୍ରକୁ ମାନବ ସମାଜର କଲ୍ୟାଣ ପାଇଁ ଦେଇ ଯାଇଛନ୍ତି। ଏହାର ମର୍ମ ଜାଣିବା ପାଇଁ ବୈଜ୍ଞାନିକମାନେ ପରିମାଣ ଭୌତିକ ବିଜ୍ଞାନ ବା କ୍ୱାଣ୍ଟମ ଫିଜିକ୍ସ ସାହାଯ୍ୟରେ ଚେଷ୍ଟା କରିଛନ୍ତି। ଏହି ବୈଜ୍ଞାନିକ ତଥ୍ୟ ଅନୁଯାୟୀ ବିଶ୍ୱର ସବୁ ଚିଜ ନିଜ ପଦାର୍ଥ ସୂକ୍ଷ୍ମ ସ୍ତରରେ ଭାଓଲିନର ଛୋଟ କମ୍ପନ ତାର ତରଙ୍ଗ ସଦୃଶ ଗଠିତ। ସେହି ଛୋଟ ତରଙ୍ଗ ତାରଗୁଡ଼ିକ ବିଭିନ୍ନ ପ୍ରକାର କମ୍ପନ କରି ଭିନ୍ନ ଭିନ୍ନ ପଦାର୍ଥର ଓଜନ ଓ ଆକାର ଦେଇ ସୂକ୍ଷ୍ମ କଣିକାକୁ ଆକାର ଦିଅନ୍ତି; ଯାହାକୁ ଅଣୁ ପରମାଣୁ କୁହାଯାଏ। ସେହି ସମାନ ତରଙ୍ଗ ଥିବା ସୂକ୍ଷ୍ମ କଣିକାଗୁଡ଼ିକ ମିଶି ପଦାର୍ଥକୁ ତିଆରି କରନ୍ତି। ସୂକ୍ଷ୍ମରୁ ସ୍ଥୂଳ ଦୁନିଆରେ ଆସିଲେ ସେହି ତରଙ୍ଗ ବା କମ୍ପନ ସାରା ବିଶ୍ୱରେ ଗୁଞ୍ଜରିତ ହେଉଥାଏ। ତେଣୁ ଆଧୁନିକ ବିଜ୍ଞାନରେ ଷ୍ଟ୍ରିଙ୍ଗ ଥିଓରିକୁ ସର୍ବୋଚ୍ଚ ମାନ୍ୟତା ଦିଆଯାଇଛି; ଯାହାକୁ ନେଇ ସାରା ବିଶ୍ୱ ପରସ୍ପର ସହ ଏକ ସନ୍ତୁଳନ ରକ୍ଷା କରି ରହିଛି। ଓଁ ଶବ୍ଦର ତରଙ୍ଗକୁ ପରୀକ୍ଷା କରି ଦେଖାଗଲା ଯେ ଏହି ଶବ୍ଦର ତରଙ୍ଗ ପ୍ରତ୍ୟେକ ପଦାର୍ଥର ଅଣୁ ପରମାଣୁରେ ଅଛି। ଓଁର କମ୍ପନ ତରଙ୍ଗ ବ୍ରହ୍ମାଣ୍ଡୀୟ ତରଙ୍ଗ ସହ ମେଳ ଖାଇ ସାରା ବିଶ୍ୱ ସହ ଆମକୁ ଆମ ଅଜାଣତରେ ସମ୍ପର୍କରେ ରଖେ ; ଯୋଉଥିପାଇଁ ହିନ୍ଦୁ ଧର୍ମରେ ଓଁକୁ ଶବ୍ଦ ବ୍ରହ୍ମର ଆଖ୍ୟା ଦିଆଯାଇଛି। ଓଁ ଶବ୍ଦର ଆଉ ଏକ ବୈଜ୍ଞାନିକ ବ୍ୟାଖ୍ୟାନ ହେଲା ଏହାର ଧ୍ୱନି। ବର୍ଣ୍ଣମାଳାର ଭିନ୍ନ ଭିନ୍ନ ଅକ୍ଷର ଉଚ୍ଚାରଣ କଲେ ଭିନ୍ନ ଭିନ୍ନ ଶବ୍ଦ ତରଙ୍ଗ ବାହାରେ ଏହା ଶରୀରର ଏକ ବିଶିଷ୍ଟ ଅଙ୍ଗ ସହ ସନ୍ତୁଳନ କରି କମ୍ପନ କରିଥାଏ। ସେହିପରି ଓଁ ଉଚ୍ଚାରଣରେ ଏକ ଅଲଗା ଶବ୍ଦ ତରଙ୍ଗ ବାହାରି ଥାଏ, ଯାହାର ଶବ୍ଦ ଆବୃତ୍ତି 432 Hz ; ଯାହା ମନୁଷ୍ୟର ଶୁଣିବା ସୀମା 20Hz ରୁ 20000 Hz ଭିତରେ ଓ ଖୁବ୍ ନିମ୍ନ ସ୍ତରରେ। ଏହାର ଅର୍ଥ ହେଲା ଓଁ ଶବ୍ଦର ଧ୍ୱନି ତରଙ୍ଗ ବହୁତ ଲମ୍ବା ଓ ଏହା ଶୁଣା ନ ଗଲେ ମଧ୍ୟ ବ୍ୟାପକ ପରିସୀମା ପର୍ଯ୍ୟନ୍ତ ପ୍ରଭାବ ପକାଇ ଥାଏ। ତେଣୁ ଓଁ ର ଠିକ୍ ଉଚ୍ଚାରଣ କରି ଶରୀରକୁ ଅଦୃଶ୍ୟ ଭାବରେ ସମଗ୍ର ବିଶ୍ୱ ସହିତ ଯୋଡ଼ି ଦିଏ। ଏଠାରେ କହି ରଖିବା ଉଚିତ ହେବ ଯେ ଓଁ ଶବ୍ଦର ତରଙ୍ଗ ଆବୃତ୍ତି ପୃଥିବୀ ନିଜ ଅକ୍ଷ ଚାରିପଟେ ବୁଲୁଥିବା ବେଳର ତରଙ୍ଗ ଆବୃତ୍ତି ସହ ସମାନ। ଅନ୍ୟ ଅର୍ଥରେ ପୃଥିବୀ ମଧ୍ୟ ସର୍ବଦା ଓଁ ଉଚ୍ଚାରଣ କରୁଛି ବୋଲି କହିଲେ ଭୁଲ୍ ହେବନି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭେଷଜ ଶାସ୍ତ୍ରରେ ଶବ୍ଦ ଓ ଶବ୍ଦ ତରଙ୍ଗ ବ୍ୟବହାର କରି ଉପଚାର କରିବାର ଉଦାହରଣ ରହିଛି। ସେହିପରି ଓଁ ଶବ୍ଦ ଉଚ୍ଚାରଣ ଦ୍ୱାରା ଶରୀର ଭିତରେ ଆଶ୍ଚର୍ଯ୍ୟଜନକ ପ୍ରଭାବ ପଡ଼ିଥିବାର ପ୍ରାମାଣିକ ତଥ୍ୟ ରହିଛି। ଆଧୁନିକ ବିଜ୍ଞାନ ସାହାଯ୍ୟରେ ଶବ୍ଦ ତରଙ୍ଗର ତର୍ଜମା ଏବଂ ଓଁ ଜପ ବେଳେ ମସ୍ତିଷ୍କର ଚୁମ୍ବକୀୟ ଚିତ୍ର ଅଧ୍ୟୟନ କରି ଅନେକ ତଥ୍ୟ ଜଣାପଡ଼ିଛି। ଏହା ମଧ୍ୟରେ ମନ ଶାନ୍ତ ହେବା, ହୃତ୍‌ପିଣ୍ଡର ବେଗ ସନ୍ତୁଳିତ ହେବା ଓ ସର୍ବୋପରି ମସ୍ତିଷ୍କକୁ ଶାନ୍ତି ଓ ଶୀତଳତା ପ୍ରଦାନ କଲା ଭଳି ପ୍ରଭାବ ପଡ଼ିଥାଏ। ଓଁ ଶବ୍ଦର ସମୟ ତରଙ୍ଗ ଗବେଷଣା କରି ଦୁଇଜଣ ବୈଜ୍ଞାନିକ ଏକ ଖ୍ୟାତିସମ୍ପନ୍ନ ବିଜ୍ଞାନ ପତ୍ରିକାରେ କିଛି ବର୍ଷ ତଳେ ତାଙ୍କର ଗଣେଷଣା ପ୍ରକାଶ କରିଥିଲେ। ଗାଣିତିକ ମଡେଲ ସାହାଯ୍ୟରେ ସେମାନେ ଓଁ ଜପ କରୁଥିବା ଲୋକ ମାନଙ୍କ ଭିତରେ ଗବେଷଣା କରି ଅତି ରୋଚକ ତଥ୍ୟ ଉପସ୍ଥାପନ କରିଥିଲେ। ସେହି ଗବେଷଣା ଅନୁସାରେ ଓଁ ଶବ୍ଦର ଜପ ସମୟ ସୀମା ଅନୁସାରେ ମନୁଷ୍ୟର ଧୈର୍ଯ୍ୟ ଓ ଏକାଗ୍ରତା ବଢ଼ିଥାଏ। ଏହା ସହିତ ଓଁ ଉଚ୍ଚାରଣ କଲେ ମନରୁ ଅଯଥା ଶୋଚନା ଓ କ୍ଳେଶ ଦୂର ହୋଇଥାଏ ବୋଲି ପ୍ରମାଣିତ କରିଥିଲେ। ଓଁ ଶବ୍ଦର ବୈଜ୍ଞାନିକ ଅର୍ଥ ଓ ତର୍ଜମା କଲେ ଏହାକୁ କୌଣସି ଧର୍ମ ସହ ଯୋଡ଼ିବା ଭୁଲ୍ ହେବ। ବରଂ ଓଁ ଏକ ଭୌଗୋଳିକ ଶବ୍ଦ ତରଙ୍ଗ ସୃଷ୍ଟି କରୁଥିବା ଶବ୍ଦ, ଯାହା ଆମକୁ ବିଶ୍ୱ ସହ ଯୋଡ଼ିଦିଏ। ମନକୁ ଶାନ୍ତ ଓ ମସ୍ତିଷ୍କକୁ ବିଶ୍ରାମ ଦେଇ ଚରମ ଆନନ୍ଦ ପ୍ରଦାନ କରିଥାଏ। ଓଁ ପ୍ରାଚୀନ ଭାରତୀୟ ମୁନି ଋଷିମାନଙ୍କର ଅଧ୍ୟୟନ ଓ ଗବେଷଣାର ଫଳ, ଯାହା ବିଶ୍ୱକୁ ଉପହାର ସ୍ୱରୂପ ମିଳିଛି। ଓଁ ଶବ୍ଦ ଉଚ୍ଚାରଣ କଲେ କୌଣସି ବ୍ୟକ୍ତି କିମ୍ବା ଦେବତା ବିଶେଷକୁ ଦର୍ଶାଇ ନ ଥାଏ। ଗୁରୁ ଗ୍ରନ୍ଥ ସାହିବରେ ଏକ ସୁନ୍ଦର ପଙ୍କ୍ତି କହେ 'ଏକ ଓଁକାର ଶତ ନାମ, କରତା ପୁରଖ...' ଅର୍ଥାତ୍ କେବଳ ଓଁ ଭିତରେ ସବୁ କିଛି। ହଜାର ହଜାର ବର୍ଷ ତଳେ ଓଁ ପରି ଏକ ଅଦ୍ଭୁତ ଶବ୍ଦ ଭାରତର ମୁନି ଋଷିମାନେ ଉପହାର ଦେଇ ଯାଇଛନ୍ତି; ଯାହାର ଉଚ୍ଚାରଣରେ ଏକ ବୈଶ୍ୱିକ ଧ୍ୱନି ତରଙ୍ଗ ତିଆରି ହୁଏ ଓ ଆମକୁ ସାରା ବିଶ୍ୱ ସହ ଅଦୃଶ୍ୟ ସମ୍ପର୍କର ସୂତା ଖିଅରେ ଯୋଡ଼ି ଦିଏ।

**ମୋ:୭୦୦୪୦୬୮୧୧୦**

## ଏଇ ଭାରତରେ

କୋଭିଡ୍ ମହାମାରୀରେ ୧୫୦୦ ଗୃହହୀନଙ୍କୁ ଆଶ୍ରୟସ୍ଥଳୀରେ ରଖି ସେମାନଙ୍କୁ ରୋଜଗାରକ୍ଷମ କରିବାରେ ଏକ ଉଦାହରଣ ସୃଷ୍ଟି କରିଛନ୍ତି ଆଇଏଏସ୍ ଅଧିକାରୀ ଏସ୍.ଶ୍ରୀରାମ ସମ୍ବାଶିବ ରାଓ। କେରଳର କୋଝିକୋଡ ଜିଲାର ଜିଲାପାଳ ଭାବେ ଶ୍ରୀରାମ 'ଉଦ୍ୟମ ଚାରିଟେବଲ୍ ଟ୍ରଷ୍ଟ' ଗଠନ କରି ତା'ମାଧ୍ୟମରେ ୪ଟି ଆଶ୍ରୟଗୃହ ପ୍ରତିଷ୍ଠା କରିଛନ୍ତି। ଜିଲାର ୪ଟି ସ୍ଥାନରେ ପ୍ରତିଷ୍ଠା କରାଯାଇଥିବା ଏହିସବୁ ଆଶ୍ରୟଗୃହରେ ପାଖାପାଖି ୧୫୦୦ ଗୃହହୀନଙ୍କୁ ରାସ୍ତା କଡ଼ରୁ ଉଦ୍ଧାର କରି ଦେଢ଼ବର୍ଷ ହେବ ସେଠାରେ ରଖିବାର ବ୍ୟବସ୍ଥା କରିଛନ୍ତି। ସେମାନଙ୍କୁ କୌଶଳ ପ୍ରଶିକ୍ଷଣ ଦିଆଯିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଉଛି। ପରେ ଏମାନଙ୍କ ଠିକଣା ସଂଗ୍ରହ କରାଯାଇ ସେମାନଙ୍କ ପରିବାର ଲୋକଙ୍କ ପାଖକୁ ବି ପଠାଇବାର ବ୍ୟବସ୍ଥା ହୋଇଛି। ବହୁ ଲୋକ ରୋଜଗାର ପାଇବା ପରେ ଏବେ ଆଶ୍ରୟଗୃହରେ ପାଖାପାଖି ୧୦୦୦ ଲୋକ ରହିଛନ୍ତି। ଖାଦ୍ୟ ଓ ଚିକିତ୍ସା ବାବଦରେ ପ୍ରତିମାସରେ ଜଣଙ୍କ ପିଛା ଜିଲା ପ୍ରଶାସନ ପ୍ରାୟ ୪ ହଜାର ଟଙ୍କା ଖର୍ଚ୍ଚ କରୁଛି। ଦୁଇ ବର୍ଷ ପୂର୍ବେ ୨୦୧୨ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଶ୍ରୀରାମ କୋଝିକୋଡର ଜିଲାପାଳ ଭାବେ ନିଯୁକ୍ତି ପାଇବା ପରେ କୋଭିଡ୍ ମହାମାରୀ ବ୍ୟାପିବା କ୍ଷଣି ଗୃହହୀନଙ୍କ ପାଇଁ ଏହି ପଦକ୍ଷେପ ନେବା ଆରମ୍ଭ କରିଥିଲେ। ତେବେ ଗୃହହୀନ ଓ ପ୍ରବାସୀ ଶ୍ରମିକମାନଙ୍କୁ ପୁନଃ ଥଇଥାନ କରିବାରେ କେରଳର କୋଝିକୋଡ ଜିଲା ସାରା ଦେଶରେ ମଡେଲ ପାଲଟିଛି।

## ୨୫ ବର୍ଷ ତଳର ଧରିତ୍ରୀ

୬ ଅଗଷ୍ଟ ୧୯୯୬

- କାବେରୀ ଜଳ ବଣ୍ଟନ ବିବାଦର ସମାଧାନ ପାଇଁ ଉଭୟ ତାମିଲନାଡୁ ଓ କର୍ନାଟକ ଏକ ମଧ୍ୟବର୍ତ୍ତିକାଳୀନ ବ୍ୟବସ୍ଥା ଉପରେ ସହମତ ହୋଇଛନ୍ତି।
- ପାରାଦୀପ ବନ୍ଦର ଡକ୍ ମଧ୍ୟକୁ ଗୋଟିଏ ପଣ୍ୟବାହୀ ଜାହାଜ ପ୍ରବେଶ କରୁଥିବା ସମୟରେ ଆକସ୍ମିକ ଭାବେ ଜାହାଜର ତୈଳ ଟାଙ୍କିଟି ଫାଟିବା ଫଳରେ ବନ୍ଦରାଞ୍ଚଳରେ ଭୟାବହ ପରିସ୍ଥିତି ସୃଷ୍ଟି କରିଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | | 4 | | | 2 | |
| 1 | | 4 | 5 | | | | | |
| | 5 | | | | | 7 | 6 | |
| 8 | | 6 | 4 | | | | | |
| | | | | 9 | | | | |
| 2 | 4 | | | 6 | | | 1 | |
| 7 | | | | | | | 5 | |
| 5 | | | | | | | | 8 |
| | | 9 | 2 | | | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 6 | 5 | 3 | 9 | 2 | 8 | 7 |
| 3 | 2 | 5 | 7 | 1 | 8 | 4 | 6 | 9 |
| 7 | 9 | 8 | 6 | 2 | 4 | 5 | 1 | 3 |
| 1 | 4 | 9 | 2 | 8 | 6 | 7 | 3 | 5 |
| 5 | 6 | 7 | 1 | 4 | 3 | 8 | 9 | 2 |
| 2 | 8 | 3 | 9 | 7 | 5 | 1 | 4 | 6 |
| 9 | 3 | 1 | 4 | 5 | 2 | 6 | 7 | 8 |
| 6 | 5 | 4 | 8 | 9 | 7 | 3 | 2 | 1 |
| 8 | 7 | 2 | 3 | 6 | 1 | 9 | 5 | 4 |

ଗତକାଲିର ଉତ୍ତର

# ପରମାଣୁ ଯୁଦ୍ଧର ବିଭୀଷିକା

## ହିରୋଶିମା ଦିବସ ଉପଲକ୍ଷେ



ଡା. ନିତ୍ୟାନନ୍ଦ ସ୍ୱାଇଁ

୧୯୪୫ ମସିହା ଅଗଷ୍ଟ ୬ ତାରିଖ। ଏହି ଦିବସଟି ଏକ ବିଭୀଷିକାମୟ ସ୍ମରଣୀୟ ଦିନ। କାରଣ ଏହି ଦିନ ଜାପାନର ହିରୋଶିମାରେ ଆମେରିକା ପରମାଣୁ ବୋମା ନିକ୍ଷେପ କରିଥିଲା। ବୋମାଟି ନିଶ୍ଚିହ୍ନ କରି ଦେଇଥିଲା ହିରୋଶିମା ସହରଟିକୁ। ବିସ୍ଫୋରଣର ତୀବ୍ରତା ଏତେ ଥିଲା ଯେ ଅଢ଼େଇ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଥିବା ସମସ୍ତ କୋଠାବାଡ଼ି ଧୂଳିସାତ୍ ହୋଇଯାଇଥିଲା। ଏପରିକି ବିସ୍ଫୋରଣର ଧ୍ୱଂସକାରୀ ପ୍ରଭାବ ଅନୁଭୂତ ହୋଇଥିଲା ୬୦ କି.ମି.ପର୍ଯ୍ୟନ୍ତ। ୧ ଲକ୍ଷ ୨୦ ହଜାରରୁ ଅଧିକ ଲୋକ ମୃତ୍ୟୁମୁଖରେ ପଡ଼ିଥିଲେ। ପରବର୍ତ୍ତୀ ସମୟରେ ତେଜସ୍କ୍ରିୟ ବିକିରଣ ପ୍ରଭାବରେ ଆହୁରି ଅସଂଖ୍ୟ ବ୍ୟକ୍ତିଙ୍କର ପ୍ରାଣହାନି ଘଟିଥିଲା। ଜାପାନର ହିରୋଶିମା ଉପରେ ପ୍ରଥମ ପରମାଣୁ ବୋମା ବିସ୍ଫୋରଣରେ ନିହତମାନଙ୍କୁ ସ୍ମରଣ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୬ତାରିଖରେ ପାଳିତ ହୋଇଥାଏ ହିରୋଶିମା ଦିବସ। ଦିବସଟିକୁ ପାଳନ କରିବାର ପ୍ରଧାନ ଲକ୍ଷ୍ୟ ହେଉଛି ପରମାଣୁ ଅସ୍ତ୍ର ବିରୋଧରେ ଜନସଚେତନତା ଜାଗ୍ରତ କରାଇବା। ଏହିଦିନ ପରମାଣୁ ଅସ୍ତ୍ରବିରୋଧୀ ଶୋଭାଯାତ୍ରା, ଜନସମାବେଶ, ଆଲୋଚନାଚକ୍ର ଓ ପ୍ରଦର୍ଶନୀ ଇତ୍ୟାଦି ମାଧ୍ୟମରେ ପରମାଣୁ ଯୁଦ୍ଧର ବିଭୀଷିକା ଓ ପୃଥିବୀ ଉପରେ ତା'ର ଭୟଙ୍କର ପ୍ରଭାବ ବିଷୟରେ ଜନସାଧାରଣଙ୍କୁ ସତର୍କ କରାଯାଇଥାଏ।

ହିରୋଶିମାର ପରେ ଅଗଷ୍ଟ ୯ ତାରିଖରେ ଆମେରିକା ଆହୁରି ଗୋଟିଏ ଶକ୍ତିଶାଳୀ ପରମାଣୁ ବୋମା ପକେଇଲା ଜାପାନର ଅନ୍ୟ ଏକ ସହର ନାଗାସାକିରେ। ସେଠାରେ ବି ସଂଘଟିତ ହେଲା ଅନୁରୂପ ଧ୍ୱଂସଲୀଳା। ଏହା ପରେ ପରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ଅବସାନ ଘଟିଲା। ଯୁଦ୍ଧର ଇତିହାସରେ ଏହି ଦୁଇଟି ଥିଲା ପରମାଣୁ ବୋମାର ପ୍ରଥମ ଓ ଶେଷ ବ୍ୟବହାର। ଅବଶ୍ୟ ତା' ପରେ ଆହୁରି ପଞ୍ଚ ଶତାଧିକ ଥର ପରୀକ୍ଷାମୂଳକ ଭାବରେ ଏବଂ ପ୍ରଦର୍ଶନ ଉଦ୍ଦେଶ୍ୟରେ ଏହି ବୋମା ବିସ୍ଫୋରଣ କରାଯାଇଛି। ଯେଉଁସବୁ ଦେଶ ଏବେ ପରମାଣୁ ବୋମାର ଅଧିକାରୀ ହୋଇଛନ୍ତି, ସେମାନଙ୍କ ମଧ୍ୟରେ ରହିଛି ଭାରତ, ପାକିସ୍ତାନ।

ବିଶ୍ୱରେ ଏବେ ସହସ୍ରାଧିକ ପରମାଣୁ ବୋମା ମହଜୁଦ ଅଛି। ଏଗୁଡ଼ିକ ଅଳ୍ପ କେତୋଟି ମିନିଟ୍ ଭିତରେ ପ୍ରୟୋଗ କରିବା ସମ୍ଭବ। ଏଭଳି ଦୁର୍ଯୋଗ ଆସିଲେ ପୃଥିବୀ ନିମିଷକ ଭିତରେ ସମ୍ପୂର୍ଣ୍ଣ ଧ୍ୱଂସ ପାଇଯିବ। ଅବଶ୍ୟ ପରମାଣୁ ଯୁଦ୍ଧ ନ କରିବା ଉଦ୍ଦେଶ୍ୟରେ ବିଶ୍ୱର ବୃହତ୍ ଶକ୍ତିଗୁଡ଼ିକ ମଧ୍ୟରେ କେତୋଟି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ସେହିସବୁ ଚୁକ୍ତି ମଧ୍ୟରୁ ପରମାଣୁ ବିସ୍ତାରବିରୋଧୀ ଚୁକ୍ତି ବା ନ୍ୟୁକ୍ଲିୟର ନନ୍ ପ୍ରଲିଫରେସନ ଟ୍ରିଟି ହେଉଛି ଅନ୍ୟତମ। ଏହାସତ୍ତ୍ୱେ ଆମେରିକା ଓ ରୁଷିଆ ଭିତରେ ଉତ୍ତେଜନା ଅବ୍ୟାହତ ରହିଛି। ପାକିସ୍ତାନ ତ ସର୍ବଦା ପରମାଣୁ ଯୁଦ୍ଧର ଧମକ ଦେଇଚାଲିଛି ଭାରତକୁ। ହିରୋଶିମା ଓ ନାଗାସାକିରେ ନିକ୍ଷିପ୍ତ ବୋମା ଦୁଇଟି ଥିଲା ପୂରାପୂରି ପ୍ରଥମ ଜେନେରେସନର। ଏହା ଭିତରେ ଅନ୍ୟାନ୍ୟ ଯୁଦ୍ଧାସ୍ତ୍ରଗୁଡ଼ିକ ସହ ପରମାଣୁ ବୋମାରେ ମଧ୍ୟ ଯଥେଷ୍ଟ ଉନ୍ନତି ଘଟିଛି। କିନ୍ତୁ ହଠାତ୍ କରି ଯଦି କେହି ପରମାଣୁ ଆକ୍ରମଣ ଆରମ୍ଭ କରିଦିଏ ତେବେ କ'ଣ ହେବ ପୃଥିବୀର ପରିଣତି।

ବର୍ତ୍ତମାନ ଆମେରିକା ହାତରେ ରହିଛି ପାଖାପାଖି ସାତହଜାର ନ୍ୟୁକ୍ଲିୟର ୱାରହେଡ୍। ରୁଷିଆ ହାତରେ ସାତହଜାରରୁ ଟିକିଏ କମ୍। ଉଭୟ ଦେଶରେ ବି ଅନ୍ତଃମହାଦେଶୀୟ କ୍ଷେପଣାସ୍ତ୍ର ମାନ ରହିଛି। ଆମେରିକା ଓ ରୁଷିଆର ପରମାଣୁ ଅସ୍ତ୍ର ଭଳି ସାମର୍ଥ୍ୟ ବହନ ନ କରୁଥିଲେ ମଧ୍ୟ ପ୍ରତିବେଶୀ ରାଷ୍ଟ୍ରଗୁଡ଼ିକ ଆଡୁ ଯେ ପରମାଣୁ ଯୁଦ୍ଧର ଆଶଙ୍କା ନ ରହିଛି ତାହା ନୁହେଁ। ବର୍ତ୍ତମାନର ପ୍ରଯୁକ୍ତିରେ ୧୯୪୫ ଭଳି ବିମାନ ଯୋଗେ ବୋମା କି କ୍ଷେପଣାସ୍ତ୍ର ପରିବହନ କରି ନିକ୍ଷେପ କରିବା ପାଇଁ ପଡ଼ିବନି। ପ୍ରେରଣ ପାଇଁ ପ୍ରସ୍ତୁତ କ୍ଷେପଣାସ୍ତ୍ର ପ୍ରେରିତ ହେବ ମାଟିତଳ କୋଠରିରୁ, ନୌବାହିନୀର ଯୁଦ୍ଧପୋତରୁ କିମ୍ବା ବୁଡ଼ା ଜାହାଜରୁ। ଏହାବ୍ୟତୀତ ବି ରହିଛି ଏୟାର ଟୁ ଏୟାର ମିଜାଇଲ।

ପରମାଣୁ ବୋମା ବିସ୍ଫୋରଣ ପରେ ପ୍ରଥମ ଆଘାତଟି ହେବ ସକ୍‌ୱେଭ ଓ ଉତ୍ତାପର। ଏହାଫଳରେ ବୋମାର କ୍ଷମତା ଉପରେ ନିର୍ଭର କରି କେତେକ କିଲୋମିଟରଠାରୁ ଆରମ୍ଭ କରି କେତେ ଶହ କିଲୋମିଟର ବ୍ୟାସାର୍ଦ୍ଧ ଭିତରେ ରହିଥିବା ଅଧିକାଂଶ ପ୍ରାଣୀ ଓ ଉଦ୍ଭିଦ ମରିଯିବେ। ଯେଉଁସବୁ ପ୍ରାଣୀ ଓ ଉଦ୍ଭିଦ ବଞ୍ଚିଯିବେ, ସେମାନଙ୍କ ପାଇଁ ଅପେକ୍ଷା କରିଥିବ ତେଜସ୍କ୍ରିୟତାର ଭୟାବହତା। ତେଜସ୍କ୍ରିୟତାର ପ୍ରଭାବରେ ଶରୀରର ଡି.ଏନ୍.ଏ. ପରିବର୍ତ୍ତିତ ହୋଇଯିବ। ପ୍ରକାଶ ପାଇବ ଭୟାବହ ବ୍ୟାଧିସକଳ ଏବଂ ସେଗୁଡ଼ିକର କବଳରୁ ବି ଯଦି କେହି ବର୍ତ୍ତିଯାଏ, ତାହା ହେଲେ ଭୟାବହତା ଅପେକ୍ଷା କରି ରହିଥିବ ଭବିଷ୍ୟତ ପ୍ରଜନ୍ମ ପାଇଁ। ତେଜସ୍କ୍ରିୟତାର ଏହି ଭୟବହତା ସଂଚରିତ ହୋଇପାରେ ଏକାଧିକ ପ୍ରଜନ୍ମ ପର୍ଯ୍ୟନ୍ତ।

ଯଦି ଗୋଟିଏ ଦେଶ ପରମାଣୁ ୱାରହେଡ୍ ଥିବା କ୍ଷେପଣାସ୍ତ୍ର ନିକ୍ଷେପ କରିଦେଲା ପରେ ଅନ୍ୟ ଦେଶଗୁଡ଼ିକ ଏହାକୁ ନିକ୍ଷେପ କରିବାର ସୁଯୋଗ ନ ପାଆନ୍ତି, ତେବେଏହି ଅବସ୍ଥାରେ ପୃଥିବୀର ପରିଣତି କ'ଣ ହୋଇପାରେ, ସେ ସମ୍ପର୍କରେ ଗବେଷଣା ଚଳେଇଛନ୍ତି ମିସିଗାନ୍ ଟେକ୍‌ନୋଲୋଜିକାଲ ୟୁନିଭରସିଟିର ଏକ ବିଜ୍ଞାନୀଗୋଷ୍ଠୀ। ସେମାନଙ୍କର ନେତୃତ୍ୱ ନେଇଛନ୍ତି ଜୋସୁୟା ପିଅର୍ସ। ତାଙ୍କ ମତରେ, ଯେଉଁ ଦେଶ ମିଜାଇଲ ଛାଡ଼ିଥିଲା ପ୍ରତିପକ୍ଷ ଦିଗରେ ସେହି ଦେଶର କେଇ ଲକ୍ଷ ଲୋକ ବି ମୃତ୍ୟୁ ମୁଖରେ ପଡ଼ିବେ ପ୍ରତିପକ୍ଷର କୌଣସି ପ୍ରତି ଆକ୍ରମଣ ବିନା ଏବଂ ଏହାର କାରଣ ତେଜସ୍କ୍ରିୟତାର ନୁହେଁ, ବରଂ ଗୋଟିଏ ଆକ୍ରମଣ ଫଳରେ ମଧ୍ୟ ପୂରା ପୃଥିବୀର ପରିବେଶରେ ଯେଉଁ ପରିବର୍ତ୍ତନ ଆସିବ, ତାହାରି ଯୋଗୁ। ପ୍ରତିପକ୍ଷ ଉଦ୍ଦେଶ୍ୟରେ ଛଡ଼ାଯାଇଥିବା ମିଜାଇଲ କାର୍ଯ୍ୟକାରୀ ହେବା ପରେ ପରେ ହିଁ ବିପର୍ଯ୍ୟସ୍ତ ହୋଇପଡ଼ିବ ପୂରା ଇଲାକାଟିର ପରିବେଶ। ସାରା ପୃଥିବୀର ତାପମାତ୍ରା କେତେକ ଡିଗ୍ରୀ ହ୍ରାସ ପାଇ କମିଯିବ ବୃଷ୍ଟିପାତ। ଭୟଙ୍କର ଭାବରେ କ୍ଷତିଗ୍ରସ୍ତ ହେବ ପୃଥିବୀର କୃଷି ବ୍ୟବସ୍ଥା।

ଆମେରିକା ପାଖରେ ରହିଛି ସାତହଜାର ପରମାଣୁ ୱାରହେଡ୍। ଏହି ସବୁତକ ନେଇ ଆମେରିକା ଯଦି ପ୍ରତିପକ୍ଷ ଉପରେ ଝାମ୍ପିପଡ଼େ, ତେବେ ସାରା ପୃଥିବୀରେ ଛାଇଯିବ ଅନ୍ଧକାର। ଜାତ ହେବ ନ୍ୟୁକ୍ଲିୟର ଉଇଣ୍ଟର ବା ନାଭିକୀୟ ଶୀତଋତୁ ଏବଂ ସେହି କାରଣରୁ ଲକ୍ଷ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡ଼ିବେ। ତେବେ ଏହି ହିସାବଗୁଡ଼ିକ କେବଳ ମାତ୍ର ପରିବେଶଗତ ବିପର୍ଯ୍ୟୟ କାରଣରୁ ମୃତକଙ୍କର ତାଲିକା। ଖୁବ୍ ସ୍ୱାଭାବିକ ଯେ ପରିବେଶଗତ ବିପର୍ଯ୍ୟୟ ଫଳରେ କୃଷି, ସ୍ୱାସ୍ଥ୍ୟ, ଯୋଗାଯୋଗ, ନିରାପତ୍ତା ବ୍ୟବସ୍ଥା ଇତ୍ୟାଦି ଭାଙ୍ଗିପଡ଼ିବ। ଦୁର୍ଯୋଗ ପରେ ମଧ୍ୟ ଯେଉଁମାନେ ବଞ୍ଚିରହିବେ ସେମାନେ ଖାଦ୍ୟ ପାଇବା ପାଇଁ ନିଜ ନିଜ ମଧ୍ୟରେ ମରାମରି ହୋଇପାରନ୍ତି। ତେଣୁ ନିହତମାନଙ୍କର ସଂଖ୍ୟା ଯେ, ଆହୁରି କେତେଗୁଣ ବଢ଼ିଯିବ ଏଥିରେ କୌଣସି ସନ୍ଦେହ ନାହିଁ।

ପାରମାଣୁଅସ୍ତ୍ର ଏପରି ଏକ ଅସ୍ତ୍ର, ଯାହା କେବଳ ଶତ୍ରୁକୁ ହିଁ ଶେଷ କରିଦେବ ତାହା ନୁହେଁ, ବରଂ ନିଜ ଦେଶ ପାଇଁ ମଧ୍ୟ ଆମନ୍ତ୍ରଣ କରି ଆଣିବ ଭୟାବହ ବିପର୍ଯ୍ୟୟ। ଏହାସତ୍ତ୍ୱେ ଏହି ଅସ୍ତ୍ର ସଂକ୍ରାନ୍ତ ଗବେଷଣା ଏବଂ ଅସ୍ତ୍ରଗୁଡ଼ିକର ରକ୍ଷଣାବେକ୍ଷଣରେ ପ୍ରତିବର୍ଷ ଦେଶଗୁଡ଼ିକ ବ୍ୟୟ କରିଚାଲିଛନ୍ତି ପ୍ରଚୁର ଅର୍ଥ। ଏହି ଅର୍ଥ ଯଦି ମାନବ କଲ୍ୟାଣ ପାଇଁ ବ୍ୟୟିତ ହୁଅନ୍ତା, ତେବେ ଯୁଦ୍ଧ ହୁଏତ ଆଉ ଦରକାର ପଡ଼ନ୍ତାନି। ଏହି ସହଜ କଥାଟିକୁ ବିଶ୍ୱର ନେତୃବୃନ୍ଦ ଯେତେ ଚଞ୍ଚଳ ବୁଝିପାରିବେ ସେତେ ଚଞ୍ଚଳ ସେମାନେ ଆମନ୍ତ୍ରଣ କରି ଆଣିପାରିବେ ନିଜର ସର୍ବାଙ୍ଗୀନ ମଙ୍ଗଳକୁ।

**ସେକ୍ଟର-୬, ପ୍ଲଟ ନଂ-୧୧୩୧**
**ଅଭିନବ ବିଡ଼ାନାସୀ, କଟକ**

# ଚିରନ୍ତନୀ

'ବ୍ୟର୍ଥତା ! ହା ହା !' ଉଠିଲା ସେ ପୁଣି ଡାକି
ଅକପଟ ହାସ ବଦନେ ରହିଲା ଲାଖି
ଧୂଳି ଅଞ୍ଜଳି ଟେକି ଦୁର୍ବଳ ଭୁଜେ,
ଭାଷିଲା, 'ସତ୍ୟ ମହା ବାସ୍ତବ ମୁଁ ଯେ !'
–(ଜୀବନର ସ୍ୱର୍ଗ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଷ୍ଟ୍ରିଟ୍ ଲାଇଟ୍ ଜଳୁଛି

ମହାଶୟ,

ସହର ବଜାର ପରି ଏବେ ସରକାର କୁଆଡ଼େ ମଫସଲର ରାସ୍ତାଘାଟକୁ ଆଲୋକିତ ରଖିବା ପାଇଁ ଅନ୍ଧାରୁଆ ଜାଗାରେ ଷ୍ଟ୍ରିଟ୍ ଲାଇଟ୍‌ର ବ୍ୟବସ୍ଥା କରିଛନ୍ତି। କିନ୍ତୁ ନ କହିଲେ ଭଲ ଭଳି ଏହା କେବଳ ଶସ୍ତା ରାଜନୀତି। ବଲ୍‌ବଟିଏ ଖରାପ ହୋଇଗଲେ ତାହା ଆଉ ଲାଗୁନି। ସରପଞ୍ଚଙ୍କୁ କହିଲେ ଶୁଣୁ ନାହାନ୍ତି। ଖୋର୍ଦ୍ଧାର ହଳଦିଆ ହାଟଛକଠାରୁ ଡାକ୍ତରଖାନା ପର୍ଯ୍ୟନ୍ତ ଲାଗିଥିବା ଲାଇଟ୍ ସବୁ ଖରାପ। ପୁଣି ଯେଉଁଠି ଜଳୁଛି ସେଠି ଲାଇଟ୍‌ଗୁଡ଼ିକ ଦିନରାତି ଜଳୁଛି। ସକାଳୁ ଲିଭାଇବା ପାଇଁ ନା କାହାକୁ ଦାୟିତ୍ୱ ଦିଆଯାଉଛି ନା ସମୟ ଅନୁସାରେ ଲିଭାଯାଉଛି। ସହରରେ ଯେମିତି ସମୟାନୁସାରେ ଜଳୁଛି ଓ ଲିଭୁଛି, ସେହି ଭଳି ଲିଭିବାର ବ୍ୟବସ୍ଥା କଲେ ଭଲ ହୁଅନ୍ତା।

–ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଭାଜପା ଯୁବମୋର୍ଚ୍ଚାର ବିକ୍ଷୋଭ

ଭବାନୀପାଟଣା, (ଡି.ଏନ.ଏ.): ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନରେ ହୋଇଥିବା ଦୁର୍ନୀତି ଘଟଣାର ସିବିଆଇ ତଦନ୍ତ ଦାବି କରି ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଭବାନୀପାଟଣା ସହରସ୍ଥିତ ଗାନ୍ଧୀଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ ଭାଜପା ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି, ଭବେନ୍ଦ୍ର ପଣ୍ଡା, ଜୟଶଙ୍କର ନାୟକ, ଯୁଗଳ ପୋଢ, ଭାରତ ଭୂଷଣ ଦେଓ, ଅଜୟ ପାଣିଗ୍ରାହୀ, ବଦ୍ରୀ ନାରାୟଣ ପଟ୍ଟନାୟକ, ରମେଶ ମାଝି, ଶୋଭାଗିନୀ ପାତ୍ର, ପୁଷ୍ପାଞ୍ଜଳି ତାଣ୍ଡି, ଯୁବମୋର୍ଚ୍ଚା ସଭାପତି ବିଜୟ ଦେବ ସାହୁ, ପ୍ରଭାରୀ ପ୍ରୀତେସ ବହିଦାର ପ୍ରମୁଖ ଯୋଗଦେଇଥିଲେ।

### ସଂକ୍ଷେପରେ

## ସରିଲା ମାଟ୍ରିକ ଅଫ୍‌ଲାଇନ୍ ପରୀକ୍ଷା

■ ୧୧ରୁ ଖାତାଦେଖା

**କଟକ ଅଫିସ,୫।୮:** ଗୁରୁବାର ଶେଷ ହୋଇଛି ମାଟ୍ରିକ୍ ଅଫଲାଇନ୍ ପରୀକ୍ଷା। ଚଳିତବର୍ଷ ରେଗୁଲାରରେ ମୋଟ୍ ୬୫୯୬ ଜଣ, ମଧ୍ୟମା ପରୀକ୍ଷା ପାଇଁ ୬୬ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ପାଇଁ ୮୪୯୩ ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। ରାଜ୍ୟର ୫୦୪ ପରୀକ୍ଷା କେନ୍ଦ୍ରରେ ଗତ ୩୦ ତାରିଖଠାରୁ କୋଭିଡ୍ କଟକଣାରେ ପରୀକ୍ଷା ଆରମ୍ଭ ହୋଇଥିଲା। ମୋଟ୍ ପରୀକ୍ଷାର୍ଥୀଙ୍କ ୩,୪୦୦ ଜଣ ପରୀକ୍ଷା ଦେଇ ନ ଥିବା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ସୂଚନା ମିଳିଛି। ଏଥିସହ ମୋଟ୍ ୩୪ ଜଣ ପରୀକ୍ଷାର୍ଥୀ ଏମ୍‌ପି (ମାଲ୍ ପ୍ରାକ୍ଟିସ) ହୋଇଛନ୍ତି। ଆସନ୍ତା ୧୧ ତାରିଖରୁ ଖାତାଦେଖା ଆରମ୍ଭ ହେବ। ମୋଟ୍ ୧୫୦୦ ଶିକ୍ଷୟିତ୍ରୀଶିକ୍ଷକ ୯ଟି ମୂଲ୍ୟାୟନ କେନ୍ଦ୍ରରେ ଖାତା ଦେଖିବେ। ମୂଲ୍ୟାୟନ ପ୍ରକ୍ରିୟା ୩ରୁ ୪ ଦିନ ଚାଲିବ। ଅଗଷ୍ଟ ଶେଷ ସୁଦ୍ଧା ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ବୋର୍ଡ ସଭାପତି ରାମାଶିଷ ହାଜରା କହିଛନ୍ତି। ସୂଚନାଥାଉକି, ଚଳିତବର୍ଷ ବିନା ପରୀକ୍ଷାରେ ଗତ ୨୫ ତାରିଖରେ ମାଟ୍ରିକ୍ ଫଳ ପ୍ରକାଶ ପାଇଥିଲା। ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ମାର୍କକୁ ନେଇ ଅସନ୍ତୁଷ୍ଟ ଥିବା ଛାତ୍ରୀଛାତ୍ରମାନେ ଫର୍ମ ପୂରଣ କରି ଅଫ୍‌ଲାଇନ୍‌ରେ ପରୀକ୍ଷା ଦେଇପାରିବେ ବୋଲି ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

## ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା ପକ୍ଷରୁ ଦାବିପତ୍ର

ଭବାନୀପାଟଣା, ୫।୮ (ଡି.ଏନ.ଏ.): ଓବିସିମାନଙ୍କ ବିଭିନ୍ନ ଦାବି ନେଇ ଓଡ଼ିଶା ଶାଖା ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା ରାଜ୍ୟ ସଭାପତି ଜଗଦୀଶ ଯାଦବଙ୍କ ନେତୃତ୍ୱରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପଶ୍ଚିମ ଓଡ଼ିଶା ଯାଦବ ବିକାଶ ପରିଷଦ ଜିଲା ସଭାପତି ତୁଳମଣି ନାଗ, ବହୁଜନ କ୍ରାନ୍ତି ମୋର୍ଚ୍ଚା ଜିଲା ସଂଯୋଜକ ରିଷିସୁଦନ ଛତ୍ରପାଲ୍, କମଳିନୀ ଯାଦବ, ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ଆଦିତ୍ୟ ହଂସ ଯାଦବ, ରାଷ୍ଟ୍ରୀୟ ମୁସଲିମ୍ ମୋର୍ଚ୍ଚା ରାଜ୍ୟ ସଭାପତି ମେହେବୁ ରାଜା, ଆଦିବାସୀ ଏକତା ପରିଷଦ ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ କୁଶ ଶବର, ଭାରତୀୟ ବିଦ୍ୟାର୍ଥୀ ମୋର୍ଚ୍ଚା ଜିଲା ସଭାପତି ପ୍ରଫୁଲ୍ଲ କର ଭବାନୀପାଟଣା ନକଟିଗୁଡା ଛକ ଆମ୍ବେଡକର ଷ୍ଟାଚ୍ୟୁରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ।



## ଦୟାନଦୀରୁ ବିରଳ ପ୍ରଜାତିର ମାଛ ଉଦ୍ଧାର

କଣାସ,୫।୮(ସ୍ୱ.ପ୍ର.): କଣାସ ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ପଞ୍ଚାୟତର ତ୍ରିଲୋଚନପୁର ନିକଟ ଦୟାନଦୀରୁ ବିରଳ ପ୍ରଜାତିର ଏକ ମାଛ ବୁଧବାର ରାତିରେ ଉଦ୍ଧାର କରାଯାଇଛି। ପରେ ଏହି ମାଛକୁ ଏକ କୂଅରେ ଛାଡ଼ି ଦିଆଯାଇଛି। ବୀରକେଶରପୁର ଗ୍ରାମର ରବି ବେହେରା ବୁଧବାର ରାତିରେ ଦୟାନଦୀରେ ମାଛ ମାରୁଥିବା ବେଳେ ଏକ ବିରଳ ପ୍ରଜାତିର ମାଛ ଜାଲରେ ପଡ଼ିଥିବା ଦେଖିଥିଲେ। ମାଛଟି ସବୁଜ ଓ କଳା ରଙ୍ଗର ମିଶ୍ରିତ ରଙ୍ଗର ହୋଇଥିବା ବେଳେ ମାଛଟିକୁ ଦେଖିବା ପାଇଁ ଆଖପାଖ ଗ୍ରାମର ବହୁ ଲୋକ ଭିଡ଼ ଜମାଇଥିଲେ। କେହି କେହି ଏହା ଏକ ସାମୁଦ୍ରିକ ଜୀବ ବୋଲି କହୁଥିଲେ। ମାଛଟିକୁ ଜୀବିତ ଅବସ୍ଥାରେ କୂଅ ମଧ୍ୟରେ ଛାଡିଦିଆଯାଇଛି।

## ମାଲିଯୁବାଙ୍ଗ, ବିଜେପୁର ପଞ୍ଚାୟତବାସୀଙ୍କ ଦାବିପତ୍ର

ଭବାନୀପାଟଣା, ୫।୮ (ଡି.ଏନ.ଏ.): କଳାହାଣ୍ଡି ଜିଲା ୨ଟି ପଞ୍ଚାୟତ (ମାଲିଯୁବାଙ୍ଗ ଓ ବିଜେପୁର)ର ଅଧିବାସୀମାନେ ଆଜକୁ ୪୫ ବର୍ଷ ଧରି ଜଙ୍ଗଲ ଜମିକୁ ପୂର୍ବପୁରୁଷ ଅମଳରୁ ଚାଷ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଉକ୍ତ ଜଙ୍ଗଲ ଜମିକୁ ଲାଖବାହାଲି ପଞ୍ଚାୟତ ଧିଆନପଦର ଗ୍ରାମବାସୀ ଜୋରଜବରଦସ୍ତି କରି ଦଖଲ କରୁଥିବା ଅଭିଯୋଗ ହୋଇଛି। ୨ଟି ପଞ୍ଚାୟତ ଅଧିବାସୀମାନେ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

# ଖଲ୍ଲିକୋଟ ବିଧାୟିକାଙ୍କ ଘରକୁ ପଥର ମାଡ଼

**ଖଲ୍ଲିକୋଟ,୫।୮(ଡି.ଏନ.ଏ.)**

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ କେଶପୁରରେ ରାଜନୈତିକ ଶତ୍ରୁତାରୁ ଗୁରୁବାର ଗୋଷ୍ଠୀ ସଂଘର୍ଷ ହୋଇଛି। ଏହାକୁ ନେଇ ବୋମାମାଡ଼ ହୋଇଥିବା ବେଳେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟଙ୍କ ସହର ନିକଟରେ ଥିବା ଭଡ଼ାଘର ଉପରକୁ ପଥରମାଡ଼ କରାଯାଇଛି। ସେତେବେଳେ ବିଧାୟିକା ଓ ତାଙ୍କ ପରିବାର ସଦସ୍ୟ ଅନୁପସ୍ଥିତ ଥିବା ଜଣାପଡ଼ିଛି। ତାଙ୍କ ଗେଟ ସମ୍ମୁଖରେ ଥିବା ଦୁଇଟି ବାଇକ୍‌କୁ ଦୁର୍ବୃତ୍ତମାନେ ଖଣ୍ଡାରେ ହାଣିଛନ୍ତି। ସେହିପରି ବିଧାୟିକାଙ୍କ ବିପକ୍ଷ ଗୋଷ୍ଠୀ କେଶପୁର ମାଛ ମାର୍କେଟରେ ୨ ଜଣଙ୍କୁ ଖଣ୍ଡାରେ ଆକ୍ରମଣ କରିଛନ୍ତି। ରାଜନୈତିକ ଶତ୍ରୁତାରୁ ଏଭଳି ଘଟିଥିବା ବିଧାୟିକା ବୈଦ୍ୟ କହିଛନ୍ତି। ପୂର୍ବରୁ ଏ ସଂକ୍ରାନ୍ତରେ ପୋଲିସକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନ ନେବାରୁ ଏଭଳି ସ୍ଥିତି ଉପୁଜିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୁରକ୍ଷା ଦୃଷ୍ଟିରୁ କେଶପୁରରେ ଏକ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି।





ଭଙ୍ଗାରୁଜା ହୋଇଥିବା ଦୁଇ ବାଇକ। ପଥର ମାଡ଼ରେ ଭାଙ୍ଗି ପଡ଼ିଥିବା କାଚ ଖଣ୍ଡ ।

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କେଶପୁରପାଟଣା ହେଉଛି ବିଧାୟିକାଙ୍କ ନିଜ ଗ୍ରାମ। ସେଠାରେ ଦୀର୍ଘଦିନ ହେବ ରାଜନୈତିକ ଶତ୍ରୁତାକୁ ନେଇ ବିବାଦ ଲାଗି ରହିଛି। ଗତ ୨ ତାରିଖରେ ବିଧାୟିକାଙ୍କ ସପକ୍ଷ ଗୋଷ୍ଠୀ ଓ ବିପକ୍ଷ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏ ନେଇ ଥାନାରେ ଅଭିଯୋଗ କରାଯାଇଥିଲା। ଗୁରୁବାର ବିଧାୟିକା ବୈଦ୍ୟ ପୂର୍ବତନ ବିଧାୟିକା ତଥା ଖଲ୍ଲିକୋଟ ରାଣୀଙ୍କ ଜନ୍ମଦିନ ଅବସରରେ ତୁଳସୀପୁର ପଞ୍ଚାୟତରେ ଆୟୋଜିତ ଏକ ରକ୍ତଦାନ ଶିବିରକୁ ଯାଇଥିଲେ। ବିଧାୟିକାଙ୍କ ସହ ତାଙ୍କ ସ୍ୱାମୀ ଦୈତାରୀ ବେହେରା ମଧ୍ୟ ଯାଇଥିବାରୁ ଘରେ ତାଲା ପଡ଼ିଥିଲା। ଅପରାହ୍ନରେ କେଶପୁର ଗ୍ରାମରେ ୩ଟି ବୋମାମାଡ଼ ସହ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ବିଧାୟିକାଙ୍କ ବିପକ୍ଷ ଗୋଷ୍ଠୀର କେତେଜଣ ସ୍ଥାନୀୟ ମାଛ ମାର୍କେଟରେ ମୋହନ ମଲିକ ଓ ସୀମାଞ୍ଚଳ ବେହେରାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ସେ ସମୟରେ କେତେଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ବିଧାୟିକା ବୈଦ୍ୟଙ୍କ ଘର ଉପରକୁ ପଥରମାଡ଼ କରିଥିଲେ। ଖବରପାଇ ଖଲ୍ଲିକୋଟ ଥାନା ଆଇଆଇସି ସତ୍ୟରଞ୍ଜନ ପ୍ରଧାନ, ରମ୍ଭା ଆଇଆଇସି ଦୀପ୍ତିରଞ୍ଜନ ବେହେରା, ଗଞ୍ଜାମ ଆଇଆଇସି ଶୁଭେନ୍ଦୁ ସାହୁ, କୋଦଳା ଆଇଆଇସି ଦେବାଶିଷ ମହାନ୍ତି, ଆଡିସନାଲ ଏସ୍‌ପି ଠାକୁର ପ୍ରସାଦ ପାତ୍ର ଓ ଫୋର୍ସ ଗ୍ରାମରେ ପହଞ୍ଚିଥିଲେ। ଖଲ୍ଲିକୋଟ ତହସିଲଦାର ରାଜ କିଶୋର ପଟ୍ଟନାୟକ ମଧ୍ୟ ମାଜିଷ୍ଟ୍ରେଟ ଦାୟିତ୍ୱରେ ଘଟଣାସ୍ଥଳକୁ ଆସିଥିଲେ। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଅଟକ ରଖିଛି। ଖଣ୍ଡା ଆକ୍ରମଣରେ ୨ ଗୁରୁତରଙ୍କୁ ପ୍ରଥମେ ଖଲ୍ଲିକୋଟ ଡାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ଖବର ଲେଖା ହେବା ସୁଦ୍ଧା ପୋଲିସର ତଦନ୍ତ ଜାରି ରହିଛି। ଖବର ଲେଖାଯିବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

■ କେଶପୁରରେ ଗୋଷ୍ଠୀ ସଂଘର୍ଷ, ବୋମାମାଡ଼
■ ଖଣ୍ଡାଚୋଟରେ ୨ ଗୁରୁତର

# ଭଦ୍ରକ ଜିଲାରେ ବ୍ୟାପକ ଦୁର୍ନୀତି ଅଭିଯୋଗ ଆଣିଲା ଭାଜପା

**ଭୁବନେଶ୍ୱର, ୫।୮(ବ୍ୟୁରୋ)**

### ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନେଇ ତୁଟନି ଭାଜପା-ବିଜେଡି କଳି



ସମୀର ମହାନ୍ତି

୨୦୨୨ ସୁଦ୍ଧା ଦେଶର ସମସ୍ତ ଗରିବ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍ଏୱାଇ)ରେ ପକ୍କାଘର ଯୋଗାଇବା ଲକ୍ଷ୍ୟ ନେଇ କେନ୍ଦ୍ର ସରକାର କାର୍ଯ୍ୟ କରୁଛନ୍ତି। ଏହି ଯୋଜନାରେ ଓଡ଼ିଶାକୁ ବର୍ତ୍ତମାନ ସୁଦ୍ଧା ୩୦ ଲକ୍ଷ ପକ୍କାଘର ଆସିଛି। କିନ୍ତୁ ଦୁର୍ଭାଗ୍ୟର କଥା ରାଜ୍ୟ ସରକାର ଦଳୀୟ କର୍ମୀଙ୍କୁ ପକ୍କାଘର ଯୋଗାଇ ଚାଲିଛନ୍ତି। ଯୋଗ୍ୟ ହିତାଧିକାରୀମାନେ ଘର ଖଣ୍ଡେ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାକୁ ବିରୋଧ କରିବାରୁ ଭଦ୍ରକ ଜିଲା ତିହିଡି ବ୍ଲକ କୁବେରା ଗ୍ରାମପଞ୍ଚାୟତରେ ସରକାରୀ କଳକୁ ଲଗାଇ ଶାସକ ବିଜେଡି ଗରିବ ହିତାଧିକାରୀଙ୍କ ଉପରେ ଆକ୍ରମଣ କରିଛି ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଅଭିଯୋଗ କରିଛନ୍ତି। ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, ପୋଲିସ ମଧ୍ୟ ଏଥିରେ ସାମିଲ ହୋଇ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ସ୍ୱର ଉଠାଉଥିବା ଲୋକଙ୍କୁ ଅମାନୁଷିକ ଭାବେ ରାତି ଅଧରେ ଗିରଫ କରିଛି। ବୁଧବାର ସେ ଭଦ୍ରକ ଗସ୍ତ କରି ସରଜମିନ ତଦନ୍ତ କରିବା ପରେ ଏଭଳି ଘଟଣାକୁ ଦୃଢ ନିନ୍ଦା କରିଛନ୍ତି। ସମୀରଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଭଦ୍ରକ ଜିଲା ତିହିଡି ବ୍ଲକ କୁବେରା ଗ୍ରାମପଞ୍ଚାୟତ ଗସ୍ତ କରିଥିଲା। ସେଠାରେ ପକ୍କାଘର ପାଇବା ନିମନ୍ତେ ଯୋଗ୍ୟ ହିତାଧିକାରୀଙ୍କ ସହ ଆଲୋଚନା କରିବା ସହ ଗିରଫ ହୋଇଥିବା ସାଧାରଣ ଲୋକଙ୍କ ପରିବାର ଲୋକଙ୍କୁ ସେ ଭେଟିଥିଲେ। କୁବେରା ପଞ୍ଚାୟତର ଅନେକ ଲୋକ ପକ୍କା ଘର ପାଇବାରୁ ବଞ୍ଚିତ ହୋଇଛନ୍ତି। ଯେଉଁ ଅଧିକାରୀ ଏହି ଦୁର୍ନୀତିରେ ସିଧାସଳଖ ସମ୍ପୃକ୍ତ, ତାଙ୍କ ଉପରେ କଠୋର ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସମୀର କହିଛନ୍ତି। ସମୀରଙ୍କ ଅଭିଯୋଗ ଉପରେ କଡ଼ା ପ୍ରତିକ୍ରିୟା ରଖି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଓଡ଼ିଶାର ଗରିବ ଲୋକଙ୍କୁ ପିଏମ୍ଏୱାଇରେ ଘର ପାଇବାରୁ ବଞ୍ଚିତ କରିବା ପାଇଁ ଭାଜପାର ଷଡ଼ଯନ୍ତ୍ର ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଦୁଃଖଦ। ଇଏ ହେଉଛି ସେହି ସମାନ କେନ୍ଦ୍ର ସରକାର ଯିଏ ଗ୍ରାମାଞ୍ଚଳ ଗୃହ ନିର୍ମାଣ କ୍ଷେତ୍ରରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଓଡ଼ିଶାକୁ ପୁରସ୍କୃତ କରିଛି। ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଥିବାରୁ ଗରିବ ଲୋକଙ୍କ ଅଧିକାରକୁ ନେଇ ଭାଜପା ରାଜନୀତି କରିବା ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସେମାନଙ୍କୁ ଘର ପାଇବାରୁ ବଞ୍ଚିତ ଲାଗି ଷଡ଼ଯନ୍ତ୍ର କରୁଛି, ଯାହା ସେମାନଙ୍କ ଅଧିକାର ବୋଲି ଲେନିନ୍ କହିଛନ୍ତି।

# ଟାଙ୍ଗୀରେ ୨ ଡେଙ୍ଗୁ ରୋଗୀ ଚିହ୍ନଟ

**ଟାଙ୍ଗୀ (ଖୋର୍ଦ୍ଧା), ୫।୮(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅଞ୍ଚଳରେ ଗୁରୁବାର ୨ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଜଣେ ରୋଗୀ ୮ ନମ୍ବର ୱାର୍ଡ଼ ଗୋବିନ୍ଦପୁର ସାହିରୁ ଚିହ୍ନଟ ହୋଇଥିବାବେଳେ ଅନ୍ୟ ଜଣେ ଟାଙ୍ଗୀ ବସଷ୍ଟାଣ୍ଡସ୍ଥିତ ବନ ବିଭାଗର ଏକ କ୍ୱାର୍ଟରରେ ରହୁଥିବା ଜଣାପଡ଼ିଛି। ଖବର ଅନୁଯାୟୀ, ଉକ୍ତ ୨ ରୋଗୀଙ୍କୁ ଜ୍ୱର ସହ ଅଧିକ କ୍ଲାନ୍ତ ଅନୁଭବ କରିବାରୁ ସ୍ଥାନୀୟ ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଥିଲେ। ସେଠାରେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାରୁ ଡେଙ୍ଗୁ ଚିହ୍ନଟ ହୋଇଥିଲେ। ଫଳରେ ରୋଗୀଦ୍ୱୟଙ୍କୁ ଏକ ସ୍ୱତନ୍ତ୍ର ୱାର୍ଡରେ ରଖାଯାଇ ଚିକିତ୍ସା କରାଯାଉଥିବା ନେଇ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଟେଣ୍ଡେଣ୍ଟ ଡ.ଦିଲୀପ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ସେହିଭଳି ଉଜ୍ଜ୍ୱଳା ପଞ୍ଚାୟତରୁ ଜଣେ ରୋଗୀ ଜ୍ୱର, ଅଧିକ ଅସୁସ୍ଥ ଥିବାରୁ ଚିକିତ୍ସା ପାଇଁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ତେବେ ତାଙ୍କୁ ସନ୍ଦେହ କରି ଡେଙ୍ଗୁ ପରୀକ୍ଷା କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ହେଲେ ରୋଗୀ ଜଣକ ଭୟରେ ପଳାଇ ଯାଇଥିଲେ। ପରେ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଉକ୍ତ ପଞ୍ଚାୟତର ଆଶା କର୍ମୀ, ସ୍ୱାସ୍ଥ୍ୟକର୍ମୀ ଓ ଅଙ୍ଗନୱାଡ଼ି କର୍ମୀଙ୍କୁ ସେ ରୋଗୀଙ୍କୁ ଧରିବା ପାଇଁ ସୂଚନା ଦେଇଥିଲେ। ପଞ୍ଚାୟତରେ ଏହି ଖବର ଜଣାପଡ଼ିବା ପରେ ଡେଙ୍ଗୁ ରୋଗର ଭୟାବହତାକୁ ଲକ୍ଷ ରଖି ପରିଷ୍କାର ପରିଚ୍ଛନ୍ନତା ପାଇଁ ଜନସାଧାରଣଙ୍କୁ ସଚେତନତା କରିବା ସହ ପ୍ରତିଷେଧକ ବ୍ୟବସ୍ଥା କରିବାକୁ ସ୍ୱାସ୍ଥ୍ୟ ବିଭାଗ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି।

# ଜିଏସ୍‌ଟି ଠକେଇ: ଆଉଜଣେ ଗିରଫ

**ଭୁବନେଶ୍ୱର,୫।୮(ବ୍ୟୁରୋ)**

୬୪୧କୋଟି ଟଙ୍କାର ଜାଲ୍ ବିଲ୍ ମାଧ୍ୟମରେ ୧୨୫.୧୦ କୋଟି ଟଙ୍କାର ଜିଏସ୍‌ଟି ଠକେଇ ଘଟଣାରେ ରାଜ୍ୟ ଜିଏସ୍‌ଟି ବିଭାଗର ଏନ୍‌ଫୋର୍ସମେଣ୍ଟ ୱିଙ୍ଗ୍ ଗୁରୁବାର ଆଉଜଣଙ୍କୁ ଗିରଫ କରିଛି। ସେ ହେଲେ ବାରିପଦାର ବସନ୍ତ କୁମାର ପଟ୍ଟନାୟକ। ଏହି ମାମଲାରେ ଗତମାସ ୧୬ ତାରିଖରେ ଦୁଇ ଅଭିଯୁକ୍ତ ସୁଜୟ ମଇତ୍ର ଓ ଗୁରୁଦିତ ଡାଙ୍ଗଙ୍କୁ ଗିରଫ କରାଯାଇଥିବାବେଳେ ବସନ୍ତ ଫେରାର ଥିଲେ। ଏନ୍‌ଫୋର୍ସମେଣ୍ଟ ଟିମ୍ ତାଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଥିବାବେଳେ ଗୁରୁବାର ସେ ବାରିପଦାରୁ ଭୁବନେଶ୍ୱର ଆସିଥିଲେ। କଟକ ରୋଡ୍‌ରେ ଥିବା ଏକ ଗୋଦାମରୁ ତାଙ୍କୁ ଏନ୍‌ଫୋର୍ସମେଣ୍ଟ ଟିମ୍ କାବୁ କରିଥିଲା। ପୂର୍ବରୁ ମଧ୍ୟ ବସନ୍ତ ଜାଲ୍ କାରବାରରେ ଗିରଫ ହୋଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ଗିରଫ ୩ ଅଭିଯୁକ୍ତ ଅନ୍ୟ ସହଯୋଗୀଙ୍କ ସହ ମିଶି ଅନୁଗୋଳ, ରାଉରକେଲା, ବଣାଇ, ଏରସମା, ତିର୍ତ୍ତୋଲ, ରିଆମାଳ ଓ ସୁନ୍ଦରଗଡ଼ ଆଦି ଅଞ୍ଚଳରେ ୧୬ରୁ ଉର୍ଦ୍ଧ୍ୱ ଜାଲ କମ୍ପାନୀ ଖୋଲିଥିଲେ। ପାଣିକୋଇଲି, ରାସଗୋବିନ୍ଦପୁର, ବରଗଡ଼, ପୁରୀ ଓ ବାଲେଶ୍ୱର ଅଞ୍ଚଳର ପାଣିମିସ୍ତ୍ରି, ଡ୍ରାଇଭର, ପାନ ଦୋକାନୀ, ଗ୍ୟାସ୍ ଯୋଗାଉଥିବା ଲୋକ, ଘରୋଇ ମହିଳା, ବେକାର ଯୁବକଙ୍କୁ କମ୍ପାନୀରେ ଚାକିରି ଦେବାକୁ କହି ସେମାନଙ୍କ ପରିଚୟ ପତ୍ର ଓ ବ୍ୟାଙ୍କ ତଥ୍ୟ ହାସଲ କରିଥିଲେ। ପରେ ସେମାନଙ୍କ ନାମରେ ଏହି ଜାଲ୍ କମ୍ପାନୀ ଖୋଲି ଷ୍ଟିଲ୍ ଓ ଲୁହା କାରବାର ହେଉଥିବା ଦର୍ଶାଇ ଜାଲ୍ କିଣାବିକା ବିଲ୍ ପ୍ରସ୍ତୁତ କରି ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍ (ଆଇଟିସି) ହାତେଇଥିଲେ। ଏମିତିକି କମ୍ପାନୀ ଚାଲୁଥିବା ଘରଭଡ଼ା ଚୁକ୍ତି ମଧ୍ୟ ଜାଲ୍ ଥିଲା।



ବସନ୍ତ କୁମାର ପଟ୍ଟନାୟକ

# ୧୦ ତାରିଖ ସୁଦ୍ଧା ଟିକସ ଛାଡ଼ ଦାବି

**ଭୁବନେଶ୍ୱର, ୫।୮(ବ୍ୟୁରୋ)**

### ଟ୍ରକ୍ ମାଲିକ ସଂଘର ଆନ୍ଦୋଳନ ଚେତାବନୀ

ତୈଳ ଦରବୃଦ୍ଧି, ଟିକସ, ଦେୟ ପ୍ରଦାନ ବିଳମ୍ବରେ ଜରିମାନା, ପରିବହନ କମ୍ପାନୀ ଦ୍ୱାରା ଶୋଷଣ, ଖଣିମାଲିକଙ୍କ ପାତରଅନ୍ତର ନୀତି ପ୍ରତିବାଦରେ ଓଡ଼ିଶା ଟ୍ରକ୍ ମାଲିକ ସଂଘ ଆନ୍ଦୋଳନ ଚେତାବନୀ ଦେଇଛି। ସଂଘର ରାଜ୍ୟ ସଭାପତି ପୂରଞ୍ଜନ ପାଢ଼ୀ କହିଛନ୍ତି, ମାଲ୍ ପରିବହନରେ ଟ୍ରକ୍ ଏବଂ ଏହାର ମାଲିକଙ୍କ ପ୍ରମୁଖ ଭୂମିକା ରହିଛି। କରୋନା କଟକଣା ସମୟରେ ପରିବହନ ପ୍ରଭାବିତ ହୋଇଥିଲା। ଏହାପରେ ଅଧିକାଂଶ ଟ୍ରକ୍ ଚଳାଚଳ ବନ୍ଦ ରହିଥିଲା। କଟକଣା କୋହଳ ହେବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହେଉଛି। ରାଜ୍ୟ ସରକାର ବସ୍ ମାଲିକଙ୍କ ଦାବି ଅନୁଯାୟୀ ଟିକସ ଛାଡ଼ କରିବା ସହ ବିଳମ୍ବିତ ପୈଠ ଉପରେ ଜରିମାନା ମଧ୍ୟ ଛାଡ଼ କରିଛନ୍ତି। ମାତ୍ର ଏହା ଟ୍ରକ୍ ମାଲିକଙ୍କ କ୍ଷେତ୍ରରେ ଲାଗୁ କରାଯାଇନାହିଁ। ବର୍ତ୍ତମାନ ମାଲ ପରିବହନରେ ପୂର୍ବାପେକ୍ଷା ଅଧିକ ଖର୍ଚ୍ଚ ହେଉଛି। ଟ୍ରକ୍ ମାଲିକଙ୍କ ଆର୍ଥିକ ସ୍ଥିତି ଶୋଚନୀୟ ହୋଇପଡ଼ିଛି। ଏସବୁ ସତ୍ତ୍ୱେ ବିଭିନ୍ନ ଟିକସ ବାବଦରେ ବାର୍ଷିକ ହାରାହାରି ୩୬ ଲକ୍ଷ ଟଙ୍କା ଦେବାକୁ ପଡୁଛି। ଏହାଛଡ଼ା ବୀମା ବାବଦରେ ବାର୍ଷିକ ୮୫ ହଜାର ଟଙ୍କା ପୈଠ କରାଯାଉଛି। ଏଭଳି ସମୟରେ ସରକାର ସଡ଼କ ଟିକସ ଛାଡ଼ କରିବା ସହ ଅନ୍ୟାନ୍ୟ ଦେୟ କୋହଳ କଲେ ଟ୍ରକ୍ ମାଲିକମାନେ ଉପକୃତ ହୋଇପାରିବେ। ସମସ୍ୟା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସଂଘ ପକ୍ଷରୁ ସ୍ମାରକପତ୍ର ଦିଆଯାଇଛି। ଅଗଷ୍ଟ ୧୦ ସୁଦ୍ଧା ଦାବି ପୂରଣ ଦିଗରେ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି ସଭାପତି ପାଢ଼ୀ ସୂଚନା ଦେଇଛନ୍ତି।

OFFICE OF THE SUPERINTEDENT
SDH CHITRAKONDA, DIST.- MALKANGIRI

No.327 Date: 5.8.21

TENDER CALL NOTICE

Sealed tenders are invited from Travel Agencies/ Private Organizations/ NGOs/ Individuals for hiring of four wheeler vehicle (MAHINDRA BOLERO, SCORPIO) only for Ambulance purpose engagement at PHC (N) Jodambo on contract basis.

Interested Travel Agencies / Private Organisations/ NGOs/ Individuals may submit offers mentioning per litre DOL consumption in Kms. and monthly rental for individual activity. Details regarding application format, terms and conditions may be collected from Office of the Superintendent, SDH Chitrakonda. Your tender documents in the prescribed format along with all relevant documents should reach to the office of the undersigned by 19.08.2021, 01.00 P.M. through Speed / Regd. Post & Courier only. The tenders will be opened at 05.00 P.M. on 19.08.2021. The undersigned reserves the right to reject any or all the tenders without assigning any reason thereof. The envelope containing the tender must be clearly superscribed as "Tender for Hiring of vehicle for AMBULANCE at PHC(N) Jodambo, O/o Superintendent, SDH Chitrakonda".

Sd./- Superintendent
SDH Chitrakonda, Dist.: Malkangiri

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, NUAPADA
(District Central Store)

RE-SHORT TENDER CALL NOTICE

Bid Notification No. CDM&PHO/08/WODC/RE-TENDER-III/2021-22

No. E-304: Sealed tenders are invited from registered Firms/Suppliers/ Manufacturers/Authorized Distributors for supply of URINE ANALYSER & I CROMA to the undersigned. Details regarding items with terms and conditions may be downloaded from district website **www.nuapada.nic.in**. The tenders should reach the Office of the undersigned by **Date: 21.08.2021 upto 05 P.M. through Speed Post/Registered Post/Courier only**. The tender paper cost is mentioned in the term & conditions of the tender.

The undersigned reserves the right to reject any or all tenders without assigning any reason thereof.

Sd./- Chief District Medical &
Public Health Officer, Nuapada
OIPR-10055/11/0014/2122

ନିୟନ୍ତ୍ରିତ ବଜାର କମିଟି, ଅତାବିରା
ଖରିଫ ଧାନ ସଂଗ୍ରହ ଚାଷୀ ପଞ୍ଜୀକରଣ
ଧାନ ସଂଗ୍ରହ ବର୍ଷ- ୨୦୨୧-୨୨

No.H-16:- ଚଳିତ ଖରିଫ୍ ଧନ ସଂଗ୍ରହ ବର୍ଷ-୨୦୨୧-୨୨ରେ ଚାଷୀ ଭାଇ ଓ ଭଉଣୀମାନେ ସେମାନଙ୍କର ଉତ୍ପାଦିତ ବଜାର ବଳକା ଧାନକୁ ସରକାରୀ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ ବିକ୍ରୟ ସକାଶେ ନିଜର ନାମକୁ ନିକଟସ୍ଥ ଅନୁମୋଦିତ ପ୍ରାଥମିକ କୃଷି ସମବାୟ ସମିତି (PACS) ରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପଞ୍ଜୀକରଣ କରିବା ଅନିବାର୍ଯ୍ୟ ଅଟେ। ପଞ୍ଜୀକରଣ ଫର୍ମ ପ୍ରାଥମିକ କୃଷି ସମବାୟ ସମିତିରେ ଉପଲବ୍ଧ ଅଟେ, ଯାହା କି ବିନା ମୂଲ୍ୟରେ ପାଇପାରିବେ। ଚାଷୀ ଭାଇ-ଭଉଣୀମାନେ ନିକଟସ୍ଥ ସମିତିରୁ ଗୋଟିଏ ନୂତନ ପଞ୍ଜୀକରଣ ଫର୍ମ ସଂଗ୍ରହ କରିବେ ଓ ତାହା ପୂରଣ କରି ଜୁଲାଇ ୧୬ ତାରିଖରୁ ଅଗଷ୍ଟ ୧୬ ତାରିଖ ମଧ୍ୟରେ ସମିତି କାର୍ଯ୍ୟାଳୟରେ ଆବେଦନ କରିବେ। ନୂତନ ପଞ୍ଜୀକରଣ ସକାଶେ ୧- ବ୍ୟାଙ୍କ ପାସ୍ ବୁକ୍‌ର ପ୍ରଥମ ପୃଷ୍ଠା, ୨- ଚାଷ ଜମି ବାବଦରେ ପ୍ରମାଣପତ୍ର ଅର୍ଥାତ୍ ଜମି ପଟ୍ଟା (ROR) ଦଲିଲ, ୩- ଆଧାର କାର୍ଡର ନକଲ, ୪- ମୋବାଇଲ ନମ୍ବର ଏବଂ ୫- ଭାଗଚାଷୀଙ୍କ କ୍ଷେତ୍ରରେ ସମ୍ପୃକ୍ତ ଜମି ମାଲିକଙ୍କ ସହମତି ପତ୍ର ସହିତ ଆଧାର କାର୍ଡର ନକଲ ଇତ୍ୟାଦି ଆବଶ୍ୟକ ଅଟେ। ପଞ୍ଜୀକରଣ ଫର୍ମ ପୂରଣ କରି ଚାଷୀମାନେ ସମିତି କାର୍ଯ୍ୟାଳୟରେ ଅଗଷ୍ଟ ୧୬ ତାରିଖ ମଧ୍ୟରେ ଦାଖଲ କରିବେ। ମନେରଖନ୍ତୁ ଅଗଷ୍ଟ ୧୬ ତାରିଖ ପଞ୍ଜୀକରଣର ଚଳିତବର୍ଷର ଶେଷ ତାରିଖ।

ନିବେଦକ
ଜିଲ୍ଲା ପ୍ରଶାସନ ତରଫରୁ
ନିୟନ୍ତ୍ରିତ ବଜାର କମିଟି, ଅତାବିରା
OIPR-07043/11/0002/2122

e-Procurement Notice for Road & Building Works Identification No.
No.O-498:- Online - 03/RWD-II/KJR of 2021-22

1. Name of the work: Road works. 2. Total No. of works: 1 No. 3. Estimated cost: Approx. estimated cost of Rs.100.00 lakhs. 4. Class of contractor: 'B' & 'A' class as per eligibility criteria. 5. Period of completion. 6 calendar months as per financial eligibility.

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in O/o EERW Divn-II, Keonjhar | |
|---|---|---|---|---|---|---|
| | | From | To | | Cover-I (Technical bid) | Cover-II (Financial bid) |
| Executive Engineer, R.W. Division-II, Keonjhar | 03 of 21-22 | 07.08.2021 11.00 A.M. | 19.08.2021 5.00 P.M. | 18.08.2021 3.00 P.M. | 21.08.2021 at 11.30 A.M. | 29.08.2021 at 11.30 A.M. |

Further details can be seen from the website www.tendersorissa.gov.in.

Executive Engineer, R.W. Division-II, Keonjhar
OIPR-25093/11/0004/2122

PANCHAYAT SAMITI OFFICE, ANANDAPUR
E-Mail id- ori-anandpur@nic.in, Phone: 9437448632

TENDER CALL NOTICE
No.1375/Dt.28.07.2021

No.i-123:-Sealed tenders (Percentage Rate) in conformity with the DTCN are invited from the 'C'/'B' Class contractors registered with the State Govt. for execution of works under Panchayat Samiti, Anandapur as detailed in the table below. The tender document (DTCN & BOQ) can be obtained from district NIC Website (www.kendujhar.nic.in) from Dt.- 06.08.2021 to 16.08.2021 till 5.00 P.M. The tender document (DTCN & BOQ) duly signed by the contractors should be accompanied with the self attested photo copy of valid GST Clearance Certificate, PAN Card, Registration Certificate and requisite EMD in shape of Demand Draft drawn in favour of BDO, Anandapur" payable at "Anandapur" from any Nationalized Bank and NSC/ KVP/ Time Deposit duly pledged. The tender document (DTCN & BOQ) should accompanied with requisite tender paper cost in shape of Demand Draft drawn in favour of BDO, Anandapur" payable at "Anandapur" from any Nationalized Bank. The tenders will be received upto Dt.16.08.2021 till 5.00 P.M. and addressed to O/o Block Development Officer, Anandapur, Keonjhar, 758021 through Registered / Speed Post. The tender is scheduled to be opened on Dt.17.08.2021 at 11.00 A.M. at Block Conference Hall, O/o the Block Development Officer, Anandapur, Keonjhar in presence of the tenderers or their authorized representatives. All bidders shall have to submit an affidavit in support of authenticity of documents/ credentials. The detail terms and conditions can be seen at NIC Website (www.kendujhar.nic.in). The name of the work should be written on the top of the envelope. The undersigned reserves the right to cancel the tender without assigning any reason thereof. Bidder security declaration should be furnished clearly as per latest circular No.5984/ W/ Dt.27.04.2021 of Works Deptt. Govt. of Odisha so as to avail exemption of EMD.

| Sl. No. | Name of the work | Estimated cost in Rs. | EMD @ 1% in Rs. | Cost of tender paper (In Rs.) | Period of completion & class of contractor |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 01 | Constn. of Addl. Class Room, Science Lab, Boundary Wall at Kundulai High School, under Belabahali GP | 31,53,677.00 | - | 6000.00 | Six months / C & B class contractor |

Sd./- Block Development Officer, Anandapur
OIPR-19096/11/0006/2122

GOVERNMENT OF ODISHA "e" PROCUREMENT NOTICE
WORKS DEPARTMENT

Bid Identification No. C.C.E.K.C., Keonjhar No.08/2021-22
e-mail: ccekeonjharpwdcircle@gmail.com/
No.B-271:- sekcpwd_keonjhar@yahoo.com

Letter No. 3004 Dt.28.07.2021

1. No. of the work : 2 Nos. Bridge / Road work
2. Estimated cost : Rs.366.00 lakhs & 886.36 lakhs
3. Period of completion : 11 (Eleven) calendar months & 15 (Fifteen) calendar months
4. Date and time of availability of bid document in the portal : From 11.00 hours of 10.08.2021 to 16.00 hours of 26.08.2021
5 Last date / time for receipt of bids in the portal : 16.00 hours of 26.08.2021
6 Date of opening of bid from portal : 11.30 hours on 27.08.2021
7 Name and address of the officer inviting bid : Chief Construction Engineer, Keonjhar (R&B) Circle, Keonjhar-758001

Further details can be seen from the e-procurement portal "http://tendersodisha.gov.in".

Sd./- (Er. A.N. Das, A.C.E.)
Chief Construction Engineer, Keonjhar (R&B) Circle, Keonjhar
OIPR-34033/11/0010/2122

## ଚୋରି ଅଭିଯୋଗରେ ୨ ନାବାଳକ ଗିରଫ

ରାଜଗାଙ୍ଗପୁର,(ଡି.ଏନ.ଏ)- ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରର ମୁଖ୍ୟରାସ୍ତା କଡରେ ବିଛାଯାଇଥିବା କେବୁଲ ଲାଇନକୁ ମଙ୍ଗଳବାର ରାତ୍ରିରେ କିଛି ଦୁର୍ବୃତ୍ତ ପ୍ରାୟ ୨୦୦ ମିଟରରୁ ଉର୍ଦ୍ଧ୍ୱ କେବୁଲ ଲାଇନ ଖୋଲି ନେଇଯାଇଥିଲେ । ଉକ୍ତ ଘଟଣାରେ ରାଜଗାଙ୍ଗପୁର ପୋଲିସ ତଦନ୍ତ କରି ସହରରେ ଥିବା ଝୁମ୍ପୁଡି ବସ୍ତିରୁ ୨ ନାବାଳକଙ୍କୁ ଗିରଫ କରିବା ସହ ତାଙ୍କଠାରୁ କେବୁଲ ଜବତ କରିଛି । ଗୁରୁବାର ନାବାଳକ ଦ୍ୱୟଙ୍କୁ ଜୁଭେନାଇଲ କୋର୍ଟ ଚାଲାଣ କରାଯାଇଛି।

### ସଂକ୍ଷେପରେ

## ତେଲିପୋଷ ଓଏଭିର ଶତପ୍ରତିଶତ ଫଳାଫଳ

କୁଆଁରମୁଣ୍ଡା,୫।୮(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ତେଲିପୋଷଠାରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ର ପ୍ରଥମ ବ୍ୟାଚ ଛାତ୍ରୀଛାତ୍ର ୧୦ମ ପରୀକ୍ଷା ଦେଇଛନ୍ତି। ଏଥିରେ ଏହି ବିଦ୍ୟାଳୟର ମୋଟ ୭୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୯ ଛାତ୍ରୀ, ୨୧ ଛାତ୍ର। ବିଦ୍ୟାଳୟର ସ୍ୱୟମଶ୍ରୀ ରାଉତ ସର୍ବୋଚ୍ଚ ୯୨.୮ ଶତକଡା ନମ୍ବର ରଖି ବିଦ୍ୟାଳୟରେ ୧ମ ସ୍ଥାନ ହାସଲ କରିଛନ୍ତି। ସେହିପରି ୯୨.୬ ଶତକଡା ନମ୍ବର ରଖି ଯଶୋଦାରାଣି ଗିରି ୨ୟ ଓ ୯୨.୨ ଶତକଡା ନମ୍ବର ରଖି ମୌସୁମୀ ସାହୁ ୩ୟ ସ୍ଥାନ ହାସଲ କରିଛନ୍ତି। ୧ମ ବ୍ୟାଚର ଏହି ସଫଳତାକୁ ନେଇ ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟଜିତ୍ ସାହୁ ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ଶିକ୍ଷୟିତ୍ରୀ/ଶିକ୍ଷକଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି।

## ଆଧାର କାର୍ଡ ସଂଶୋଧନ ପାଇଁ ନେଉଛନ୍ତି ଦେଢ଼ରୁ ୨ଶହ ଟଙ୍କା

ବଡ଼ଗାଁ,୫।୮(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକରେ ଆଧାରକାର୍ଡ ସଂଶୋଧନ ବ୍ୟବସ୍ଥା କରାଯାଇଛି। ଏଠାରେ ସଂଶୋଧନ ପାଇଁ ୭୦ ଟଙ୍କା ଆବଶ୍ୟକ। କିନ୍ତୁ ନିଆଯାଉଛି ଦେଢ଼ରୁ ୩ଶହ ଟଙ୍କା। ବଡ଼ଗାଁର ଅର୍ଜୁନ କୁମାର ନାୟକଙ୍କ ଆଧାରକାର୍ଡରେ ଜନ୍ମ ତାରିଖ ସଂଶୋଧନ ପାଇଁ ଦେଢ଼ ଶହ ଟଙ୍କା ନିଆଯାଇଛି। ଏ ସମ୍ପର୍କରେ ସେ ଗୁରୁବାର ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜଙ୍କୁ ଜଣାଇଛନ୍ତି। ଏହିପରି ଗ୍ରାମାଞ୍ଚଳରୁ ଆସୁଥିବା ଗରିବ ଅଧିବାସୀଙ୍କୁ ସର୍ବସମ୍ମୁଖରେ କାର୍ଯ୍ୟାଳୟରେ ଶୋଷଣ କରାଯାଉଥିଲେ ମଧ ସମସ୍ତେ ନୀରବଦ୍ରଷ୍ଟା ସାଜିଛନ୍ତି। ବ୍ଲକ ଅଫିସରେ ଗରିବଙ୍କୁ ଶୋଷଣ ପ୍ରଥମ ଘଟଣା ନୁହେଁ, ପୂର୍ବରୁ ମଧ ସଂଶୋଧନବେଳେ ଦେଢ଼ରୁ ୨ଶହ ଟଙ୍କା ନିଆଯାଇଥିଲା। ଗତ ଦେଢ଼ବର୍ଷ ହେଲା କରୋନା ମହାମାରୀ ଯୋଗୁ ଲୋକଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ଥିଲାବେଳେ ସରକାରୀ କାର୍ଯ୍ୟାଳୟରେ ନିର୍ଭୟରେ କର୍ମଚାରୀଙ୍କ ଦ୍ୱାରା ଶୋଷିତ ହେବା ବାସ୍ତବିକ ଚିନ୍ତାଜନକ। ମହାମାରୀ ନିୟମ ଲାଗୁ ଥିଲାବେଳେ ଏହା ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ ଲାଗୁ କରାଯାଉ ନାହିଁ। ତେବେ ଆଧାରକାର୍ଡ ସଂଶୋଧନ ପାଇଁ ଶୋଷଣକୁ ନେଇ ଲାଗି ରହିଥିବା ଅସନ୍ତୋଷ ଭିନ୍ନ ରୂପ ନେବା ପୂର୍ବରୁ ଜିଲା ପ୍ରଶାସନ ହସ୍ତକ୍ଷେପ କରି ମହାମାରୀ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ଜିଲା ବରିଷ୍ଠ ନାଗରିକ ଫୋରମ୍‌ର ବୈଠକ

ଦେବଗଡ,୫।୮(ଡି.ଏନ.ଏ):ସ୍ଥାନୀୟ କ୍ଲବଗୃହ ଠାରେ ଦେବଗଡ ଜିଲା ବରିଷ୍ଠ ନାଗରିକ ଫୋରମର ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଗୁରୁବାର ଫୋରମର ଏକ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଫୋରମର ଉପଦେଷ୍ଟା ସୁଦର୍ଶନ ଦାଶ, ଲଳିତ ମୋହନ ସାହୁ, ଭୁବନେଶ୍ୱର ପ୍ରଧାନ, ରାମଚନ୍ଦ୍ର ପ୍ରଧାନ, ଯୋଗେଶ୍ୱର ବିଶ୍ୱାଳ, ରାମଚନ୍ଦ୍ର ଭୋଇ, ମିତ୍ରଭାନୁ ମହାପାତ୍ର, ମହମ୍ମଦ ନସୀର କାନ ଓ ବାଣେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ଜିଲାର ବିଭିନ୍ନ ସମସ୍ୟା ଓ ଏଗୁଡିକର ସମାଧାନ ସମ୍ପର୍କରେ ଆଲୋଚନା କରାଯାଇ ବିଭିନ୍ନ ପ୍ରସ୍ତାବ ଗୃହିତ ହୋଇଥିଲା। ଫୋରମ ପକ୍ଷରୁ ଜିଲା ପ୍ରଶାସନ ନିକଟକୁ ପଠାଯାଉଥିବା କୌଣସି ପ୍ରସ୍ତାବ କିମ୍ବା ଅନୁରୋଧକୁ ପ୍ରଶାସନ ଗୁରୁତ୍ୱ ପ୍ରଦାନ କରୁ ନ ଥିବାରୁ ଏହି ଅବସରରେ ଫୋରମ ପକ୍ଷରୁ କ୍ଷୋଭ ପ୍ରକାଶ କରାଯିବା ସହ ଏନେଇ ରାଜ୍ୟ ମାନବ ଅଧିକାର କମିଶନକୁ ଅଭିଯୋଗ କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଯାଇଥିଲା । ଏଥିସହ ଜିଲାକୁ ରେଳ ଲାଇନ ସଂଯୋଗ ନିମନ୍ତେ ପତ୍ରାଳାପ, ଦେବଗଡ ମହାବିଦ୍ୟାଳୟରେ ବାଣିଜ୍ୟ ବିଭାଗ ଏବଂ ପିଜି ଶ୍ରେଣୀ ଖୋଲିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟକୁ ପତ୍ର ମାଧମରେ ଅନୁରୋଧ କରାଯିବା, ଫୋରମର ବୈଠକକୁ ଆସିବା ପାଇଁ ବିଧାୟକଙ୍କୁ ଅନୁରୋଧ କରାଯିବା ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବିଳମ୍ବେ ଡାଇଲିସିସ ମେଶିନକୁ କାର୍ଯ୍ୟକ୍ଷମ କରାଯିବା ପାଇଁ ଜିଲା ମୁଖ୍ୟଚିକିତ୍ସା ଅଧିକାରୀଙ୍କ ନିକଟରେ ଦାବି କରିବାକୁ ମଧ ଏହି ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଥିଲା । ଶେଷରେ ଫୋରମର ସମ୍ପାଦକ ରାମଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ୮୧ ଡାକ୍ତର, ୪୦୨ ପାରାମେଡିକାଲ କର୍ମଚାରୀଙ୍କୁ ନିଯୁକ୍ତି

### ସୁନ୍ଦରଗଡ଼ ଜିଲାରେ ସ୍ୱାସ୍ଥ୍ୟସେବା ଉନ୍ନତି କରିବା ପାଇଁ ପଦକ୍ଷେପ

ସୁନ୍ଦରଗଡ଼,୫।୮(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲାରେ କୋଭିଡ୍ ମହାମାରୀ ସମୟରେ ଜନସାଧାରଣଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲାଗି ପ୍ରଶାସନ ପକ୍ଷରୁ ଡାକ୍ତର ଏବଂ ପାରାମେଡିକାଲ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଉଛି। ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍ଏଫ୍) ସହଯୋଗ କ୍ରମେ ବିଭିନ୍ନ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ରାଉରକେଲା ସରକାରୀ ଚିକିତ୍ସାଳୟରେ ଅଧିକ ସଂଖ୍ୟକ ଡାକ୍ତର ଏବଂ ପାରାମେଡିକାଲ କର୍ମଚାରୀ ନିଯୁକ୍ତି ପାଇବା ଫଳରେ ଜିଲାର ସ୍ୱାସ୍ଥ୍ୟସେବାକ୍ଷେତ୍ର ଅଧିକ ସୁଦୃଢ ହୋଇପାରିଛି। ଡିଏମ୍ଏଫ୍‌ର ଆର୍ଥିକ ସହାୟତା କ୍ରମେ ଜିଲାରେ ୮୧ ଡାକ୍ତରଙ୍କ ସହ ୪୦୨ ପାରାମେଡିକାଲ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି।

ସୁନ୍ଦରଗଡ଼ ଜିଲାରେ କୋଭିଡ୍ ଏବେ ନିୟନ୍ତ୍ରଣରେ ରହିଛି। ତେବେ ସମ୍ଭାବ୍ୟ ତୃତୀୟ ଲହରକୁ ଦୃଷ୍ଟିରେ ରଖି ଜିଲାର


ଡିଏମ୍ଏଫ ଅନୁଦାନରେ ନିଯୁକ୍ତି ପାଇଥିବା ସ୍ୱାସ୍ଥ୍ୟ କର୍ମଚାରୀ।

ବିଭିନ୍ନ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ନମୁନା ସଂଗ୍ରହ ଓ ପରୀକ୍ଷା ଚାଲୁରହିଛି। ଫଳରେ କୋଭିଡ୍ ରୋଗୀଙ୍କୁ ଚିହ୍ନଟ କରି ସେମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସମ୍ଭବ ହୋଇପାରୁଛି। ଏହି କାର୍ଯ୍ୟରେ ପାରାମେଡିକାଲ କର୍ମଚାରୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ସେହିପରି କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମରେ ଅଧିକ ସଂଖ୍ୟକ ଏଏନଏମ ଏବଂ ଡାଟା ଏଣ୍ଟ୍ରି ଅପରେଟରମାନଙ୍କୁ ନିୟୋଜିତ କରାଯାଇଛି। ଜିଲାରେ ସ୍ୱାସ୍ଥ୍ୟଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଲୋକମାନେ କିପରି ଉତ୍ତମ ମାନର ସ୍ୱାସ୍ଥ୍ୟସେବା ପାଇବେ ତା' ଉପରେ ଗୁରୁତ୍ୱ ଦିଆଯାଉଛି। ଜିଲାରେ ରୋଗୀ ସେବାକୁ ଉନ୍ନତ କରିବା ପାଇଁ ଯେଉଁ ମାନବ ସମ୍ବଳର ଆବଶ୍ୟକତା ରହିଥିଲା ତାହା ପୂରଣ ହୋଇପାରିଛି ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର କହିଛନ୍ତି। ଡିଏମ୍ଏଫ୍ ସହାୟତାରେ ନିଯୁକ୍ତି ପାଇଥିବା ଡାକ୍ତରଙ୍କ ଭିତରେ ଡେଣ୍ଟାଲ, ମେଡିସିନ, ସ୍ତ୍ରୀ ଓ ପ୍ରସୂତି, ଶିଶୁ ରୋଗ, ଅର୍ଥୋପେଡିକ୍ସ, ଇଏନଟି, ସର୍ଜରୀ, ଅନାସଥେସିଆ ଏବଂ ଫିଜିଓଥେରାପି ବିଭାଗର ଡାକ୍ତର ଓ ସ୍ପେଶାଲିଷ୍ଟ ଅଛନ୍ତି। ସେହିପରି ପାରାମେଡିକାଲ କର୍ମଚାରୀଙ୍କ ଭିତରେ ଷ୍ଟାଫ ନର୍ସ, ଏଏନଏମ, ଲାବୋରେଟୋରି ଆସିଷ୍ଟାଣ୍ଟ, ଫାର୍ମାସିଷ୍ଟ, ଡାଟା ଏଣ୍ଟ୍ରି ଅପରେଟର, ଅଫିସ ଆସିଷ୍ଟାଣ୍ଟ, ରେଡିଓଗ୍ରାଫର, ହସ୍ପିଟାଲ ମ୍ୟାନେଜର ଏବଂ ଆକାଉଣ୍ଟାଣ୍ଟ ଆଦି ଅଛନ୍ତି।

ହେମଗିରି ଡାକ୍ତରଖାନାରେ ଡିଏମ୍ଏଫ୍ ମାଧ୍ୟମରେ ନିଯୁକ୍ତି ପାଇଛି। ଡାକ୍ତରଙ୍କ ସଂଖ୍ୟା କମ ଥିବାରୁ ଆଗରୁ ରୋଗୀ ଦେଖିବାରେ ଯେଉଁ ଅସୁବିଧା ଥିଲା ତାହା ଦୂର ହୋଇପାରିଛି। ପ୍ରତିଦିନ ୩୫ରୁ ୪୦ ରୋଗୀଙ୍କୁ ଆମେ ସୁବିଧାରେ ଦେଖି ପାରୁଛୁ ବୋଲି ଡେଣ୍ଟାଲ ସର୍ଜନ ଡାକ୍ତର ଶୁଭଶ୍ରୀ ଷଡ଼ଙ୍ଗୀ କହିଛନ୍ତି।

## କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଏମ୍‌ପିଙ୍କ ଦାବିପତ୍ର


କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟୁଛନ୍ତି ଏମ୍‌ପି ନୀତେଶ ଗଙ୍ଗଦେବ।

### ଦେବଗଡ଼ ଜିଲାକୁ ରେଳ ସଂଯୋଗ ପ୍ରସଙ୍ଗ

ଦେବଗଡ଼, ୫।୮(ଡି.ଏନ.ଏ.)

ଦେବଗଡ଼ ଜିଲା ଆଜି ପର୍ଯ୍ୟନ୍ତ ରେଳ ମାନଚିତ୍ରରେ ସ୍ଥାନ ପାଇ ପାରିନାହିଁ। ଜିଲାର ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ତୁରନ୍ତ ରେଳ ସଂଯୋଗ ପାଇଁ ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନିକଟରେ ଦାବି କରିଛନ୍ତି। ବୁଧବାର ଗଙ୍ଗଦେବ ପାର୍ଲିଆମେଣ୍ଟ ଭବନସ୍ଥିତ ରେଳ ମନ୍ତ୍ରଣାଳୟ କାର୍ଯ୍ୟାଳୟରେ ବିଭାଗୀୟ ମନ୍ତ୍ରୀ ବୈଷ୍ଣବଙ୍କୁ ସାକ୍ଷାତ କରି ଏହିମର୍ମରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପାଞ୍ଚସହ କୋଟି ଟଙ୍କାର ଏକ ସପ୍ଲିମେଣ୍ଟରୀ ବଜେଟ କରି ଝାରସୁଗୁଡାରୁ କୁଚିଣ୍ଡା-ଦେବଗଡ଼-ବାରକୋଟ-ପାଲଲହଡା ଦେଇ ପାରାଦ୍ୱୀପକୁ ରେଳ ସାଂଯୋଗ ପାଇଁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏଥିସହ ଜିଲାକୁ ସାଂଯୋଗ କରୁଥିବା ତାଳଚେର-ବିମଳାଗଡ ୧୫୪ କିଲୋମିଟର ନୂତନ ରେଳ ଲାଇନ ପ୍ରକଳ୍ପର ଅଗ୍ରଗତି ପାଇଁ ଦାବି କରିଛନ୍ତି। ଗତ ବଜେଟରେ ଏହି ପ୍ରକଳ୍ପ ପାଇଁ ୧୪୦ କୋଟି ଟଙ୍କା ଆବଣ୍ଟନ କରାଯାଇଥିବାବେଳେ ଚଳିତ ବଜେଟରେ ମାତ୍ର ୧୦କୋଟି ଟଙ୍କା ଆବଣ୍ଟନ କରାଯାଇଥିବାରୁ ପ୍ରକଳ୍ପ ଅନିଶ୍ଚିତତା ମଧ୍ୟକୁ ଚାଲିଯାଇଥିବା ନେଇ ଏମ୍‌ପି ଗଙ୍ଗଦେବ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଏମ୍‌ପି ଗଙ୍ଗଦେବ ସୂଚନା ଦେଇଛନ୍ତି ।

## କାମ ହୋଇଛି ୩ ଲକ୍ଷ ୨୦ ହଜାର: ଫଳକ ଲାଗିଛି ୬ ଲକ୍ଷ





ନିର୍ମାଣ ହୋଇଥିବା ମମତା ଗୃହ ଓ ସୂଚନା ଫଳକ।

କୁତ୍ରା,୫।୮(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକରେ ଦୁର୍ନୀତି ଥମିବାର ନାଁ ଧରୁନାହିଁ। ଗୋଟିଏ ପରେ ଗୋଟିଏ କାମରେ ଅନିୟମିତତା ଦେଖିବାକୁ ମିଳିଛି। କୁତ୍ରା କେନ୍ଦ୍ରୀୟ ବିଦ୍ୟାଳୟ ସମ୍ମୁଖରେ ମା' ଓ ଶିଶୁଙ୍କ ପାଇଁ ଏକ ମମତା ଗୃହ ନିର୍ମାଣ କରାଯାଇଛି। ଗତ ଜୁନ ୧୭ ତାରିଖ କୁତ୍ରା ବିଡ଼ିଓ ଉଦ୍‌ଘାଟନ ମଧ କରିଛନ୍ତି। ଏଠାରେ ଏକ ସୂଚନା ଫଳକ ଲଗାଯାଇ ଲେଖାହୋଇଛି ୨୦୨୦-୨୧ ଆର୍ଥିକ ବର୍ଷରେ କୁତ୍ରା ମନ୍ଦିରପଡା ପାଇଁ ଏକ ମମତା ଗୃହ, ପାଚେରୀ, ରୋଷେଇ ଗୃହ, ଟଏଲେଟ, ଓଭରହେଡ ଟେଙ୍କ ନିର୍ମାଣ ପାଇଁ ଆମ୍ବାଡିସି ତରଫରୁ ୬ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ତେବେ କେବଳ ପାଚେରୀ ଓ ମମତା ଗୃହ ନିର୍ମାଣ ହୋଇଛି। ରୋଷେଇ ଗୃହ, ଟଏଲେଟ, ଓଭରହେଡ ଟ୍ୟାଙ୍କ ନିର୍ମାଣ ହୋଇନାହିଁ। ମମତା ଗୃହ ଓ ପାଚେରୀ ପାଇଁ ୩ଲକ୍ଷ ୨୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ବାକି ୨ଲକ୍ଷ ୮୦ ହଜାର ଟଙ୍କା ଗଲା କୁଆଡେ ବୋଲି ପ୍ରଶ୍ନ ଉଠୁଛି। ଏବାବଦରେ କୁତ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପଚାରିଲେ କହୁଛନ୍ତି, ଏହା ଭୁଲରେ ୩ଲକ୍ଷ ୨୦ ହଜାର ବଦଳରେ ୬ ଲକ୍ଷ ଲେଖା ହୋଇଛି। ଯଦି ଭୁଲ ଅଛି ତେବେ ଏତେ ଦିନ ବିତିଗଲାପରେ ମଧ ପରିବର୍ତ୍ତନ କରାଯାଉନାହିଁ କାହିଁକି। ଏବାବଦରେ ସହକାରୀ ଯନ୍ତ୍ରୀ କହୁଛନ୍ତି ଟଙ୍କା ଆସିନି ସେଥିପାଇଁ ନିର୍ମାଣ ହୋଇନାହିଁ। ସରକାରୀ କର୍ମଚାରୀଙ୍କ ବୟାନର ତାଳମେଳ ରହୁନାହିଁ। ତେବେ ପ୍ରକୃତ ସତ୍ୟାସତ୍ୟ କଣ ତାହା ଏବେ ସମସ୍ତେ ଜାଣିବା ଆବଶ୍ୟକ। ଏହାକୁ ନେଇ ବର୍ତ୍ତମାନ ଦ୍ୱନ୍ଦରେ କୁତ୍ରା ଗ୍ରାମବାସୀ। ପ୍ରକୃତ ସତକଥା କଣ, କାହିଁକି ଏପରି ଲେଖା ହେଲା ବୋଲି ଗ୍ରାମବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବ୍ରଜରାଜନଗର, ୫।୮ (ଡି.ଏନ.ଏ.)

ଝାରସୁଗୁଡା ଜିଲା ବ୍ରଜରାଜନଗର ଗାନ୍ଧୀ ଛକ ବଘରାଚକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ କୁଳମଣି ପଟେଲଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଦ୍ୟାଳୟ ପକ୍ଷରୁ ଆୟୋଜିତ ସଭାରେ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ରାଜକିଶୋର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

## ବୃକ୍ଷରୋପଣ କାର୍ଯ୍ୟକ୍ରମ

ବ୍ରଜରାଜନଗର, ୫।୮ (ଡି.ଏନ.ଏ.)

ବ୍ରଜରାଜନଗର ଫୁଟବଲ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ହରିଓମ୍ ବିହାର ଛକ ନିକଟରେ ଗୁରୁବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରଞ୍ଜନ ସିଂ, ବିରେନ୍ଦ୍ର ସିଂ, ହୁଲାସ ପରିଡା, ବିମ୍ଲେଶ ସିଂ, ଟିଙ୍କୁ ଶର୍ମା, ବାବୁ ମହାପାତ୍ର ପ୍ରମୁଖ ଯୋଗଦେଇ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି ।

## ବିଜୁଛାତ୍ର ଜନତା ଦଳ ପକ୍ଷରୁ ଚାରା ରୋପଣ


ବିଜୁ ଛାତ୍ରଜନତା ଦଳ ତରଫରୁ ଚାରାରୋପଣ କରାଯାଉଛି।

ସୁନ୍ଦରଗଡ,୫।୮(ଡି.ଏନ.ଏ.)

ଜିଲା ବିଜୁ ଛାତ୍ର ଜନତା ଦଳ ତରଫରୁ ସଭାପତି ସୟଦ ସେହବାଜ ହୁସେନଙ୍କ ନେତୃତ୍ୱରେ ଗୁରୁବାର ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଲଳିତ କୁମାର ସାହୁ, ଆସିଷ୍ଟାଣ୍ଟ ପ୍ରଫେସର ବୀରେନ୍ଦ୍ର କୁମାର ପଟେଲ, ଆସିଷ୍ଟାଣ୍ଟ ପ୍ରଫେସର ଡ଼କ୍ଟର କୁମୁଦିନୀ ରାଉତରାୟ, ସୁନ୍ଦରଗଡ ସଦର ନିର୍ବାଚନ ମଣ୍ଡଳୀର ଉପ ପର୍ଯ୍ୟବେକ୍ଷକ ଦେବାଶିଷ ମଲ୍ଲିକ, ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଯୋଗେଶ କୁମାର ସିଂ, ଗଭର୍ଣ୍ଣିଙ୍ଗବଡ଼ି ସଦସ୍ୟ ଡ଼କ୍ଟର ଚିରବ୍ରତ ଦତ୍ତ, ବିଶ୍ୱରଞ୍ଜନ ହୋତା, ସୁମନ୍ତ ପଣ୍ଡା, ଅଶୋକ କୁମାର ସ୍ୱାଇଁ, ବିଜୁ ଛାତ୍ର ଜନତା ଦଳ ସଭାପତି ସୟଦ ସହବାଜ ହୁସେନ, ପ୍ରଦୀପ ବହିଦାର ସମେତ ଜିଲ୍ଲାର ସମସ୍ତ ଛାତ୍ର ନେତା ଯୋଗ ଦେଇଥିଲେ। ଏହାପରେ ହସ୍ପିଟାଲ ରୋଡ଼ ସ୍ଥିତ ଅମ୍ବା ରେସିଡେନ୍ସିରେ ସୁନ୍ଦରଗଡ ଜିଲା ବିଜୁ ଛାତ୍ର ଜନତା ଦଳର କର୍ମକର୍ତ୍ତାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା।

## ବଣାଇଁ ମଜଦୁର ସଂଘର ନୂତନ କାର୍ଯ୍ୟକାରିଣୀ ଗଠିତ

ରାଉରକେଲା ଅଫିସ୍, ୫।୮

ସୁନ୍ଦରଗଡ଼ ଜିଲା ଟେନସା ସ୍ଥିତ ବଣେଇ ମଜଦୁର ସଂଘ କାର୍ଯ୍ୟାଳୟରେ ବଣେଇ ମଜଦୁର ସଂଘର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଇସ୍ପାତ ମଜଦୁର ମହାସଂଘର ସାଧାରଣ ସମ୍ପାଦକ ରାଜେନ୍ଦ୍ର ନାଥ ମାହାନ୍ତ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରାରମ୍ଭରେ ସଂଘ ସଭାପତି ଅକ୍ଷୟ ମହାନ୍ତି ଅଭିଭାଷଣ ଦେଇଥିଲେ। ଏହାପରେ ସାଧାରଣ ସମ୍ପାଦକ ପ୍ରଭାକର ମଲ୍ଲିକ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ ସଭାପତି ତଥା ଓଡିଶା ଖଣି ଏବଂ ଇସ୍ପାତ ପ୍ରଭାରୀ ହିମାଂଶୁ ବଳ ମୁଖ୍ୟଅତିଥି ଏବଂ ନିର୍ବାଚନ ଅଧିକାରୀ ରୂପେ ଉପସ୍ଥିତ ଥିଲେ। ପରେ ନୂତନ କାର୍ଯ୍ୟକାରିଣୀ


ମଜଦୁର ସଂଘର ନୂତନ କର୍ମକର୍ତ୍ତା।

ଘୋଷଣା ହୋଇଥିଲା। ଏଥିରେ ବି. ପେରୁସ୍ୱାମୀ ଅଧକ୍ଷ, ଯଶୋବନ୍ତ ବେହେରା ଏବଂ ବସନ୍ତ ନାୟକ କାର୍ଯ୍ୟକାରୀ ଅଧକ୍ଷ, କୈଳାଶ ଚନ୍ଦ୍ର ପଣ୍ଡା ସାଧାରଣ ସମ୍ପାଦକ, ଫକୀର ମୋହନ ମାହାନ୍ତ କୋଷାଧକ୍ଷ, ଅଜୟ ଦାସ, ବିକ୍ରମ ସିଂ, ବିଭିଷଣ ମାହାନ୍ତ, ନରେନ୍ଦ୍ର ବିଶ୍ୱାଳ ସମ୍ପାଦକ, କ୍ରିଷ୍ଣକାନ୍ତ ଦୁବେ, ଭଗବାନ ନାୟକ, ଗୁକୁନା ବାରିକ, ପ୍ରଫୁଲ୍ଲ ପାତ୍ର, ଅଜୟ ଧଳ, କେଦାର ମହାକୁଡ, କୁରୁଚି ମାହାନ୍ତ କାର୍ଯ୍ୟକାରିଣୀ ସଦସ୍ୟ ଏବଂ ଉପଦେଷ୍ଟା ଭାବେ ପ୍ରଭାକର ମଲ୍ଲିକ, ଅକ୍ଷୟ ମାହାନ୍ତି, ପ୍ରଶାନ୍ତ ତ୍ରିପାଠୀ ପ୍ରମୁଖ ରହିଥିଲେ। ଶେଷରେ ସଂଘର କାର୍ଯ୍ୟକାରିଣୀ ସଦସ୍ୟ ଭଗବାନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୁହାର ପରିବାର ପକ୍ଷରୁ ବୃକ୍ଷରୋପଣ

ଜମନକିରା, ୫।୮ (ଡି.ଏନ୍.ଏ.)

ଜମନକିରା ବ୍ଲକ୍ ଗୁଣ୍ଡୁରୁଟୁଆଁ ରାସ୍ତା କଡ଼ରେ ଦିଲ୍ଲୀ ସ୍ଥିତ ଜୁହାର ପରିବାର ପକ୍ଷରୁ ଚାରା ରୋପଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଡିମିରିମୁଣ୍ଡା ବୈଦିକ ଆଶ୍ରମର ପରିଚାଳକ ସ୍ୱାମୀ ଶିବାନନ୍ଦ ମହାରାଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରା ଲଗାଇଥିଲେ। ଏଥିରେ ଗୁଣ୍ଡୁରୁଟୁଆଁର ଦିନେଶ ପଟେଲ, ଅଶୋକ ପଟେଲ, ଭୁବନେଶ୍ୱର ମୁଣ୍ଡା, ସରୋଜ ପଟେଲ ପ୍ରମୁଖ ସାମିଲ ହୋଇଥିଲେ। ଗୁଣ୍ଡୁରୁଟୁଆଁ ଦେବସେନାର କର୍ମକର୍ତ୍ତା ସହଯୋଗ କରିଥିଲେ।

## ୨ ବର୍ଷ ପରେ ହତ୍ୟା ଅଭିଯୁକ୍ତ ଗିରଫ

କୁଆଁରମୁଣ୍ଡା,୫।୮(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ମଙ୍ଗଲାଲ ଦଫେଇର କବି ଜୟପୁରିଆ(୫୨)ଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାଶ କରିବା ସହ ଦୀର୍ଘ ୨ ବର୍ଷ ପରେ ଅର୍ଥାତ ଗୁରୁବାର ହତ୍ୟାକାରୀଙ୍କୁ ଗିରଫ କରିଛି ବୀରମିତ୍ରପୁର ପୋଲିସ। ହତ୍ୟାକାରୀ ଜଣଙ୍କ ହେଉଛନ୍ତି ବୀରମିତ୍ରପୁର ଜଗନ୍ନାଥ ବାଟିକା ଅଞ୍ଚଳର ବିନୋଦ କେଶରୀ(୪୧)। ବିନୋଦଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶକ୍ରମେ ବୀରମିତ୍ରପୁର ଏସ୍‌ଡିପିଓ ମାନସ ରଞ୍ଜନ ପ୍ରଧାନ, ଆଇଆଇସି ଶୁଚିସ୍ମିତା ଦାଶ ଓ ଅନ୍ୟମାନଙ୍କୁ ନେଇ ଗଠିତ ଏକ ପୋଲିସ ଟିମ୍ ଘଟଣାର ଛାନଭିନ୍ କରି ଅଭିଯୁକ୍ତ ବିନୋଦଙ୍କୁ ଧରିବାରେ ସକ୍ଷମ ହୋଇଛନ୍ତି। ଏସ୍‌ଡିପିଓ ପ୍ରଧାନଙ୍କ ସୂଚନାନୁଯାୟୀ, ମୃତ କବି ଜୟପୁରିଆ ଓ ହତ୍ୟାକାରୀ ବିନୋଦ ବୀରମିତ୍ରପୁରର ଏକ ହୋଟେଲରେ କାର୍ଯ୍ୟ କରୁଥିଲେ। ସେଠାରେ ଝାଡଖଣ୍ଡ ରାଜ୍ୟର ସିମଡେଗା ଅଞ୍ଚଳର ଜଣେ ମହିଳାଙ୍କ ସହ କବିଙ୍କର ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିଲା।ହେଲେ ବିନୋଦ ମଧ୍ୟ ଉକ୍ତ ମହିଳାଙ୍କୁ ପ୍ରେମ କରୁଥିଲେ। ଜଣେ ମହିଳାଙ୍କୁ ୨ଜଣ ପ୍ରେମ କରୁଥିବା କାରଣରୁ ବିନୋଦ ଉତ୍ତ୍ୟକ୍ତ ହୋଇ ଗତ ୨୦।୫।୨୦୧୯ ବିଳମ୍ବିତ ରାତିରେ ବୀରମିତ୍ରପୁର ବିଏସ୍‌ଏଲ ହସ୍ପିଟାଲ ନିକଟରେ ପଥରରେ ଛେଚି ହତ୍ୟାକରି ଘଟଣାକୁ ଚପାଇ ଦେଇଥିଲେ।

## ସ୍ୱାୟତ୍ତ ଶାସନକୁ କଳାଦିବସ ଭାବେ ପାଳନ କରିବ କଂଗ୍ରେସ

### ସୁନ୍ଦରଗଡ ସହରବାସୀଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇ ନ ପାରିଲେ ଆନ୍ଦୋଳନ

ସୁନ୍ଦରଗଡ଼,୫।୮(ଡି.ଏନ.ଏ)

ସୁନ୍ଦରଗଡ଼ ସହରବାସୀଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇ ନ ଦେଲେ ଆସନ୍ତା ସ୍ୱାୟତ୍ତ ଶାସନ ଦିବସକୁ କଂଗ୍ରେସ କଳା ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଛି। ଏନେଇ ଗୁରୁବାର ଟାଉନ କଂଗ୍ରେସର ସଭାପତି ନେପାଳ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପୌରପାଳିକାର ନିର୍ବାହୀ ଅଧିକାରୀ ପ୍ରଦୀପ ସାହାଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବିପର୍ଯ୍ୟସ୍ତ ରାସ୍ତାଘାଟ, ଡ୍ରେନେଜ, ଆଲୋକ ଓ ପରିମଳ ବ୍ୟବସ୍ଥା ଉନ୍ନତି ଦିଗରେ ବାରମ୍ବାର ଜନସାଧାରଣଙ୍କ ପକ୍ଷରୁ ଅଭିଯୋଗ ପରେ ମଧ କୌଣସି


କଂଗ୍ରେସ ପ୍ରତିନିଧି ଦଳ ପୌରପାଳିକାର ନିର୍ବାହୀ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ପଦକ୍ଷେପ ନିଆଯାଉ ନ ଥିବାରୁ ଲୋକେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି।ଏପରିକି ବର୍ତ୍ତମାନ ସହରରେ ଡେଙ୍ଗୁର ପ୍ରାର୍ଦୁଭାବ ମଧ ଦେଖିବାକୁ ମିଳିଲାଣି ବୋଲି ଏହି ପ୍ରତିନିଧି ଦଳ ଅଭିଯୋଗ କରିଥିଲେ। ଏହି ପ୍ରତିନିଧି ଦଳରେ ଜିଲା ଉପସଭାପତି ଅଜିତ ପ୍ରସାଦ, ପର୍ଶୁରାମ ସରାଫ, ଦେବାଶିଷ ଦାଶ, ସତ୍ୟନାରାୟଣ ସାହୁ, ରମଣୀ ରଞ୍ଜନ ଯୋଶୀ, ପୁଷ୍ପାରାଣୀ ସରାଫ ପ୍ରମୁଖ ସାମିଲ ଥିଲେ।

## କୂଅରେ ପଡ଼ି ୨ବର୍ଷର ଶିଶୁପୁତ୍ର ମୃତ

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ଜିଲା ଯୁଯୁମୁରା ଥାନା ବ୍ରାହ୍ମଣୀନାଲି ଗ୍ରାମରେ ଗୁରୁବାର କୂଅରେ ପଡି ୨ବର୍ଷର ଶିଶୁପୁତ୍ର ବୀଶ ମୁଣ୍ଡାଙ୍କ ମୃତ୍ୟୁ ଘଟିଛି। ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ମିଳିଥିବା ରିପୋର୍ଟ ଅନୁସାରେ ବୀଶ ଅନ୍ୟ କେତେଜଣ ଶିଶୁଙ୍କ ସହ ଗାଁ ଦାଣ୍ଡରେ ଖେଳୁଥିଲା। ଘରଠାରୁ ମାତ୍ର ୨ ମିଟର ଦୂରରେ ଏକ କୂଅ ରହିଛି। ସେଠାକୁ ପିଲାମାନେ ଯାଇଥିବାବେଳେ ବୀଶ କୂଅ ଭିତରେ ପଡିଯାଇଥିଲା। ଅନ୍ୟ ପିଲାଙ୍କଠାରୁ ଖବର ପାଇ ପରିବାର ଓ ଗ୍ରାମବାସୀ ବୀଶକୁ କୂଅରୁ ଉଦ୍ଧାର କରି ଯୁଯୁମୁରା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

**ସଂକ୍ଷେପରେ**

### ପାରିବାରିକ କଳହରୁ ମହିଳାଙ୍କ ଆତ୍ମହତ୍ୟା

ଝାରସୁଗୁଡ଼ା ଅଫିସ,୫।୮: ବେଲପାହାଡ ଥାନା ବଜାରପଡାର ଜନୈକା ମହିଳା ପାରିବାରିକ କଳହରୁ ଗୁରୁବାର ଘର ଭିତରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ପୁଷ୍ପାଞ୍ଜଳି ମେହେର (୩୭)। ପୋଲିସ ମୃତଦେହ ଜବତ କରି ଏ ସମ୍ପର୍କରେ ତାଙ୍କ ବାପଘରକୁ ଖବର ଦେଇଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ମୃତା ମହିଳାଙ୍କ ସ୍ୱାମୀ ଶରତଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୨/୨୧) ରୁଜୁ ହୋଇଛି। ଶରତଙ୍କ ଘର ସୋନପୁର ଅଞ୍ଚଳରେ ହୋଇଥିବାବେଳେ ସେ କିଛିବର୍ଷ ହେଲା ବେଲପାହାଡ ବଜାରପଡାରେ ପରିବାର ସହ ଭଡାଘରେ ରହି ଗାଁ ଗାଁରେ ବୁଲି ଫେରି କରୁଥିଲେ। ତାଙ୍କର ଗୋଟିଏ ଝିଅ ଓ ପୁଅ ରହିଛନ୍ତି। ସ୍ୱାମୀ ଫେରି କରିବାକୁ ଯାଇଥିବାବେଳେ ମହିଳା ଜଣଙ୍କ ଘର ଭିତରେ କବାଟ ବନ୍ଦକରି ରଶି ଲଗାଇ ଦେଇଥିଲେ।

### ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

ରେଢ଼ାଖୋଲ,୫।୮(ଡି.ଏନ.ଏ.): ରେଢ଼ାଖୋଲରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ବ୍ଲକ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ପବିତ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ନିରାଡମ୍ବର ଭାବେ ଦିବସ ପାଳନ ପାଇଁ ନିଷ୍ପତ୍ତି ହୋଇଛି। ବୈଠକରେ ବିଡିଓ ପରିକ୍ଷିତ ସାହୁ, ତହସିଲଦାର ବେର୍ସିଅସ ଡୁଙ୍ଗଡୁଙ୍ଗ, ଓକିଲ ସଂଘ ସଭାପତି ଗଣେଶ୍ୱର ପ୍ରଧାନ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତୀ, ଥାନା ଅଧିକାରୀ ସୁରୁବାବୁ ଛତ୍ରିଆ, ଭାରପ୍ରାପ୍ତ ଏସ୍ଡିଏମ୍ଓ ଡା. ରାମକୃଷ୍ଣ ପତି, ଜିଲାପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ବିରବର ବେହେରାଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହାରାଧନ ମେଣ୍ଡଲି ଧନ୍ୟବାଦ ଦେଇଥିଲେ।

### ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ

ରେଢ଼ାଖୋଲ,୫।୮(ଡି.ଏନ.ଏ.): ରେଢ଼ାଖୋଲ ଏନ୍ଏସି ପକ୍ଷରୁ ଗୁରୁବାର ଅଷ୍ଟମ ପର୍ଯ୍ୟାୟରେ ୨୦୭ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏନ୍ଏସି କାର୍ଯ୍ୟାଳୟ ପରିସରରେ ଆୟୋଜିତ ସଭାରେ କାର୍ଯ୍ୟନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତୀ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ପୂର୍ବତନ ଉପାଧକ୍ଷ ସୁନୀଲ କୁମାର ପ୍ରଧାନ, କାଉନସିଲର ଜ୍ଞାନରଞ୍ଜନ ପ୍ରଧାନ, ଗୋପବନ୍ଧୁ ବାହୁକ, ଲକ୍ଷ୍ମଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ୨୦୧୬-୧୭ରୁ ଲାଗୁ ହୋଇଥିବା ଏହି ଯୋଜନା ଅଧୀନରେ ସହରାଞ୍ଚଳରେ ରହୁଥିବା ବାସହୀନ ଲୋକଙ୍କୁ ଗୃହ ଯୋଗାଇ ଦିଆଯାଉଛି। ତେବେ ରେଢ଼ାଖୋଲ ଏନ୍ଏସିରେ ଥିବା ୧୩ ୱାର୍ଡରେ ବାସହୀନ ଲୋକଙ୍କୁ ଅଷ୍ଟମ ପର୍ଯ୍ୟାୟ ସୁଦ୍ଧା ପ୍ରାୟ ୧୦୭୭ ହିତାଧିକାରୀଙ୍କୁ ଗୃହ ଯୋଗାଇ ଦିଆଯାଇଛି।

### ଟିଆର୍ଏଲ୍ ଏସ୍ବିଆଇ ଆର୍ସେଟିର ସଫଳତା

ଝାରସୁଗୁଡ଼ା ଅଫିସ,୫।୮: ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଟିଆର୍ଏଲ୍ ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ପରିଚାଳିତ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ କେନ୍ଦ୍ର ଆର୍ଥିକବର୍ଷ ୨୦୨୦-୨୧ ପାଇଁ ଡବଲ ଏ' ଗ୍ରେଡ୍ ପାଇ ତା'ର ଉତ୍କର୍ଷତା ବଜାୟ ରଖିଛି। ଟିଆର୍ଏଲ୍ ଏସ୍ବିଆଇ ଆର୍ସେଟି ଗ୍ରାମୀଣ ଯୁବତୀଯୁବକଙ୍କୁ ବିଭିନ୍ନ ଟ୍ରେଡ୍ରେ ତାଲିମ ପ୍ରଦାନ କରୁଛି। ୨୦୨୦-୨୧ ଆର୍ଥିକ ବର୍ଷରେ କେନ୍ଦ୍ର ୭୦୪ ଜଣଙ୍କୁ ତାଲିମ ପ୍ରଦାନ କରିଥିବା ବେଳେ ସେଥିମଧ୍ୟରୁ ୫୦୮ ଯୁବତୀଯୁବକ ବିଭିନ୍ନ କର୍ମସଂସ୍ଥାନରେ ଯୋଗଦେଇ ସ୍ୱରୋଜଗାରକ୍ଷମ ହୋଇପାରିଛନ୍ତି। ଗତ ରବିବାର କେନ୍ଦ୍ରରେ ଆସେସ୍ମେଣ୍ଟ ଆଣ୍ଡ ସାର୍ଟିଫିକେଶନ୍ ଆସିଷ୍ଟାଣ୍ଟ କମ୍ପଟ୍ରୋଲର ଧିରେନ୍ଦ୍ର ଭର୍ମା ଓ ଭୁବନେଶ୍ୱରରୁ ଏଲ୍ଏଚ୍ଓ ଏସ୍ବିଆଇ ନୋଡାଲ୍ ଅଫିସର୍ ରଶ୍ମି ରଞ୍ଜନ ମହାନ୍ତି ପହଞ୍ଚି କେନ୍ଦ୍ରର ବାର୍ଷିକ ମୂଲ୍ୟାଙ୍କନ କରିଥିଲେ। କେନ୍ଦ୍ର ସମ୍ପାଦକ ଡ଼ ସନ୍ତୋଷ ମିଶ୍ର, କେନ୍ଦ୍ରର ଅନ୍ୟତମ ନିର୍ଦ୍ଦେଶକ ତଥା ଏଲ୍ଡିଏମ୍ ଅଜିତ କେର୍କେଟା ଉପସ୍ଥିତ ଥିଲେ। ମୂଲ୍ୟାଙ୍କନରେ କେନ୍ଦ୍ର ନିର୍ଦ୍ଦେଶକ ରାଜକୁମାର ସାହୁ, ସାଜିତ୍ କୁମାର କୁଜୁର, ରଜନୀ ରାଣୀ ନାଏକ, ଅରୁଣ କୁମାର ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ।

# ସମଲେଇ ଯୋଜନାର ସର୍ଭେ କାମ ସ୍ଥଗିତ

ସମ୍ବଲପୁର,୫।୮(ବ୍ୟୁରୋ)

ସମ୍ବଲପୁର ସମଲେଇ ମନ୍ଦିରର ପାରପାର୍ଶ୍ୱିକ ବିକାଶ ପାଇଁ ସମଲେଇ ଯୋଜନା କାମ ଆରମ୍ଭ ହୋଇଛି। ସରକାରୀ ଜମି ଉଚ୍ଛେଦ ପ୍ରକ୍ରିୟା ନିୟମିତ ଭାବେ ପ୍ରଶାସନ ପକ୍ଷରୁ କରାଯାଉଛି। ହେଲେ ସରକାରୀ ଜମି ଜବରଦଖଲ କରି ବହୁବର୍ଷ ଧରି ରହିଆସୁଥିବା ଘୁନଘୁଟି ପଡାବାସୀ ବିସ୍ଥାପନକୁ ବିରୋଧ କରୁଛନ୍ତି। ଗୁରୁବାର ଉଚ୍ଛେଦ ପାଇଁ ସର୍ଭେ କରିବାକୁ ପ୍ରଶାସନିକ ଅଧିକାରୀ ଯାଇଥିବାବେଳେ ବିରୋଧ ହେବାରୁ ଫେରିଆସିଥିଲେ। ଉତ୍ତେଜନା ପ୍ରକାଶ ପାଇବାରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

ପଡାବାସୀ ଗୋଟିଏ ଜିଦ୍ରେ ଅଟଳ ରହିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ସରକାର ଘୋଷଣା କରିଥିବା କ୍ଷତିପୂରଣ ରାଶିର ପରିମାଣ ଠିକ୍ ରହୁନାହିଁ। ଅନ୍ୟ ଧାର୍ମିକ ଅନୁଷ୍ଠାନରେ ଯେଭଳି କ୍ଷତିପୂରଣ ଦିଆଯାଉଛି ସେଭଳି ଦିଆଯାଉ। ଦୀର୍ଘବର୍ଷ ଧରି ସେମାନେ ରହିଆସୁଥିବାବେଳେ ମନ୍ଦିର ସେବାରେ ପୂର୍ବ ପୁରୁଷ ନିୟୋଜିତ ରହିଛନ୍ତି ବୋଲି ଦର୍ଶାଇଥିଲେ। ଏହାପରେ ମନ୍ଦିର ଟ୍ରଷ୍ଟ, ଜିଲା ପ୍ରଶାସନିକ ଅଧିକାରୀ ଓ ପୋଲିସକୁ ନେଇ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିସ୍ଥାପିତଙ୍କ ସହ ଆଲୋଚନା କରିବା ପରେ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ, ସମଲେଇ ଯୋଜନାରେ ୨୫୦ କୋଟି ଟଙ୍କା ମଞ୍ଜୁର ହୋଇଛି। ଏଥିରେ ପ୍ରାୟ ୨ ଶହ ପରିବାର ବିସ୍ଥାପିତ ହେବେ। ପ୍ରାୟ ୩୯ ଏକର ଜମି ଅଧିଗ୍ରହଣ କରାଯିବ। ଏଥିରେ ସରକାରୀ ଓ ରୟତି ଜମି ରହିଛି। ଘୁନଘୁଟି ପଡାବାସୀ ଏହାକୁ ବିରୋଧ କରି ଥଇଥାନ ପରେ ବିସ୍ଥାପନ ହେବେ ବୋଲି ଦାବି କରୁଛନ୍ତି। ସରକାର ମଧ୍ୟ ଜବରଦଖଲକାରୀ ତଥା ସବୁ ବର୍ଗର ପରିବାର ପାଇଁ ସହାୟତା ରାଶି ଘୋଷଣା କରିଛନ୍ତି।



ଘୁନଘୁଟି ପଡାବାସୀଙ୍କ ସହ ଆଲୋଚନା କରୁଛନ୍ତି ପ୍ରଶାସନିକ ଅଧିକାରୀ ଓ ପୋଲିସ।

**ଘୁନଘୁଟିପଡାରେ ଉତ୍ତେଜନା, ପୋଲିସ ମୁତୟନ**

# ଯୁବକଙ୍କ ମୃତଦେହ ଜବତ: ହତ୍ୟା ଅଭିଯୋଗ

ସମ୍ବଲପୁର,୫।୮(ବ୍ୟୁରୋ)

ସମ୍ବଲପୁର ଡିଲେଇବଣି ୫୩ନଂ. ଜାତୀୟ ରାଜପଥର ସଦର ଥାନା ଅନ୍ତର୍ଗତ ଧନକଉଡା ରାସ୍ତା କଡରୁ ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ଧନକଉଡାର ପିଙ୍କୁ ଖମାରୀ (୩୫)। ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ସଦର ଡାକ୍ତରଖାନାରେ ରଖାଯାଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷେ ପିଙ୍କୁକୁ ହତ୍ୟା କରାଯାଇଥିବା ନେଇ ପରିବାର ବର୍ଗ ପୋଲିସରେ ଅଭିଯୋଗ କରିଛନ୍ତି। ସୂଚନାକ୍ରମେ ବୁଧବାର ରାତିରୁ ପିଙ୍କୁ ନିଖୋଜ ଥିଲେ। ସକାଳେ ବାଇକ୍ ସହିତ ରାସ୍ତା କଡରେ ପଡିଥିବା ଜାଣିବା ପରେ ପରିବାର ଓ ସ୍ଥାନୀୟ ଲୋକେ ତାଙ୍କୁ ଜିଲା ସଦର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଅତିରିକ୍ତ ଏସ୍ପି ତପନ କୁମାର ମହାନ୍ତି କହିଛନ୍ତି, ମୃତଦେହ ଉଦ୍ଧାର ହୋଇଛି। ପରିବାର ଲୋକଙ୍କ ଅଭିଯୋଗ କ୍ରମେ ହତ୍ୟା ମାମଲା ରୁଜୁ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡିବ ବୋଲି କହିଥିଲେ।

# ଦଳୀୟ ସଙ୍ଗଠନକୁ ସୁଦୃଢ଼ ଉପରେ ଗୁରୁତ୍ୱ



ବୈଠକରେ ଯୋଗଦେଇଥିବା ଦଳୀୟ ନେତା ଓ କର୍ମୀ।

ସମ୍ବଲପୁର,୫।୮ (ବ୍ୟୁରୋ)

ବିଜେଡି ରାଜ୍ୟ ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିକାଶ କାର୍ଯ୍ୟ କରି ଲୋକଙ୍କ ଆସ୍ଥାଭାଜନ ହୋଇପାରିଛି। ବରିଷ୍ଠ ସଦସ୍ୟ, ମହିଳା ସଂଗଠନ, ଯୁବ ଗୋଷ୍ଠୀ ଦଳ ପାଇଁ କାର୍ଯ୍ୟ କରିଆସୁଛନ୍ତ। ବିଜୁ ଛାତ୍ର ଜନତା ଦଳର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ଧାରାକୁ ବଜାୟ ରଖି ଦଳର ସଂଗଠନକୁ ଆହୁରି ସୁଦୃଢ଼ କରିବା ପାଇଁ ଗୁରୁବାର ସାଂସ୍କୃତିକ ସମାଜ ଭବନରେ ଆୟୋଜିତ ବୈଠକରେ ମତପ୍ରକାଶ ପାଇଥିଲା। ବିଜୁ ଛାତ୍ର ଜନତା ଦଳ ଜିଲା ସଭାପତି ଡ. ସିଦ୍ଧାନ୍ତ ମହାନ୍ତିଙ୍କ ନେତୃତ୍ୱରେ ବୈଠକ ହୋଇଥିଲା। ଏଥିରେ ଜିଲା ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ, ଜିଲା ବିଜେଡି ସଭାପତି ସିଦ୍ଧାର୍ଥ ଦାସ, ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ, ପୂର୍ବତନ ବିଧାୟକ ରମେଶ ପଟୁଆ, ରାଜ୍ୟ ମୁଖପାତ୍ର ସଞ୍ଜୟ ବାବୁ, ଶୈଳେଶ ଦାନି, ଭୁବନେଶ୍ୱର କିଶାନ, ସଞ୍ଜିତ ମହାନ୍ତି, ଦିଲୀପ ଦୁରିଆ ଅତିଥି ଭାବେ ଯୋଗଦେଇଥିଲେ। ଆଗାମୀ ଦିନରେ ସମ୍ବଲପୁର ମହାନଗର ନିଗମର ପ୍ରତ୍ୟେକ ୱାର୍ଡ ଓ ଜିଲାର ପ୍ରତି ପଞ୍ଚାୟତରେ ସଂଗଠନକୁ ମଜଭୁତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଜିଲା ଉପସଭାପତି ସୁଶାନ୍ତ ମେହେର ଧନ୍ୟବାଦ ଦେଇଥିଲେ।

# ନାତି କାଠଫାଳିଆ ମାଡ଼ରେ ଆଈ ମୃତ

ସମ୍ବଲପୁର,୫।୮(ବ୍ୟୁରୋ)

ସମ୍ବଲପୁର ଜିଲା ଧମା ଥାନା ଗୁଣ୍ଡେପୁର ଡୁରୀପଡାରେ ହତ୍ୟାକାଣ୍ଡ ଘଟିଛି। ନାତି ସୁଶୀଲ ବାଗ୍ଙ୍କ କାଠଫାଳିଆ ମାଡ଼ରେ ଆଈ ମାଖନୀଙ୍କ ମୃତ୍ୟୁ ଘଟିଛି। ଘଟଣା ପରେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ସମ୍ବଲପୁର-ସୋନପୁର ରାଜ୍ୟ ରାଜପଥ ଗୁଣ୍ଡେରପୁର ଛକରେ ପ୍ରାୟ ୪ ଘଣ୍ଟା ଧରି ରାସ୍ତା ଅବରୋଧ ଯୋଗୁ ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରଶାସନ ଓ ପୋଲିସ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଅଭିଯୋଗ କ୍ରମେ ସୁଶୀଲ ନିଶା ସେବନ ଓ କାରବାର କରନ୍ତି। ହାକୁ ନେଇ ଅଧିକାଂଶ ସମୟରେ ପରିବାରରେ ଗଣ୍ଡଗୋଳ ହୋଇଥାଏ। ଗୁରୁବାର ସୁଶୀଲ ନିଶା ସେବନ କରି ଘରକୁ ଆସିଥିଲେ। ମାଖନୀ ଏହାର ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ଚଟସା ହୋଇଥିଲା। ଉତ୍ୟକ୍ତ ହୋଇ ସୁଶୀଲ କାଠଫାଳିଆରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ମାଖନୀଙ୍କୁ ଜିଲା ସଦର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।



ସମ୍ବଲପୁର-ସୋନୁପର ରାସ୍ତା ଅବରୋଧ କରାଯାଇଛି।

**ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ**

# ହୀରାକୁଦ ଡ୍ୟାମ୍ର ୨ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର,୫।୮ (ବ୍ୟୁରୋ)

ଗୁରୁବାର ସନ୍ଧ୍ୟା ୬ଟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ ହୀରାକୁଦ ଡ୍ୟାମ୍ର ୨ଟି ଗେଟ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଜଳଭଣ୍ଡାରର ଜଳସ୍ତର ୬୧୦.୭୩ ଫୁଟ୍ ରହିଛି। ବାମ ପାର୍ଶ୍ୱର ୧ ଓ ଡାହାଣ ପାର୍ଶ୍ୱର ୧ଟି ଗେଟ୍ ଖୋଲା ରହିଛି। ଜଳ ଭଣ୍ଡାରକୁ ପ୍ରତି ସେକେଣ୍ଡରେ ୬୧,୫୮୦ କ୍ୟୁସେକ ଜଳ ପ୍ରବେଶ କରୁଥିବାବେଳେ ୫୩,୫୫୪ କ୍ୟୁସେକ ଜଳ ନିଷ୍କାସନ ହେଉଛି। ୨ଟି ଗେଟ୍ ଦେଇ ୨୯,୮୫୦, ପାୱାର ଚ୍ୟାନେଲ ୧୯,୪୧୩, ଶିଳ୍ପାଞ୍ଚଳ ୨୭୨, ଚାଷ ପାଇଁ ବିଭିନ୍ନ କେନାଲରେ ୪୦୧୯ କ୍ୟୁସେକ ଜଳ ନିଷ୍କାସନ ହେଉଛି। ପର୍ଥଲାରେ ୨୦,୬୧୯, ଖଇରମାଲରେ ୬୬ ହଜାର, ବରମୁଲାରେ ୭୮ ହଜାର ଓ ମୁଣ୍ଡଳୀରେ ୭୩,୯୦୦ କ୍ୟୁସେକ ଜଳ ପ୍ରବାହିତ ହେଉଛି।

# ଚାରିଥାକିଆ ରାସ୍ତା: ୨ବର୍ଷ କାମକୁ ଲାଗିଲାଣି ୪ବର୍ଷ

ଜମନକିରା,୫।୮ (ଡି.ଏନ.ଏ.)

ସମ୍ବଲପୁର ଜିଲା ଜମନକିରା ବ୍ଲକ ସଦର ମହକୁମା ବନ୍ଧାଭୂଇଁ ଗାଁ ନିକଟରୁ ଡିଲେଇବଣି ପର୍ଯ୍ୟନ୍ତ ଚାଲିଥିବା ୫୩ନଂ. ରାଜରାସ୍ତା କାମ ଅତି ମନ୍ଥର ଗତିରେ ଚାଲୁଛି। ୨ବର୍ଷ କାମକୁ ଲାଗିଲାଣି ୪ବର୍ଷ। ହେଲେ ବି ରାସ୍ତାକାମ ୭୦ ଭାଗ ସରିଛି। ତେବେ ଆସନ୍ତା ୨ମାସ ମଧ୍ୟରେ କାମ ସମ୍ପୂର୍ଣ୍ଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଜମନକିରା ଅଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି। ଜମନକିରା ବନ୍ଧାଭୂଇଁ ଗାଁ ନିକଟରୁ ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଗୁଣେଇମୁରା ରାଜରାସ୍ତା ୫୩ନଂ. ପର୍ଯ୍ୟନ୍ତ ପ୍ରାୟ ୨୫କି.ମି. ରାସ୍ତାକୁ ଚାରିଥାକିଆ କରାଯିବା ପାଇଁ ଏନ୍ଏଚ୍ଏଆଇ ପକ୍ଷରୁ ୨୦୧୬ରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଉକ୍ତ କାମକୁ ପୁଞ୍ଜଲୟଡ଼ ନାମକ ଏକ ଠିକା ସଂସ୍ଥା ଚୁକ୍ତି କରିଥିଲା। ଚୁକ୍ତିନାମା ଅନୁଯାୟୀ ୨୦୧୭ରୁ ୨୦୧୯ ମଧ୍ୟରେ କାମ ଶେଷ କରିବା କଥା। ମାତ୍ର ଠିକା ସଂସ୍ଥା କାମ ଠିକ୍ରେ ନ ସାରିବାରୁ ଛିତିଶଗଡ଼ ରାୟପୁରର ଡିଭି ନାମକ ଅନ୍ୟ ଏକ ଠିକା ସଂସ୍ଥାକୁ ଏନ୍ଏଚ୍ଏଆଇ ବିଭାଗ ଦାୟିତ୍ୱ ହସ୍ତାନ୍ତର କରିଥିଲା। ଇତିମଧ୍ୟରେ ପ୍ରାୟ ୨ବର୍ଷ ବିତିଥିଲେ ମଧ୍ୟ କାମ ଶେଷ ହୋଇନାହିଁ। ମନ୍ଥର ଗତିରେ କାମ ଚାଲିଛି। ତେବେ ଆସନ୍ତା ୨ ମାସ ମଧ୍ୟରେ ବାଇପାସ୍ ଓ ଚାରିଥାକିଆ ରାସ୍ତା କାମ ଶେଷ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଜମନକିରା ଆଞ୍ଚଳିକ ବିକାଶ ପରିଷଦ ସମ୍ପାଦକ ରବୀନ୍ଦ୍ର ମଲ୍ଲିକ ପ୍ରକାଶ କରିଛନ୍ତି।




# ହକି ଖେଳାଳି ଅମିତଙ୍କୁ ଏସ୍ୟୁ କୁଳପତିଙ୍କ ଶୁଭେଚ୍ଛା

ସମ୍ବଲପୁର,୫।୮(ବ୍ୟୁରୋ)

ଟୋକିଓରେ ଚାଲିଥିବା ହକି ଖେଳରେ ଭାରତୀୟ ପୁରୁଷ ଦଳ ଗୁରୁବାର ବ୍ରୋଞ୍ଜ ପଦକ ହାସଲ କରିଛି। ଖେଳାଳିମାନଙ୍କୁ ଦେଶବାସୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଭାରତୀୟ ଦଳରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ହକି ଦଳର ପୂର୍ବତନ ଖେଳାଳି ଅମିତ ରୋହିଦାସ ମଧ୍ୟ ସାମିଲ ଥିଲେ। ଅମିତଙ୍କୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ ଶୁଭେଚ୍ଛା ଜଣାଇଛନ୍ତି। ଅମିତ କେବଳ ଦେଶ ନୁହେଁ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଗର୍ବ ଓ ଗୌରବ। ତାଙ୍କ ବିଜୟ ଯାତ୍ରା ଜାରି ରହିବ ବୋଲି କୁଳପତି ଜଣାଇଛନ୍ତି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଅମିତଙ୍କୁ ୨୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯିବ ବୋଲି ସୂଚୀତ କରିଛନ୍ତି।

# ସ୍କୁଲ କଲେଜ ଶିକ୍ଷକ-ଅଧ୍ୟାପକ କର୍ମଚାରୀଙ୍କ ବୈଠକ

ସମ୍ବଲପୁର,୫।୮ (ବ୍ୟୁରୋ)

**୧୬ରେ ଭୁବନେଶ୍ୱରରେ ସମାବେଶ**

ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ-ଅଧ୍ୟାପକ, କର୍ମଚାରୀ ମିଳିତ ମଞ୍ଚର ବୈଠକ ବୁଧବାର ବୁଢ଼ାରଜା ରାମକଳି ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟା ସମ୍ବଲପୁର ଜିଲା ଶାଖା ସମ୍ପାଦକ ହରିନାରାୟଣ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଧମା ଝାଡେଶ୍ୱରୀ କଲେଜ ଅଧ୍ୟକ୍ଷ ଅଶୋକ କୁମାର ପୁରୋହିତ ଶିକ୍ଷକ ଓ କର୍ମଚାରୀଙ୍କ ବିବିଧ ସମସ୍ୟା ନେଇ ହେବାକୁ ଥିବା ଆନ୍ଦୋଳନ ଉପରେ ଆଲୋକପାତ କରିଥିଲେ। ଯୋଗ୍ୟ ବିବେଚିତ ହୋଇଥିଲେ ମଧ୍ୟ ବାଦ୍ ପଡିଥିବା ୧୬୭ ହାଇସ୍କୁଲ ଓ କଲେଜକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନ ପ୍ରାପ୍ତ ସମସ୍ତ ମହାବିଦ୍ୟାଳୟ ଓ ବିଦ୍ୟାଳୟର ଶିକ୍ଷକ, କର୍ମଚାରୀଙ୍କୁ ସପ୍ତମ ବେତନ କମିଶନ ପ୍ରଦାନ, ଶିକ୍ଷକ ଓ ଶିକ୍ଷା କର୍ମଚାରୀ ପଦବୀ ପୂରଣ, ଅବସର ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି କରିବା ବିଷୟରେ ଆଲୋଚନା ହୋଇଥିଲା। ଅଗଷ୍ଟ ୯ରେ ସମ୍ବଲପୁର ଜିଲାପାଳଙ୍କୁ ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯିବ। ସେହିପରି ୧୬ ତାରିଖରେ ଭୁବନେଶ୍ୱରଠାରେ ସମାବେଶ ହେବାକୁ ସ୍ଥିର କରାଯାଇଛି। ଓଷ୍ଟା ଜିଲା ସଭାପତି କୁଳଧର ପ୍ରଧାନ, ଉପସଭାପତି ପ୍ରମାନନ୍ଦ ଖମାରୀ, ଯୁଗ୍ମ ସମ୍ପାଦକ ବିଭୂତିଭୂଷଣ ଚାନ୍ଦ, ବିଶ୍ୱାମିତ୍ର ଦୀପ, ବ୍ଲକ ସମ୍ପାଦକ ଆନନ୍ଦ ଡନସନା, ମହାବିଦ୍ୟାଳୟ ପ୍ରତିନିଧି ବିଶ୍ୱପତି ବେହେରା, ରବୀନ୍ଦ୍ରନାଥ ଠାକୁର, ଦେବେନ୍ଦ୍ର କୁମାର ମିଶ୍ର, ସୁଶାନ୍ତ କୁମାର ସିଂ, ରାଜେଶ କୁମାର ଦାଶ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ରେଳପଥ ନିରାପତ୍ତା ଆୟୁକ୍ତଙ୍କ ପରିଦର୍ଶନ

ସମ୍ବଲପୁର,୫।୮ (ବ୍ୟୁରୋ)

ଦକ୍ଷିଣପୂର୍ବ ସର୍କଲ ରେଳପଥ ନିରାପତ୍ତା ଆୟୁକ୍ତ ଏସ୍ ମିତ୍ର ଗୁରୁବାର ସମ୍ବଲପୁର ଓ ରାୟପୁର ମଣ୍ଡଳରେ ଚାଲିଥିବା ବିକାଶ କାର୍ଯ୍ୟ ପରିଦର୍ଶନ କରିଛନ୍ତି। ରାୟପୁର-ଟିଟିଲାଗଡ ଦୋହରୀକରଣ ପ୍ରକଳ୍ପର ଆରଙ୍ଗ ମହାନଦୀରୁ ଲାଖୋଲି ଷ୍ଟେଶନ ମଧ୍ୟରେ ଦୋହରୀକରଣ ଓ ବିଦ୍ୟୁତୀକରଣ କାର୍ଯ୍ୟ ନିରୀକ୍ଷଣ କରିବା ସହ ସ୍ପିଡ୍ ଟ୍ରାଏଲ କରିଥିଲେ। ଏହି ସେକ୍ସନର ଦୋହରୀକରଣ ଓ ବିଦ୍ୟୁତୀକରଣ କାର୍ଯ୍ୟ ପରେ ଟ୍ରେନ ପରିଚାଳନା କିପରି ସୁଗମ ହୋଇପାରିବ ସେ ନେଇ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର, ମୁଖ୍ୟ ପ୍ରଶାସନିକ ଅଧିକାରୀ ଡିପି ଲାଲ, ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଆର୍ଭିଏନ୍ଏଲ୍ ସରୋଜକାନ୍ତ ପାତ୍ର, ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ ଆର୍ଭିଏନ୍ଏଲ୍ ଭବେଶ ପାଣ୍ଡେ, ବିଦ୍ୟୁତ ବିଭାଗ ମହାପ୍ରବନ୍ଧକ ଏସ୍କେ ପୁରୋହିତ, ବରିଷ୍ଠ ମଣ୍ଡଳ ଯନ୍ତ୍ରୀ ଜୟନ୍ତ କୁମାର ଖମାରୀ ଏବଂ ପୂର୍ବତଟ ରେଳପଥ ମୁଖ୍ୟାଳୟ, ସମ୍ବଲପୁର ମଣ୍ଡଳ ଓ ରାୟପୁର ମଣ୍ଡଳର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।



ରେଳପଥ ନିରାପତ୍ତା ଆୟୁକ୍ତ ବିକାଶ କାର୍ଯ୍ୟ ପରିଦର୍ଶନ କରୁଛନ୍ତି।

# ଫାର୍ମାସିଷ୍ଟ, ସୁଇପରରେ ଚାଲିଛି ଅଡ଼ାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର

ଝାରସୁଗୁଡ଼ା ଅଫିସ, ୫।୮

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ଅଡାପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ହେଲା ଡାକ୍ତର ଓ ଆବଶ୍ୟକ ସ୍ୱାସ୍ଥ୍ୟକର୍ମୀ ନାହାନ୍ତି। ଜଣେ ଫାର୍ମାସିଷ୍ଟ ଓ ଜଣେ ସୁଇପର୍ରେ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳିତ ହେଉଛି। ଫଳରେ ସ୍ଥାନୀୟ ଲୋକେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ଅଞ୍ଚଳବାସୀ ଜିଲା ସ୍ୱାସ୍ଥ୍ୟ ବିଭାଗ, ଏମ୍ପି, ବିଧାୟକ ଓ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ ବୋଲି ଅଭିଯୋଗ ହେଉଛି। ଏହାର ପ୍ରତିବାଦରେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ଏହି ସ୍ୱାସ୍ଥ୍ୟକେନ୍ଦ୍ର ୧୯୯୨ରେ ସ୍ଥାପିତ ହୋଇଥିବାବେଳେ ଏହାର ନିଜସ୍ୱ କୋଠା ନ ଥିଲା। ଫଳରେ କୁଶ୍ରାଲୋଇ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ଏକ ଅତିରିକ୍ତ କୋଠରୀରେ ପ୍ରଥମେ ସ୍ୱାସ୍ଥ୍ୟକେନ୍ଦ୍ର ଆରମ୍ଭ ହୋଇଥିଲା। ୧୨ବର୍ଷ ପରେ ସ୍ୱାସ୍ଥ୍ୟକେନ୍ଦ୍ରର ନିଜସ୍ୱ କୋଠା ନିର୍ମାଣ ହୋଇଥିଲା। ଏହାକୁ ୨୦୦୨ ଡିସେମ୍ବର ୧୨ରେ ରାଜ୍ୟପାଳ ଏନ୍ଏନ୍ ରାଜେନ୍ଦ୍ରନ୍ ଉଦ୍ଘାଟନ କରିଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ହେବା ସମୟରୁ କେତେବେଳେ ଡାକ୍ତର ନାହାନ୍ତି ତ ଆଉ କେତେବେଳେ ସ୍ୱାସ୍ଥ୍ୟକର୍ମୀ ନାହାନ୍ତି। ଏଥିରେ ପୁଣି ଭିତ୍ତିଭୂମିର ଅଭାବ ରହିଥିବାବେଳେ ସ୍ୱାସ୍ଥ୍ୟକର୍ମୀଙ୍କ ରହିବା ପାଇଁ କ୍ୱାର୍ଟର୍ସ ନାହିଁ। ପ୍ରାୟ ୭ବର୍ଷ ହେଲା ଏଠାରୁ ଜଣେ ଆୟୁଷ ଡାକ୍ତର ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡେପୁଟେଶନ୍ରେ ଯାଇଥିବାବେଳେ ସେ ଆଉ ପ୍ରତ୍ୟାବର୍ତ୍ତନ କରିନାହାନ୍ତି। ସେହିପରି ଆଉ ଜଣେ ଏମ୍ବିବିଏସ୍ ଡାକ୍ତର ୨୦୨୦ ମେ'ରୁ ପଲସଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡେପୁଟେଶନରେ ଯାଇଥିବାବେଳେ ସେ ମଧ୍ୟ ଆଉ ଫେରିନାହାନ୍ତି। ଇତିମଧ୍ୟରେ ଗତ ମାର୍ଚ୍ଚରେ ଜଣେ ଏଏନ୍ଏମ୍ ତାଙ୍କ ଚାକିରିରୁ ଅବସର ନେଇଥିବା ଜଣାପଡିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କୁଶ୍ରାଲୋଇ, ତେଲେନପାଲି, ବନ୍ଧବାହାଲ, ରେମଣ୍ଡା, ପଣ୍ଡରୀ ଓ ସୁନାରୀ ଆଦି ପଞ୍ଚାୟତର ଲୋକେ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରୁଛନ୍ତି। ହେଲେ ଏଠାରେ ଡାକ୍ତର ଓ ଆବଶ୍ୟକ ସ୍ୱାସ୍ଥ୍ୟକର୍ମୀ ନ ଥିବାରୁ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ଦିଗରେ ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ଦାବି ହେଉଛି। ଏ ସମ୍ପର୍କରେ ସିଡିଏମ୍ଓ ଡା. ଲାଲମୋହନ ରାଉତରାୟ କହିଛନ୍ତି, ଜିଲାରେ ଆବଶ୍ୟକ ଥିବା ଡାକ୍ତରଙ୍କ ସମ୍ପର୍କରେ ନିୟମିତ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଉଛି। ସରକାର ଜିଲାକୁ ଡାକ୍ତର ପଠାଇଲେ ନିଯୁକ୍ତି କରାଯିବ।




ଅଡାପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।

**୫୦ ଆତଙ୍କବାଦୀଙ୍କ ଆତ୍ମସମର୍ପଣ**
ଆଫଗାନିସ୍ତାନରେ ତାଲିବାନର ବର୍ବର ହିଂସା ବଢ଼ିଚାଲିଥିବାବେଳେ ୫୦ ଆତଙ୍କବାଦୀ ଆତ୍ମସମର୍ପଣ କରିଥିବା ଗୁରୁବାର ଦେଶର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମନ୍ତ୍ରଣାଳୟର ଉପମୁଖପାତ୍ର ଫୱାଦ୍ ଅମନ୍ କହିଛନ୍ତି, ଅନ୍ୟୂନ ୫୦ ତାଲିବାନ ଆତଙ୍କବାଦୀ ଜଜାନ ପ୍ରଦେଶର ଖ୍ୱାଜା ତୋକୋହ ଜିଲାରେ ଆଫଗାନ୍ ନ୍ୟାଶନାଲ ଡିଫେନ୍ସ ଆଣ୍ଡ ସିକ୍ୟୁରିଟି ଫୋର୍ସେସ୍ ନିକଟରେ ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରିଛନ୍ତି। ତେବେ ଏହା ଉପରେ ତାଲିବାନ ପକ୍ଷରୁ ପ୍ରତିକ୍ରିୟା ଆସିନାହିଁ।

# ଭାଜପାର ଉତ୍ସବ, ବିରୋଧୀଙ୍କ ବିକ୍ଷୋଭ

## ୩୭୦ ଉଚ୍ଛେଦକୁ ପୂରିଲା ୨ ବର୍ଷ




ଶ୍ରୀନଗରରେ ପିଡିପି ପକ୍ଷରୁ ବିକ୍ଷୋଭ ବେଳେ ପୋଲିସ ସହ ଦଳୀୟ କର୍ମୀଙ୍କ ସଂଘର୍ଷ।

ଜମ୍ମୁ/ଶ୍ରୀନଗର,୫।୮

୨୦୧୯ ଅଗଷ୍ଟ ୫ରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରିଥିଲେ। ଗୁରୁବାର ଏହାର ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ ଭାଜପା ପକ୍ଷରୁ ଜମ୍ମୁ-କଶ୍ମୀରରେ ଉତ୍ସବ ପାଳନ କରାଯାଇଥିବାବେଳେ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ସମେତ ବିରୋଧୀ ଦଳଗୁଡ଼ିକ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ଜମ୍ମୁରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ତ୍ରିରଙ୍ଗା ଧରି ଶୋଭାଯାତ୍ରା କରାଯାଇଥିଲା। ସେହିପରି ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଓ ଶିବସେନା ପକ୍ଷରୁ ମଧ୍ୟ ତ୍ରିରଙ୍ଗା ରାଲିର ଆୟୋଜନ କରାଯାଇଥିଲା। ଶ୍ରୀନଗରରେ ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍ତିଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ଶୋଭାଯାତ୍ରା ବାହାରିଥିବାବେଳେ ଜିପିଓ ନିକଟରେ ପୋଲିସ ଅଟକାଇଥିଲା। ମେହବୁବା କହିଥିଲେ, ଆଜି ଜମ୍ମୁ-କଶ୍ମୀର ପାଇଁ ଶୋକ ଦିବସ। କିନ୍ତୁ ଭାଜପା ୩୭୦ ଉଚ୍ଛେଦକୁ ନେଇ ଦେଶବ୍ୟାପୀ ଉତ୍ସବ ମନାଉଛି, ଯାହାକି ଦୁର୍ଭାଗ୍ୟଜନକ। କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ ସାମ୍ବିଧାନିକ ମର୍ଯ୍ୟାଦା ଫେରସ୍ତ କରନ୍ତୁ। ଇତିମଧ୍ୟରେ ପିପୁଲ୍ସ ଆଲାଏନ୍ସ ଫର୍ ଗୁପ୍‌କାର ଡିକ୍ଲାରେଶନ (ପିଏଜିଡି) ଅଧ୍ୟକ୍ଷ ଫାରୁକ୍ ଅବ୍ଦୁଲ୍ଲାଙ୍କ ଶ୍ରୀନଗରସ୍ଥିତ ବାସଭବନରେ ମେଣ୍ଟ ଦଳଗୁଡ଼ିକର ନେତାଙ୍କୁ ନେଇ ଏକ ବୈଠକ ହୋଇଥିଲା। ଏଥିରେ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ରଣନୀତି ସ୍ଥିର କରାଯାଇଥିବା ଜଣାପଡ଼ିଛି।

### 'ନିଆଁ ସହ ଖେଳୁଛି ଭାରତ'

ଇସ୍‌ଲାମାବାଦ,୫।୮

ଭାରତୀୟ ପାର୍ଲାମେଣ୍ଟରେ ଦୁଇବର୍ଷ ତଳେ ନିଆଯାଇଥିବା ନିଷ୍ପତ୍ତିକୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଓ ସେନାମୁଖ୍ୟ ଜେନେରାଲ କମାର ଜାଭେଦ ବାଜ୍‌ୱା ନିନ୍ଦା କରିଛନ୍ତି। ଇମ୍ରାନ୍ କହିଛନ୍ତି, ଭାରତର ଏକତରଫା ଓ ବେଆଇନ କାର୍ଯ୍ୟକୁ ଦୁଇବର୍ଷ ପୂରିଲା। ପାକିସ୍ତାନ ଏହାକୁ 'ଶୋଷଣର ଦିବସ' ଭାବେ ପାଳନ କରୁଛି। ଜମ୍ମୁ-କଶ୍ମୀରରେ ଭାରତର ଦମନଲୀଳା ବଢ଼ିଛି। କଶ୍ମୀରୀଙ୍କ ସମର୍ଥନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ରାଷ୍ଟ୍ରପତି ଆରିଫ୍ ଅଲ୍‌ଭି କହିଛନ୍ତି, ଭାରତ ଆଞ୍ଚଳିକ ଶାନ୍ତି ଓ ସ୍ଥିରତାକୁ ନଷ୍ଟ କରି ନିଆଁ ସହ ଖେଳୁଛି। ନୂଆଦିଲ୍ଲୀ ୨୦୧୯ ଅଗଷ୍ଟ ୫ ନିଷ୍ପତ୍ତି ପ୍ରତ୍ୟାହାର ନ କରିବା ଯାଏ ପାକିସ୍ତାନ ଭାରତ ସହ କୌଣସି ପ୍ରକାର ଆଲୋଚନା କରିବ ନାହିଁ।

## ସଂକ୍ଷେପରେ

### ବିକାଶକୁ ରୋକାଯାଇ ପାରିବନି: ମୋଦି

**ନୂଆଦିଲ୍ଲୀ, ୫।୮:** ପାର୍ଲାମେଣ୍ଟକୁ ଅଚଳ କରି ରଖିଥିବା ବିରୋଧୀ ଦଳଗୁଡ଼ିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ସମାଲୋଚନା କରିଛନ୍ତି। ଯେତେ ଲୋକ ପାର୍ଲାମେଣ୍ଟ ଅଚଳ କରିବାକୁ ଏବଂ ଦେଶର ବିକାଶକୁ ରୋକିବାକୁ ଉଦ୍ୟମ କଲେ ମଧ୍ୟ ଏଭଳି ସ୍ୱାର୍ଥପରତା ଓ ରାଜନୀତି ଆଗରେ ଦେଶ ପଣବନ୍ଦୀ ହୋଇପାରିବ ନାହିଁ। ଉତ୍ତରପ୍ରଦେଶର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ହିତାଧିକାରୀଙ୍କ ସହ ଭିଡିଓ କନ୍‌ଫରେନ୍ସ ଜରିଆରେ ଆଲୋଚନା ବେଳେ ମୋଦି ଏହା କହିଛନ୍ତି। ଜୁଲାଇ ୧୯ରେ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଆରମ୍ଭ ହୋଇଥିଲା। ଆସନ୍ତା ସପ୍ତାହରେ ଅଧିବେଶନ ଶେଷ ହେବାକୁ ଥିବାବେଳେ ପେଗାସସ୍, କୃଷି ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ଗୃହକୁ ଅଚଳ କରି ରଖିଛନ୍ତି। ଦେଶର ବିକାଶ ମାର୍ଗକୁ ଅବରୋଧ କରିବା ବିରୋଧୀଙ୍କ ଉଦ୍ଦେଶ୍ୟ। ବିରୋଧୀଙ୍କ ଏଭଳି କାର୍ଯ୍ୟକୁ ରାଷ୍ଟ୍ର ବିରୋଧୀ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

### ଅନୁପ୍ରବେଶ ଅପେକ୍ଷାରେ ୧୪୦ ଆତଙ୍କବାଦୀ

**ଶ୍ରୀନଗର,୫।୮:** ଜମ୍ମୁ-କଶ୍ମୀର ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍‌ଓସି) ସେପଟେ ପାକ୍-ଅଧିକୃତ କଶ୍ମୀର (ପିଓକେ) ଲଞ୍ଚ୍‌ପ୍ୟାଡ୍‌ଗୁଡ଼ିକରେ ଅନୁପ୍ରବେଶ ଅପେକ୍ଷାରେ ପ୍ରାୟ ୧୪୦ ଆତଙ୍କବାଦୀ ରହିଛନ୍ତି। ଭାରତୀୟ ସେନା ପକ୍ଷରୁ ସେମାନଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଅତୀତରେ ଆତଙ୍କବାଦୀମାନଙ୍କ ଅନୁପ୍ରବେଶକୁ ବହୁବାର ପଣ୍ଡ କରାଯାଇଛି ବୋଲି ଜଣେ ସେନା ଅଧିକାରୀ ଗୁରୁବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍)ର 'ଧୂସର ତାଲିକା'ରୁ ମୁକୁଳିବା ପାଇଁ ପାକିସ୍ତାନ କ୍ରମାଗତ ଭାବେ ଉଦ୍ୟମ ଜାରି ରଖିଛି। ଏଥିଲାଗି ଅସ୍ତ୍ରବିରତି ଚୁକ୍ତି ଇସ୍‌ଲାମାବାଦ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ।

### ପାକିସ୍ତାନରେ ହିନ୍ଦୁ ମନ୍ଦିର ଭଙ୍ଗାରୁଜା

**ନୂଆଦିଲ୍ଲୀ, ୫।୮:** ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଥିବା ଏକ ହିନ୍ଦୁ ମନ୍ଦିରକୁ ଶହ ଶହ ଲୋକ ଭଙ୍ଗାରୁଜା କରିଛନ୍ତି। ସ୍ଥାନୀୟ ସେମିନାରିରେ ପରିସ୍ରା କରିବା ଅଭିଯୋଗରେ ୯ ବର୍ଷର ହିନ୍ଦୁ ବାଳକଙ୍କୁ ଜାମିନ ମିଳିବାରୁ ଉତ୍ତେଜିତ ଲୋକେ ମନ୍ଦିର ପରିସରରେ ଭଙ୍ଗାରୁଜା କରିଥିଲେ। ବୁଧବାର ଭୋଙ୍ଗ୍ ସହରରେ ଏଭଳି ଉତ୍ତେଜନା ଦେଖାଦେଇଥିଲା। ମନ୍ଦିର ଭଙ୍ଗାରୁଜା କରିବା ସହ ଉତ୍ୟକ୍ତ ଲୋକେ ସୁକୁର-ମୁଲ୍‌ତାନ ରାସ୍ତାକୁ ଅବରୋଧ କରିଥିଲେ। ମନ୍ଦିର ଭଙ୍ଗା ଘଟଣାରେ ପାକ୍ କର୍ତ୍ତୃପକ୍ଷଙ୍କୁ ଭାରତ ସମାଲୋଚନା କରିଛି। ସେମାନେ ଧର୍ମୀୟ ସଂଖ୍ୟାଲଘୁଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚି କହିଛନ୍ତି। ଖବର ଅନୁଯାୟୀ ସେମିନାରିରେ ୯ ବର୍ଷର ବାଳକ ପରିସ୍ରା କରିବା ନେଇ ମୌଲବୀଙ୍କ ଅଭିଯୋଗକ୍ରମେ ଗତ ମାସ ୨୪ରେ ମାମଲା ଦାଏର ହୋଇଥିଲା। ତଳ କୋର୍ଟ ପିଲାଟିକୁ ଜାମିନ ପ୍ରଦାନ କରିବା ପରେ ସ୍ଥାନୀୟ ଲୋକେ ଉତ୍ତେଜିତ ହୋଇ ବୁଧବାର ଦୋକାନବଜାର ବନ୍ଦ କରାଇଥିଲେ। ଉତ୍ୟକ୍ତ ଲୋକେ ଠେଙ୍ଗା ଓ ଲୁହା ରଡ଼ ଧରି ମନ୍ଦିରର ଝରକା, କବାଟ, ଲାଇଟ୍ ଆଦି ଭାଙ୍ଗୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

### ବୁର୍ଖା ପିନ୍ଧି ନ ଥିବାରୁ ଗୁଳିକରି ହତ୍ୟା

**କାବୁଲ,୫।୮:** ଆଫଗାନିସ୍ତାନରୁ ବିଦେଶୀ ସୈନ୍ୟଙ୍କ ଘରବାହୁଡ଼ା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ତାଲିବାନର ବର୍ବରତା ସୀମା ଲଂଘିଛି। ଆତଙ୍କବାଦୀଙ୍କ ଟାର୍ଗେଟରେ କେବଳ ଆଫଗାନ୍ ସୁରକ୍ଷା ବଳ ନାହାନ୍ତି, ନିରୀହ ନାଗରିକମାନଙ୍କୁ ମଧ୍ୟ ସେମାନେ ସ୍ପଷ୍ଟ ଦିବାଲୋକରେ ହତ୍ୟା କରିବାରେ ଲାଗିଛନ୍ତି। ଏହି ଇସ୍‌ଲାମିକ୍ ମୌଳବାଦୀ ସଙ୍ଗଠନ ତା'ର ଦମନମୂଳକ ଆଇନର ପୁନଃ ପ୍ରଚଳନ ପାଇଁ ସବୁ ପ୍ରକାର ଉଦ୍ୟମ ଚଳାଇଛି। ଏହି କ୍ରମରେ ତାଲିବାନ ଆତଙ୍କବାଦୀମାନେ ଜଣେ ୨୧ ବର୍ଷୀୟା ଯୁବତୀଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ଆଫଗାନ୍ ଟାଇମ୍ସରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ତାଲିବାନ ଆତଙ୍କବାଦୀମାନେ ନାଜାନିନ୍ ନାମ୍ନୀ ଯୁବତୀଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ତାଙ୍କର ଦୋଷ ହେଲା ସେ ବୁର୍ଖା ପିନ୍ଧି ନ ଥିଲେ। ନାଜାନିନ୍ ବଲ୍‌ଖ ଡିଷ୍ଟ୍ରିକ୍ଟ ସେଣ୍ଟରକୁ ଯାଉଥିବାବେଳେ ଆତଙ୍କବାଦୀମାନେ କାର୍‌ରୁ ତାଙ୍କୁ ଘୋଷାରିଆଣି ଗୁଳି କରିଥିଲେ।

# ସତ ହୋଇଥିଲେ ସାଂଘାତିକ

## ପେଗାସସ୍ ଶୁଣାଣି

### ଆବେଦନକାରୀଙ୍କୁ ପ୍ରମାଣ ମାଗିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୫।୮(ପି.ଟି.)

ପେଗାସସ୍ ଗୁପ୍ତଚରଗିରି ସମ୍ପର୍କିତ ଗଣମାଧ୍ୟମ ରିପୋର୍ଟ ଯଦି ସତ ହୋଇଥାଏ ତେବେ ଏହା ସାଂଘାତିକ ଅଭିଯୋଗ ବୋଲି ସୁପ୍ରିମକୋର୍ଟ ଗୁରୁବାର କହିଛନ୍ତି। ଇସ୍ରାଏଲି ସ୍ପାଏୱେର ପେଗାସସ୍‌କୁ ସରକାର ରାଜନେତା, ସାମାଜିକ କର୍ମୀ ଏବଂ ଖବରଦାତାମାନଙ୍କ ବିରୋଧରେ ଗୁପ୍ତଚରଗିରି ପାଇଁ ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ ଅଦାଲତଙ୍କ ତତ୍ତ୍ୱାଧାନରେ ହେଉ ବୋଲି ଦାବି କରୁଥିବା ଆବେଦନକାରୀ ଏନେଇ ଫୌଜଦାରି ମାମଲା ରୁଜୁ କରିବା ପାଇଁ ଉଦ୍ୟମ କରିଥିଲେ କି ବୋଲି ଅଦାଲତ ପ୍ରଶ୍ନ କରିଛନ୍ତି। ପ୍ରଧାନ ବିଚାରପତି ଏନ୍.ଭି. ରମାନ୍ନା ଏବଂ ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକାଧିକ ପିଟିଶନର ଶୁଣାଣି କରିବା ଅବସରରେ ସୂଚନା ପ୍ରଯୁକ୍ତି ଏବଂ ଟେଲିଗ୍ରାଫ୍ ଆଇନରେ କ'ଣ ପାଇଁ କେହି ଅଭିଯୋଗ ଦାଏର କରିନାହାନ୍ତି ବୋଲି ପ୍ରଶ୍ନ କରିଥିଲେ।

ଆବେଦନକାରୀମାନଙ୍କ ତରଫରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ଉପସ୍ଥିତ ରହି କହିଥିଲେ, ଅଭିଯୋଗ ସମ୍ପର୍କିତ ପ୍ରତ୍ୟକ୍ଷ ତଥ୍ୟ ମିଳିନାହିଁ। ତା' ଛଡ଼ା ପେଗାସସ୍ ସ୍ପାଏୱେର କେବଳ ସରକାର ଓ ସରକାରୀ ସଂସ୍ଥାକୁ ଇସ୍ରାଏଲ୍ କମ୍ପାନୀ ବିକିଥିବା ସମ୍ପର୍କରେ ଜଣା ନ ଥିଲା ବୋଲି ସେ କୋର୍ଟଙ୍କୁ ଅବଗତ କରାଇଥିଲେ। ଜଣେ ଆବେଦନକାରୀ ପ୍ରଧାନମନ୍ତ୍ରୀଙ୍କୁ ପକ୍ଷଭୁକ୍ତ କରିଥିବାରୁ ଖଣ୍ଡପୀଠ ଏହା ଉପରେ ଆପତ୍ତି ଉଠାଇଥିଲେ। ଆବେଦନର ନକଲ ସରକାରଙ୍କ ପାଖରେ ଦାଖଲ କରିବାକୁ ଖଣ୍ଡପୀଠ କହିଥିଲେ, ଯେପରି ୧୦ ତାରିଖରେ ହେବାକୁ ଥିବା ଶୁଣାଣି ବେଳେ ସରକାରଙ୍କ ପକ୍ଷରୁ କେହି ପ୍ରତିନିଧିତ୍ୱ କରିପାରିବେ। ଆବେଦନକାରୀ ବରିଷ୍ଠ ସାମ୍ବାଦିକ ଏନ୍. ରାମ ଏବଂ ଶଶୀ କୁମାର ଶିକ୍ଷିତ ଓ ଜ୍ଞାନୀ ବ୍ୟକ୍ତି ହୋଇଥିବାବେଳେ ସେମାନେ ଅଭିଯୋଗ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରିବାର ଥିଲା ବୋଲି କୋର୍ଟ କହିଥିଲେ। ୨୦୧୯ ମେ'ରେ ଏହି ରିପୋର୍ଟ ସାମ୍ନାକୁ ଆସିଥିଲା। ଆବେଦନକାରୀ ଚାହିଁଥିଲେ ଅଧିକ ତଥ୍ୟ ସଂଗ୍ରହ କରିପାରିଥାନ୍ତେ। କେତେଜଣ ଆବେଦନକାରୀ ସେମାନଙ୍କ ଫୋନ୍ ହ୍ୟାକ୍ ହୋଇଥିବା ଅଭିଯୋଗ କରିଛନ୍ତି। ଟେଲିଗ୍ରାଫ୍ ଆଇନ କିମ୍ବା ସୂଚନା ପ୍ରଯୁକ୍ତି ଆଇନରେ ଏନେଇ ଫୌଜଦାରି ମାମଲା ଦାଏର କରିବା ବ୍ୟବସ୍ଥା ରହିଥିଲେ ମଧ୍ୟ କେହି ଆବେଦନ ନ କରିବା କାରଣ କ'ଣ ବୋଲି ଅଦାଲତ ପ୍ରଶ୍ନ କରିଥିଲେ।

# ୧୩୫ ଦେଶରେ ଡେଲ୍ଟା ଭାରିଆଣ୍ଟ

### ଆସନ୍ତା ସପ୍ତାହରେ ୨୦ କୋଟି ଟପିପାରେ ସଂକ୍ରମଣ: ଡବ୍ଲ୍ୟୁଏଚ୍‌ଓ

ଜାତିସଂଘ, ୫।୮

ଭାରତରେ ପ୍ରଥମେ ଦେଖାଦେଇଥିବା କରୋନା ଭୂତାଣୁର ସବୁଠୁ ସଂକ୍ରାମକ ଡେଲ୍ଟା ଭାରିଆଣ୍ଟ ବର୍ତ୍ତମାନ ସୁଦ୍ଧା ୧୩୫ ଦେଶକୁ ବ୍ୟାପିଲାଣି। ଆସନ୍ତା ସପ୍ତାହ ସୁଦ୍ଧା ସଂକ୍ରମଣ ମାମଲା ସଂଖ୍ୟା ୨୦ କୋଟି ଟପିପାରେ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) କହିଛି। ୧୮୨ ଦେଶରେ ଆଲ୍‌ଫା ଭାରିଆଣ୍ଟ, ୧୩୨ ଦେଶରେ ବିଟା ଭାରିଆଣ୍ଟ ଏବଂ ୮୧ ଦେଶରେ ଗାମା ଭାରିଆଣ୍ଟ ଦେଖାଦେଇଥିବା ଡବ୍ଲ୍ୟୁଏଚ୍‌ଓ ସୂଚନା ଦେଇଛି।

ବିଶ୍ୱ ସ୍ତରରେ ମାସେରୁ ଊର୍ଦ୍ଧ୍ୱ ସମୟ ହେଲା ନୂଆ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଜୁଲାଇ ୨୬ରୁ ଅଗଷ୍ଟ ୧ ମଧ୍ୟରେ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ସଂକ୍ରମିତ ହୋଇଛନ୍ତି। ସେଥିରୁ ୩୭ ପ୍ରତିଶତ ମାମଲା ପୂର୍ବ ଭୂମଧ୍ୟସାଗରୀୟ ଅଞ୍ଚଳରେ ହୋଇଥିବାବେଳେ ୩୩ ପ୍ରତିଶତ ପଶ୍ଚିମ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ। ଦକ୍ଷିଣ-ପୂର୍ବ ଏସିଆରେ ସଂକ୍ରମଣ ୯ ପ୍ରତିଶତ ବୃଦ୍ଧି ପାଇଛି। ତେବେ ପୂର୍ବ ସପ୍ତାହ ତୁଳନାରେ କରୋନାଜନିତ ମୃତ୍ୟୁସଂଖ୍ୟା ଚଳିତ ସପ୍ତାହରେ ୮ ପ୍ରତିଶତ ହ୍ରାସ ପାଇ ୬୪,୦୦୦ ରହିଛି। ଏବେ ସାରା ବିଶ୍ୱରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୯.୭ କୋଟି ହୋଇଥିବାବେଳେ ମୃତ୍ୟୁସଂଖ୍ୟା ୪୨ ଲକ୍ଷ ରହିଛି। ଏହି ଧାରା ଜାରି ରହିଲେ ଆସନ୍ତା ସପ୍ତାହକୁ ସଂକ୍ରମିତଙ୍କ ସଂଖ୍ୟା ୨୦ କୋଟି ଟପିଯିବ ବୋଲି ଆକଳନ କରାଯାଉଛି।

ଗତ ସପ୍ତାହରେ ଆମେରିକାରେ ୫,୪୩,୪୨୦ ସଂକ୍ରମିତ ହୋଇଛନ୍ତି, ଯାହା ପୂର୍ବ ସପ୍ତାହ ତୁଳନାରେ ୯ ପ୍ରତିଶତ ଅଧିକ। ଭାରତରେ ଗତ ସପ୍ତାହରେ ୨,୮୩,୯୨୩ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି, ଯାହାକି ପୂର୍ବାପେକ୍ଷା ୭ ପ୍ରତିଶତ ଅଧିକ। ତେବେ ଇଣ୍ଡୋନେସିଆ ଏବଂ ବ୍ରାଜିଲରେ ସଂକ୍ରମଣ ହାର ପୂର୍ବ ସପ୍ତାହ ଅପେକ୍ଷା ହ୍ରାସ ପାଇଛି।

### କୋଭିଡ୍ ଅନାଥଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟବୀମା

ନୂଆଦିଲ୍ଲୀ, ୫।୮

କୋଭିଡ୍-୧୯ ମହାମାରୀରେ ଅନାଥ ହୋଇଥିବା ୧୮ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ୫ ଲକ୍ଷ ଟଙ୍କାର ମାଗଣା ସ୍ୱାସ୍ଥ୍ୟବୀମା ଯୋଗାଇ ଦେବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କ ନାଗରିକ ସହାୟତା ଓ ଜରୁରୀ ସ୍ଥିତିରେ ରିଲିଫ୍ (ପିଏମ୍-କେୟାର୍ସ) ପାଣ୍ଠିରୁ ପ୍ରିମିୟମ ପୈଠ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। ଯେଉଁ ପିଲାମାନେ ମାତାପିତା ଉଭୟଙ୍କୁ ହରାଇଛନ୍ତି, ସେମାନଙ୍କୁ ମାସିକ ଷ୍ଟାଇପେଣ୍ଡ ଯୋଗାଇ ଦିଆଯିବ ଏବଂ ୨୩ ବର୍ଷ ହେବା ପରେ ସେମାନେ ୧୦ ଲକ୍ଷ ଟଙ୍କା ଲେଖାଏ ପାଇବେ। ମେ' ୨୯ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପିଲାଙ୍କ ପାଇଁ ପିଏମ୍-କେୟାର୍ସ ଯୋଜନା ଘୋଷଣା କରିଥିଲେ। କରୋନାରେ ମାଆବାପା କିମ୍ବା ଅଭିଭାବକଙ୍କୁ ହରାଇଥିବା ପିଲାମାନଙ୍କୁ ସହାୟତା କରିବା ଏହି ଯୋଜନାର ଲକ୍ଷ୍ୟ।



# ବିକ୍ଷୋଭ ବେଳେ ସଂଘର୍ଷ

### ବେରୁଟ୍ ବିସ୍ଫୋରଣର ବର୍ଷପୂର୍ତ୍ତି

ବେରୁଟ,୫।୮

ବେରୁଟ୍ ବିସ୍ଫୋରଣର ପ୍ରଥମ ବର୍ଷପୂର୍ତ୍ତି ଅବସରରେ ବିକ୍ଷୋଭକାରୀ ଓ ଲେବାନନ୍ ପୋଲିସ ମଧ୍ୟରେ ସଂଘର୍ଷ ଘଟିଛି। କେନ୍ଦ୍ରୀୟ ବେରୁଟ୍‌ରେ ବିକ୍ଷୋଭକାରୀମାନେ ବ୍ୟାପକ ଭଙ୍ଗାରୁଜା ଓ ଜଳାପୋଡ଼ା କରିଛନ୍ତି। ସାଂସଦମାନେ ଏହି ବିସ୍ଫୋରଣର ତଦନ୍ତକୁ ଅଟକାଇଥିବା ଅଭିଯୋଗ ଆଣି ସେମାନେ ପାର୍ଲାମେଣ୍ଟ ଭିତରକୁ ଧସେଇ ପଶିବାରୁ ପୋଲିସ ବଳ ପ୍ରୟୋଗ କରିଛି। ବିକ୍ଷୋଭକାରୀମାନେ ଦଙ୍ଗା ନିରୋଧୀ ପୋଲିସକୁ ଟାର୍ଗେଟ କରି ଟେକାମାଡ଼ କରିଛନ୍ତି। ଏଥିରେ ଉଭୟ ପକ୍ଷର ଶତାଧିକ ଆହତ ହୋଇଛନ୍ତି।

୨୦୨୦ ଅଗଷ୍ଟ ୪ ସନ୍ଧ୍ୟା ୬ଟାରେ ଲେବାନନ୍ ରାଜଧାନୀ ବେରୁଟ୍‌ସ୍ଥିତ ବନ୍ଦରରେ ରଖାଯାଇଥିବା ବିପୁଳ ପରିମାଣର ଆମୋନିୟମ୍ ନାଇଟ୍ରେଟ୍ ବିସ୍ଫୋରଣ ହୋଇଥିଲା। ୨୦୧୩ରେ ରୁଷିଆର ଏକ ପରିତ୍ୟକ୍ତ ମାଲବାହୀ ଜାହାଜ (ଏମ୍‌ଭି ରୋସସ୍)ରୁ ୨,୭୫୦ କିଲୋଟନ ବିସ୍ଫୋରକ ଅଣାଯାଇ ସୁରକ୍ଷା କାରଣରୁ ଗୋଦାମରେ ସଂରକ୍ଷିତ କରାଯାଇଥିବାବେଳେ ଏହି ବିସ୍ଫୋରଣ ଘଟିଥିଲା। ଏଥିରେ ଅନ୍ୟୂନ ୨୧୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୭,୫୦୦ ଆହତ ହୋଇଥିଲେ। ଏଥିସହ ୩୦୦,୦୦୦ ଜଣ ବାସହରା ହୋଇଯାଇଥିଲେ। ବିସ୍ଫୋରଣ ଯୋଗୁ ବନ୍ଦରରେ ନିଆଁ ଲାଗିଯିବାରୁ ୧୫ ବିଲିୟନ୍ ଡଲାରର ସମ୍ପତ୍ତି ନଷ୍ଟ ହୋଇଯାଇଥିଲା। ବିସ୍ଫୋରଣର ଭୟାବହତା ତୁର୍କୀ, ସିରିଆ, ଇସ୍ରାଏଲ୍, ପାଲେଷ୍ଟାଇନ୍, ସାଇପ୍ରସ୍ ସମେତ ୟୁରୋପର କେତେକ ଅଞ୍ଚଳରେ ଅନୁଭୂତ ହୋଇଥିଲା। ଏହା ଥିଲା ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ଅଣଆଣବିକ ବିସ୍ଫୋରଣ। ଲେବାନନ୍ ସରକାର ଏହାକୁ ରୋକିବାରେ ବିଫଳ ହୋଇଥିବା ଦର୍ଶାଇ ଦେଶବାସୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାର ବର୍ଷେ ପରେ ବି କୌଣସି ଅଧିକାରୀଙ୍କୁ ଉତ୍ତରଦାୟୀ କରାଯାଇ ନାହିଁ। ରାଜନେତାମାନେ ଜାଣିଶୁଣି ନ୍ୟାୟକୁ ବାଟବଣା କରିଥିବା ଅଭିଯୋଗ ଆଣି ପୁଣି ରାସ୍ତାକୁ ଓହ୍ଲାଇଛନ୍ତି ଲେବାନନବାସୀ। ଆମେ ଭୁଲିଯିବୁ ନାହିଁ କି ସେମାନଙ୍କୁ କ୍ଷମା କରିବୁ ନାହିଁ। ସେମାନେ ନ୍ୟାୟ ଦେଇ ନ ପାରିଲେ ଆମେ ଆଇନକୁ ହାତକୁ ନେବୁ ବୋଲି ବିସ୍ଫୋରଣରେ ନିଜ ପୁଅ ଅହମ୍ମଦଙ୍କୁ ହରାଇଥିବା ହିୟାମ ଅଲ୍-ବିକାଇ ଚେତାବନୀ ଦେଇଛନ୍ତି।

# ଅମରିନ୍ଦରଙ୍କ ଉପଦେଷ୍ଟା ପଦ ଛାଡ଼ିଲେ ପ୍ରଶାନ୍ତ କିଶୋର

ନୂଆଦିଲ୍ଲୀ, ୫।୮(ପି.ଟି.)



ଆସନ୍ତା ବର୍ଷ ପଞ୍ଜାବ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ପ୍ରମୁଖ ଉପଦେଷ୍ଟା ପଦରୁ ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର ଗୁରୁବାର ଇସ୍ତଫା ଦେଇଛନ୍ତି। ଗତ ମାର୍ଚ୍ଚରେ ତାଙ୍କୁ ଏହି ନିଯୁକ୍ତି ଦିଆଯାଇଥିଲା। ସେ ରାଜ୍ୟ ସରକାରଙ୍କ ଅଧିକାରୀ ଏବଂ ବିଧାୟକମାନଙ୍କ ସହ ଏକାଧିକ ଥର ବୈଠକ କରିଛନ୍ତି। ଆଗାମୀ ନିର୍ବାଚନରେ ସେ ଅମରିନ୍ଦରଙ୍କ ପାଇଁ ପ୍ରଚାରର ରଣକୌଶଳ ପ୍ରସ୍ତୁତ କରିବା ଆଶା କରାଯାଉଥିଲା। ସାଧାରଣ ଜୀବନର ସକ୍ରିୟ ଭୂମିକାରୁ ସାମୟିକ ଅବ୍ୟାହତି ନେବାକୁ ଚାହୁଁଥିବା ପ୍ରଶାନ୍ତ କିଶୋର ତାଙ୍କ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି। ଯଦିଓ ସେ ଏପର୍ଯ୍ୟନ୍ତ ନିଜ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ନିଷ୍ପତ୍ତି ନେଇନାହାନ୍ତି, ତେବେ ପ୍ରମୁଖ ଉପଦେଷ୍ଟା ଦାୟିତ୍ୱ ତୁଲାଇବା ପାଇଁ ଏବେ ସମର୍ଥ ନୁହନ୍ତି। ତେଣୁ ତାଙ୍କୁ ଦାୟିତ୍ୱରୁ ଅବ୍ୟାହତି ଦେବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ତାଙ୍କ ଇସ୍ତଫାପତ୍ର ଗୃହୀତ ହୋଇଛି କି ନାହିଁ ସେ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସ୍ପଷ୍ଟ କରିନାହିଁ। ସୂଚନାଯୋଗ୍ୟ, ପଶ୍ଚିମବଙ୍ଗ ନିର୍ବାଚନ ପରେ ପ୍ରଶାନ୍ତ କିଶୋର ଆଉ ନିର୍ବାଚନ ରଣନୀତିକାର ଭୂମିକା ନିଭାଇବେ ନାହିଁ ବୋଲି ଘୋଷଣା କରିଥିଲେ। ନିକଟରେ ସେ ଅମରିନ୍ଦରଙ୍କୁ ଦିଲ୍ଲୀରେ ଭେଟିଥିଲେ ମଧ୍ୟ ପଞ୍ଜାବ ଯାଉ ନ ଥିଲେ।

# ଏମ୍‌ପି: ୧୨୨୫ ଗ୍ରାମ ଜଳବନ୍ଦୀ

## ୭୦ ବର୍ଷର ରେକର୍ଡ ଭାଙ୍ଗିଲା ବର୍ଷା

ଭୋପାଳ, ୫।୮




ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍ ଟିମ୍।

ମଧ୍ୟପ୍ରଦେଶରେ ଲଗାଣ ବର୍ଷା ବିପର୍ଯ୍ୟୟ ସୃଷ୍ଟି କରିଛି। ପ୍ରବଳ ବର୍ଷା ଯୋଗୁ ବିଭିନ୍ନ ଅଞ୍ଚଳ ଜଳମଗ୍ନ ହେବା ସହ ହଜାର ହଜାର ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ଏଭଳି ବର୍ଷା ଗତ ୭୦ ବର୍ଷ ମଧ୍ୟରେ କେବେ ହୋଇ ନ ଥିଲା ବୋଲି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି।

ରାଜ୍ୟର ଗ୍ୱାଲିୟର-ଚମ୍ବଲ ଅଞ୍ଚଳ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଶିବପୁରୀ, ଶେଓପୁର, ଡାଟିଆ, ଗ୍ୱାଲିୟର, ଗୁନା, ଭିଣ୍ଡ ଏବଂ ମୋରେନା ଜିଲାରେ ପ୍ରବଳ ବର୍ଷା ଯୋଗୁ ବିଭିନ୍ନ ନଦୀରେ ବନ୍ୟା ଆସିଛି। ୧,୨୨୫ ଗାଁ କ୍ଷତିଗ୍ରସ୍ତ ହୋଇଛି। ବର୍ତ୍ତମାନ ସୁଦ୍ଧା ୧୦ ହଜାର ଲୋକଙ୍କୁ ଉଦ୍ଧାର କରାଯାଇଥିବାବେଳେ ଆହୁରି ଅନେକ ଲୋକ ପାଣିଘେରରେ ରହିଛନ୍ତି। ଉଦ୍ଧାର କାର୍ଯ୍ୟରେ ହେଲିକପ୍ଟର ସହ ଏସ୍‌ଡିଆର୍‌ଏଫ୍, ଏନ୍‌ଡିଆର୍‌ଏଫ୍, ସେନା ଏବଂ ବିଏସ୍‌ଏଫ୍ ଯବାନଙ୍କୁ ନିୟୋଜିତ କରାଯାଇଛି। ମୁଖ୍ୟମନ୍ତ୍ରୀ ଚୌହାନ ବନ୍ୟା ସ୍ଥିତି ଉପରେ ନଜର ରଖିଛନ୍ତି। ସେ ଆକାଶମାର୍ଗରୁ ବନ୍ୟାଞ୍ଚଳ ଦେଖିବା ସହ ବୁଧବାର ରାତିରେ ଅଫିସରମାନଙ୍କୁ କ୍ଷୟକ୍ଷତି ସମ୍ପର୍କରେ ପଚାରି ବୁଝିଥିଲେ। ଗୁରୁବାର ସକାଳେ ଚୌହାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବନ୍ୟା ସ୍ଥିତି ସମ୍ପର୍କରେ କଥା ହୋଇଛନ୍ତି। ବନ୍ୟା ଯୋଗୁ ଭିତ୍ତିଭୂମି, ଫସଲ କ୍ଷୟକ୍ଷତି ସମ୍ପର୍କରେ ସେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇଦେବା ଲାଗି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରବଳ ବର୍ଷାରେ ୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ କେତେକ ବ୍ରିଜ୍ ଓ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି। ବର୍ଷା ଓ ବନ୍ୟାରେ ୭ ଜଣ ଆହତ ହୋଇଛନ୍ତି। ରତନଗଡ଼ ମାତା ମନ୍ଦିର ଏବଂ ସଙ୍କୁଆଠାରେ ଦୁଇଟି ବ୍ରିଜ୍ ଭାଙ୍ଗିଯିବାରୁ ଉଭୟ ପାର୍ଶ୍ୱରେ ଅନେକ ଲୋକ ଅଟକି ରହିଛନ୍ତି। ବୁଧବାର ରାତିରେ ଶିବପୁରୀ ଜିଲାର କାଲି ପାହାଡି ଅଞ୍ଚଳରୁ ୫୭ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ଅନ୍ୟମାନଙ୍କ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

# ସୀମା ବିବାଦ: ସମାଧାନ ପାଇଁ ଆସାମ, ମିଜୋରାମ ରାଜି

ନୂଆଦିଲ୍ଲୀ, ୫।୮



ଆସାମର ସୀମା ସୁରକ୍ଷା ଓ ଉନ୍ନୟନ ମନ୍ତ୍ରୀ ଅତୁଲ ବୋରାଙ୍କ ସହ ମିଜୋରାମର ଗୃହମନ୍ତ୍ରୀ ଲାଲଚମଲିଆନା।

ଆଲୋଚନା ମାଧ୍ୟମରେ ଆନ୍ତଃରାଜ୍ୟ ସୀମା ବିବାଦର ସମାଧାନ ପାଇଁ ଆସାମ ଏବଂ ମିଜୋରାମ ସରକାର ରାଜି ହୋଇଥିବା ଗୁରୁବାର ଏକ ମିଳିତ ବିବୃତିରେ ପ୍ରକାଶ କରିଛନ୍ତି। ସୀମାରେ ଉତ୍ତେଜନା ଦୂର କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶକ୍ରମେ ପଦକ୍ଷେପ ନିଆଯିବ ଏବଂ ବିବାଦର ସମାଧାନ କରାଯିବ ବୋଲି କୁହାଯାଇଛି। ଆସାମ ମନ୍ତ୍ରୀ ଅଶୋକ ସିଂ ଏବଂ ଅତୁଲ ବୋରାଙ୍କ ସହ ମିଜୋରାମର ୩ ଜଣ ପ୍ରତିନିଧିଙ୍କ ବୈଠକ ପରେ ଏହି ବିବୃତି ଜାରି କରାଯାଇଛି। ସୀମାରେ ଶାନ୍ତି ବଜାୟ ରଖିବା ସହ କେନ୍ଦ୍ରୀୟ ନିରପେକ୍ଷ ସୁରକ୍ଷା ବଳ ମୁତୟନ ପାଇଁ ଉଭୟ ସରକାର ରାଜି ହୋଇଛନ୍ତି। ଆଲୋଚନା ଅନୁଯାୟୀ ଉଭୟ ରାଜ୍ୟ ସୀମାକୁ ଜଙ୍ଗଲ କିମ୍ବା ପୋଲିସ ସୁରକ୍ଷା ବଳ ପାଟ୍ରୋଲିଂ ପାଇଁ ପଠାଇବେ ନାହିଁ କି ବିବାଦୀୟ ଅଞ୍ଚଳରେ ସେମାନଙ୍କୁ ମୁତୟନ କରିବେ ନାହିଁ। ଆସାମ-ମିଜୋରାମ ସୀମାନ୍ତ ସବୁ ଜିଲାରେ ଏହି ନିୟମ ଲାଗୁ ହେବ ବୋଲି ମିଳିତ ବିବୃତିରେ କୁହାଯାଇଛି। ଜୁଲାଇ ୨୬ରେ ସୀମାରେ ସଂଘର୍ଷ ଘଟି ଆସାମର ୬ ଜଣ ପୋଲିସ ଓ ଜଣେ ସାଧାରଣ ନାଗରିକ ନିହତ ହେବା ସହ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ।

# ଡାଙ୍ଗମାଳରେ ପର୍ଯ୍ୟଟକଙ୍କୁ ମିଳିବ ନୌବିହାର ସୁବିଧା



ରାଜନଗର, ୫।୮ (ଡି.ଏନ.ଏ.)

## ରାଜନଗର ବନବିଭାଗର ଅଭିନବ ଉଦ୍ୟମ

ବିଶ୍ୱ ପ୍ରସିଦ୍ଧ ଭିତରକନିକାକୁ ପରିଭ୍ରମଣରେ ଆସୁଥିବା ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଚଳିତବର୍ଷ ରାଜନଗର ବନ ବିଭାଗ ପକ୍ଷରୁ ନୌବିହାର ନିମିତ୍ତ ସ୍ୱତନ୍ତ୍ର ସୁବିଧା କରାଯାଇଛି। ଆଗନ୍ତୁକ ପର୍ଯ୍ୟଟକମାନଙ୍କୁ ଜାତୀୟ ଉଦ୍ୟାନ ସମେତ ନୌବିହାର ସମୟରେ ପ୍ରକୃତିର ଅନବଦ୍ୟ ଉପହାରକୁ ଉପଭୋଗ କରିବାକୁ ସୁଯୋଗ ସୃଷ୍ଟି କରିବ। ଆଗରୁ ପର୍ଯ୍ୟଟକମାନେ ସ୍ଥଳପଥରେ ଆସି ଜାତୀୟ ଉଦ୍ୟାନରେ ପହଞ୍ଚି ସୀମିତ ସ୍ଥାନରେ ଗୋରୀ କୁମ୍ଭୀର ଓ ଅନ୍ୟ ଜୀବଜନ୍ତୁକୁ ଦେଖି ବିମୁଖ ହୋଇ ପଡୁଥିଲେ।

ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ନଦୀର ତ୍ରିକୋଣ ଭୂମିରେ ଗଢି ଉଠିଥିବା ଭିତରକନିକାରେ ନୌଯାତ୍ରା ପର୍ଯ୍ୟଟକଙ୍କୁ ଆନନ୍ଦ ଦେଇଥାଏ। ମାତ୍ର ସ୍ଥଳପଥରେ ଡାଙ୍ଗମାଳ ପ୍ରବେଶ ପଥ ଦେଇ ଆସୁଥିବା ପର୍ଯ୍ୟଟକମାନେ ଏହି ସୁବିଧାରୁ ବଞ୍ଚିତ ହୋଇଥାନ୍ତି। ପ୍ରବେଶ ପଥ ଦେଇ ଆସୁଥିବା ପର୍ଯ୍ୟଟକମାନେ ନୌବିହାରର ସୁବିଧାରୁ ବଞ୍ଚିତ ହୋଇଥାନ୍ତି। ଭିତରକନିକା ଜାତୀୟ ଉଦ୍ୟାନରେ ପର୍ଯ୍ୟଟକଙ୍କୁ ପ୍ରବେଶ ଅନୁମତି ମିଳିବା ପରଠାରୁ ସ୍ଥଳପଥରେ ଆସୁଥିବା ପର୍ଯ୍ୟଟକମାନେ ନୌବିହାରରୁ ବଞ୍ଚିତ ହୋଇ ଆସୁଛନ୍ତି। ମାତ୍ର ଏଣିକି ସ୍ଥଳପଥରେ ଆସୁଥିବା ପର୍ଯ୍ୟଟକମାନେ ଆଉ ନିରାଶ ହୋଇ ଫେରିବେ ନାହିଁ। ଡାଙ୍ଗମାଳ ପ୍ରବେଶ ପଥରେ ପ୍ରବେଶ ଫି' କାଟି ଭିତରକୁ ଯିବା ପରେ ପର୍ଯ୍ୟଟକମାନେ ଚାହିଁଲେ ବୋଟିଂର ସୁବିଧା ନେଇ ପାରିବେ। ଡାଙ୍ଗମାଳଠାରେ ଗୁରୁବାରଠାରୁ ଦୁଇଟି ଶବ୍ଦ ପ୍ରଦୂଷଣ ବିହୀନ ବିଳାସପୂର୍ଣ୍ଣ ବୋଟ୍ ରଖାଯାଇଛି। ଏହି ବୋଟରେ ସର୍ବାଧିକ ୨୦ଜଣ ପର୍ଯ୍ୟଟକ ବୁଲି ପାରିବେ। ବୋଟ ଭଡା ବାବଦକୁ ୧ ହଜାର ଟଙ୍କା ଓ ପ୍ରତି ଘଣ୍ଟା ପାଇଁ ୧୭ ଲିଟର ପେଟ୍ରୋଲ ପାଇଁ ଅର୍ଥ ଦେବାକୁ ପଡିବ। ଅର୍ଥାତ୍ ୧ ଘଣ୍ଟା ଜଳପଥରେ ବୁଲିବା ପାଇଁ ପର୍ଯ୍ୟଟକଙ୍କୁ ୨୮ଶହ ଟଙ୍କା ଦେବାକୁ ପଡିବ। କୌଣସି ପର୍ଯ୍ୟଟକ ଚାହିଁଲେ ଏହି ବୋଟ୍‌କୁ ରିଜର୍ଭ କରି ଭିତରକନିକାର ଶୋଭା ଉପଭୋଗ କରିପାରିବେ। ନଚେତ୍ ପର୍ଯ୍ୟଟକମାନେ ମିଳିତ ଭାବେ ବୋଟ୍‌ରେ ଭିତରକନିକାର ଶୋଭା ଉପଭୋଗ କରିପାରିବେ ବୋଲି ଡିଏଫ୍‌ଓ ଡ. ଯଜ୍ଞଦତ୍ତ ପତି ସୂଚନା ଦେଇଛନ୍ତି।

# ମରୁଡ଼ି କବଳରେ କେନ୍ଦ୍ରାପଡ଼ାର ଧାନଚାଷ

- ସ୍ୱାଭାବିକ ବର୍ଷାଠାରୁ ୧୩୩ ମି.ମି. କମ୍
- କେନାଲ ତଳମୁଣ୍ଡରେ ପାଣି ପହଞ୍ଚି ପାରୁନାହିଁ
- ଆଳି, ରାଜନଗର, ରାଜକନିକାରେ କେନାଲ ନାହିଁ

କେନ୍ଦ୍ରାପଡ଼ା ଅଫିସ, ୫।୮



ବାତ୍ୟା ୟାସ୍ ବ୍ୟତୀତ ଫେବୃୟାରୀଠାରୁ କେନ୍ଦ୍ରାପଡ଼ା ଜିଲାରେ ସ୍ୱାଭାବିକ ବର୍ଷା ହୋଇନାହିଁ। ମୌସୁମୀ ପ୍ରବେଶକୁ ଇତିମଧ୍ୟରେ ଦେଢ଼ ମାସ ବିତିଯାଇଥିଲେ ମଧ୍ୟ ବର୍ଷା ଅଭାବରୁ ଚଳିତବର୍ଷ ଖରିଫ ଧାନ ଚାଷ ପ୍ରଭାବିତ ହେବା ଆଶଙ୍କା ପ୍ରକାଶ ପାଇଛି। ଜୁଲାଇରେ ସ୍ୱାଭାବିକ ବର୍ଷା ପରିମାଣଠାରୁ ୧୩୩ ମିଲିମିଟର କମ୍ ବର୍ଷା ହୋଇଛି। ଅପରପକ୍ଷରେ କେନାଲକୁ ଭରସା କରିଥିବା ଚାଷୀ ପାଣି ନ ପାଇ ଜମି ଧାନ ବେଉଷଣ କରି ହାତବାନ୍ଧି ବସିଛନ୍ତି। ଏ ନେଇ ଜିଲାର ଖରିଫ ଧାନ ଚାଷ ମରୁଡ଼ି କବଳରେ ବୋଲି ଚାଷୀମାନେ ମତ ଦେଇଛନ୍ତି।

କୃଷି ବିଭାଗ ତଥ୍ୟ ଅନୁଯାୟୀ, ଜିଲାର ସମୁଦାୟ ୧ ଲକ୍ଷ ୫୨ ହଜାର ହେକ୍ଟର ମଧ୍ୟରୁ ୬୫,୦୩୨ ହେକ୍ଟର ଜମିରେ ଜଳସେଚନ ସୁବିଧା ଅଛି। ସେଥିରୁ ୪୫,୯୧୪ ହେକ୍ଟର ଜମିରେ କେନାଲ ମାଧ୍ୟମରେ ଜଳସେଚିତ ହେଉଛି। ମହାନଦୀ ନର୍ଥ ଡିଭିଜନ ଅନ୍ତର୍ଗତ ଡେରାବିଶ ବ୍ଲକର ୨,୯୬୧ହେକ୍ଟର, ମାର୍ଶାଘାଇ ବ୍ଲକର ୧,୦୫୫ହେକ୍ଟର ଜମି କେନାଲ ମାଧ୍ୟମରେ ଜଳସେଚିତ ହୋଇଥାଏ। ସେହିପରି କେନ୍ଦ୍ରାପଡ଼ା ଡିଭିଜନ ଅନ୍ତର୍ଗତ କେନ୍ଦ୍ରାପଡା ବ୍ଲକର ୧୬,୩୫୭ ହେକ୍ଟର, ଡେରାବିଶର ୭,୮୪୦ ହେକ୍ଟର, ମହାକାଳପଡ଼ାର ୩୦୦୭ ହେକ୍ଟର ଓ ପଟ୍ଟାମୁଣ୍ଡାଇ ବ୍ଲକର ୧୧,୦୪୯ ହେକ୍ଟର ଜମିକୁ କେନାଲ ମାଧ୍ୟମରେ ପାଣି ଯୋଗାଣ ହୋଇଥାଏ। ଅପରପକ୍ଷରେ ଜିଲାର ଆଳି, ରାଜକନିକା ଓ ରାଜନଗର ବ୍ଲକ ଅଞ୍ଚଳରେ କେନାଲ ନ ଥିବାରୁ ଚାଷୀ ବର୍ଷା ଓ ଉଠା ଜଳସେଚନ ଉପରେ ନିର୍ଭର କରିଥାନ୍ତି। ଜିଲା ଜରୁରିକାଳୀନ ବିଭାଗ ତଥ୍ୟ ଅନୁଯାୟୀ, ମେ ମାସରେ ଜିଲାରେ ୪୩୬ ମି.ମି. ବର୍ଷା ହୋଇଥିଲା। ଫେବୃୟାରୀଠାରୁ ଏପ୍ରିଲ ପର୍ଯ୍ୟନ୍ତ ଜିଲାରେ ସ୍ୱାଭାବିକ ବର୍ଷା ପରିମାଣ ୧୦୧ ମି.ମି. ହେବାକୁ ଥିବାବେଳେ ଏହି ୩ ମାସ ମଧ୍ୟରେ ମାତ୍ର ୩୧ ମି.ମି. ବର୍ଷା ହୋଇଛି। ଜୁନରେ ସ୍ୱାଭାବିକ ବର୍ଷା ହୋଇଛି। ଜୁଲାଇରେ ଜିଲାରେ ସ୍ୱାଭାବିକ ବର୍ଷା ପରିମାଣ ହାରାହାରି ୩୧୭ ମିମି ଥିବାବେଳେ ମାତ୍ର ୧୮୪ ମିମି ବର୍ଷା ହୋଇଛି, ଯାହାକି ୧୩୩ ମିମି ବର୍ଷା କମ୍ ହୋଇଛି। ଫଳରେ କେତେକ ଜମି ପଡିଆ ଥିବାବେଳେ ଧାନ ତଳି ରୁଆ ଜମି ଫାଟିବା ଆରମ୍ଭ କଲାଣି।

ଏ ସମ୍ପର୍କରେ କୃଷକ ନେତା ଗୟାଧର ଧଳ କୁହିଛନ୍ତି, ଜିଲାରେ ଚାଷୀଙ୍କ ଜଳସେଚନ ପାଇଁ ପ୍ରବାହିତ ୭ ନଦୀ ଓ ୨୭ ନାଳ ଓ କେନାଲକୁ ଉପଯୋଗ କରିବା ଆବଶ୍ୟକ। ବ୍ରାହ୍ମଣୀ ଓ ମହାନଦୀ ସିଷ୍ଟମରେ ଥିବା ନଦୀଗୁଡ଼ିକରେ ଆନିକଟ କରାଯାଇ ମଧୁର ଜଳକୁ ଚାଷ କାର୍ଯ୍ୟରେ ବ୍ୟବହାର କରାଯାଇ ପାରିବ। ଏ ନେଇ ଜିଲାବାସୀ ବାରମ୍ବାର ଦାବି କରୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ। ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ପାଢ଼ୀ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରର ଆର୍ଥିକ ଭିତ୍ତିଭୂମି କୃଷି ଉପରେ ନିର୍ଭର କରୁଛି। ପ୍ରଶାସନ ପକ୍ଷରୁ ଜଳକର ଆଦାୟ ହେଉଥିଲେ ମଧ୍ୟ ଉପଯୁକ୍ତ ସମୟରେ ପାଣି ଯୋଗାଣ ହେଉନାହିଁ। ଫଳରେ ପାଣି ଅଭାବରୁ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି। ପ୍ରତିବର୍ଷ କେନାଲ ସଫା ଓ ପୁନରୁଦ୍ଧାର ନାମରେ ଘାସ ସଫା ହେଉଛି। ଏଥିରେ କେବଳ ଟଙ୍କା ହଡପ ହେଉଛି। ଏ ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଗଲେ ମଧ୍ୟ ଅଣଦେଖା କରାଯାଉଛି। କେନ୍ଦ୍ରାପଡା ବ୍ଲକ ଦେପୁରା ଗ୍ରାମର ଚାଷୀ ଜଗଦୀଶ ପତି କହିଛନ୍ତି, କେନ୍ଦ୍ରାପଡ଼ା କେନାଲ, ଜମ୍ବୁ କେନାଲ ଓ ଗୋବରୀ କେନାଲରେ ଦଳ ଭର୍ତ୍ତି ହୋଇରହିଛି ଫଳରେ କେନାଲ ପାଣି ତଳମୁଣ୍ଡକୁ ଯାଇପାରୁନାହିଁ। ଏହାବ୍ୟତୀତ ସହରର ଆବର୍ଜନାରେ କେନ୍ଦ୍ରାପଡ଼ା କେନାଲ ପୋତି ହୋଇଗଲାଣି। ଏହାକୁ ସଫା କରିବା ଆଳରେ ଜଳ ସମ୍ପଦ ବିଭାଗ ପାଣି ଛାଡିବାକୁ ବିଳମ୍ବ କରୁଛି। ଫଳରେ ଧାନ ଚାଷ କ୍ଷତିଗ୍ରସ୍ତ ହେଉଛି। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗ ନିର୍ବାହୀ ଅଧିକାରୀ ପ୍ରବୋଧ କୁମାର ରାଉତଙ୍କୁ ପଚାରିବାରେ କେତେକ କେନାଲର ପୁନରୁଦ୍ଧାର କାର୍ଯ୍ୟ ଚାଲିଥିବାରୁ ପାଣି ଛଡାଯାଇ ନ ଥିଲା। ତେବେ ଜୁଲାଇ ୧୫ ରୁ କେନାଲ ମାଧ୍ୟମରେ ପାଣି ଛଡାଯାଇଛି ବୋଲି ସେ କହିଛନ୍ତି।

# ପୂର୍ଣ୍ଣଚନ୍ଦ୍ରଙ୍କ ବିଧାୟକ ପଦ ରଦ୍ଦ କରିବାକୁ ଭାଜପାର ଦାବି




ଭୁବନେଶ୍ୱର, ୫।୮ (ବ୍ୟୁରୋ)

ପିଲା ତଳ କ୍ଲାସ୍‌ରୁ ଉପର କ୍ଲାସ୍‌କୁ ଯାଆନ୍ତି। କିନ୍ତୁ ଏଠି ସୋରଡ଼ା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଉପର କ୍ଲାସ୍‌ରୁ ତଳକୁ ଆସିଛନ୍ତି। ଓଡ଼ିଶା ଇତିହାସରେ ଏହା ପ୍ରଥମ। ଗତ ୩ଟି ବିଧାନସଭା ନିର୍ବାଚନରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ତାଙ୍କର ଶିକ୍ଷାଗତ ଯୋଗ୍ୟତାକୁ ନେଇ ୩ ପ୍ରକାର ମିଛ ଆଫିଡେଭିଟ୍ ଦେଇଛନ୍ତି ବୋଲି ଭାଜପା ଅଭିଯୋଗ କରିବା ସହ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି। ଭାଜପା ଅଭିଯୋଗ କରିଛି, ୨୦୦୯ରେ ଆଫିଡେଭିଟ୍‌ରେ ସେ ଲେଖିଛନ୍ତି ୧୦ମ ଶ୍ରେଣୀ ପାସ୍ କରିଛନ୍ତି, ୨୦୧୪ ଓ ୨୦୧୯ରେ ୯ମ କ୍ଲାସ୍ ପାସ୍ କରିଥିବା ଦର୍ଶାଇଥିଲେ। ଏବେ ଆମେ ଗଣମାଧ୍ୟମରେ ଦେଖୁଛୁ ୧୦ମ ପରୀକ୍ଷା ଦେଉଛନ୍ତି। ତେଣୁ ତାଙ୍କର ଏ ୩ଟି ଯାକ ତଥ୍ୟ ସତ୍ୟପାଠ ନୁହେଁ ବରଂ ସମ୍ପୂର୍ଣ୍ଣ ମିଥ୍ୟାପାଠ। ଏହା ବିରୋଧରେ ଭାଜପାର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ସୋରଡ଼ା ବିଧାୟକଙ୍କ ପଦକୁ ରଦ୍ଦ କରିବା ପାଇଁ ଦାବି କରିଛି।

# କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ଦାବିରେ ସ୍ମାରକପତ୍ର

ବରଗଡ଼ ଅଫିସ୍,୫।୮

ବରଗଡ଼ ଜିଲାରେ ଦ୍ୱିତୀୟ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଗୁରୁବାର ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସଭାପତି ଇରାସିସ୍ ଆଚାର୍ଯ୍ୟ ଦିଲ୍ଲୀଠାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ସେ ଉଲ୍ଲେଖ କରିଛନ୍ତି, ବରଗଡ଼ ଜିଲାର ଏକମାତ୍ର କେନ୍ଦ୍ରୀୟ ବିଦ୍ୟାଳୟ ବରଗଡ଼ ସହରଠାରୁ ୬ କି.ମି ଦୂରରେ ରହିଥିବାବେଳେ ଏହାର ପ୍ରଥମ ଶ୍ରେଣୀରେ ସିଟ୍ ସଂଖ୍ୟା ୮୦ ରହିଛି। ଏହା ଜିଲା ପାଇଁ ପର୍ଯ୍ୟାପ୍ତ ନୁହେଁ। ଅନ୍ୟପଟେ ବରଗଡ଼ଠାରୁ ପଦ୍ମପୁରର ଦୂରତା ୮୦ କି.ମି ଅଟେ। ଫଳରେ ପଦ୍ମପୁର ଉପଖଣ୍ଡର ଛାତ୍ରୀଛାତ୍ର କେନ୍ଦ୍ରୀୟ ବିଦ୍ୟାଳୟରେ ପଢ଼ିବାର ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଫଳରେ ପଦ୍ମପୁର ଉପଖଣ୍ଡ ଘେଁସରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଆଚାର୍ଯ୍ୟ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ।


କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

# ସଂକୀର୍ତ୍ତନ କଳାକାରଙ୍କୁ ସହାୟତା

ବରଗଡ଼ ଅଫିସ୍,୫।୮

ବରଗଡ଼ ସହରର ଖଜୁରଟିକ୍ରା ଗନ୍ତାୟତ କଲ୍ୟାଣ ମଣ୍ଡପରେ ଗୁରୁବାର ସଂକୀର୍ତ୍ତନ କଳାକାରଙ୍କୁ ସହାୟତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂକୀର୍ତ୍ତନ ପରିଷଦ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ପରିଷଦ ପକ୍ଷରୁ କୋଭିଡ୍ ସହାୟତା ବାବଦକୁ ବିଧାୟକ ଆଚାର୍ଯ୍ୟ ପ୍ରତ୍ୟେକ କଳାକାରଙ୍କୁ ୭୦୦ଟଙ୍କା ଲେଖାଏଁ ପ୍ରଦାନ କରିଥିଲେ ପରିଷଦ ସଭାପତି ଗୋପାଳ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁରେଶ ଗନ୍ତାୟତ, ରାମଚନ୍ଦ୍ର ସାହୁ, କିଶୋର ମିଶ୍ର, କଳ୍ପନା ମାଝୀ, ଲଳିତ ମୋହନ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ମୁଖ୍ୟ ସଙ୍ଗଠକ ପ୍ରମୋଦ ଦାସ କାର୍ଯ୍ୟକ୍ରମ ସଂଯୋଜନା ଏବଂ ସମ୍ପାଦକ ଜୟଦେବ ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଗୋରାଚାନ୍ଦ ସାହୁ ଏବଂ ରବି ନାରାୟଣ ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



ସଂକୀର୍ତ୍ତନ କଳାକାରଙ୍କୁ କୋଭିଡ୍ ସହାୟତା ଦିଆଯାଉଛି ।


NOTICE INVITING BID

ODISHA STATE MEDICAL CORPORATION LIMITED (OSMCL)

Infront of Ram Mandir, Convent Square, Unit - III, Bhubaneswar - 751001
Tel.: (0674) 2380950, Website: www.osmcl.nic.in, E-mail: logistics.osmcl.od@nic.in

**Bid Ref. No. OSMCL/2021-22/DRUGS-VETERINARY/29** **Date: 06.08.2021**

No. CAD-806: Online Bids through **e-Tender Portal (https://tendersodisha.gov.in)** are invited from eligible bidders for supply of **Veterinary Items** as per the particulars mentioned below:

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 06.08.2021, 3 P.M. | |
| 2. | Date & time for submission of queries by E-Mail ID: **logistics.osmcl.od@nic.in** | 11.08.2021 upto 5.00 P.M. | |
| 3. | Date & time of Online bid submission | Start Date & Time | End Date & Time |
| | | 16.08.2021, 3 P.M. | 07.09.2021, 6.00 P.M. |
| 4. | Date & time for submission of Tender Documents, Tender Document Fee of tender document | Start Date & Time | End Date & Time |
| | | 08.09.2021, 10 A.M. | 15.09.2021, 11.00 A.M. |
| 5. | Date & time of Online Technical Bid Opening | 15.09.2021, 11.30 A.M. | |
| 6. | Date of Opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, prequalification criteria and terms & conditions are available in the websites: **www.osmcl.nic.in** and **https://tendersodisha.gov.in**. The authority reserves the right to accept/reject any part thereof or all the bids without assigning any reason thereof.

**Sd./- Managing Director, OSMC Ltd., Odisha**
**OIPR-10112/11/0042/2122**



DIRECTORATE OF
SCH. CASTES & SCH. TRIBES RESEARCH AND TRAINING INSTITUTE (SCSTRTI)

CRPF Square, Bhubaneswar - 751003
(Telephone No. 0674-2563649/Fax No. 0674-2561635, E-mail: scstrti@yahoo.co.in)

**No. 2078** **Date: 4.8.21**

EXPRESSION OF INTEREST

No. V-24: Sealed Expression of Interest are hereby invited from interested registered agency/company for out sourcing of food court in Odisha State Tribal Museum of SCSTRTI, Bhubaneswar. The tender must be addressed to Director of SCSTRTI, CRPF Square, Near P.D. Market, Bhubaneswar - 3. The last date of submission of the bid EoI 17.08.2021 at 1 P.M. The interested agency/company can log on to the office website **www.scstrti.in** for detail.

**Sd./- Advisor-cum-Director & Spl. Secretary to Govt., SCSTRTI, BBSR**
OIPR-26026/11/0006/2122



OFFICE OF THE DISTRICT MANAGER

ODISHA STATE CIVIL SUPPLIES CORPORATION LTD. (OSCSC)

Cuttack (District), Phone : 0671-2507744
District Web site : www.cuttack.nic.in

Tender No. **2700** Dt-**05.08.2021**

District Manager, Odisha State Civil Supplies Corporation Ltd., Cuttack invites tenders in Double Cover System through **Online Mode Only** for the works below.

| | | |
|---|---|---|
| 1 | Name of the Work | Selection and appointment of **Level-II** Transport Contractor for transportation of foodgrains from RRCs to Retail Centers (FPS) in Cuttack District of the State of Odisha for biennial 2021-23. |
| 2 | Availability of bid document in the portal | From **06.08.2021** |
| 3 | Last Date / Time for receipt of bids in the portal | Dt.**21.08.2021** up to **5.00 P.M.** |
| 4 | Date/Time of Opening of Technical bid | Dt.**23.08.2021** at 11.00 A.M. |
| 5 | Name and address of Officer Inviting Tender | District Manager, OSCSC Ltd., Chandinichowk, Cuttack (District), Pin-753002. |

Tender Documents and other details can be seen from the e-procurement portal **www.oscsc.in**, **www.foododisha.in & www.tendersodisha.gov.in** along with district website. Amendments / corrigendum / cancellation / retenders etc. if any shall be published only in above websites.

**Sd/-**
**District Manager, OSCSC Ltd, Cuttack**



OFFICE OF THE PANCHAYAT SAMITI, TIRING, MAYURBHANJ

At/P.O.- Tiring, Dist.- Mayurbhanj - 757053 (ODISHA), e-Mail: ori-tiringi@nic.in

TENDER CALL NOTICE

**No. 1831** **Date: 02.08.2021**
**ANNEXURE - "A"**

No. i-124: The Block Development Officer, Tiring on behalf of Government of Odisha invites sealed cover tender on Percentage(%) rate bid in Single Cover System for construction of works as detailed below in the table from Registered & Eligible Civil Contractors of Odisha PWD (R&B)/WR/RWD/NH/MI/CPWD for the following works in conformity with the Detailed Tender Call Notice.

| Sl. No. | Name of the GP | Name of the Work | Amount put to the tender (in Rs.) | EMD to be Deposited (in Rs.) | Cost of Tender Paper (in Rs.) | Class of Contractors | Period of Completion |
|---|---|---|---|---|---|---|---|
| 1 | Baddalima | Upgradation of Infrastructure in Elementary School at Baddalima TOUP - School | 28,44,760/- | 28,450/- | 6000/- | "C" & "B" | Six Calendar Months |
| 2 | Badnarani | Const. of Boundary Wall, Toilet at Chandri Nodal UP School | 10,03,566/- | 10,040/- | 6000/- | "D" & "C" | Six Calendar Months |
| 3 | Baddalima | Upgradation of Infrastructure in Elementary School at Dolajodi UP School | 22,74,290/- | 22,750/- | 6000/- | "C" & "B" | Six Calendar Months |
| 4 | Pandupani | Upgradation of Infrastructure in Elementary School at Hatasahi PUP School | 25,99,413/- | 26,000/- | 6000/- | "C" & "B" | Six Calendar Months |
| 5 | Gitilata | Upgradation of Infrastructure in Elementary School at Jadunathpur UGUP School | 14,18,020/- | 14,180/- | 6000/- | "D" & "C" | Six Calendar Months |
| 6 | Baddalima | Upgradation of Infrastructure in Elementary School at Janghia (P) UP School | 19,48,031/- | 19,480/- | 6000/- | "D" & "C" | Six Calendar Months |
| 7 | Lupung | Upgradation of Infrastructure in Elementary School at Kapli PUPS | 18,51,760/- | 18,520/- | 6000/- | "D" & "C" | Six Calendar Months |
| 8 | Gitilata | Upgradation of Infrastructure in Elementary School at Nuadihi Project UP School | 15,61,292/- | 15,620/- | 6000/- | "D" & "C" | Six Calendar Months |
| 9 | Tiring | Upgradation of Infrastructure in Elementary School at Nuagan (T) UGUP School | 12,32,263/- | 12,330/- | 6000/- | "D" & "C" | Six Calendar Months |
| 10 | Tiring | Upgradation of Infrastrcutre in Elementary School at Ranisahi UGUP School | 12,26,788/- | 12,270/- | 6000/- | "D" & "C" | Six Calendar Months |
| 11 | Baddalima | Upgradation of Infrastructure in Elementary School at Ratansahi PUPS | 22,83,721/- | 22,840/- | 6000/- | "C" & "B" | Six Calendar Months |
| 12 | Sanbhundu | Upgradation of Infrastructure in Elementary School at Changua UGUP School | 20,48,088 | 20,480/- | 6000/- | "C" & "B" | Six Calendar Months |
| 13 | Tiring | Construction of Asst. Engineer Quarter at Tiring under Tiring Block | 12,08,927 | 12,090/- | 6000/- | "D" & "C" | Six Calendar Months |
| 14 | Tiring | Construction of A.B.D.O. & G.P.E.O. (Twin) Quarter at Tiring under Tiring Block | 15,49,534 | 15,500/- | 6000/- | "D" & "C" | Six Calendar Months |

For detailed terms and conditions please visit our website **www.mayurbhanj.nic.in**.

**Sd./- Block Development Officer, Tiring**
**OIPR-19135/11/0001/2122**



BHUBANESWAR DEVELOPMENT AUTHORITY

AKASH SHOVA BUILDING, PANDIT JAWAHARLAL NEHRU MARG, BHUBANESWAR-751001, ODISHA
TEL: (0674) 2396437, 2390998, 2392801, FAX: 0674-2390633 / 2393980

No. 26333/BDA, Bhubaneswar, The 04th Aug, 2021
ALMTV-Rev-187/21

NOTICE INVITING APPLICATION FOR PARTICIPATION IN E-AUCTION

**No. CAD-799:-** Bhubaneswar Development Authority proposes to sell following 45 (Forty five) nos. of Commercial shops/ plots/Office space in Alok Bharati Complex, Saheed Nagar, Nayapalli Commercial Complex (Raptani Bhawan), Chandralok Market Complex, Niladri Vihar, C.S. Pur, Ananta Vihar Ph-II Shopping Scheme, Pokhariput, K-7 Market Complex on as is where is basis through online auction to be held on 05.10.2021.

| Name of the Scheme | Cate-gory of Asset | Asset No. | Carpet Area in Sft. | Upset Price of the Asset (in Rs.) | EMD amount (in Rs.) |
|---|---|---|---|---|---|
| Alok Bharati Market Complex, Sahid Nagar | Office Space | 6th Floor | 9741.44 at 6th Floor | 103834009 | 1000000 |
| Raptani Bhawan | Office Space | 2nd floor part | 5483 sft | 39828864 | 1000000 |
| K7 Market Complex, Kalinga Nagar, Ghatikia | Office Space | No.1 2nd floor | 2251 sft. | 27982181 | 1000000 |
| | Office Space | No.2 2nd floor | 2214 sft. | 27634859 | 1000000 |
| | Office Space | No.3 2nd floor | 2610 sft. | 34085802 | 1000000 |
| Chandralok Market Complex, Niladri Vihar, C.S. Pur | Shop | 24 | 197.91 sft. | 569948 | 200000 |
| | Shop | 40 | 197.91 sft. | 569948 | 200000 |
| | Shop | 48 | 290.74 sft. | 802474 | 200000 |
| Samanta Vihar Commercial Complex, C.S. Pur | Shop | A/27 | 168 sft. | 2543520 | 200000 |
| | Shop | A/30 | 168 sft. | 2543520 | 200000 |
| | Shop | A/31 | 168 sft. | 2543520 | 200000 |
| Ananta Vihar Phase-II Shopping Scheme, Pokhariput 322.27 | Shop | G/6 | 168 sft. | 2183832 | 200000 |
| | Shop | F/5 | | 1985256 | 200000 |
| | Shop | F/6 | | 1985256 | 200000 |
| | Shop | F/7 | | 1985256 | 200000 |
| | Shop | F/8 | | 1985256 | 200000 |
| | Shop | F/9 | | 1985256 | 200000 |
| K-7 Market Complex | Shop | G/05 | 154 sft. | 2105796 | 200000 |
| | Shop | G/08 | | 2105796 | 200000 |
| | Shop | G/15 | | 2105795 | 200000 |
| | Shop | F/1 | | 1914374 | 200000 |
| | Shop | F/2 | | 1914374 | 200000 |
| | Shop | F/3 | | 1914374 | 200000 |
| | Shop | F/4 | | 1914374 | 200000 |
| | Shop | F/5 | | 1914374 | 200000 |
| | Shop | F/6 | | 1914374 | 200000 |
| | Shop | F/8 | | 1914374 | 200000 |
| | Shop | F/10 | | 1914374 | 200000 |
| | Shop | F/11 | | 1914374 | 200000 |
| | Shop | F/12 | | 1914374 | 200000 |
| | Shop | F/13 | | 1914374 | 200000 |
| | Shop | F/15 | | 1914374 | 200000 |
| | Shop | F/16 | | 1914374 | 200000 |
| | Shop | F/17 | | 1914374 | 200000 |
| | Shop | F/18 | | 1914374 | 200000 |
| | Shop | F/19 | | 1914374 | 200000 |
| | Shop | F/20 | | 1914374 | 200000 |
| | Shop | F/21 | | 1914374 | 200000 |
| | Shop | F/22 | | 1914374 | 200000 |
| | Shop | F/23 | | 1914374 | 200000 |
| | Shop | F/24 | | 1914374 | 200000 |
| | Shop | F/25 | | 1914374 | 200000 |
| | Shop | F/26 | | 1914374 | 200000 |
| | Shop | F/27 | | 1914374 | 200000 |
| | Shop | F/28 | | 1914374 | 200000 |

Further details may be seen and downloaded from the BDA website www.bda.gov.in. Applicants interested in participating in the e-auction for allotment of the residential plots may submit the application form online by 07.09.2021 with required details and by remitting the EMD. For details of plots & Brochure please visit our website www.bda.gov.in

**Online Application starts - 11.00 A.M. on 06.08.2021**
**Closes - 11.59 P.M. on 07.09.2021**
**Online Auction on - 11.00 A.M. on 05.10.2021**

**Sd./- Secretary**
**Bhubaneswar Development Authority, Bhubaneswar**
OIPR-13033/11/0024/2122

# ପୂର୍ବ ପ୍ରଭାବୀ ଟିକସ ଆଇନ ଉଠିବ

ନୂଆଦିଲ୍ଲୀ, ୫।୮

ସରକାର ରେଟ୍ରୋସ୍ପେକ୍ଟିଭ (ପୂର୍ବ ପ୍ରଭାବୀ) ଟିକସ ଆଇନ ଉଚ୍ଛେଦ କରିବେ। ଏଥିଲାଗି ଆୟକର ଆଇନରେ ସଂଶୋଧନ କରାଯିବ। ଏହି ଯୋଜନାକୁ ରୂପରେଖ ଦେବା ଲାଗି ସରକାର ଅଗ୍ରସର ହୋଇଛନ୍ତି। କେନ୍ଦ୍ର ସରକାର ଭୋଡାଫୋନ ଏବଂ କେୟର୍ନ ଏନର୍ଜି ଭଳି ମାମଲାଗୁଡ଼ିକରୁ

## ଲୋକ ସଭାରେ ଟିକସ ଆଇନ ସଂଶୋଧନ ବିଲ୍

ଶିକ୍ଷାକରି ଏଭଳି ନୂଆ ପନ୍ଥା ଆପଣାଉଥିବା ଜଣାପଡ଼ିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଟିକସ ଆଇନ (ସଂଶୋଧନ) ବିଲ୍ ୨୦୨୧କୁ ଗୁରୁବାର ଲୋକ ସଭାରେ ଉପସ୍ଥାପନ କରିଛନ୍ତି। ୨୮ ମେ ୨୦୧୨ ପରଠାରୁ ପରୋକ୍ଷ ଭାବେ ଭାରତୀୟ ସମ୍ପତ୍ତିର ସ୍ଥାନାନ୍ତର କ୍ଷେତ୍ରରେ ସରକାର କରୁଥିବା ଟିକସ ଦାବିକୁ ନୂଆ ନିୟମ ଦ୍ୱାରା ବାଦ୍ ଦିଆଯିବ।

ଏହି ମାମଲାଗୁଡ଼ିକରେ ଜଡ଼ିତ ସଂସ୍ଥାଗୁଡ଼ିକ ଯେଉଁ ଅର୍ଥ ରାଶି ପ୍ରଦାନ କରିଛନ୍ତି ତାହା ସରକାର ଫେରାଇଦେବାକୁ ପ୍ରସ୍ତାବ ରହିଛି। ଏଥିରେ କୌଣସି ସୁଧରାଶି ଲାଗୁ ହେବ ନାହିଁ। କେୟର୍ନ ଏନର୍ଜି ପିଏଲ୍‌ସି ଏବଂ



ନିର୍ମଳା ସୀତାରାମନ

ବ୍ରିଟେନର ଭୋଡାଫୋନ ଗ୍ରୁପ ଭାରତ ବିରୋଧରେ ରେଟ୍ରୋସ୍ପେକ୍ଟିଭ ଟିକସକୁ ନେଇ ଅନ୍ତର୍ଜାତୀୟ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଭୟ କମ୍ପାନୀ ଭାରତ ସରକାରଙ୍କ ବିରୋଧରେ ମାମଲା ଜିତିଛନ୍ତି। ଫଳରେ ଏହା ଭାରତକୁ ଝଟକା ଲାଗିଛି। ଅର୍ଥ ରାଶି ଫେରସ୍ତ ନେଇ ଭାରତକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ମଧ୍ୟ ଦେଖାଯାଇଛି ଯେ, ଅର୍ଥ ଆଦାୟ କରିବା ଲାଗି କେୟର୍ନ ଏନର୍ଜି ବିଦେଶରେ ରହିଥିବା ଭାରତୀୟ ସମ୍ପତ୍ତିଗୁଡ଼ିକୁ ଜବତ କରିବା ଲାଗି ପ୍ରକ୍ରିୟା ଆରମ୍ଭ କରିଛି। ଏଥିଲାଗି ବିଦେଶର ବିଭିନ୍ନ କୋର୍ଟ କେୟର୍ନ ଏନର୍ଜିକୁ ଅନୁମତି ପ୍ରଦାନ କରିଥିବା ଜଣାପଡ଼ିଛି।

ଭବିଷ୍ୟତରେ ସରକାର ଏଭଳି କୌଣସି ମାମଲାରେ ଟିକସ ଦାବି କରିବେ ନାହିଁ ବୋଲି ଗୁରୁବାର ସ୍ପଷ୍ଟ କରିଛନ୍ତି। ବର୍ତ୍ତମାନ କୋଭିଡ୍ ଯୋଗୁ ଭାରତୀୟ ବଜାର କ୍ଷତିଗ୍ରସ୍ତ ହୋଇଛି। ନିବେଶ ମଧ୍ୟ ପ୍ରଭାବିତ ରହିଛି। ଗତ କିଛି ବର୍ଷ ମଧ୍ୟରେ ସରକାର ବିଭିନ୍ନ ପଦକ୍ଷେପ ଦ୍ୱାରା ଭାରତକୁ ନିବେଶ କ୍ଷେତ୍ରରେ ଆକର୍ଷଣୀୟ ସ୍ଥାନ ଭାବେ ଗଢ଼ି ତୋଳିବାକୁ ଅନେକ ପଦକ୍ଷେପ ନେଇଛନ୍ତି। ମାତ୍ର ପିଛିଲା ଭାବେ ଟିକସ ଡିମାଣ୍ଡ ମାମଲାରେ ହାରିବା ପରେ ଅନ୍ତର୍ଜାତୀୟ ବଜାରରେ ଭାରତର ଛବି ମଳିନ ପଡ଼ିଛି। ଅର୍ଥନୈତିକ ଅଭିବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟିକୁ ଉତ୍ସାହିତ କରିବା ଲାଗି ଏଭଳି ପଦକ୍ଷେପ ନିଆଯାଇଛି ବୋଲି ସରକାର କହିଛନ୍ତି।

### ପ୍ରମୁଖ ମାମଲା....

ସ୍କଟ୍‌ଲାଣ୍ଡ ଭିତ୍ତିକ କମ୍ପାନୀ ୧୯୯୪ରେ ଭାରତର ତୈଳ ଏବଂ ବାଷ୍ପ କ୍ଷେତ୍ରରେ ନିବେଶ କରିଥିଲା। ପ୍ରାୟ ଏକ ଦଶନ୍ଧି ପରେ ଏହା ରାଜସ୍ଥାନରୁ ବୃହତ୍ ତୈଳ ଭଣ୍ଡାର ଆବିଷ୍କାର କଲା। ୨୦୦୬ରେ କମ୍ପାନୀ ଏହାର ଭାରତୀୟ ଆସେଟକୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ରେ ସୂଚୀଭୁକ୍ତ କଲା। ଏହାର ପାଞ୍ଚବର୍ଷ ପରେ ଭାରତ ସରକାର ରେଟ୍ରୋସ୍ପେକ୍ଟିଭ ଟିକସ ଆଇନ ଆଣିଲେ। ଫଳରେ କେୟର୍ନ ଉପରେ ୧୦,୨୪୭ କୋଟି ଟଙ୍କାର ଟିକସ ଧାର୍ଯ୍ୟ କରାଗଲା। ଏହାବାଦ କମ୍ପାନୀର ପୁନର୍ଗଠନ ପରେ ସୁଧ ଏବଂ ଜରିମାନା ମଧ୍ୟ କମ୍ପାନୀ ଉପରେ ଲାଗୁ କରାଗଲା। ଟିକସ ଡିମାଣ୍ଡ ହାସଲ କରିବା ଲାଗି ଭାରତ ସରକାର କମ୍ପାନୀର ଶେୟାରକୁ ଲିକ୍ୟୁଡେଟ କରିବା ସହ ଡିଭିଡେଣ୍ଟ ଜବତ ଏବଂ ଟିକସ ରିଫଣ୍ଡକୁ ରୋକିଦେଲେ। ଏହାକୁ ନେଇ କେୟର୍ନ ହେଗ୍ ସ୍ଥିତ ଅନ୍ତର୍ଜାତୀୟ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲା। ଏହି ମାମଲା କେୟର୍ନ ସପକ୍ଷରେ ଯାଇଥିବା ବେଳେ ଅର୍ଥ ଫେରସ୍ତ ଲାଗି ଭାରତକୁ ନିର୍ଦ୍ଦେଶ ରହିଥିଲା। ମାତ୍ର ଭାରତ ଏହାକୁ ମାନି ନ ଥିବା ଜଣାପଡ଼ିଛି। ସେହିଭଳି ଭୋଡାଫୋନ ଉପରେ ରେଟ୍ରୋସ୍ପେକ୍ଟିଭ ଆଇନ ଦ୍ୱାରା ପିଛିଲା ଭାବେ ଟିକସ ଲାଗୁ କରାଯାଇଥିଲା।

# ଫ୍ଲିପ୍‌କାର୍ଟକୁ ୧୦ ହଜାର କୋଟିର ଟିକସ ଚେତାବନୀ

ନୂଆଦିଲ୍ଲୀ,୫।୮

ଦେଶର ପ୍ରମୁଖ ଇ-କମର୍ସ କମ୍ପାନୀଗୁଡ଼ିକର ଅଡୁଆ ବଢ଼ିବ ବୋଲି କୁହାଯାଇଛି। ଏହା ମଧ୍ୟରେ ଫ୍ଲିପ୍‌କାର୍ଟ ଏବଂ ଆମାଜନ ରହିଛି। ନ୍ୟୁଜ ଏଜେନ୍ସି ରଏଟର୍ସ ମୁତାବକ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଫ୍ଲିପ୍‌କାର୍ଟ ଏବଂ ଏହାର ପ୍ରତିଷ୍ଠାତା ସଚିନ ବଂଶଲ ଏବଂ ବିନି ବଂଶଲଙ୍କ ସମେତ ନିବେଶକ ଟାଇଗର ଗ୍ଲୋବାଲ ଉପରେ ବିଦେଶ ନିବେଶ ଆଇନ ଉଲ୍ଲଂଘନ ନେଇ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସେହିଭଳି ଦେଶର ବ୍ୟବସାୟୀ ସଂଘଗୁଡ଼ିକ ପକ୍ଷରୁ ଆମାଜନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ଦାବି ଉଠିଛି। ନୋଟିସର ଜବାବ ୯୦ ଦିନ ମଧ୍ୟରେ ରଖିବାକୁ ଇଡି ନିର୍ଦ୍ଦେଶରେ କହିଛି। ଫ୍ଲିପ୍‌କାର୍ଟ ପକ୍ଷରୁ କୁହାଯାଇଛି, ସମ୍ପୂର୍ଣ୍ଣ ଭାବେ ଭାରତୀୟ ନିୟମର ପାଳନ କରାଯାଇଛି। ତଦନ୍ତରେ କର୍ତ୍ତୃପକ୍ଷଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରାଯିବ। ଉଲ୍ଲେଖ ଯୋଗ୍ୟ, ଆମେରିକାର ଇ-କମର୍ସ କମ୍ପାନୀ ୱାଲ୍‌ମାର୍ଟ ୨୦୧୮ରେ ଫ୍ଲିପ୍‌କାର୍ଟର ଅଧିକାଂଶ ଅଂଶଧନ ୧୬ ବିଲିୟନ ଡଲାରରେ କ୍ରୟ କରିଥିଲା। ରିପୋର୍ଟ ମୁତାବକ, ଇଡି ପକ୍ଷରୁ ଫ୍ଲିପ୍‌କାର୍ଟକୁ ଚେତାବନୀ ଦିଆଯାଇଛି। କମ୍ପାନୀ ଯଦି ସନ୍ତୋଷଜନକ ଉତ୍ତର ନ ରଖେ ତେବେ ଏହା ଉପରେ ୧୦ ହଜାର କୋଟି ଟଙ୍କାର ଜରିମାନା ଲାଗିପାରେ। ନୋଟିସ ମୁତାବକ, ୨୦୦୯ରୁ ୨୦୧୫ ମଧ୍ୟରେ ଏଭଳି ନିୟମ ଉଲ୍ଲଂଘନ କମ୍ପାନୀ କରିଛି। ସର୍ବଭାରତୀୟ ବ୍ୟବସାୟୀ ମହାସଂଘ ପକ୍ଷରୁ ଗତ କିଛି ବର୍ଷ ହେବ ପ୍ରମୁଖ ଇ-କମର୍ସ କମ୍ପାନୀଗୁଡ଼ିକ ବିରୋଧରେ ବିଦେଶୀ ନିବେଶ ଆଇନ ଉଲ୍ଲଂଘନ ନେଇ ଅଭିଯୋଗ କରି ଆସୁଛନ୍ତି।

## ଇ-ଯାନରେ ଫୁଡ୍ ଡେଲିଭରି କରିବ ସ୍ୱିଗି

ନୂଆଦିଲ୍ଲୀ,୫।୮

ରିଲାଏନ୍ସ ବିପି ମୋବିଲିଟି ଲିମିଟେଡ ଏବଂ ସ୍ୱିଗି ପକ୍ଷରୁ ସମ୍ମିଳିତ ଉଦ୍ୟମର ପରୀକ୍ଷାମୂଳକ ଆରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଭାରତର ସର୍ବବୃହତ୍ ଖାଦ୍ୟ ଯୋଗାଣ ପ୍ଲାଟ୍‌ଫର୍ମରେ ବିଦ୍ୟୁତଚାଳିତ ବାହନ (ଇଭି) ନିୟୋଜନ ବୃଦ୍ଧି ଘଟାଇବ । ବିଦ୍ୟୁତ୍‌ଚାଳିତ ୨ଚକିଆ ଯାନ ନିୟୋଜନ ସହିତ ବ୍ୟାଟେରି ଚାଳିତ ବିଦ୍ୟୁତ ଯାନବାହନ (ଇଭି) ଗୁଡ଼ିକର ବ୍ୟବହାର ନିମନ୍ତେ ଏହି ଯୋଜନାରେ ଲକ୍ଷ୍ୟ ରଖାଯାଇଛି।

# ଗ୍ରାହକଙ୍କ ସନ୍ତୁଷ୍ଟିରୁ ମିଳିଛି ସଫଳତା

**ଓଡ଼ିଶା ବଜାରରେ ନିଜର ଏକ ସ୍ୱତନ୍ତ୍ର ବ୍ୟବସାୟିକ ଛାପ ସୃଷ୍ଟି କରିବାରେ ପଣ୍ଡା ଟ୍ରାଭେଲ ମାର୍ଟ ଏକ ସଫଳ ବ୍ରାଣ୍ଡ୍। ଭୁବନେଶ୍ୱରରେ ଏକ ଛୋଟ ଷ୍ଟୋରରୁ ଯାତ୍ରା ଆରମ୍ଭକରି ଏହା ବୃହତ୍ ଫର୍ମାଟ ଷ୍ଟୋରରେ ରୂପାନ୍ତରିତ ହୋଇଛି। ଏହି ଯୋଜନାକୁ ସଫଳ କରାଇବାରେ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଶିବପ୍ରସାଦ ପଣ୍ଡାଙ୍କ ଗୁରୁଦାୟିତ୍ୱ ରହିଛି। ସେ କହନ୍ତି, ଲୋକ ସମ୍ପର୍କ, ପ୍ରଡକ୍ଟର ବିଶେଷତା ଏବଂ ଗୁଣବତ୍ତା ସେବା ଏବଂ ଗ୍ରାହକଙ୍କ ସନ୍ତୁଷ୍ଟି ଭଳି ପ୍ରସଙ୍ଗ ଗୁଡ଼ିକ ବ୍ୟବସାୟିକ ସଫଳତା ପାଇଁ ସହାୟକ ହୋଇଛି। ବ୍ୟବସାୟରେ ଦୀର୍ଘ ବର୍ଷର ଅଭିଜ୍ଞତାକୁ ନେଇ ପଣ୍ଡାଙ୍କ ସହ 'ଧରିତ୍ରୀ'ର ସାକ୍ଷାତ୍‌କାର......**



ଶିବପ୍ରସାଦ ପଣ୍ଡା

**ଓଡ଼ିଶା ବଜାରରେ ଆପଣଙ୍କ ସଂସ୍ଥା କିଭଳି ଲୋକପ୍ରିୟ ହୋଇପାରିଲା?**

■ ଗ୍ରାହକଙ୍କ ଶୋ'ରୁମ୍ ପ୍ରତି ବିଶ୍ୱାସ ଓ ଭରସା ରହି ଆସିଛି। ଶୋ'ରୁମ୍‌ରୁ ମିଳୁଥିବା ସୁବିଧା ଓ ସେବାରେ ସନ୍ତୁଷ୍ଟି ଲୋକଙ୍କୁ ଆମ ସହ ବାନ୍ଧି ରଖିଛି। ବିବାହ ସମୟରେ ବିଭିନ୍ନ ସାମଗ୍ରୀ ହେଉକି ପିଲାଙ୍କ ସ୍କୁଲ ବ୍ୟାଗ୍ ଲୋକମାନେ ଏଠାରୁ କିଣିଥାନ୍ତି। ଗୁଣାତ୍ମକ ପ୍ରଡକ୍ଟ, ଲୋକ ସମ୍ପର୍କ ଏବଂ ବିକ୍ରି ପରବର୍ତ୍ତୀ ସେବା ଯୋଗୁ ପଣ୍ଡା ଟ୍ରାଭେଲ ମାର୍ଟ ଏକ ଲୋକପ୍ରିୟ ବ୍ରାଣ୍ଡ ହୋଇପାରିଛି। ଏହି ଧାରା ବଜାୟ ରଖିବାକୁ ଚେଷ୍ଟିତ।

**କୋଭିଡ୍-୧୯ ଯୋଗୁ ବ୍ୟବସାୟ କିପରି ପ୍ରଭାବିତ ହୋଇଛି?**

■ମହାମାରୀ ବ୍ୟବସାୟକୁ ମାନ୍ଦା କରିଛି। ସଂକ୍ରମଣ ଭୟ ଏବଂ ନିୟମରେ ବାରମ୍ବାର ପରିବର୍ତ୍ତନ ଫଳରେ ସବୁ କିଛି ବ୍ୟବସ୍ଥିତ କରିବା ବ୍ୟବସାୟୀଙ୍କ ପାଇଁ କଷ୍ଟକର ହୋଇଛି। ବିକ୍ରି ସିଜନଗୁଡ଼ିକରେ ବଜାର ବନ୍ଦ ରହିବାରୁ କାରବାର କ୍ଷତି ସହିବାକୁ ପଡ଼ିଛି। ଆଗାମୀ ଦିନ ପାଇଁ ବିଶେଷ ପ୍ରସ୍ତୁତି କରିଛୁ। କୋଭିଡ୍ କଟକଣାକୁ ଗୁରୁତ୍ୱ ଦେଇ ବ୍ୟବସାୟ କରିବାକୁ ପଡ଼ିବ।

**କାରବାର ସ୍ୱାଭାବିକ ସ୍ଥିତିକୁ ଫେରୁଥିବା ଦେଖୁଛନ୍ତି କି?**

■ବ୍ୟବସାୟ ଭଲ ହେବାର ଆଶା ଥିଲେ ମଧ୍ୟ କଟକଣା ଓ ସଂକ୍ରମଣର ଭୟ ବଜାରରେ ରହିଛି। ବ୍ୟବସାୟକୁ ସୁରକ୍ଷିତ ଭାବେ ପରିଚାଳନା କରିବା ପାଇଁ ସଂସ୍ଥାର ସମସ୍ତ କର୍ମଚାରୀ ଟିକା ନେଇଛନ୍ତି। ବଜାରରେ କଟକଣା ଯୋଗୁ ବାହାଘର, ସ୍କୁଲ ଓ ବର୍ଷାଋତୁ ଭଳି ସମୟର ଆବଶ୍ୟକ ସାମଗ୍ରୀରେ ବିକ୍ରି ଆଶାନୁରୂପକ ଭାବେ ହୋଇପାରି ନାହିଁ।

**ଜିଏସ୍‌ଟିକୁ କିପରି ଦେଖୁଛନ୍ତି। ଏହା ଫଳରେ କ'ଣ ସୁଫଳ ମିଳିଛି?**

■ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଆସିବା ପରେ ଅନେକ ସମସ୍ୟା ସମାଧାନ ହୋଇଛି। ଏବେ ସବୁ କାର୍ଯ୍ୟ ଠିକ୍ ସମୟରେ ହୋଇପାରୁଛି। ବ୍ୟବସାୟ ଓ ଗ୍ରାହକଙ୍କ ମଧ୍ୟରେ ସ୍ୱଚ୍ଛତା ଆସିଛି। ବ୍ୟବସାୟକୁ ଅନେକ ସୁଫଳ ମିଳିଛି। ସଚ୍ଚୋଟ ବ୍ୟବସାୟୀ ଏହାକୁ ସ୍ୱାଗତ କରୁଛନ୍ତି।

**କେଉଁ ପ୍ରଡକ୍ଟଗୁଡ଼ିକର ଚାହିଦା ଅଧିକ ରହିଛି?**

■ଆମର ସବୁ ସାମଗ୍ରୀ ଗୁଣବତ୍ତାଯୁକ୍ତ ଓ ଆକର୍ଷଣୀୟ। ବ୍ୟାଗ୍‌ର ଚହିଦା ସର୍ବାଧିକ ରହୁଛି। ଭୁବନେଶ୍ୱରର ୩ଟି ଶୋ'ରୁମ୍‌ରେ ବ୍ୟାଗ୍ ଓ ଲେଦର ଆଇଟମ ସାଙ୍ଗକୁ ବର୍ଷାତି ଭଳି ପ୍ରଡକ୍ଟର ଚାହିଦା ଭଲ ରହିଛି। ନୂଆ ନୂଆ ପ୍ରଡକ୍ଟ ଯୋଡୁଛୁ। ଗ୍ରାହକଙ୍କ ଆବଶ୍ୟକତାକୁ ସର୍ବାଧିକ ଗୁରୁତ୍ୱ ଦେଉଛୁ।

**ୱାଇଲ୍ଡକ୍ରାଫ୍ଟର ପ୍ରଡକ୍ଟର ବିକ୍ରି କେମିତି ରହିଛି?**

■ୱାଇଲ୍ଡକ୍ରାଫ୍ଟର ସମସ୍ତ ପ୍ରଡକ୍ଟ ଓଡିଶା ବଜାରରେ ଭଲ ଡିମାଣ୍ଡ ରହିଛି। ମାସ୍କ ଏବଂ ବିଭିନ୍ନ ବର୍ଗର ରେନ୍‌କୋଟ (ବର୍ଷାତି)ର ଭଲ ବିକ୍ରି ହେଉଛି। ଏହି ବ୍ରାଣ୍ଡର ସାମଗ୍ରୀ ବଜାରର ଅନ୍ୟ ସାମଗ୍ରୀଠାରୁ ବେଶ ଉନ୍ନତମାନର। କମ୍ପାନୀ ତାର ପ୍ରଡକ୍ଟଗୁଡ଼ିକୁ ସବୁ ବର୍ଗର ଗ୍ରାହକଙ୍କ ଆବଶ୍ୟକତା ଓ କ୍ଷମତାକୁ ଲକ୍ଷ୍ୟ କରି ବଜାରକୁ ଛାଡ଼ିଛି। ଅନ୍ୟ ସହ ପ୍ରତିଦ୍ୱନ୍ଦ୍ୱିତା ନ କରି ସାମଗ୍ରୀର ଗୁଣବତ୍ତାକୁ ଉନ୍ନତମାନର କରିବା ଦିଗରେ ଏହା ସର୍ବଦା ଯତ୍ନବାନ।

**ଶୋ'ରୁମ୍ ଓ ପରିବାର ମଧ୍ୟରେ ସମନ୍ୱୟ କିପରି ରଖୁଛନ୍ତି ?**

■କର୍ମ ହିଁ ଭଗବାନ। ଘର ଓ ବ୍ୟବସାୟ କାର୍ଯ୍ୟକୁ ଅଲଗା କରି ଦେବା ଉଚିତ। ଫଳରେ ସମୟକୁ ଠିକ୍ ଭାବେ ଭାଗ କରିହେବ। ପରିବାର ଓ ପ୍ରତିଷ୍ଠାନକୁ ପରିଚାଳନା କରିବା ପାଇଁ ଆବଶ୍ୟକ ସମୟ ସାରଣୀ ପ୍ରସ୍ତୁତି କରିବାକୁ ପଡ଼ିବ। ଫଳରେ ଉଭୟ ସ୍ଥାନର ଦାୟିତ୍ୱ ଓ କର୍ତ୍ତବ୍ୟ ପାଇଁ ସମାନ ସହଯୋଗ ଓ ସହାୟତା ପାଇପାରିବେ। ଦୈନିକ କାର୍ଯ୍ୟକ୍ରମ ଓ ସୁସ୍ଥ ଚିନ୍ତାଧାରା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କଲେ ସବୁକାର୍ଯ୍ୟରେ ସମନ୍ୱୟ ରଖାଯାଇପାରିବ।

**ପାର୍ବଣ ବଜାର ପାଇଁ ଯୋଜନା କ'ଣ କରିଛନ୍ତି ?**

■ଏବେ ବଜାର ସ୍ଥିତି ଠିକ୍ ନାହିଁ। ୩ୟ ଲହର ଆଶଙ୍କା ରହିଛି। ମହାପ୍ରଭୁଙ୍କ ଦୟାରୁ ସବୁ ଯଦି ଠିକ୍ ରହିଲେ ଯୋଜନା ପ୍ରସ୍ତୁତ କରାଯିବ। ନଚେତ୍ ଅନ୍ୟ ଦିନଗୁଡ଼ିକ ଭଳି ଅଫର ଓ ରିହାତି ପାର୍ବଣରେ ଯୋଗାଇ ଦିଆଯିବ।

**ବ୍ୟବସାୟରେ ସଫଳ ହେବାର ଶ୍ରେୟ କାହାକୁ ଦେବେ?**

■ଦୀର୍ଘ ବର୍ଷର ପରିଶ୍ରମ ଓ ଭଗବାନଙ୍କ ଆଶୀର୍ବାଦ ସାଙ୍ଗକୁ ବାପା, ମା ଓ କର୍ମଚାରୀଙ୍କ ସହଯୋଗ ଅନେକାଂଶରେ ରହିଛି। ଗ୍ରାହକଙ୍କ ଭରସା ଓ ବିଶ୍ୱାସଭାଜନ ହେବା, ଆମ ନିଷ୍ଠାପରତା ଯୋଗୁ ଏକ ଛୋଟ ଘରୁ ବ୍ୟବସାୟ ଆରମ୍ଭ କରି ଏତେ ବାଟ ଆଗକୁ ଆସି ପାରିଛୁ। ସଫଳତା ଗୋଟିଏ ଦିନରେ ମିଳେ ନାହିଁ। କଠିନ ପରିଶ୍ରମ, ଲୋକ ସମ୍ପର୍କ ଏବଂ ଗ୍ରାହକଙ୍କ ଚାହିଦା ପୂରଣ ବ୍ୟବସାୟକୁ ଆଗକୁ ବଢ଼ାଇଛି। ଛୋଟ ଭୁଲ୍‌କୁ ଅଣଦେଖା ନ କରିବା, ବ୍ୟବସାୟରେ ସାଧୁତା, ବିକ୍ରି ପରବର୍ତ୍ତୀ ସେବାକୁ ମଧ୍ୟ ଠିକ୍ ଯୋଗାଇବା ଜରୁରୀ। ନ ହେଲେ ପ୍ରତିଯୋଗିତା ବଜାରରେ ଆଗକୁ ଯିବା କଷ୍ଟକର ହୋଇଯିବ।



## କଶ୍ମୀରରେ ପୁଣି ଥରେ ହେବ ଫିଲ୍ମ ଶୁଟିଂ

# ଭ୍ୟାଲିକୁ ଫେରିବ ବଲିଉଡ୍

**ଶ୍ରୀନଗର:** କଶ୍ମୀରକୁ ବାଦ୍‌ଦେଇ ଭାରତୀୟ ପର୍ଯ୍ୟଟନର ପରିକଳ୍ପନା କରିବା କଷ୍ଟକର। ଏହାର ନୈସର୍ଗିକ ସୌନ୍ଦର୍ଯ୍ୟ କେବଳ ଦେଶୀୟ ନୁହେଁ, ବିଦେଶୀ ପର୍ଯ୍ୟଟକଙ୍କୁ ମଧ୍ୟ ଆକର୍ଷିତ କରେ। ଖାସ୍ ଏହି କାରଣରୁ ଭାରତର ଭୂସ୍ୱର୍ଗ ବୋଲାଉଥିବା କଶ୍ମୀର ଏକଦା ପାଲଟିଥିଲା ବଲିଉଡ୍ ଫିଲ୍ମ ଶୁଟିଂର ପ୍ରମୁଖ କେନ୍ଦ୍ରସ୍ଥଳ। ହେଲେ ଆତଙ୍କବାଦ ମୁଣ୍ଡ ଟେକିବା ପରେ ଏହି ଧାରାରେ ଲାଗିଯାଇଛି ବ୍ରେକ୍। ଭୟ ଏବଂ ସୁରକ୍ଷା କାରଣରୁ ସିନେ ନିର୍ଦ୍ଦେଶକ ଉପଯୁକ୍ତ ଶୁଟିଂ ସ୍ଥାନ ଖୋଜିବାକୁ ବିଦେଶ ମୁହାଁ ହୋଇଥିବାବେଳେ ଦୀର୍ଘ ଦଶନ୍ଧି ଧରି କଶ୍ମୀରରେ ବଲିଉଡ୍ ଫିଲ୍ମ ଶୁଟିଂ ହୋଇନାହିଁ। ହେଲେ ସମ୍ବିଧାନର ୩୭୦ ଧାରା, ଆର୍ଟିକଲ ୩୫ (ଏ)କୁ ହଟାଇ ଦିଆଯିବା ପରେ କଶ୍ମୀର ଉପତ୍ୟକାରେ କେବଳ ଆତଙ୍କବାଦୀ କାର୍ଯ୍ୟକଳାପ କମିନାହିଁ, ବରଂ ଫିଲ୍ମ ଶୁଟିଂ ପାଇଁ ଧୀରେ ଧୀରେ ଭୟଶୂନ୍ୟ ପରିବେଶ ସୃଷ୍ଟି ହେଉଛି। ଫଳରେ ଆଗାମୀ ଦିନରେ ଏହି କେନ୍ଦ୍ରଶାସିତ ଅଞ୍ଚଳରେ ରୋଲ୍...କ୍ୟାମେରା... ଆକ୍ସନ...ର ଶବ୍ଦ ପୁଣି ଥରେ ଶୁଣିବ ବୋଲି ଆଶା ସଞ୍ଚାର ହୋଇଛି।

ସ୍ୱାଭାବିକ ଅବସ୍ଥାକୁ ଫେରୁଛି କଶ୍ମୀର। ଗୋଟିଏ ପଟେ ସେନା ଦ୍ୱାରା ଆତଙ୍କବାଦୀଙ୍କୁ ଦମନ କାର୍ଯ୍ୟକ୍ରମ ଜାରି ରହିଥିବାବେଳେ ଅନ୍ୟପଟେ ପ୍ରକୃତିର ଅନ୍ୟତମ ବିସ୍ମୟ ଏହି ସ୍ଥାନରେ ପର୍ଯ୍ୟଟନ, ସିନେମାକୁ ନେଇ ରହିଥିବା ସମ୍ଭାବନାର ବାଟ ଉନ୍ମୁକ୍ତ ହେଉଛି। ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନାଙ୍କ ନେତୃତ୍ୱରେ ବିକାଶମୂଳକ କାର୍ଯ୍ୟ ଜାରି ରହିଥିବାବେଳେ ସିନେମା ନିର୍ମାଣ କରିବା ଲାଗି ଦିଆଯାଉଛି ଅଗ୍ରାଧିକାର। ସୂଚନାଯୋଗ୍ୟ, ୯୦ ଦଶକ ଯାଏ କଶ୍ମୀର ଭ୍ୟାଲି ବଲିଉଡ୍ ଫିଲ୍ମ ଶୁଟିଂର ପ୍ରମୁଖ ସ୍ଥାନ ପାଲଟିଥିଲା। ତେବେ ଆତଙ୍କବାଦୀ



କାର୍ଯ୍ୟକଳାପ ବଢ଼ିବା ପରେ କଳାକାରଙ୍କ ସୁରକ୍ଷାକୁ ନେଇ ସୃଷ୍ଟି ହୋଇଥିଲା ପ୍ରଶ୍ନବାଚୀ ଏବଂ ପରବର୍ତ୍ତୀ ସମୟରେ ସିନେମା ଶୁଟିଂ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା।

ତେବେ କଶ୍ମୀରରେ ଫିଲ୍ମ ଶୁଟିଂ ଲାଗି ସେଠାକାର ପ୍ରଶାସନ ପୁଣିଥରେ ଅଣ୍ଟାଭିଡ଼ିଛି। ବଲିଉଡ୍ ଫିଲ୍ମ ନିର୍ମାତାଙ୍କୁ ଆକୃଷ୍ଟ କରିବାକୁ ନୂତନ ନୀତି ଅଣାଯିବାକୁ ଯୋଜନା କରାଯାଇଛି। ଏଣିକି ଫିଲ୍ମ ଶୁଟିଂ ପାଇଁ ସିଙ୍ଗଲ ୱିଣ୍ଡୋ ପୋର୍ଟାଲ ମାଧ୍ୟମରେ ଯେ କେହି ଆବେଦନ କରିପାରିବେ। ବଲିଉଡ୍, ଓଟିଟି, ରିଆଲିଟି ଶୋ', ୱେବ୍ ସିରିଜ୍ ପାଇଁ ସମସ୍ତ ଏଜେନ୍ସିକୁ ଶୁଟିଂ ଲାଗି ଅନୁମତି ମିଳିବ। ଏଥିରେ ସୃଷ୍ଟି ହେଉଥିବା ଅନ୍ୟ ପ୍ରତିବନ୍ଧକ ଦୂରୀକରଣ ଲାଗି ୨ ଜଣ ନୋଡାଲ ଅଧିକାରୀ ନିଯୁକ୍ତି ହେବେ। ସେହିପରି ନୂଆ ପଲିସୀ ଅନୁଯାୟୀ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରରେ ଫିଲ୍ମ ଡେଭଲପମେଣ୍ଟ କାଉନ୍‌ସିଲ ସ୍ଥାପନ କରାଯିବ। ଏକ ସ୍ୱତନ୍ତ୍ର ୱେବସାଇଟ୍ ମାଧ୍ୟମରେ ଶୁଟିଂ ଲୋକେଶନ ବିଷୟରେ ବିସ୍ତୃତ ସୂଚନା ଦିଆଯିବ। ସଚେତନତା ବାର୍ତ୍ତା ରହିଥିବା ଭିନ୍ନ ସ୍ୱାଦର ସିନେମା ଲାଗି ପ୍ରୋତ୍ସାହନ ଯୋଗାଇ ଦିଆଯିବ। ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ଏବଂ ପ୍ରଯୋଜକଙ୍କୁ ସବ୍‌ସିଡି ପ୍ରଦାନ କରାଯିବ। ଶୁଟିଂରେ ସମ୍ପୃକ୍ତ କଳାକାର, ସହ କଳାକାର, କ୍ରିଉ ମେମ୍ବରଙ୍କ ରହିବା ଲାଗି ବ୍ୟବସ୍ଥା ହେବ। ଏୟାର ଷ୍ଟ୍ରିପ୍ ବ୍ୟବହାର କରିବା ଲାଗି ଅନୁମତି ପ୍ରଦାନ କରାଯିବା ବ୍ୟବସ୍ଥାରେ ସରଳୀକରଣ ହେବା ସହିତ ଅନୁମତି ପ୍ରଦାନ କରାଯିବ। ଏହାଦ୍ୱାରା ସିନେମା ଶୁଟିଂ ପାଇଁ ବିଦେଶ ମୁହାଁ ହୋଇଥିବା ବଲିଉଡ୍ ନିର୍ଦ୍ଦେଶକ ଦେଶ ଭିତରେ ସହଜରେ ଉନ୍ନତମାନର ସିନେମା ନିର୍ମାଣ କରିପାରିବେ। ଫଳରେ କମ୍ ଅର୍ଥ ବିନିଯୋଗରେ ଭଲ ଚଳଚ୍ଚିତ୍ର ପ୍ରସ୍ତୁତ କରାଯାଇପାରିବ ବୋଲି ଆଶା ପ୍ରକାଶ ପାଇଛି।

ଜନ୍ମଦିନ ଶୁଭେଚ୍ଛା



ପ୍ରଜ୍ଞା ପରମିତା ବନ୍ଧୁର
ବାପା: କୃଷ୍ଣଚନ୍ଦ୍ର ବନ୍ଧୁର
ମାଆ:ଦୀପିକା ସୁନାନୀ
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ବାପା, ମାଆଁ, ଅଜା, ଆଇ, ଦାଦା, ଦାଦୀ, କାକା, କାକୀ, ମାମା, ମାମି, ସମୀର, ଅମୀର, ଲେଖିକା, ନିହାରୀକା, ପ୍ରଭାସ, ଉମାକାନ୍ତ, ବଦ୍ରୀନାଥ ଓ ବନ୍ଧୁର ପରିବାରବର୍ଗ।
ଧ-୨୧୨୭୪

Happy Birthday



Radhakrishna Dash
Khodasingi, Berhampur
ଆଜିର ଏ ଶୁଭ ଜନ୍ମଦିନ ଅବସରରେ ଏତିକି କାମନା ଏବଂ ପ୍ରାର୍ଥନା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଆମ ପୂଜ୍ୟ ବାବା ଦୀର୍ଘାୟୁ ନୀରୋଗ ଏବଂ ସୁସର୍ବଦା ଖୁସୀ ରୁହନ୍ତୁ। Thank you for being such a loving Father, you're the best! Happy Birthday Baba. *Your's Loving Family:-* Mamali, Kanha, Shobhit, Sradha, Chandan and our family.
D-21267

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

NURSING
ADMISSION OPEN
For Session 2021-22
Courses Offered
B.Sc. Nursing (4 yrs.)
(Approved by ONMRC, BBSR, and Affiliated by Utkal University, BBSR.
GNM (3 yrs.)
(Approved by ONMRC, BBSR and Affiliated by Indian Nursing Council, New Delhi)
ANM (2 yrs.)
(Approved by ONMRC, BBSR and Affiliated by Indian Nursing Council, New Delhi)
DMLT (2 yrs.)
(Approved by DMLT / RT Council BBSR)
PALLI CHANDAN
GROUP OF INSTITUTION
Women's College Road, Nimapada, Puri-752106
Ph.- 9437282699 / 9658570761
Email- kamal2007@pcgi.co.in

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଅମନ ବଙ୍ଗାଲୀ
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୂଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
8750699637

BIJAY FINANCE
ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ମାଛଚାଷ ଓ ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର ଋଣ ପାଇ ପାରିବେ ୧୦ଦିନ ମଧ୍ୟରେ।
ସୁଧ = 2%
M: 8280679220
M: 8280198227

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି
ସପ୍ତଦଶ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ବିଷ୍ଣୁପ୍ରିୟା ମହାନ୍ତି

# ଘରୋଇ ହିଂସା ମାମଲାରେ ହନି ସିଂ

ରାପର୍ ତଥା ଗାୟକ ହନି ସିଂଙ୍କ ବିରୋଧରେ ଘରୋଇ ହିଂସା ଅଭିଯୋଗ ଆଣିଛନ୍ତି ତାଙ୍କ ସ୍ତ୍ରୀ ଶାଳିନୀ ତଲୱାର। ୟୋ ୟୋ ହନି ସିଂ ଭାବେ ଜଣା ଏହି ମ୍ୟୁଜିକ୍ କମ୍ପୋଜର ହିରଦେଶ ସିଂ ଏକାଧିକ ଯୁବତୀ ତଥା ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିବା ଅଭିଯୋଗ ଆଣି ଶାଳିନି ମଙ୍ଗଳବାର ଦିଲ୍ଲୀର ତିସ୍ ହଜାରି କୋର୍ଟରେ ମାମଲା କରିଛନ୍ତି। ହନି ସିଂ ତାଙ୍କୁ ଶାରୀରିକ, ମାନସିକ ଓ ଯୌନ ନିର୍ଯାତନା ଦେଇ ଆସୁଛନ୍ତି। ସେ ନିଜକୁ ଅବିବାହିତ ଦର୍ଶାଇ ଅନେକ ମହିଳାଙ୍କ ସହ ସମ୍ପର୍କ ରଖିଛନ୍ତି। ଏଥିସହ ସେ ହନି ସିଂଙ୍କଠାରୁ ୧୦ କୋଟି ଟଙ୍କା କ୍ଷତିପୂରଣ ଦାବି କରିଛନ୍ତି। ୨୦୧୧ରେ ଶାଳିନୀ ଓ ହନି ସିଂଙ୍କ ବିବାହ ହୋଇଥିଲା। ଚିଫ୍ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ତାନିଆ ସିଂ ଆସନ୍ତା ୨୮ ତାରିଖରେ କୋର୍ଟରେ ହାଜର ହେବାକୁ ହନି ସିଂଙ୍କୁ ନୋଟିସ ଜାରି କରିଛନ୍ତି।



# ଭଡ଼ା ଲାଗିବ ଇମ୍ରାନଙ୍କ ଘର

**ଇସ୍‌ଲାମାବାଦ:** ପାକିସ୍ତାନର ଆର୍ଥିକ ସ୍ଥିତି ସମ୍ପୂର୍ଣ୍ଣ ବିଗିଡ଼ିଯାଇଛି। ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ କ୍ଷମତାକୁ ଆସିବାର ୩ ବର୍ଷ ମଧ୍ୟରେ ଦେଶର ଅର୍ଥନୀତି ୧୯ ବିଲିୟନ ଡଲାର ହ୍ରାସ ପାଇଛି। ଅବସ୍ଥା ଏପରି ହୋଇଛି ଯେ ପାକିସ୍ତାନ ସରକାର ପ୍ରଧାନମନ୍ତ୍ରୀଙ୍କ ସରକାରୀ ବାସଭବନକୁ ଭଡ଼ାରେ ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୧୯ରେ ଇମ୍ରାନଙ୍କ ସରକାରୀ ବାସଭବନକୁ ଏକ



ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ସେଥିପାଇଁ ତାଙ୍କୁ ଘର ଖାଲି କରିବାକୁ ପଡ଼ିଥିଲା। ଏବେ ସରକାର ପୂର୍ବ ନିଷ୍ପତ୍ତି ବଦଳାଇ ଉକ୍ତ ଘରକୁ ଭଡ଼ା ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏବେ ଜନସାଧାରଣ ସାଂସ୍କୃତିକ, ଫ୍ୟାନ, ଶିକ୍ଷା ତଥା ଅନ୍ୟାନ୍ୟ ଉତ୍ସବ ପାଳନ ପାଇଁ ଇସ୍‌ଲାମାବାଦର ରେଡ୍ ଜୋନ୍‌ରେ ଥିବା ପ୍ରଧାନମନ୍ତ୍ରୀଙ୍କ ବାସଭବନକୁ ଭଡ଼ାରେ ନେଇପାରିବେ। ବାସଭବନର ଶୃଙ୍ଖଳା ଓ ଆଦବ କାଇଦା ଯେପରି ବ୍ୟାହତ ନ ହୁଏ, ତାହା ଦେଖିବା ପାଇଁ ଦୁଇଟି କମିଟି ଗଢ଼ାଯାଇଛି। ପାଣ୍ଠି ସଂଗ୍ରହ ପାଇଁ ଇମ୍ରାନ୍‌ଙ୍କ ବାସଭବନର ପ୍ରେକ୍ଷାଳୟ, ଦୁଇଟି ଗେଷ୍ଟ ହାଉସ୍, ଲନ୍‌କୁ ଭଡ଼ା ଲଗାଯିବ। ଏହାର ମୁଖ୍ୟ କାର୍ଯ୍ୟସ୍ଥଳୀରେ ଉଚ୍ଚସ୍ତରୀୟ କୂଟନୈତିକ କାର୍ଯ୍ୟକ୍ରମ ଏବଂ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହେବ।

**ସଂକ୍ଷେପରେ**

## ଐତିହ୍ୟ ଡାକଘର ମାନ୍ୟତା ଦାବି

### ରେଳମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପତ୍ର

**ଝାରସୁଗୁଡ଼ା ଅଫିସ,୫।୮:** ଝାରସୁଗୁଡ଼ା ସହରରେ ଥିବା ୧୨୬ବର୍ଷର ପୁରାତନ ଡାକଘରକୁ ଐତିହ୍ୟ ଡାକଘର ଭାବେ ଘୋଷଣା କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଗତ ବୁଧବାର ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି। ଏହାର ପୁନଃଉଦ୍ଧାର, ରକ୍ଷଣାବେକ୍ଷଣା ଓ ପୁନଃ କାର୍ଯ୍ୟକ୍ଷମ ପାଇଁ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରି ପଦକ୍ଷେପ ନେବାକୁ କହିଛନ୍ତି। ଏ ସମ୍ପର୍କରେ ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିରେ ଉଲ୍ଲେଖ ରହିଛି ବେଙ୍ଗଲ, ନାଗପୁର ରେଳଲାଇନ୍‌ରେ ଝାରସୁଗୁଡ଼ା ରେଳଷ୍ଟେଶନ୍ କାର୍ଯ୍ୟକ୍ଷମ ହେବା ପରେ ୧୮୯୫ରେ ଏହି ଡାକଘର ପ୍ରତିଷ୍ଠା କରାଯାଇଥିଲା। ସ୍ୱାଧୀନତା ପୂର୍ବରୁ ପଶ୍ଚିମ ଓଡ଼ିଶାରେ ଝାରସୁଗୁଡା ଅର୍ଥନୈତିକ ପେଣ୍ଠସ୍ଥଳୀ ଭାବେ ପରିଚିତ ଥିବାବେଳେ ଏହି ପୁରାତନ ଡାକଘର ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଛି। ଦେଶରେ ଭାରତୀୟ ଡାକସେବା ଦ୍ୱାରା ବିହାର, ଦିଲ୍ଲୀ, ହିମାଚଳ ପ୍ରଦେଶ, ମହାରାଷ୍ଟ୍ର, ପଞ୍ଜାବ, କେରଳ, କର୍ଣ୍ଣାଟକ, ଉତ୍ତରପ୍ରଦେଶ, ତାମିଲନାଡୁ ଓ ପଶ୍ଚିମବଙ୍ଗରେ ରହିଥିବା ସମୁଦାୟ ୩୬ଟି ଡାକଘରର ରକ୍ଷଣାବେକ୍ଷଣ ସହ ଭାରତୀୟ ଡାକସେବାର ଗୌରବମୟ ଇତିହାସକୁ ଦୃଷ୍ଟିରେ ରଖି ଏହିସବୁ ଡାକଘରକୁ ଐତିହ୍ୟ ଡାକଘର ମାନ୍ୟତା ଦେବା ପ୍ରଶଂସନୀୟ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି।

## ସୂଚନା ଅଧିକାର କର୍ମୀଙ୍କୁ ହତ୍ୟା ଧମକ ଘଟଣା

## ଏନ୍‌ଏଚ୍‌ଆର୍‌ସିରେ ପିଟିଶନ୍ ଦାଖଲ

**କଟକ ଅଫିସ, ୫।୮:** ସ୍ଥାନୀୟ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟରେ ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର କୁମାର ସାହୁଙ୍କୁ ହତ୍ୟା ଧମକ ଦିଆଯିବା ଘଟଣାରେ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ପିଟିଶନ ଦାଖଲ କରାଯାଇଛି। ମାନବାଧିକାର କର୍ମୀ ଅଖଣ୍ଡ ଏହି ପିଟିଶନ୍ ଦାଖଲ କରିଛନ୍ତି। ଏଥିରେ ଡିଜିପି, ପୋଲିସ କମିଶନର ଓ ଶ୍ରମ କମିଶନରଙ୍କୁ ପକ୍ଷଭୁକ୍ତ କରାଯାଇଛି। ସୂଚନା ଅଧିକାର ଆଇନ(ଆର୍‌ଟିଆଇ) ବଳରେ ତଥ୍ୟ ମାଗିବାକୁ ଗତ ୨ ତାରିଖରେ ଜିତେନ୍ଦ୍ର ଯାଇଥିବାବେଳେ କାର୍ଯ୍ୟାଳୟର କେତେଜଣ କର୍ମଚାରୀ ଓ ଅନ୍ୟ ଲୋକେ ମିଶି ତାଙ୍କୁ ହତ୍ୟା ଧମକ ଦେଇଥିଲେ। ଜିତେନ୍ଦ୍ରଙ୍କ ଜୀବନ ପ୍ରତି ବିପଦ ଥିବାରୁ ତାଙ୍କୁ ସୁରକ୍ଷା ପ୍ରଦାନ କରିବା, ଦୋଷୀମାନଙ୍କୁ ତୁରନ୍ତ ଗିରଫ କରିବା, ରାଜ୍ୟରେ ମାନଧିକାର କର୍ମୀ ଓ ସୂଚନା ଅଧିକାର କର୍ମୀଙ୍କୁ ସୁରକ୍ଷା ପ୍ରଦାନ ପାଇଁ କମିଶନ ସୁନିଶ୍ଚିତ କରାନ୍ତୁ ବୋଲି ପିଟିଶନରେ ଦର୍ଶାଯାଇଛି।

## ଅନୁକମ୍ପାମୂଳକ ନିଯୁକ୍ତିରେ ଦୁର୍ନୀତି ଅଭିଯୋଗ

**ସଇଁତଲା, ୫।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକସ୍ଥିତ ବଡ଼ମାଳ ଗୋଳାବାରୁଦ କାରଖାନାରେ ଜନୈକ ବ୍ୟକ୍ତିଙ୍କ ମୃତ୍ୟୁ ପରେ ଅନୁକମ୍ପାମୂଳକ ଚାକିରି ଦେବାରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ କରିବାକୁ ଗୋଳାବାରୁଦ କାରଖାନାର ଜେନେରାଲ ମ୍ୟାନେଜରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ବଡ଼ମାଳ ଗୋଳାବାରୁଦ କାରଖାନାରେ ଜଣେ ବ୍ୟକ୍ତିଙ୍କୁ ତାଙ୍କ ପିତାଙ୍କ ମୃତ୍ୟୁ ପରେ ଅନୁକମ୍ପାମୂଳକ ସରକାରୀ ଚାକିରୀ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଦୀର୍ଘବର୍ଷରୁ ଗୋଳାବାରୁଦ କାରଖାନାରେ ଅନୁକମ୍ପାମୂଳକ ଚାକିରି କାହାକୁ ଦିଆଯାଇନାହିଁ। ଅନୁକମ୍ପାମୂଳକ ଚାକିରି ପାଇଁ ୪୨ଜଣ ପ୍ରାର୍ଥୀ ଅପେକ୍ଷାରେ ରହିଛନ୍ତି। ଏପରିସ୍ଥଳେ ଆଠ ନମ୍ବର ସ୍ଥାନରେ ଥିବା ସମ୍ପୃକ୍ତ ବ୍ୟକ୍ତିଙ୍କୁ କିଭଳି ଚାକିରି ଦିଆଗଲା ତାହାର ତଦନ୍ତ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ଦେବା ସମୟରେ ସୁବ୍ରତ ନାଏକ, ପରମା ବାଗ, ଲୋକନାଥ ପଧାନ, ରାଜେଶ ପଟେଲ, ସତ୍ୟନାରାୟଣ ତାଣ୍ଡି, ଉମେଶ କୁମାର ମାଝୀ, ପ୍ରଫୁଲ୍ଲ ଭୋଇ, କିଶାନ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

# ଚାଷ ଭୁଲିନାହାନ୍ତି ବିଧାୟକ

**ଫୁଲବାଣୀ ଅଫିସ, ୫।୮**


ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ହଳ କରୁଛନ୍ତି।

କନ୍ଧମାଳ ଜିଲା ଫୁଲବାଣୀ ବିଧାୟକ ଅଙ୍ଗଦ କହଁର। ବୟସ ୫୯। ପ୍ରଥମଥର ପାଇଁ ସେ ବିଧାୟକ ନିର୍ବାଚିତ ହୋଇଛନ୍ତି। ବିଧାୟକ ହେବା ପରେ ଚାକଚକ୍ୟ ଜୀବନ ପ୍ରତି ତାଙ୍କ ମନ ବଳିନାହିଁ। ପୂର୍ବରୁ ଯେପରି ଜଣେ ସାଧାରଣ ଦରଦୀ ମଣିଷ ଥିଲେ, ଏବେ ବି ସେହିଭଳି। ପୂର୍ବରୁ ବାପା, ଜେଜେ ବାପା କରି ଆସୁଥିବା ଚାଷକୁ ଆଜି ବି ଧରି ରଖିଛନ୍ତି। ବ୍ୟସ୍ତ ବହୁଳ ରାଜନୈତିକ ଜୀବନ ସତ୍ତ୍ୱେ ସେଥିରୁ ସମୟ ବାହାର କରି ପୁଅମାନଙ୍କ ସହ ବିଲକୁ ଯାଇ ହଳ କରୁଛନ୍ତି।

ଫିରିଙ୍ଗିଆ ବ୍ଲକ ପକାରୀ ପଞ୍ଚାୟତ ପକାରୀ ଗ୍ରାମରେ ବିଧାୟକଙ୍କ ଘର। ସ୍ତ୍ରୀ, ୪ ପୁଅ ଓ ଦୁଇ ଝିଅଙ୍କୁ ନେଇ ତାଙ୍କ ପରିବାର। ନିଜେ ପ୍ରତ୍ୟକ୍ଷ ଭାବେ ରାଜନୀତିରେ ଯୋଡି ହୋଇ ରହିଥିଲେ ମଧ୍ୟ ପରିବାରର ଆଉ କାହାକୁ ରାଜନୀତିକୁ ଆଣି ନାହାନ୍ତି। ଏବେ ବର୍ଷା ଚାଲିଥିବାରୁ ଚାଷୀମାନେ ଚାଷ କାର୍ଯ୍ୟ ଆଗେଇ ନେଉଛନ୍ତି। ବିଧାୟକ ଘରେ ଥିବାରୁ ପ୍ରତିଦିନ ସକାଳୁ ପୁଅମାନଙ୍କ ସହ ବିଲକୁ ଯାଉଛନ୍ତି। ସେମାନଙ୍କ ସହ ମିଶି ହଳ କରିବା ସହିତ ଅନ୍ୟାନ୍ୟ କାର୍ଯ୍ୟ କରୁଛନ୍ତି। ବିଧାୟକଙ୍କ ଏଭଳି କାର୍ଯ୍ୟକୁ ଦେଖି ତାଙ୍କ ଗ୍ରାମର ଲୋକେ ଚାଷ ପ୍ରତି ଆଗ୍ରହ ବଢ଼ାଉଛନ୍ତି।

ବିଧାୟକ ଗ୍ରାମରେ ସରଳ ଜୀବନଯାପନ କରନ୍ତି। ତାଙ୍କ ସ୍ତ୍ରୀ ଏବେ ବି ଘର କାମଠାରୁ ଆରମ୍ଭ କରି ଖଲି ଦନା ପ୍ରସ୍ତୁତ କରୁଛନ୍ତି। ପରିବାରର ସମସ୍ତ ସଦସ୍ୟ ଏହି ପତ୍ରଥାଳି ଏବଂ ଦନାରେ ଖାଆନ୍ତି। ବିଧାୟକ ଆଜି ବି ତାଙ୍କ ପୁରୁଣା ମାଟିଘରେ ଶୁଅନ୍ତି। ଲୋକଙ୍କ ସହ ମିଳାମିଶା କରିବା ପାଇଁ ଦୁଇ ବଖରା ପକ୍କା ଘର କରିଛନ୍ତି। ୧୯୮୫ ମସିହାରେ ବିଧାୟକ ଅଙ୍ଗଦ ରାଜନୀତିରେ ପ୍ରବେଶ କରିଥିଲେ। ପ୍ରଥମେ ସେ କ୍ରାଣ୍ଡିବାଲି ପଞ୍ଚାୟତର ସରପଞ୍ଚ ହୋଇଥିଲେ। ଏହା ମଧ୍ୟରେ ସେ ୪ ଥର ସରପଞ୍ଚ ଏବଂ ଥରେ ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷ ହୋଇଛନ୍ତି। ସେହିପରି ଥରେ ଜିଲା ପରିଷଦ ସଦସ୍ୟ ଏବଂ ଲ୍ୟାମ୍ପ ସଭାପତି ଭାବେ ମଧ୍ୟ ନିର୍ବାଚିତ ହୋଇଛନ୍ତି।

## କ୍ରାଇମବ୍ରାଞ୍ଚ ମାମଲା ରଦ୍ଦପାଇଁ ହାଇକୋର୍ଟରେ ପିଟିଶନ

**ନକଲି ଔଷଧ କାରବାର ମାମଲା**

**କଟକ ଅଫିସ,୫।୮**

କଟକ ନକଲି ଔଷଧ କାରବାରର ମୁଖ୍ୟ ଅଭିଯୁକ୍ତ ଶିବପ୍ରସନ୍ନ ଜେନାଙ୍କ ପକ୍ଷରୁ ଗୁରୁବାର ହାଇକୋର୍ଟରେ ପିଟିଶନ ଦାଖଲ କରାଯାଇଛି। ତାଙ୍କ ନାମରେ ଥିବା ଦୁଇଟି ମାମଲା ମଧ୍ୟରୁ କ୍ରାଇମବ୍ରାଞ୍ଚ ଦ୍ୱାରା ହୋଇଥିବା ମାମଲାକୁ ରଦ୍ଦ କରାଯିବାକୁ ସେ ହାଇକୋର୍ଟଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

ଶିବପ୍ରସନ୍ନ ପିଟିଶନରେ ଦର୍ଶାଇଛନ୍ତି, ତାଙ୍କ ନାମରେ ନକଲି ଔଷଧ କାରବାର ଅଭିଯୋଗରେ ଡ୍ରଗ୍ସ ଇନ୍ସପେକ୍ଟରଙ୍କ ପକ୍ଷରୁ କଟକ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ଏକ ମାମଲା ରୁଜୁ କରାଯାଇଛି। ସେହିପରି ସମାନ ଅଭିଯୋଗରେ କ୍ରାଇମବ୍ରାଞ୍ଚ ତରଫରୁ ମାମଲା ରୁଜୁ ହୋଇଛି। ଗୋଟିଏ ଅଭିଯୋଗ ଆଧାରରେ ଦୁଇଟି ମାମଲା ରୁଜୁ କରାଯାଇପାରିବ ନାହିଁ। ତେଣୁ କ୍ରାଇମବ୍ରାଞ୍ଚ ପକ୍ଷରୁ କରାଯାଇଥିବା ମାମଲାକୁ ରଦ୍ଦ କରାଯିବାକୁ ହାଇକୋର୍ଟଙ୍କ ନିକଟରେ ସେ ନିବେଦନ କରିଛନ୍ତି। ଶିବପ୍ରସନ୍ନଙ୍କ ପକ୍ଷରୁ ଆଇନଜୀବୀ ସତ୍ୟରଞ୍ଜନ ମୂଳିଆ ପିଟିଶନ ଦାଖଲ କରିଛନ୍ତି।

ସୂଚନାଯୋଗ୍ୟ, ଗତ ଜୁନ୍ ୧୧ରେ କଟକ କନିକା ଛକ ନିକଟ ଶିବପ୍ରସନ୍ନଙ୍କ ଔଷଧ କମ୍ପାନୀ ମେଡିଲଏଡ ମେଡିକାମେଣ୍ଟ ପ୍ରାଇଭେଟ୍ ଲିମିଟେଡରେ ଡ୍ରଗ୍ସ କଣ୍ଟ୍ରୋଲର ଚଢାଉ କରି ୬୯ ଲକ୍ଷ ଟଙ୍କାର ନକଲି କରୋନା ଔଷଧ ଫାଭିପିରାଭିର ଓ ଅନ୍ୟ କିଛି ଔଷଧ ଜବତ କରିଥିଲେ। ଏହି କମ୍ପାନୀ ମୁମ୍ବାଇର ମାକ୍ସ ରିଲିଫ ହେଲ୍‌ଥ କେୟାର କମ୍ପାନୀରୁ ବହୁ କମ୍ ଦାମରେ ଔଷଧ ଆମଦାନୀ କରୁଥିଲା। ଏପରିକି ଷ୍ଟ୍ରିପ ପିଛା ୬୫ ଟଙ୍କାରେ କିଣି ୧୨୯୦ ଟଙ୍କା ଲେଖାଏ ବିକ୍ରି କରିବାକୁ ଯୋଜନା କରୁଥିବା ତଦନ୍ତବେଳେ ଜଣାପଡିଥିଲା। ପରେ ନକଲି ଔଷଧ କାରବାର ଘଟଣାରେ ଜୁନ୍ ୨୩ରେ ଉକ୍ତ କମ୍ପାନୀର ନିର୍ଦ୍ଦେଶିକା ଶୁଭଲକ୍ଷ୍ମୀ ଜେନା ଓ ୨ କର୍ମଚାରୀ ଏବଂ ୨୪ରେ ଶିବପ୍ରସନ୍ନଙ୍କୁ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଗିରଫ କରିଥିଲା।

## ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣ

**ଉଡ଼ିଲା ବୋଲେରୋ: ଜଣେ ମୃତ, ୧୧ ଆହତ**

**ମାଲକାନଗିରି, ୫।୮(ଡି.ଏନ.ଏ.)**


ବିସ୍ଫୋରଣରେ କ୍ଷତିଗ୍ରସ୍ତ ବୋଲେରୋ।

ଯବାନମାନଙ୍କୁ ଟାର୍ଗେଟକରି ମାଓବାଦୀମାନେ ଖଞ୍ଜିଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଏକ ଯାତ୍ରୀବାହୀ ବୋଲେରୋ ଭାଙ୍ଗି ଚୂର୍‌ମାରହୋଇ ଯାଇଛି। ଫଳରେ ଏଥିରେ ଜଣକର ମୃତ୍ୟୁ ହୋଇଥିବା ବେଳେ ୧୧ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ମଧ୍ୟ ପ୍ରଦେଶର ମନ ସିଂ। ସେ ତାଙ୍କ ପରିବାର ଲୋକଙ୍କୁ ଧରି ତେଲଙ୍ଗାନା ଯାଉଥିଲେ। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଦନ୍ତେୱାଡା ଜିଲା ଘୋଟିଆର ଅଞ୍ଚଳରେ ଏପରି ଘଟଣା ଘଟିଛି।

ଖବରରୁ ଜଣାପଡ଼ିଛି ଘୋଟିଆ ଅଞ୍ଚଳର ଜଙ୍ଗଲକୁ ଯବାନମାନେ କୋମ୍ବିଂ ଅପରେଶନ କରିବାକୁ ଆସୁଥିବା ସୂଚନା ପାଇ ସେମାନଙ୍କୁ ଟାର୍ଗେଟ କରି ମାଓବାଦୀମାନେ ଗୁରୁବାର ସକାଳ ୮ଟାରେ ଏହି ରାସ୍ତାରେ ଲ୍ୟାଣ୍ଡମାଇନ ଖଞ୍ଜିଥିଲେ। ତେବେ ଏହି ସମୟରେ ୧୨ ଜଣ ଯାତ୍ରୀଙ୍କୁ ଧରି ଏକ ବୋଲେରୋ ଉକ୍ତ ରାସ୍ତାରେ ଯାଉଥିବା ବେଳେ ଏହି ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଥିଲା। ଖବରପାଇ ସେହି ସ୍ଥାନରେ ସୁରକ୍ଷା କର୍ମୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମନଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରାଯାଇଥିବା ଦନ୍ତେୱାଡା ପୋଲିସ ପକ୍ଷରୁ କୁହାଯାଇଛି।

## ଦିଅର ଛୁରାମାଡ଼ରେ ଭାଉଜ ମୃତ

**ଲାଠୋର, ୫।୮(ଡି.ଏନ.ଏ.)**

ବଲାଙ୍ଗର ଜିଲା ଲାଠୋର ଥାନା ସାହାଜପାଣି ଗ୍ରାମରେ ବୁଧବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଦିଅର ଅନୀଲ ମେହେର(୨୪)ଙ୍କ ଛୁରାମାଡରେ ଭାଉଜ ସୂର୍ଯ୍ୟକାନ୍ତି ମେହେର(୩୮)ଙ୍କ ମୃତ୍ୟୁ ଘଟିଛି। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ଦିଅର ଫେରାର ହୋଇଯାଇଛନ୍ତି। ତାଙ୍କୁ ଖୋଜା ଚାଲିଛି ବୋଲି ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି। ସୂଚନା ଅନୁସାରେ ସୂର୍ଯ୍ୟକାନ୍ତି ଏବଂ ଚାରିପିଲାଙ୍କୁ ନେଇ ବଡଭାଇ କ୍ଷୀରଧର ରହୁଥିବା ବେଳେ ସାନଭାଇ ଅନୀଲ ମାଁଙ୍କୁ ନେଇ ଅଲଗା ରହୁଥିଲେ। ତଥାପି ଉଭୟ ପରିବାର ମଧ୍ୟରେ ପାରିବାରିକ ଗଣ୍ଡଗୋଳ ଲାଗି ରହିଥିଲା। ବୁଧବାର ସକାଳେ କୌଣସି କାରଣକୁ ନେଇ ଉଭୟ ପରିବାର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ସାହି ପଡଶାଙ୍କ ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ରାତି ପ୍ରାୟ ୮ଟାରେ ସୂର୍ଯ୍ୟକାନ୍ତି ନିଜ କାକିଶାଶୁଙ୍କ ସହ ଅଗଣାରେ ବସିଥିବା ବେଳେ ଅନୀଲ ଏକ ଛୁରାରେ ଭାଉଜ ସୂର୍ଯ୍ୟକାନ୍ତିଙ୍କୁ ଆକ୍ରମଣ କରିଥିଲେ। ପରେ ବାଇକ ଧରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ସୂର୍ଯ୍ୟକାନ୍ତିଙ୍କୁ ଉଦ୍ଧର କରି ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପାଟଣାଗଡ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ଗୁରୁବାର୍ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣାକୁ ନେଇ ମୃତକଙ୍କ ପରିବାର ପକ୍ଷରୁ ଲାଠୋର ଥାନାରେ ଏତଲା ଦିଆଯାଇଥିଲା। ଏତଲାକୁ ଭିତ୍ତି କରି ଦଫା ୩୦୨ରେ ଏକ ମାମଲା(ନଂ. ୧୦୫/୨୧) ରୁଜୁ ହୋଇଛି।

## ବେଦାନ୍ତ ପ୍ରଦୂଷଣକୁ ନେଇ ସଂସଦରେ ଉଦ୍‌ବେଗ

**ଝାରସୁଗୁଡ଼ା ଅଫିସ,୫।୮**


ବେଦାନ୍ତ କମ୍ପାନୀରୁ ନିର୍ଗତ ପାଉଁଶ ଖୋଲା ଜମିରେ ପଡିରହିଛି।

ଝାରସୁଗୁଡ଼ାରେ ବେଦାନ୍ତ କମ୍ପାନୀ ଓ ବିଭିନ୍ନ କାରଖାନା ଦ୍ୱାରା ଜଳ, ବାୟୁ, ଜମି ଅତ୍ୟଧିକ ପ୍ରଦୂଷଣ ଯୋଗୁ ଜନଜୀବନ ପ୍ରଭାବିତ ହେଉଛି। ଏ ନେଇ ବରଗଡ ଏମ୍‌ପି ସୁରେଶ ପୂଜାରୀ ଗତ ବୁଧବାର ସଂସଦରେ ଉଦ୍‌ବେଗ ପ୍ରକାଶ କରି କେନ୍ଦ୍ର ସରକାରଙ୍କ ଉଚ୍ଚସ୍ତରୀୟ କ୍ଷମତା ସମ୍ପନ୍ନ ବୈଷୟିକ କମିଟି ଦ୍ୱାରା ତଦନ୍ତ ଦାବି କରିଛନ୍ତି। ଏମ୍‌ପି ପୂଜାରୀ ଦର୍ଶାଇଛନ୍ତି ପ୍ରଚଳିତ ନୀତି ଅନୁଯାୟୀ କାରଖାନାର ପାଉଁଶ ଓ ଅନ୍ୟାନ୍ୟ ରାସାୟନିକ ବର୍ଜ୍ୟବସ୍ତୁ ନିର୍ଗତ ଯୋଗୁ ଚାଷଜମି, ଗୋଚର ଜମି ଓ ସର୍ବସାଧାରଣ ବ୍ୟବହୃତ ଆଦି ଜମିକୁ ଉପଯୋଗ କରାଯାଇପାରିବନାହିଁ। ଏହାସହିତ ବାୟୁ ପ୍ରଦୂଷଣ ପ୍ରଶମନ ପାଇଁ ଖୋଲା ଟ୍ରଲିରେ ଏହାର ପରିବହନକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଏହା ସତ୍ତ୍ୱେ ବେଦାନ୍ତ କମ୍ପାନୀ ତରଫରୁ ପାଉଁଶ ବୋଝେଇ ଗାଡିରେ ତାର୍ପୋଲିନ୍ ନ ଢାଙ୍କି ପରିବହନ କରାଯାଉଛି। କମ୍ପାନୀର ବର୍ଜ୍ୟବସ୍ତୁ ପାଉଁଶକୁ ଖୋଲା ଜମିରେ ଏଣେତେଣେ ପକାଇ ଦିଆଯାଉଛି। ଫଳରେ ବର୍ଷାଜଳରେ ଏହି ପାଉଁଶ ଭାସିଯାଇ ଚାଷଜମିର ଉର୍ବରତା ନଷ୍ଟ କରୁଛି। ଏହି ପାଉଁଶ ଦ୍ୱାରା ବାୟୁ ଓ ଜଳ ପ୍ରଦୂଷିତ ହେଉଥିବାରୁ କେଡିୟମ୍, କ୍ରେମିୟମ୍, ଥେଲିଅମ୍, ସିଲିକା ପାରଦ ଭଳି ବିଷାକ୍ତ ରସାୟନ ଗ୍ରହଣକରି ସ୍ଥାନୀୟ ଲୋକେ ଶ୍ୱାସ, ଉଚ୍ଚ ରକ୍ତଚାପ, ରକ୍ତହୀନତା, ମସ୍ତିଷ୍କ, କଫ ଓ ବାତ ଜନିତ ଆଦି ରୋଗରେ ପୀଡିତ ହେଉଛନ୍ତି। ଏଣୁ ଏକ ଉଚ୍ଚ କ୍ଷମତା ସମ୍ପନ୍ନ ବୈଷୟିକ କମିଟି ଦ୍ୱାରା ଏହାର ତର୍ଜମା କରି କମ୍ପାନୀକୁ ଆଇନ ଅନୁଯାୟୀ ବର୍ଜ୍ୟବସ୍ତୁର ସୁପରିଚାଳନା ପାଇଁ ନିର୍ଦ୍ଦେଶ ଦେବାକୁ ସଂସଦରେ ଅନୁରୋଧ କରିଛନ୍ତି।

## ହାତୀ ଆକ୍ରମଣରେ ବନ କର୍ମଚାରୀ ମୃତ

**ଜୁନାଗଡ, ୫।୮ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ରେଞ୍ଜ ଅଧୀନ ଘନା ସଂରକ୍ଷିତ ଜଙ୍ଗଲରେ ଗୁରୁବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ହାତୀର ଗତିବିଧି ଲକ୍ଷ୍ୟ କରିବାକୁ ଯାଇଥିବା ବନ ବିଭାଗ ସ୍କ୍ୱାଡ ଟିମ୍‌ର ଜଣେ କର୍ମଚାରୀଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି। ମୃତକ ହେଲେ କଲେଇଗାଁ ପଞ୍ଚାୟତ ସାନଡୁମେରବାହାଲ ଗ୍ରାମର ଜଗନ୍ନାଥ ତ୍ରିପାଠୀ (୪୭)।

ମିଳିଥିବା ସୂଚନା ଅନୁଯାୟୀ, ଅପରାହ୍ନରେ ବନ ବିଭାଗର ଏକ ୧୨ ଜଣିଆ ଟିମ୍ ଘନା ସଂରକ୍ଷିତ ଜଙ୍ଗଲ ଗୋଲାମୁଣ୍ଡା ଗ୍ରାମ ନିକଟରେ ହାତୀ ଆସିଥିବା ଖବର ପାଇ ତାହାର ଗତିବିଧି ଲକ୍ଷ୍ୟ ପାଇଁ ଘଟଣାସ୍ଥଳକୁ ଯାଇଥିଲେ। ସେଠାରେ ହଠାତ୍ ଏକ ହାତୀପଲ ସହ ସେମାନେ ମୁହାଁମୁହିଁ ହୋଇଯାଇଥିଲେ। ସମସ୍ତ କର୍ମଚାରୀ ସେଠାରୁ ଏଣେତେଣେ ଦୌଡି ପଳାଇଥିବାବେଳେ ଜଗନ୍ନାଥ ସେଠାରେ ତଳେ ପଡିଯାଇଥିଲେ। ଫଳରେ ହାତୀପଲ ତାଙ୍କ ଶରୀର ଉପରେ ମାଡିଯିବାରୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

## ଖୋଲିଲା ନୃସିଂହନାଥ ମନ୍ଦିର

**ପାଇକମାଳ,୫।୮(ଡି.ଏନ.ଏ)**



କୋଭିଡ ଦ୍ୱିତୀୟ ଲହର ଯୋଗୁ ସାଢ଼େ ତିନି ମାସ ପରେ ବରଗଡ଼ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ନୃସିଂହନାଥଙ୍କ ମନ୍ଦିର ଖୋଲିଛି। ଦିନ ୧୧ଟା ସମୟରେ ପାଇକମାଳ ତହସିଲଦାର ମନୋଜ କୁମାର ମେହେର, ବିଡିଓ ତଥା ମନ୍ଦିରର ମଧ୍ୟବର୍ତ୍ତୀକାଳୀନ ଟ୍ରଷ୍ଟି ସୁରେନ୍ଦ୍ର କୁମାର ମେହେର, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ଥାନା ଆଇଆଇସି ବିଶ୍ୱଜିତ ମନବୋଧ, ବରିଷ୍ଠ ସେବାୟତ ସୁବୋଧ ପଣ୍ଡା, ସାମାଜିକ କର୍ମୀ ବଡ ଶତପଥି ତଥା ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ମନ୍ଦିର ପରିସରରେ ଥିବା ଅତିଥି ନିବାସରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମନ୍ଦିର ଖୋଲିବା ସମୟରେ କେଉଁ ସବୁ ପଦକ୍ଷେପ ଗ୍ରହଣ କରାଯିବ ତାହା ଉପରେ ଆଲୋଚନା ହୋଇଥିଲା। ନିଷ୍ପତ୍ତି ଅନୁସାରେ ମନ୍ଦିର ଭିତରେ ମାସ୍କ ପରିଧାନକୁ ବାଧ୍ୟତାମୂଳକ କରାଯାଇଥିବା ବେଳେ ସାମାଜିକ ଦୂରତା ବଜାୟ ରଖାଯିବା ସହିତ ସାନିଟାଇଜର ଓ ଥର୍ମାଲ ସ୍କାନିଂ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଶ୍ରଦ୍ଧାଳୁମାନେ ଏକ ନିର୍ଦ୍ଦିଷ୍ଟ ଦୂରତାରୁ ମହାପ୍ରଭୁଙ୍କ ଦର୍ଶନ କରି ପାରିବେ। ମନ୍ଦିର ଭିତରକୁ ପ୍ରସାଦ ସାମଗ୍ରୀ, ଫୁଲ, ଦୀପ ଆଦି ନେଇ ପାରିବେ ନାହିଁ। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ୧୦ ବର୍ଷରୁ କମ୍, ୬୫ ବର୍ଷରୁ ଅଧିକ କିମ୍ବା ଗର୍ଭବତୀ ମହିଳାଙ୍କ ପାଇଁ ମହାପ୍ରଭୁଙ୍କ ଦର୍ଶନ ଉପରେ କଟକଣା ରହିବ। ମନ୍ଦିରକୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତମାନେ ନିଶ୍ଚିତ ଭାବେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ନିୟମାବଳୀ ପାଳନ କରିବାକୁ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଧାନ ନିବେଦନ କରିଛନ୍ତି।

## ଖୋଲିଲା ଭିତରକନିକା, ପର୍ଯ୍ୟଟକଙ୍କୁ ସ୍ୱାଗତ

**ରାଜନଗର, ୫।୮(ଡି.ଏନ.ଏ.)**


ପର୍ଯ୍ୟଟକମାନେ ବୋଟ୍‌ରେ ଭିତରକନିକାକୁ ଯାଉଛନ୍ତି।

ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଗୁରୁବାରଠାରୁ ଖୋଲିଛି। ବଉଳା କୁମ୍ଭୀର ପ୍ରଜନନ ଋତୁ ଓ କୋଭିଡ୍ କଟକଣା ପାଇଁ ଦୀର୍ଘ ୯୭ ଦିନ ଭିତରକନିକା ବନ୍ଦ ରହିବା ପରେ ଖୋଲାଯାଇଛି। ଗୁରୁବାରଠାରୁ ଦିନରେ ଆସୁଥିବା ଓ ରାତ୍ରି ଯାପନ କରୁଥିବା ସମସ୍ତ ପର୍ଯ୍ୟଟକଙ୍କ ପାଇଁ ଭିତରକନିକା ଖୋଲାଯାଇଛି। ଦୀର୍ଘଦିନ ପରେ ଭିତରକନିକା ଜାତୀୟ ଉଦ୍ୟାନ ପର୍ଯ୍ୟଟକଙ୍କ ପାଇଁ ଖୋଲାଯାଉଥିବାରୁ ପର୍ଯ୍ୟଟକମାନଙ୍କୁ ରାଜନଗର ଲୁଣା ଜଙ୍ଗଲ ବନଖଣ୍ଡ (ବନ୍ୟଜୀବ) ପକ୍ଷରୁ ସ୍ୱାଗତ କରାଯାଇଛି। ଭିତରକନିକା ଜାତୀୟ ଉଦ୍ୟାନର ମୁଖ୍ୟ ଫାଟକ ଡାଙ୍ଗମାଳଠାରେ ପର୍ଯ୍ୟଟକମାନଙ୍କୁ ପୁଷ୍ପଗୁଚ୍ଛ ସହିତ ମିଠା ଖୁଆଇ ସ୍ୱାଗତ କରାଯାଇଥିଲା। ଏସିଏଫ୍ ବିରଞ୍ଚି ନାରାୟଣ ସାମଲ ଓ ରେଞ୍ଜ ଅଫିସର ମାନସ କୁମାର ଦାସ ପର୍ଯ୍ୟଟକମାନଙ୍କୁ ସ୍ୱାଗତ କରିଥିଲେ। ଗୁପ୍ତି ପ୍ରବେଶ ପଥରେ ଏସିଏଫ ଅଧୀର କୁମାର ବେହେରା, ରେଞ୍ଜ ଅଫିସର ଧନେଶ୍ୱର ରଥ, ଫରେଷ୍ଟର ବିଜୟ କୁମାର ପାତ୍ର ପ୍ରମୁଖ ପର୍ଯ୍ୟଟକମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଖୋଲା ପ୍ରବେଶ ପଥରେ ଫରେଷ୍ଟର ପ୍ରଶାନ୍ତ ସିଂ, କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟଗାର୍ଡ ସୁନୀଲ ରଞ୍ଜନ ରାଉତରାୟ ପ୍ରମୁଖ ପର୍ଯ୍ୟଟକମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପ୍ରଥମ ଦିନରେ ସ୍ଥଳପଥରେ ଡାଙ୍ଗମାଳ ଏଣ୍ଟ୍ରି ପଏଣ୍ଟ ଦେଇ ୫୪ ଜଣ ପର୍ଯ୍ୟଟକ ଭିତରକନିକା ବୁଲିଥିବା ବେଳେ ଗୁପ୍ତି ଏଣ୍ଟ୍ରି ପଏଣ୍ଟ ଦେଇ ଗୋଟିଏ ବୋଟ୍‌ରେ ୫ଜଣ ଓ ଖୋଲା ଏଣ୍ଟ୍ରି ପଏଣ୍ଟ ଦେଇ ଗୋଟିଏ ବୋଟ୍‌ରେ ୫ଜଣ ପର୍ଯ୍ୟଟକ ଭିତରକନିକାର ଶୋଭା ଉପଭୋଗ କରିଛନ୍ତି। କୋଭିଡ୍ କଟକଣା ମଧ୍ୟରେ ଭିତରକନିକା ଖୋଲିଛି। ସମସ୍ତ ପ୍ରବେଶ ପଥରେ ସାନିଟାଇଜର ରଖାଯାଇଛି। ପର୍ଯ୍ୟଟକଙ୍କୁ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଛି। ବିନା ମାସ୍କରେ କାହାରିକୁ ଛଡା ଯାଉନାହିଁ। ଭିତରକନିକାରେ ରାତ୍ରିଯାପନ କରିବାକୁ ଚାହୁଁଥିବା ପର୍ଯ୍ୟଟକମାନେ ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ ଇକୋଟୁର.କମ୍‌ରେ ରୁମ୍ ବୁକିଂ କରି ଭିତରକନିକାରେ ରାତ୍ରିଯାପନ କରିପାରିବେ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

## କେନ୍ଦ୍ର-ରାଜ୍ୟ ରାଜିନାମା ନବୀକରଣ ହୋଇନାହିଁ

**ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ**

**ବଲାଙ୍ଗୀର ଅଫିସ, ୫।୮**

ଓଡ଼ିଶାରୁ ନିର୍ବାଚିତ ରାଜ୍ୟ ସଭା ସଦସ୍ୟ ଅଶ୍ୱିନୀ ବୈଷ୍ଣବ ରେଳମନ୍ତ୍ରୀ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ଦାୟିତ୍ୱ ନେଲା ପରେ ରେଳ ବିକାଶ କ୍ଷେତ୍ରରେ ଓଡ଼ିଶାକୁ ନ୍ୟାୟ ମିଳିବ ବୋଲି ରାଜ୍ୟବାସୀ ଆଶାବାଦୀ। ଏପରିସ୍ଥଳେ ନିର୍ମାଣାଧୀନ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ଅବହେଳାର ଶିକାର ହୋଇଥିବା ନେଇ ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି। ତାଙ୍କ ସୂଚନାନୁସାରେ ନିର୍ମାଣାଧୀନ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୨୦୧୫ ଜୁଲାଇ ୨୦ତାରିଖରେ ରେଳ ବିଭାଗ ଓ ରାଜ୍ୟ ସରକାର ମିଳିତ ଭାବେ ଏକ ବୁଝାମଣା ପତ୍ର ବା ରାଜିନାମା ସ୍ୱାକ୍ଷର କରିଥିଲେ। ଦେଶରେ ପ୍ରଥମ କରି ଏକ ରେଳପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ପାଇଁ ଏହିଭଳି ପଦକ୍ଷେପ ନିଆଯାଇଥିବା କୁହାଯାଇଥିଲା। ଉକ୍ତ ବୁଝାମଣା ପତ୍ରରେ ଦଶପଲ୍ଲାଠାରୁ ବଲାଙ୍ଗୀର ପର୍ଯ୍ୟନ୍ତ ଅର୍ଥାତ୍ ୧୧୨ କିଲୋମିଟରରୁ ୨୮୯ କିଲୋମିଟର ଦୂରତା ପର୍ଯ୍ୟନ୍ତ ରେଳପଥ ନିର୍ମାଣ କାର୍ଯ୍ୟ ପାଇଁ ସମୁଦାୟ ଅର୍ଥଖର୍ଚ୍ଚର ୫୦-୫୦ ଅନୁପାତ ଲେଖାଏଁ ରେଳ ବିଭାଗ ଓ ରାଜ୍ୟ ସରକାର ବହନ କରିବା ପାଇଁ ଚୁକ୍ତିବଦ୍ଧ ହୋଇଥିଲେ। ଏହି ରେଳ ପ୍ରକଳ୍ପକୁ ୬ ବର୍ଷରେ ତଥା ୨୦୨୧ ମସିହା ଜୁନ ସୁଦ୍ଧା କାର୍ଯ୍ୟକ୍ଷମ କରିବା କଥା ଉଲ୍ଲେଖ କରାଯାଇଥିଲା। ଏହି ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟକୁ ଅଢେଇ ବର୍ଷ ମଧ୍ୟରେ ରାଜ୍ୟ ସରକାର ଶେଷ କରିବା ସହ ମାଗଣାରେ ରେଳ ବିଭାଗକୁ ଜମି ଯୋଗାଇଦେବା କଥା ମଧ୍ୟ ଉଲ୍ଲେଖ କରିଥିଲେ। ତେବେ ଉକ୍ତ ରାଜିନାମା ବା ବୁଝାମଣାପତ୍ରର ସମୟସୀମା ଗତ ଜୁଲାଇ ମାସରେ ଶେଷ ହୋଇଯାଇଛି। ରାଜିନାମା ସ୍ୱାକ୍ଷରର ୬ ବର୍ଷ ଅବଧି ଶେଷ ହୋଇଥିଲେ ମଧ୍ୟ ରାଜିନାମାକୁ ନବୀକରଣ କରାଯିବା ଦିଗରେ ରାଜ୍ୟ ସରକାର ଓ ରେଳ ବିଭାଗ ବର୍ତ୍ତମାନ ପର୍ଯ୍ୟନ୍ତ କିଛି ବି ଘୋଷଣା କରିନାହାନ୍ତି। ଫଳରେ ଏହି ପ୍ରକଳ୍ପର ରେଳପଥ ନିର୍ମାଣ ହେବାକୁ ଥିବା ଆନୁପାତିକ ଅର୍ଥଖର୍ଚ୍ଚକୁ ନେଇ ସନ୍ଦେହ ଦେଖାଯାଇଛି ବୋଲି ପଣ୍ଡା କହିଛନ୍ତି। ଏହି ପ୍ରକଳ୍ପ ଅଗ୍ରଗତିରେ ମୁଖ୍ୟମନ୍ତ୍ରୀ ପୂର୍ବରୁ ନିଜର ଅସନ୍ତୋଷ ପ୍ରକାଶ କରି ନିର୍ମାଣ କାର୍ଯ୍ୟ ବିଳମ୍ବ ଇତିହାସ ବହିରେ ସ୍ଥାନ ପାଇବ ବୋଲି କହିଥିଲେ। କିନ୍ତୁ ବର୍ତ୍ତମାନ ରାଜ୍ୟ ଓ କେନ୍ଦ୍ର ରେଳ ବିଭାଗ ପ୍ରକଳ୍ପର ରାଜିନାମା ଅବଧି ଶେଷ ହେବା ପୂର୍ବରୁ ଏହାର ନବୀକରଣ ନ କରିବା ଦ୍ୱାରା ଏହି ଅବହେଳିତ ପ୍ରକଳ୍ପ ଇତିହାସରେ ଆଉ ଏକ ଅବହେଳା ଫର୍ଦ୍ଦଭାବେ ଯୋଡାଯାଇଛି ବୋଲି ସୂଚନା କର୍ମୀ ପଣ୍ଡା କହିଛନ୍ତି। ଯଥାଶୀଘ୍ର ଉକ୍ତ ରାଜିନାମା ସଂକ୍ରାନ୍ତରେ ରାଜ୍ୟ ସରକାର ଓ ରେଳ ବିଭାଗ ସ୍ପଷ୍ଟ କରିବା ଉଚିତ୍ ବୋଲି ପଣ୍ଡା ଦାବି କରିଛନ୍ତି।

## ବହୁତ ବଡ଼ ବିଜୟ



ଏହା ଆମ ପାଇଁ ବହୁତ ବଡ଼ ବିଜୟ। ଏହି ଦିନକୁ ଦେଖିବା ପାଇଁ ଆମେ ଦୀର୍ଘବର୍ଷ ଅପେକ୍ଷା କରିଥିଲୁ। ୧୯୮୦ ପରେ ଆମେ ପଦକ ତାଲିକାକୁ ଆସିପାରି ନ ଥିଲୁ। ବର୍ତ୍ତମାନର ଭାରତୀୟ ଦଳ ପୋଡିୟମ ମଣ୍ଡନ କରିଥିବାରୁ ବ୍ୟକ୍ତିଗତ ଭାବେ ମୁଁ ବହୁତ ଗର୍ବ ଅନୁଭବ କରୁଛି। ଆମ ଦେଶର ଲୋକମାନେ ଏହା ହିଁ ଦେଖିବାକୁ ଚାହୁଁଥିଲେ। ବିଶ୍ୱର ଶ୍ରେଷ୍ଠ ଦଳଗୁଡ଼ିକ ମଧ୍ୟରେ ଆମେ ମଧ୍ୟ ରହିଛୁ ବୋଲି ଏହାଦ୍ୱାରା ପ୍ରମାଣ କରି ଦେଖାଇଦେଲୁ। ବିଜୟର ଶ୍ରେୟ ପୂରା ଦଳକୁ ଦେବାକୁ ପଡ଼ିବ। ଆମ ଓଡ଼ିଶା ପାଇଁ ମଧ୍ୟ ଅତ୍ୟନ୍ତ ଗର୍ବର ବିଷୟ। ଆମ ରାଜ୍ୟର ୨ ଜଣ ଖେଳାଳି ସେଥିରେ ସାମିଲ ଥିଲେ। ଅମିତ ରୋହିଦାସଙ୍କୁ ଯେତେ ପ୍ରଶଂସା କଲେ କମ୍ ହେବ। ସେ ପୂରା ଟୁର୍ନାମେଣ୍ଟରେ ଚମତ୍କାର ଖେଳିଲେ। ଆଜିର ଗୋଲ ସ୍କୋରର ସିମରନଜିତ ସିଂ, ହାର୍ଦ୍ଦିକ ସିଂ, ହରମନପ୍ରୀତ ସିଂ ଓ ରୂପିନ୍ଦରପାଲ ସିଂ ସୁଯୋଗର ସଦ୍‌ବ୍ୟବହାର କଲେ। ଭାରତ ଗୋଲ ଦେବା ପଛରେ ଅମିତଙ୍କର ମଧ୍ୟ ବହୁତ ଅବଦାନ ଥିଲା। କାରଣ ସେ ଗୋଲ ପାଇଁ ସୁଯୋଗ ସୃଷ୍ଟି କରିଥିଲେ। ଶେଷ ମୁହୂର୍ତ୍ତରେ ଭାରତ ବିପକ୍ଷରେ ପେନାଲ୍ଟି କର୍ନର ମନରେ ଭୟ ସୃଷ୍ଟି କରିଥିଲା। କାରଣ ଆମେ ପୂର୍ବରୁ ଅନେକ ଥର ବିଜୟ ସ୍ଥିତିରେ ଥାଇ ମଧ୍ୟ ଶେଷ ମୁହୂର୍ତ୍ତରେ ଗୋଲ ବରଣ କରି ମ୍ୟାଚ ହାରିଛୁ। ମାତ୍ର ଆମ ଯୁବଦଳ ଧୈର୍ଯ୍ୟର ସହ ପରିସ୍ଥିତିର ମୁକାବିଲା କରି ନିଜ ପାଇଁ ଏବଂ ଦେଶ ପାଇଁ ଏହି ଅଲିମ୍ପିକ୍‌କୁ ସ୍ମରଣୀୟ କରିଦେଲେ। ଏହା ଖେଳାଳିଙ୍କ ମନୋବଳ ବହୁତ ବଢ଼ାଇବ। ଏଠାରୁ ଏକ ନୂଆ ସମୟର ସୂତ୍ରପାତ ହେଲା ବୋଲି କହିହେବ। ଓଡ଼ିଶା ସରକାର ଭାରତୀୟ ଦଳର ପ୍ରାୟୋଜକ ଅଛନ୍ତି। ଏହା ଦଳ ପାଇଁ ଶୁଭ ସାବ୍ୟସ୍ତ ହୋଇଛି।

**–ଦିଲୀପ ତିର୍କୀ, ପୂର୍ବତନ ଭାରତୀୟ ଅଧିନାୟକ**

## ଖେଳାଳି ଓ କୋଚ୍‌ଙ୍କୁ ଶ୍ରେୟ



ବିଶ୍ୱ ର୍‍ୟାଙ୍କିଂର ଯଥାର୍ଥତା ରହିଛି। ୫ ନମ୍ବର ର୍‍ୟାଙ୍କ୍‌ପ୍ରାପ୍ତ ଭାରତ ଅଲିମ୍ପିକ୍ସରେ ନମ୍ବର ୱାନ ଓ ୨ ଦଳଠାରୁ ହାରିଛି। ଅତୀତର ଇତିହାସ ଦେଖିଲେ ଭାରତ ବିପକ୍ଷରେ ଜର୍ମାନୀର ପଲା ସବୁବେଳେ ଭାରି ରହିଥାଏ। ଆଷ୍ଟ୍ରୋଟର୍ଫ ଆସିବା ପରେ ଭାରତୀୟ ହକିର ପ୍ରଦର୍ଶନ ନିମ୍ନଗାମୀ ହୋଇଥିବାବେଳେ ଜର୍ମାନୀ ଉପରକୁ ଉଠିଥିଲା। ତେବେ ୯୦ ଦଶକରେ ଜର୍ମାନୀ ଯେଭଳି ପ୍ରଦର୍ଶନ କରୁଥିଲା ଏବେ ଆଉ ତାହା ଦେଖିବାକୁ ମିଳୁନାହିଁ। ଭାରତର ଯେଉଁ ଅଲ୍‌ରାଉଣ୍ଡ ଉନ୍ନତି ହୋଇଛି ତା'ର ଶ୍ରେୟ ଭାରତୀୟ ଖେଳାଳିଙ୍କ ଉତ୍ସର୍ଗୀକୃତ ମନୋଭାବ ଏବଂ କୋଚ୍ ଗ୍ରାହାମ ରିଡ୍‌ଙ୍କ ନିକଟକୁ ଯିବ। କାରଣ ଆଗରୁ ଭାରତ ସବୁବେଳେ କୌଶଳରେ ବିଫଳତା ସ୍ପିଡ୍ ଓ ସହନଶକ୍ତିର ଅଭାବ ଯୋଗୁ ପରାଜିତ ହୋଇଥାଏ। ବିଦେଶୀ କୋଚ୍‌ମାନଙ୍କୁ ଆଣିବା ପରେ ସେହି ସମସ୍ୟା ଅନେକ ପରିମାଣରେ ଦୂର ହୋଇଛି ଏବଂ ତାହା ଫଳାଫଳ ରୂପରେ ପ୍ରତିଫଳିତ ହୋଇଛି। ଅଷ୍ଟ୍ରେଲିଆ ନିକଟରୁ ବୃହତ୍ ପରାଜୟ ପରେ ଦଳ ଯେପରି ପ୍ରତ୍ୟାବର୍ତ୍ତନ କଲା ତାହା ପ୍ରଶଂସା ଯୋଗ୍ୟ। ଟିମ୍ ସ୍ପିରିଟ୍ ଯୋଗୁ ଏହା ସମ୍ଭବ ହେଲା। ମୋ ମତରେ ଓଡ଼ିଆ ଖେଳାଳି ଅମିତ ରୋହିଦାସ ବର୍ତ୍ତମାନ ବିଶ୍ୱର ସବୁଠାରୁ ରସର। ପେନାଲ୍ଟି କର୍ନରକୁ କାଉଣ୍ଟର କରିବା ସମୟରେ ସେ ଅନେକ ଆଘାତ ସହି ଭାରତକୁ ରକ୍ଷା କରିଛନ୍ତି। ପାକିସ୍ତାନର ସୋହେଲ ଆବାସ ପେନାଲ୍ଟି କର୍ନର ମାରିବା ଆରମ୍ଭ କଲେ ଏବଂ ତାଙ୍କୁ କୌଣସି ଡିଫେଣ୍ଡର ଅଟକାଇ ପାରିଲେନି ସେତେବେଳେ ବିଭିନ୍ନ କୋଚ୍ ଏହାକୁ କାଉଣ୍ଟର କରିବା ପାଇଁ ରଣନୀତି ପ୍ରସ୍ତୁତ କଲେ। ସେଠାରୁ ରସର(Russer) ପ୍ରସଙ୍ଗ ଆସିଲା। ପୂରା ଟୁର୍ନାମେଣ୍ଟରେ ଅମିତ ଏହି ଭୂମିକାକୁ ଅତି ସଫଳତାର ସହ ତୁଲାଇଥିଲେ। ଡିଫେନ୍ସ ଶକ୍ତିଶାଳୀ ରହିବାରୁ ଭାରତ ଶେଷ ମୁହୂର୍ତ୍ତରେ ଗୋଲ ବରଣରୁ ରକ୍ଷା ପାଇଛି।

**–ଅଶୋକ ମହାନ୍ତି, ପୂର୍ବତନ କ୍ରୀଡ଼ା ପ୍ରଶାସକ**




# ଭାରତ ବିଜୟରେ ଅମିତ ହିରୋ

## ପୁରୁଣା ଚାଲ୍ ଖେଳିଥିଲା ଜର୍ମାନୀ



ଓଭରଅଲ୍ ମ୍ୟାଚ ଅତି ଉତ୍କଣ୍ଠାପୂର୍ଣ୍ଣ ଥିଲା। ୫–୪ ସ୍କୋର ବୋର୍ଡ ହିଁ ମ୍ୟାଚ ସମ୍ପର୍କରେ ଅନେକ କିଛି ସୂଚନା ଦେଉଛି। ବ୍ରୋଞ୍ଜ ମେଡାଲ ମ୍ୟାଚରେ ୯ ଗୋଲ, ଦୁଇଟି ସମକକ୍ଷ ଦଳ ମଧ୍ୟରେ ମୁକାବିଲା ହେଲେ ହିଁ ଏପରି ଫଳାଫଳ ଆସିଥାଏ। ପ୍ରଥମ କ୍ୱାର୍ଟରରେ ଜର୍ମାନୀ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। କେବଳ ଆଜି ନୁହେଁ ଜର୍ମାନୀର ଏହା ପୁରୁଣା ଚାଲ୍। ଭାରତ ବିପକ୍ଷରେ ସେମାନେ ଯେତେବେଳେ ଖେଳିବେ ପ୍ରଥମ ୫ ମିନିଟରେ ପୂରା ପ୍ରେସର ଦେଇ ଖେଳିବେ ଏବଂ ଗୋଲ ବାହାର କରିବାକୁ ଚେଷ୍ଟା କରିବେ। ଏଥର ମଧ୍ୟ ତାହା କଲେ। ସେହିପରି ଶେଷ ୫ ମିନିଟରେ ସେମାନେ ଅଲ୍‌ଆଉଟ ଖେଳନ୍ତି, ଅର୍ଥାତ୍ ପୂରା ଜୋର ଲଗାଇ ଦିଅନ୍ତି। ଏଥର ମଧ୍ୟ ଚେଷ୍ଟା କରିଥିଲେ, ମାତ୍ର ଅଳ୍ପକେ ଯୋଜନାରେ ସଫଳ ହୋଇ ପାରିଲେନି। ଏହି ମ୍ୟାଚରେ ଆମ ଦଳ ସୁଯୋଗର ଭଲ ସଦ୍‌ବ୍ୟବହାର କଲା। ଆମ ଫରୱାର୍ଡ ଲାଇନ୍ ୨ଟି ଗୋଲ କରିବାରୁ ତା'ର ଫାଇଦା ଦଳକୁ ମିଳିଲା। ଆଉ ଏକ ଗୋଲ ହୋଇପାରିଥାନ୍ତା। ଅମିତ ରୋହିଦାସଙ୍କ ଥ୍ରୁ ପାସ୍‌କୁ ମନଦୀପ ସିଂ ୱାନ୍ ଟୁ ୱାନ୍‌ରେ ଥିଲେ ହେଁ ଗୋଲ ଦେବାରେ ସଫଳ ହୋଇପାରି ନ ଥିଲେ। ଅନେକ ହୁଏତ ନଜରକୁ ଆଣିପାରି ନ ଥିବେ ମ୍ୟାଚ ଶେଷ ହେବାକୁ ୨୯ ସେକେଣ୍ଡ ଥିବାବେଳେ ମ୍ୟାଚ କିଛି କ୍ଷଣ ପାଇଁ ବନ୍ଦ ରହିଥିଲା। ରିଷ୍ଟାର୍ଟ ସମୟରେ ଟେକ୍ନିକାଲ ଟେବୁଲରେ ୫–୧୦ ସେକେଣ୍ଡ ଷ୍ଟାର୍ଟ କରିବାରେ ବିଳମ୍ବ କରିଥିଲେ। ଏହି ତ୍ରୁଟି ଆମ ପାଇଁ ମହଙ୍ଗା ପଡ଼ିଥାନ୍ତା ଯଦି ଜର୍ମାନୀ ଗୋଲଟି ପରିଶୋଧ କରି ଦେଇଥାନ୍ତା। ପେନାଲ୍ଟି ଶୁଟ୍ ଆଉଟରେ କ'ଣ ହୋଇଥାନ୍ତା ତାହା କେହି କହିପାରି ନ ଥାନ୍ତେ। ଜାଣିକି ହେଉ କି ଅଜଣା ଭାବେ ଜର୍ମାନୀକୁ ଅଧିକ ୫–୬ ସେକେଣ୍ଡ ସମୟ ମିଳିଥିଲା। ଅଲିମ୍ପିକ୍ ପରି ଏକ ବଡ଼ ଟୁର୍ନାମେଣ୍ଟରେ ବୈଷୟିକଭାବେ ଏପରି ତ୍ରୁଟି ହେବା କଥା ନୁହେଁ। ଶେଷ ୬ ସେକେଣ୍ଡ ସମସ୍ତଙ୍କ ହୃଦ୍‌ସ୍ପନ୍ଦନ ବଢ଼ାଇ ଦେଇଥିଲା। ଭାରତର ଏହି ବିଜୟରେ ଦେଶବାସୀଙ୍କ ସହ ଆମେ ବହୁତ ଖୁସି ଅଛୁ। ଓଡ଼ିଶା ସରକାର ନିଶ୍ଚିତ ଖୁସିଥିବେ। ୨୦୧୮ରୁ ରାଜ୍ୟ ସରକାର ଭାରତୀୟ ହକି ଦଳକୁ ସ୍ପୋନ୍‌ସର କରି ଆସୁଛି। ମୋ ମତରେ ଓଡ଼ିଶା ସରକାର ଯେବେଠାରୁ ପ୍ରାୟୋଜକ ହେଲେ ଭାରତ ସେବେଠାରୁ ଭଲ ଖେଳିବା ଆରମ୍ଭ କରିଛି। ଓଡ଼ିଶା ଲୋଗୋ ଥିବା ଜର୍ସି ପିନ୍ଧି ଭାରତୀୟ ଦଳ ଟୋକିଓ ଅଲିମ୍ପିକ୍ସରୁ ବ୍ରୋଞ୍ଜ ପଦକ ଆଣିବା ଆମକୁ ଖୁବ୍ ଗର୍ବିତ କରିଛି। ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ। ପ୍ରତିଯୋଗିତାରେ ଦୁଇ ଓଡ଼ିଆ ଖେଳାଳିଙ୍କ ପ୍ରଦର୍ଶନ ବହୁତ ଭଲ ରହିଲା। ବୀରେନ୍ଦ୍ର ଲାକ୍ରା କୌଣସି କାରଣରୁ ଶେଷ ୨ଟି ମ୍ୟାଚ ଖେଳିପାରି ନ ଥିଲେ। ତେବେ ଅମିତ ରୋହିଦାସ ଅତି ବଢ଼ିଆ ଖେଳିଛନ୍ତି। ଭାରତୀୟ ଦଳ ପକ୍ଷରୁ ତାଙ୍କୁ ଯେଉଁ ଦାୟିତ୍ୱ ଦିଆଯାଇଛି ତାକୁ ସେ ଅତି ସଫଳତାର ସହ ତୁଲାଇଛନ୍ତି। ବିଶେଷ କରି ପେନାଲ୍ଟି କର୍ନର ଡିଫେଣ୍ଡ କଲାବେଳେ ଅମିତଙ୍କର ଗୁରୁଦାୟିତ୍ୱ ରହିଛି। ଅମିତ ବହୁତ ଗୋଲ ଡିଫେଣ୍ଡ କରିଛନ୍ତି। କେବଳ ସେତିକି ନୁହେଁ ଗୋଲ ଦେବାରେ ମଧ୍ୟ ସହାୟକ ହୋଇଛନ୍ତି। ସୁନ୍ଦରଗଡ଼ର ଦୁଇ ଖେଳାଳି ପଦକ ପାଇଛନ୍ତି। ସେମାନଙ୍କ ମଧ୍ୟରୁ ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲ(ଅମିତ)ର ଜଣେ ପଦକ ହାସଲ କରିଛନ୍ତି। ତେଣୁ ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲ ପାଇଁ ମଧ୍ୟ ଏହା ଏକ ଗର୍ବର ମୁହୂର୍ତ୍ତ କହିଲେ ଅତ୍ୟୁକ୍ତି ହେବନାହିଁ।

**–ଲାଜରୁସ ବାର୍ଲା, ହକି ଅଲିମ୍ପିଆନ**

## ହକି ପାଇଁ ଏକ ବଡ଼ ଦିନ



ଭାରତ ଏକ ଯୁବ ଦଳ। କେବଳ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚକୁ ଛାଡ଼ିଦେଲେ ପୂରା ଟୁର୍ନାମେଣ୍ଟରେ ଦଳ ଭଲ ଖେଳିଛି। ବେଲଜିୟମ ବିପକ୍ଷରେ ଆମ ଦଳ ଭଲ ଖେଳିଥିଲା, ମାତ୍ର ପେନାଲ୍ଟି କର୍ନର ଗୋଲ ଯୋଗୁ ହାରି ଯାଇଥିଲା। ଏହା ଗେମ୍‌ର ଏକ ଅଂଶବିଶେଷ। ଦୀର୍ଘବର୍ଷ ପରେ ଆମକୁ ଅଲିମ୍ପିକ୍ସରେ ଏକ ପଦକ ମିଳିଲା। ଏଥିପାଇଁ ଖେଳାଳିଙ୍କ ସହ କୋଚ୍, କୋଚିଂ ଷ୍ଟାଫ୍ ସମସ୍ତଙ୍କ ଅବଦାନ ଥିଲା। ଭାରତୀୟ ହକି ପାଇଁ ଆଜି ଏକ ବଡ଼ ଦିନ। ସେଥିପାଇଁ ମୁଁ ବହୁତ ଖୁସି। ପେନାଲ୍ଟି କର୍ନର କନଭର୍ସନ ସମୟରେ ପ୍ରତିପକ୍ଷ ଦଳ ପାଇଁ ଅମିତ ରୋହିଦାସ ଚିନ୍ତାର କାରଣ ପାଲଟିଛନ୍ତି। ଦୁଇଜଣ ଯାକ ଓଡ଼ିଆ ଖେଳାଳି ଭଲ ଖେଳିଲେ।

**–ପ୍ରବୋଧ ତିର୍କୀ, ପୂର୍ବତନ ଭାରତୀୟ ଅଧିନାୟକ**

ଦୀର୍ଘ ୪୧ ବର୍ଷ ବ୍ୟବଧାନରେ ଭାରତକୁ ମିଳିଛି ଅଲିମ୍ପିକ୍ସ ପଦକ। ଟୋକିଓ ଅଲିମ୍ପିକ୍ସର ଗୁରୁବାର ଅନୁଷ୍ଠିତ ପ୍ଲେ–ଅଫ୍‌ରେ ଭାରତ ୫–୪ ଗୋଲରେ ଜର୍ମାନୀକୁ ହରାଇ ବ୍ରୋଞ୍ଜ ପଦକ ହାସଲ କରିଛି। ତେଣୁ ସାରା ଭାରତରେ ଖୁସିର ଲହରି ଖେଳିଯାଇଛି। ପୂରା ଟୁର୍ନାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରି ଓଡ଼ିଶାର ଅମିତ ରୋହିଦାସ ହିରୋ ସାବ୍ୟସ୍ତ ହୋଇଛନ୍ତି। ଓଡ଼ିଶା ଭାରତୀୟ ହକି ଦଳର ପ୍ରାୟୋଜକ ରହିଛି। ଦଳରେ ୨ ଜଣ ଓଡ଼ିଆ ଖେଳାଳି ମଧ୍ୟ ପ୍ରତିନିଧିତ୍ୱ କରିଥିଲେ। ଭାରତୀୟ ହକି ପାଇଁ ଓଡ଼ିଶା ଶୁଭ ବୋଲି ପୂର୍ବତନ ଅଲିମ୍ପିଆନ ଓ କ୍ରୀଡ଼ାବିତ୍‌ମାନେ ମତବ୍ୟକ୍ତ କରିଛନ୍ତି।

## ଅମିତ ପ୍ରକୃତ ହିରୋ



ସବୁଠାରୁ ବଡ଼ କଥା ହେଲା ଏହି ମ୍ୟାଚରେ ପିଲାମାନେ ଯେତେ ସୁଯୋଗ ପାଇଛନ୍ତି ତା'ର ସଦୁପଯୋଗ କରିଛନ୍ତି। ଫରୱାର୍ଡ, ମିଡ୍‌ଫିଲ୍ଡ ଏବଂ ଡିଫେନ୍ସ ୩ଟି ଯାକ ବିଭାଗ ଭଲ ଖେଳିବାରୁ ଆମେ ତୃତୀୟ ଏବଂ ଚତୁର୍ଥ କ୍ୱାର୍ଟରରେ ପ୍ରଭାବୀ ପ୍ରଦର୍ଶନ କରିପାରିଥିଲୁ। ଜର୍ମାନୀର ଏକାଧିକ ଉଦ୍ୟମକୁ ଓଡ଼ିଆ ଖେଳାଳି ଅମିତ ରୋହିଦାସ ଏବଂ ଗୋଲକିପର ପି.ଆର. ଶ୍ରୀଜେସ୍ ପଣ୍ଡ କରିବାରେ ସକ୍ଷମ ହେଲେ। ସେମିଫାଇନାଲରେ ଭାରତ ଯେତିକି ପେନାଲ୍ଟି କର୍ନର ପାଇଥିଲା ଯଦି ତା'ର ସଦୁପଯୋଗ କରିଥାନ୍ତା ତା'ହେଲେ ଆଜି ଭିନ୍ନସ୍ଥିତି ଥାଆନ୍ତା। ଅମିତ ବହୁତ ଭଲ ଖେଳିଥିଲେ। ଫଳରେ ଜର୍ମାନୀର ଅନେକ ଆକ୍ରମଣ ଉଦ୍ୟମ ସଫଳ ହୋଇପାରି ନ ଥିଲା। ଅମିତ ଡିଫେନ୍ସରେ ଖେଳନ୍ତି ଏବଂ ଆଗକୁ ଆସି ଦଳ ପାଇଁ ଗୋଲ ସୁଯୋଗ ସୃଷ୍ଟି କରନ୍ତି। ତେଣୁ ଦଳ ପାଇଁ ତାଙ୍କର ଅବଦାନ ଅନେକ ଥିଲା। ଆଟାକିଂ ଲାଇନ୍‌କୁ ସେ ଅତି ଚତୁର ଭାବେ ଗୋଲ ପାଇଁ ସୁଯୋଗ ସୃଷ୍ଟି କରିଛନ୍ତି। ଡିଫେନ୍ସରେ ସେ ଗେଟ୍ ୱେ ଅଫ୍ ଇଣ୍ଡିଆ ପରି ବଲ୍ ବାହାର କରୁଥିଲେ। ଆଜିର ମ୍ୟାଚରେ ମୋଟ ପ୍ରଦର୍ଶନ ଦେଖିଲେ ହିରୋ ହେଉଛନ୍ତି ଅମିତ। ୪୧ ବର୍ଷ ପରେ ପଦକ ପାଇଥିବାରୁ ଭାରତୀୟ ହକିରେ ଏକ ନୂଆ ସମୟ ଆରମ୍ଭ ହେଲା ବୋଲି କହିହେବ। ଆଗାମୀ ପିଢ଼ି ମଧ୍ୟ ଏଥିରୁ ଉତ୍ସାହିତ ହେବେ।

**–କାଳୁ ଚରଣ ଚୌଧୁରୀ, ବରିଷ୍ଠ ହକି କୋଚ୍**

## ସବୁଆଡ଼େ ଖୁସିର ପରିବେଶ

**ଭୁବନେଶ୍ୱର, ୫।୮(କ୍ରୀଡ଼ା ପ୍ରତିନିଧି):** ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ହକି ଦଳ ବ୍ରୋଞ୍ଜ ପଦକ ଜିତିଥିବାରୁ ସାରା ଓଡ଼ିଶାରେ ଖୁସିର ପରିବେଶ ସୃଷ୍ଟି ହୋଇଛି। ଭାରତୀୟ ଦଳରେ ଖେଳିଥିବା ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସଙ୍କ ଜିଲା ସୁନ୍ଦରଗଡ଼ ଉତ୍ସବମୁଖର ହୋଇପଡ଼ିଛି। ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସରେ ହକି ଖେଳାଳିଙ୍କ ସହ ଭାରତ ବିଜୟର ଖୁସି ମନାଇଛନ୍ତି। ଏହି ଅବସରରେ ଖେଳାଳିମାନେ ପରସ୍ପରକୁ ମିଠା ଖୁଆଇ ନାଚଗୀତରେ ପରିବେଶକୁ ଉତ୍ସବମୁଖର କରି ଦେଇଥିଲେ। ''ଭାରତୀୟ ପୁରୁଷ ହକି ଦଳ ନିଜର ଅଦମ୍ୟ ପରାକାଷ୍ଠା ବଳରେ ବ୍ରୋଞ୍ଜ ପଦକ ହାସଲ କରିଛି। ଆଜିର ଦିନ ସମଗ୍ର କ୍ରୀଡ଼ା ଇତିହାସରେ ଏକ ଗୌରବମୟ ଦିନ ହୋଇ ରହିବାସହ ଆଗାମୀ ପିଢ଼ିର ଖେଳାଳିମାନଙ୍କୁ ବେଶ୍ ପ୍ରେରଣା ଯୋଗାଇବ। ଶୁକ୍ରବାର ମହିଳା ହକି ଦଳ ବ୍ରୋଞ୍ଜ ପଦକ ମ୍ୟାଚ ଖେଳିବାକୁ ଯାଉଥିବାରୁ ଏହି ଉତ୍ସାହ ସେମାନଙ୍କୁ ସହାୟକ ହେବ ବୋଲି କ୍ରୀଡ଼ାମନ୍ତ୍ରୀ କହିଥିଲେ। ବିଭିନ୍ନ ମହଲରୁ ଭାରତୀୟ ଖେଳାଳିଙ୍କୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ହକି ଅଲିମ୍ପିଆନ ଦିଲୀପ ତିର୍କୀ, ଲାଜରୁସ ବାର୍ଲା, ପୂର୍ବତନ ହକି ଅଧିନାୟକ ପ୍ରବୋଧ ତିର୍କୀ, ବରିଷ୍ଠ ହକି କୋଚ୍ କାଳୁ ଚରଣ ଚୌଧୁରୀ, ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି, ଗ୍ଲୋବାଲ ଫିଜିଓ ସେଲ୍‌ର ମୁଖ୍ୟ ଡ. ମୁକ୍ତି ପ୍ରସାଦ ଦାସ ପ୍ରମୁଖ ଭାରତୀୟ ଦଳକୁ ଭୂୟସୀ ପ୍ରଶଂସା କରିବା ସହ ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଶା ସରକାର ୨୦୧୮ରୁ ଭାରତୀୟ ହକି ଦଳର ପ୍ରାୟୋଜକ ଅଛନ୍ତି। ତା' ପରଠାରୁ ଜାତୀୟ ଦଳର ପ୍ରଦର୍ଶନରେ ଉନ୍ନତି ଆସିଛି ବୋଲି ବହୁ ବିଶେଷଜ୍ଞ ସ୍ୱୀକାର କରିଛନ୍ତି।



ଗୁରୁବାର କଳିଙ୍ଗ ଷ୍ଟାଡ଼ିୟମ୍‌ରେ ହକି ଖେଳାଳିଙ୍କ ସହ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ବିଜୟୀ ଭାରତୀୟ ପୁରୁଷ ହକି ଦଳକୁ ଶୁଭେଚ୍ଛା ଜଣାଉଛନ୍ତି।







**ବିଜୟ ମୁହୂର୍ତ୍ତ**
୧. ଜର୍ମାନୀ ଖେଳାଳି ଦୁଃଖରେ ଭାଙ୍ଗିପଡ଼ିଥିବା ବେଳେ ଉଲ୍ଲସିତ ମନପ୍ରୀତ୍ ସିଂ।
୨. ଗୋଲ୍‌ପୋଷ୍ଟ ଷ୍ଟାଣ୍ଡ୍ ଉପରେ ଭାରତୀୟ ଗୋଲ୍‌କିପର ପି.ଆର୍. ଶ୍ରୀଜେଶ।
୩. ଖେଳାଳିମାନେ ପରସ୍ପରକୁ ଅଭିନନ୍ଦନ ଜଣାଉଛନ୍ତି।

# ଅଲିମ୍ପିକ୍ସ ହକିରେ ଭାରତର ପଦକ

**ଟୋକିଓ,୫।୮(ପି.ଟି.)**

ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ସହ ଭାରତ ମୋଟ ଉପରେ ହକିରେ ୧୨ଟି ପଦକ ହାସଲ କରିଛି। ଭାରତ ଏହା ପୂର୍ବରୁ ୮ଟି ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୨ଟି ବ୍ରୋଞ୍ଜ ପଦକ ହାସଲ କରିଛି। ଶେଷଥର ପାଇଁ ଭାରତ ୧୯୮୦ ମସ୍କୋ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ୧୯୨୮ ଆମଷ୍ଟରଡାମ ଅଲିମ୍ପିକ୍ସରେ ଭାରତ ପ୍ରଥମଥର ପାଇଁ ସ୍ୱର୍ଣ୍ଣ ପଦକ ଜିତି ପୋଡିୟମ ଫିନିଶ୍ କରିଥିଲା। ନିମ୍ନରେ ଭାରତର ପଦକ ତାଲିକା ଉଲ୍ଲେଖ କରାଗଲା।

| ଅଲିମ୍ପିକ୍ସ | ଭେନ୍ୟୁ | ପଦକ |
|---|---|---|
| ୧୯୨୮ | ଆମଷ୍ଟରଡାମ | ସ୍ୱର୍ଣ୍ଣ |
| ୧୯୩୨ | ଲସ ଏଞ୍ଜେଲ୍ସ | ସ୍ୱର୍ଣ୍ଣ |
| ୧୯୩୬ | ବର୍ଲିନ | ସ୍ୱର୍ଣ୍ଣ |
| ୧୯୪୮ | ଲଣ୍ଡନ | ସ୍ୱର୍ଣ୍ଣ |
| ୧୯୫୨ | ହେଲସିଙ୍କି | ସ୍ୱର୍ଣ୍ଣ |
| ୧୯୫୬ | ମେଲବୋର୍ନ | ସ୍ୱର୍ଣ୍ଣ |
| ୧୯୬୦ | ରୋମ | ରୌପ୍ୟ |
| ୧୯୬୪ | ଟୋକିଓ | ସ୍ୱର୍ଣ୍ଣ |
| ୧୯୬୮ | ମେକ୍ସିକୋ ସିଟି | ବ୍ରୋଞ୍ଜ |
| ୧୯୭୨ | ମ୍ୟୁନିକ | ବ୍ରୋଞ୍ଜ |
| ୧୯୮୦ | ମସ୍କୋ | ସ୍ୱର୍ଣ୍ଣ |
| ୨୦୨୧ | ଟୋକିଓ | ବ୍ରୋଞ୍ଜ |

# ହକିରେ ବେଲ୍‌ଜିୟମକୁ ପ୍ରଥମ ସ୍ୱର୍ଣ୍ଣ



ସ୍ୱର୍ଣ୍ଣପଦକ ବିଜୟୀ ବେଲ୍‌ଜିୟମ ଦଳ।

**ଟୋକିଓ,୫।୮:** ବିଶ୍ୱର ୧ ନମ୍ବର ଦଳ ବେଲ୍‌ଜିୟମ ପ୍ରଥମଥର ପାଇଁ ପୁରୁଷ ହକି ଇଭେଣ୍ଟରେ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଗୁରୁବାର ଅନୁଷ୍ଠିତ କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲ ମୁକାବିଲାରେ ବେଲ୍‌ଜିୟମ ପେନାଲ୍ଟି ଶୁଟ୍ ଆଉଟ୍‌ରେ ଅଷ୍ଟ୍ରେଲିଆକୁ ୩-୨ ଗୋଲରେ ହରାଇ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ନିର୍ଦ୍ଧାରିତ ସମୟ ଶେଷ ବେଳକୁ ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଥିଲା। ଫଳରେ ପେନାଲ୍ଟି ଶୁଟ୍ ଆଉଟର ସହାୟତା ନିଆଯାଇଥିଲା। ଦ୍ୱିତୀୟାର୍ଦ୍ଧର ଦ୍ୱିତୀୟ ମିନିଟ୍‌ରେ ବେଲ୍‌ଜିୟମ ତରଫରୁ ଫରୱାର୍ଡ ଫ୍ଲୋରେଣ୍ଟ ଭାନ ଅଉବେଲ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଅଷ୍ଟ୍ରେଲିଆ ତରଫରୁ ଟମ୍ ୱିକହାମ ଗୋଲ ସ୍କୋର କରି ମ୍ୟାଚ୍ ବରାବର ସ୍ଥିତିକୁ ଆଣିଥିଲେ। ଶୁଟ୍ ଆଉଟ୍‌ରେ

**ଅଷ୍ଟ୍ରେଲିଆ ରୌପ୍ୟରେ ସନ୍ତୁଷ୍ଟ**

ବେଲ୍‌ଜିୟମ ଗୋଲକିପର ଭିନ୍‌ସେଣ୍ଟ ଭନାସ୍କ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ ଓ ଅଷ୍ଟ୍ରେଲିଆର ପ୍ରୟାସକୁ ପଣ୍ଡ କରିଥିଲେ। ୩ଟି ପ୍ରୟାସରେ ବିଶ୍ୱର ୨ ନମ୍ବର ଦଳ ଅଷ୍ଟ୍ରେଲିଆ ଗୋଲ ଦେବାରେ ବିଫଳ ହେବା ପରେ ବେଲ୍‌ଜିୟମ ବାଜି ମାରିଥିଲା।

# ଉପମହାଦେଶ ପାଇଁ ଶୁଭ ସୂଚନା

**କରାଚୀ, ୫।୮ (ପି.ଟି.)**

ଜର୍ମାନୀ ବିପକ୍ଷରେ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ୫-୪ ଗୋଲରେ ବିଜୟ ହାସଲ କରି ବ୍ରୋଞ୍ଜ ପଦକ ଜିତି ଭାରତ ଐତିହାସିକ ସଫଳତା ହାସଲ କରିଥିବାରୁ ପାକିସ୍ତାନର ପୂର୍ବତନ ଖେଳାଳିମାନେ ଭୂୟସୀ ପ୍ରଶଂସା କରିଛନ୍ତି। ଉପମହାଦେଶ ପାଇଁ ଏହା ଶୁଭ ସୂଚନା ବୋଲି ସେମାନେ କହିଛନ୍ତି। ପାକିସ୍ତାନ ହକି କିମ୍ବଦନ୍ତୀ ଓ କୋଚ୍ ହସନ ସର୍ଦ୍ଦାର କହିଛନ୍ତି ଭାରତ ଏହି ମ୍ୟାଚ ଚାପରେ ରହି ଖେଳିଥିଲେ ମଧ୍ୟ ଏଥିରେ ବିଚଳିତ ହୋଇ ନ ଥିଲା। ସେମାନଙ୍କୁ ବ୍ରୋଞ୍ଜ ଦରକାର। ଏହି ମନୋବୃତ୍ତି ନେଇ ସେମାନେ ଖେଳିଥିଲେ। ପାକିସ୍ତାନର ଜଣେ ପୂର୍ବତନ ଅଲିମ୍ପିଆନ ୱାସିମ ଫିରୋଜ କହିଛନ୍ତି, ଭାରତର ଏହି ସଫଳତା ପାଇଁ ସେ ବେଶ୍ ଖୁସି ଅଛନ୍ତି। ଉପମହାଦେଶର ଏକ ଦଳ ବହୁ ଦିନ ପରେ ଅଲିମ୍ପିକ ପଦକ ଜିତିବାରେ ସମର୍ଥ ହୋଇପାରିଛି। ଭାରତୀୟ ଦଳଠାରୁ ଏହି ମ୍ୟାଚରେ ଉଭୟ ୟୁରୋପିଆନ ଓ ଏସିଆନ ଷ୍ଟାଇଲ ଖେଳ ଦେଖିବାକୁ ମିଳିଥିଲା। ଗ୍ରେଟ୍ ବ୍ରିଟେନକୁ ପରାସ୍ତ କରି ଭାରତୀୟ ମହିଳା ଦଳ ମଧ୍ୟ ବ୍ରୋଞ୍ଜ ଜିତିବ ବୋଲି ଫିରୋଜ ଆଶା ପ୍ରକାଶ କରି କହିଥିଲେ। ଅନ୍ୟ ଜଣେ ପୂର୍ବତନ ଅଲିମ୍ପିଆନ ଓ ବର୍ତ୍ତମାନ ପାକିସ୍ତାନ ହକି ମହାସଂଘ (ପିଏଚ୍‌ଏଫ୍) ସମ୍ପାଦକ ଆସିଫ ବାଜୱା କହିଛନ୍ତି, ବିଶ୍ୱ ହକି ର୍‍ୟାଙ୍କିଂର ଟପ୍ ୫ରେ ରହିଥିବାରୁ ସେ ଭାରତର ବ୍ରୋଞ୍ଜ ପଦକ ବିଜୟ ନେଇ ଆଶ୍ଚର୍ଯ୍ୟାନ୍ୱିତ ନୁହଁନ୍ତି।

# ନିରାଶ କଲେ ଭିନେଶ, ଅଂଶୁ

**ଚିବା(ଜାପାନ),୫।୮**

ମହିଳା ତାରକା ରେସଲର ଭିନେଶ ଫୋଗତ ଟୋକିଓ ଅଲିମ୍ପିକ୍ସରେ ପଦକ ହାସଲ କରିବେ ବୋଲି ଆଶା କରାଯାଉଥିଲା। କିନ୍ତୁ ସେ ନିରାଶ କରିଛନ୍ତି। ଫୋଗତ ଗୁରୁବାର ୫୩ କେ.ଜି. କ୍ୱାର୍ଟର ଫାଇନାଲରେ ବାଉଟ୍‌ରେ ବେଲାରୁଷର ଭାନେଶା କାଲାଜିନସ୍କାୟାଙ୍କଠାରୁ ୧-୫ରେ ପରାସ୍ତ ହୋଇ ପଦକ ଦୌଡ଼ରୁ ବାଦ୍ ପଡିଛନ୍ତି। ଫୋଗତଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ଭାନେଶର ସମ୍ପୂର୍ଣ୍ଣ ରୂପେ ଆଧିପତ୍ୟ ବିସ୍ତାର କରି ଖେଳିଥିଲେ। ଫୋଗତଙ୍କ ପାଖରେ ଏହାର ଜବାବ ନ ଥିଲା। ଏଥିହେତୁ ଫୋଗତଙ୍କ ସ୍ୱର୍ଣ୍ଣ ପଦକ ଆଶା ଧୂଳିସାତ୍ ହୋଇଛି। ତେବେ ରେପିଚେଜ ରୁଟ୍ ମାଧ୍ୟମରେ ସେ ବ୍ରୋଞ୍ଜ ପଦକ ହାସଲ କରିବାର ସମ୍ଭାବନା ରହିଛି। ତେବେ ଏଥିପାଇଁ ଭାନେସା ଫାଇନାଲରେ ପ୍ରବେଶ କରିବାର ଜରୁରି। ଏହା ହେଲେ ସେ ବ୍ରୋଞ୍ଜ ପଦକ ହାସଲ କରିବେ। ଏହାପୂର୍ବରୁ ପ୍ରି-କ୍ୱାର୍ଟର ଫାଇନାଲରେ ଫୋଗତ ସୁଇଡେନର ସୋଫିଆ ମାଟସନଙ୍କୁ ହରାଇଥିଲେ।

ସେହିପରି ଅଂଶୁ ମଲିକ ୫୭ କେ.ଜି. ଇଭେଣ୍ଟରେ ରିପିଚେଜ ରାଉଣ୍ଡରେ ୧-୫ରେ ରୁଷିଆର ଭାଲେରିଆ କୋବଲୋଭାଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। କୋବଲୋଭା ରିଓ ଅଲିମ୍ପିକ୍ସରେ ରୌପ୍ୟ ପଦକ ହାସଲ କରିଥିଲେ।



ବେଲାରୁଷର ଭାନେଶା କାଲାଜିନସ୍କାୟା ଓ ଭାରତର ଭିନେଶ ଫୋଗତଙ୍କ ମଧ୍ୟରେ ଲଢ଼େଇ।

## ଶୁକ୍ରବାର ଭାରତର କାର୍ଯ୍ୟସୂଚୀ (ଭାରତୀୟ ସମୟ ଅନୁସାରେ)

**ଆଥଲେଟିକ୍ସ:**
- ପୁରୁଷ ୫୦ କିମି ରେସ୍ ୱାକ୍ ଇଭେଣ୍ଟ-ଗୁରପ୍ରୀତ ସିଂ, ସମୟ: ପ୍ରତ୍ୟୁଷ ୨ଟା
- ମହିଳା ୨୦କିମି ରେସ୍ ୱାକ୍ ଇଭେଣ୍ଟ-ପ୍ରିୟଙ୍କା ଗୋସ୍ୱାମୀ ଓ ଭାବନା ଜାଟ୍, ସମୟ: ଅପରାହ୍ନ ୧ଟା।

ପୁରୁଷ ୪x୪୦୦ ମିଟର ରିଲେ ରାଉଣ୍ଡ ୧ ହିଟ୍ ୨, ସମୟ: ଅପରାହ୍ନ ୫ଟା ୭।

**ଗଲ୍ଫ:**
- ମହିଳା ବ୍ୟକ୍ତିଗତ ଷ୍ଟ୍ରୋକ୍ ପ୍ଲେ ରାଉଣ୍ଡ ୩-ଆଦିତୀ ଅଶୋକ ଓ ଦୀକ୍ଷା ଡାଗର, ସମୟ: ପ୍ରତ୍ୟୁଷ ୪ଟା।

**ହକି:**
- ମହିଳା ବ୍ରୋଞ୍ଜ ପଦକ ମ୍ୟାଚ-ଭାରତ ବନାମ ଗ୍ରେଟ୍ ବ୍ରିଟେନ, ସମୟ: ସକାଳ ୭ଟା।

**ରେସ୍‌ଲିଂ:**
- ପୁରୁଷ ଫ୍ରିଷ୍ଟାଇଲ ୬୫କେଜି ; ୮ମ ବାଉଟ ପରେ- ବଜରଙ୍ଗ ପୁନିଆ ବନାମ ଇର୍ନାଜାର ଅକ୍‌ମତାଲିଭ୍ (କିରଗିଜସ୍ତାନ), ସମୟ: ସକାଳ ୮ଟା।
- ରିପିଚେଜ୍ ରାଉଣ୍ଡ ମହିଳା ଫ୍ରିଷ୍ଟାଇଲ ୫୦ କେଜି ; ଦ୍ୱିତୀୟ ବାଉଟ୍ ପରେ- ସୀମା ବିସ୍‌ଲା ବନାମ ସାରା ହାମ୍‌ଦି (ଟ୍ୟୁନିସିଆ), ସମୟ: ସକାଳ ୮ଟା।



## ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୩୪ | ୨୪ | ୧୬ | ୭୪ |
| ଆମେରିକା | ୨୯ | ୩୫ | ୨୭ | ୯୧ |
| ଜାପାନ | ୨୨ | ୧୦ | ୧୪ | ୪୬ |
| ଅଷ୍ଟ୍ରେଲିଆ | ୧୭ | ୫ | ୧୯ | ୪୧ |
| ଆରଓସି | ୧୬ | ୨୨ | ୨୦ | ୫୮ |
| ଗ୍ରେଟ ବ୍ରିଟେନ | ୧୬ | ୧୮ | ୧୭ | ୫୧ |
| ଜର୍ମାନୀ | ୯ | ୯ | ୧୬ | ୩୪ |
| ଫ୍ରାନ୍ସ | ୭ | ୧୧ | ୯ | ୨୭ |
| ଇଟାଲୀ | ୭ | ୧୦ | ୧୮ | ୩୫ |
| ନେଦରଲାଣ୍ଡ୍ସ | ୭ | ୯ | ୧୦ | ୨୬ |
| ନ୍ୟୁଜିଲାଣ୍ଡ | ୭ | ୬ | ୬ | ୧୯ |
| ଦକ୍ଷିଣ କୋରିଆ | ୬ | ୪ | ୯ | ୧୯ |
| ହଙ୍ଗେରି | ୫ | ୭ | ୩ | ୧୫ |
| କାନାଡ଼ା | ୫ | ୫ | ୮ | ୧୮ |
| କ୍ୟୁବା | ୫ | ୩ | ୪ | ୧୨ |
| ବ୍ରାଜିଲ | ୪ | ୪ | ୮ | ୧୬ |
| ଚେକ୍ ରିପବ୍ଲିକ୍ | ୪ | ୩ | ୨ | ୯ |
| ସ୍ପେନ | ୩ | ୪ | ୫ | ୧୨ |
| ସୁଇଜରଲାଣ୍ଡ | ୩ | ୪ | ୫ | ୧୨ |
| ପୋଲାଣ୍ଡ | ୩ | ୩ | ୪ | ୧୦ |
| କ୍ରୋଏସିଆ | ୩ | ୩ | ୨ | ୮ |
| ଜାମାଇକା | ୩ | ୧ | ୩ | ୭ |
| ବେଲଜିୟମ | ୩ | ୧ | ୧ | ୫ |
| ସୁଇଡେନ | ୨ | ୫ | ୦ | ୭ |
| ଚାଇନିଜ୍ ତାଇପେ | ୨ | ୪ | ୬ | ୧୨ |
| ଜର୍ଜିଆ | ୨ | ୪ | ୧ | ୭ |
| ଡେନମାର୍କ | ୨ | ୨ | ୪ | ୮ |
| ଇରାନ | ୨ | ୨ | ୧ | ୫ |
| ନରୱେ | ୨ | ୨ | ୧ | ୫ |
| ସ୍ଲୋଭେନିଆ | ୨ | ୧ | ୧ | ୪ |
| ଇକ୍ୱେଡର | ୨ | ୧ | ୦ | ୩ |
| ଗ୍ରୀସ୍ | ୨ | ୦ | ୧ | ୩ |
| ଉଜ୍‌ବେକିସ୍ତାନ | ୨ | ୦ | ୧ | ୩ |
| କୋସୋଭୋ | ୨ | ୦ | ୦ | ୨ |
| କାତାର | ୨ | ୦ | ୦ | ୨ |
| ୟୁକ୍ରେନ | ୧ | ୩ | ୯ | ୧୩ |
| ରୋମାନିଆ | ୧ | ୩ | ୦ | ୪ |
| ଭେନେଜୁଏଲା | ୧ | ୩ | ୦ | ୪ |
| ହଂକଂ | ୧ | ୨ | ୨ | ୫ |
| କେନିୟା | ୧ | ୨ | ୨ | ୫ |
| ଦକ୍ଷିଣ ଆଫ୍ରିକା | ୧ | ୨ | ୦ | ୩ |
| ସ୍ଲୋଭାକିଆ | ୧ | ୨ | ୦ | ୩ |
| ଅଷ୍ଟ୍ରିଆ | ୧ | ୧ | ୫ | ୭ |
| ତୁର୍କୀ | ୧ | ୧ | ୫ | ୭ |
| ସର୍ବିଆ | ୧ | ୧ | ୪ | ୬ |
| ଇଣ୍ଡୋନେସିଆ | ୧ | ୧ | ୩ | ୫ |
| ବୁଲଗେରିଆ | ୧ | ୧ | ୨ | ୪ |
| ପର୍ତ୍ତୁଗାଲ | ୧ | ୧ | ୨ | ୪ |
| ବେଲାରୁଷ | ୧ | ୧ | ୧ | ୩ |
| ଇଥିଓପିଆ | ୧ | ୧ | ୧ | ୩ |
| ଫିଲିପାଇନ୍ସ | ୧ | ୧ | ୧ | ୩ |
| ଉଗାଣ୍ଡା | ୧ | ୧ | ୧ | ୩ |
| ଟ୍ୟୁନିସିଆ | ୧ | ୧ | ୦ | ୨ |
| ଆୟର୍ଲାଣ୍ଡ | ୧ | ୦ | ୨ | ୩ |
| ଇସ୍ରାଏଲ | ୧ | ୦ | ୨ | ୩ |
| ଇସ୍ତୋନିଆ | ୧ | ୦ | ୧ | ୨ |
| ଫିଜି | ୧ | ୦ | ୧ | ୨ |
| ଲାଟଭିଆ | ୧ | ୦ | ୧ | ୨ |
| ଥାଇଲାଣ୍ଡ | ୧ | ୧ | ୦ | ୨ |
| ବାହାମାସ | ୧ | ୦ | ୦ | ୧ |
| ବର୍ମୁଡା | ୧ | ୦ | ୦ | ୧ |
| ମରକ୍କୋ | ୧ | ୦ | ୦ | ୧ |
| ପୁଏର୍ତୋ ରିକୋ | ୧ | ୦ | ୦ | ୧ |
| କଲମ୍ବିଆ | ୦ | ୩ | ୧ | ୪ |
| ଭାରତ | ୦ | ୨ | ୩ | ୫ |
| ଆର୍ମେନିଆ | ୦ | ୨ | ୧ | ୩ |
| ଡୋମିନିକାନ ରିପବ୍ଲିକ | ୦ | ୨ | ୧ | ୩ |
| କିର୍ଗିଜସ୍ତାନ | ୦ | ୨ | ୧ | ୩ |
| ମଙ୍ଗୋଲିଆ | ୦ | ୧ | ୨ | ୩ |
| ସାନ୍ ମାରିନୋ | ୦ | ୧ | ୨ | ୩ |
| ଜୋର୍ଡାନ | ୦ | ୧ | ୧ | ୨ |
| ନାଇଜେରିଆ | ୦ | ୧ | ୧ | ୨ |
| ନର୍ଥ ମାସେଡୋନିଆ | ୦ | ୧ | ୦ | ୧ |
| ନାମ୍ବିଆ | ୦ | ୧ | ୦ | ୧ |
| ତୁର୍କମେନିସ୍ତାନ | ୦ | ୧ | ୦ | ୧ |
| କାଜାଖସ୍ତାନ | ୦ | ୦ | ୭ | ୭ |
| ଆଜରବୈଜାନ | ୦ | ୦ | ୩ | ୩ |
| ଇଜିପ୍ଟ | ୦ | ୦ | ୩ | ୩ |
| ମେକ୍ସିକୋ | ୦ | ୦ | ୩ | ୩ |
| ଫିନ୍‌ଲାଣ୍ଡ | ୦ | ୦ | ୨ | ୨ |
| ଆର୍ଜେଣ୍ଟିନା | ୦ | ୦ | ୧ | ୧ |
| ବୁରକିନା ଫାସୋ | ୦ | ୦ | ୧ | ୧ |
| ଆଇଭରି କୋଷ୍ଟ | ୦ | ୦ | ୧ | ୧ |
| ଗ୍ରେନାଡ଼ା | ୦ | ୦ | ୧ | ୧ |
| ଘାନା | ୦ | ୦ | ୧ | ୧ |
| କୁଏତ | ୦ | ୦ | ୧ | ୧ |
| ମାଲେସିଆ | ୦ | ୦ | ୧ | ୧ |
| ସିରିୟା | ୦ | ୦ | ୧ | ୧ |

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଅଗଷ୍ଟ ୬/୨୦୨୧ Sambalpur, Friday, August 6/ 2021



ଟୋକିଓ ଅଲିମ୍ପିକ୍ସରେ ଗୁରୁବାର ରବି କୁମାର ଦହିୟା ଓ ଜାଭୁର ଉଗୁଏଭଙ୍କ ମଧ୍ୟରେ କୁସ୍ତି ଲଢ଼େଇ।

# ଭାରତ-ବ୍ରିଟେନ ମୁକାବିଲା ଆଜି

**ଟୋକିଓ, ୫।୮:** ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ଦଳ ବ୍ରୋଞ୍ଜ ପଦକ ଜିତିବା ପରେ ଏବେ ମହିଳା ଦଳ ଉପରେ ସମସ୍ତଙ୍କ ନଜର ରହିଛି। ତୃତୀୟ/ଚତୁର୍ଥ ସ୍ଥାନ ମୁକାବିଲାରେ ବ୍ରୋଞ୍ଜ ପଦକ ପାଇଁ ଭାରତୀୟ ମହିଳା ଦଳ ଓ ଗ୍ରେଟ୍ ବ୍ରିଟେନ ଶୁକ୍ରବାର ପରସ୍ପରକୁ ଭେଟିବେ। ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ମହିଳା ଦଳ ଇତିହାସର ଶ୍ରେଷ୍ଠ ପ୍ରଦର୍ଶନ କରିଛି। ବ୍ରିଟେନକୁ ହରାଇପାରିଲେ ଭାରତର ଖୁସି ଆହୁରି ଦ୍ୱିଗୁଣିତ ହେବ ଓ ନୂଆ ଇତିହାସ ସୃଷ୍ଟି ହେବ। କିନ୍ତୁ ଭାରତୀୟ ଦଳକୁ ଏଥିପାଇଁ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିବାକୁ ହେବ।

ପୁଲ୍ ପର୍ଯ୍ୟାୟରେ ଭାରତ ୧-୪ ଗୋଲରେ ବ୍ରିଟେନଠାରୁ ପରାସ୍ତ ହୋଇଥିଲା। ଅଲିମ୍ପିକ୍ସର ଗତ ୨୦୧୬ ରିଓ ସଂସ୍କରଣରେ ବ୍ରିଟେନ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଗତ ପ୍ରଦର୍ଶନକୁ ବ୍ରିଟେନ ଦୋହରାଇବାରେ ବିଫଳ ହୋଇଥିଲେ ମଧ୍ୟ ଏଥର ଅତିକମ୍‌ରେ ବ୍ରୋଞ୍ଜ ପଦକ ହାସଲ କରି ପୋଡିୟମ ଫିନିଶ କରିବା ଲକ୍ଷ୍ୟ ରଖିଛି। ପୁଲ୍ ପର୍ଯ୍ୟାୟରେ ବ୍ରିଟେନ ବିପକ୍ଷରେ ଭାରତ ଏକାଧିକ ସୁଯୋଗ ହାତଛଡ଼ା କରିଥିଲା। ଯଦି ସୁଯୋଗ ସଦ୍‌ବ୍ୟବହାର କରିଥାନ୍ତା ଭାରତ ମ୍ୟାଚକୁ ଆହୁରି ରୋମାଞ୍ଚିତ କରିଥାନ୍ତା।

# ଦୀପକ ପୁନିଆ ଅଳ୍ପକେ ବ୍ରୋଞ୍ଜରୁ ବଞ୍ଚିତ

**ଚିବା(ଜାପାନ), ୫।୮:** ଭାରତୀୟ ଯୁବ ରେସଲର ଦୀପକ ପୁନିଆ ଅଳ୍ପକେ ବ୍ରୋଞ୍ଜ ପଦକ ହାସଲ କାରିବାରୁ ବଞ୍ଚିତ ହୋଇଛନ୍ତି। ୮୬ କେ.ଜି. ବର୍ଗ ପ୍ଲେ-ଅଫ୍‌ରେ ୨୨ ବର୍ଷୀୟ ଦୀପକ ବ୍ରୋଞ୍ଜ ପଦକ ବାଉଟରେ ସାନ ମାରିନୋର ମାଇଲ୍ସ ନାଜେମ ଆମିନଙ୍କଠାରୁ ପରାସ୍ତ ହୋଇଛନ୍ତି। ଶେଷ ୧୦ ସେକେଣ୍ଡରେ ସେ ପରାସ୍ତ ହୋଇଥିଲେ। ସମ୍ପୂର୍ଣ୍ଣ ବାଉଟ୍‌ରେ ଦୀପକଙ୍କ ଡିଫେନ୍ସ ଉଚ୍ଚକୋଟୀର ଥିଲା। ଶେଷ ମୁହୂର୍ତ୍ତରେ ନାଜେମ ଦୀପକଙ୍କ ଡାହାଣ ଗୋଡକୁ ଧରିଥିଲେ ଓ ତାହାକୁ ଟେକ୍-ଡାଉନରେ କନଭର୍ଟ କରିଥିଲେ। ଫଳରେ ସେ ଦୁଇ ପଏଣ୍ଟ ହାସଲ କରିନେଇଥିଲେ। ହରିୟାଣାର ଝାଜର ଜିଲାର ଛାରା ଗ୍ରାମରେ ଦୀପକଙ୍କ ବାପା କ୍ଷୀର ବିକ୍ରି କରନ୍ତି।

# ରବିଙ୍କୁ ରୌପ୍ୟ

**ଚିବା(ଜାପାନ),୫।୮:** ଅଲିମ୍ପିକ୍ସ ରେସ୍‌ଲିଂରେ ଭାରତର ରବି କୁମାର ଦହିୟାଙ୍କୁ ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ସେ ଦ୍ୱିତୀୟ ଭାରତୀୟ ରେସ୍‌ଲର ଭାବେ ଅଲିମ୍ପିକ୍ସରେ ରୌପ୍ୟ ପଦକ ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ସୁଶୀଲ କୁମାର ଏହି ସଫଳତା ହାସଲ କରିଥିଲେ। ଗୁରୁବାର ୫୭ କେ.ଜି. ଟାଇଟଲ ବାଉଟ୍‌ରେ ଦହିୟା ବିଶ୍ୱ ଚାମ୍ପିୟନ ରୁଷିଆର ଜାଭୁର ଉଗୁଏଭଙ୍କଠାରୁ ୪-୭ରେ ପରାସ୍ତ ହୋଇ ସ୍ୱର୍ଣ୍ଣ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ଉଭୟ ଖେଳାଳି ସୁନ୍ଦର ଫର୍ମରେ

## ଅଲିମ୍ପିକ୍ସ ରେସ୍‌ଲିଂ

ଥିଲେ। ଉଗୁଏଭ ରୁଷିଆର ଶ୍ରେଷ୍ଠ ରେସ୍‌ଲର ବିବେଚିତ ହେଉଛନ୍ତି। ଏହାପୂର୍ବରୁ ଦହିୟା ୨୦୨୦, ୨୦୨୧ ଏସିଆନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିପରି ୨୦୧୮ରେ ୨୩ ବର୍ଷରୁ କମ୍ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରିଥିଲେ। ୨୦୧୫ରେ ବିଶ୍ୱ ଜୁନିୟର ରେସ୍‌ଲିଂରେ ସେ ରୌପ୍ୟ ଅର୍ଜନ କରିଥିଲେ। ଅନ୍ୟପଟେ ଉଗୁଏଭ ୨୦୧୮ ଓ ୨୦୧୯ ବିଶ୍ୱ ଚାମ୍ପିୟନଶିପ୍‌ରେ ଚାମ୍ପିୟନ ହୋଇଥିଲେ। ସେ ଏ ପର୍ଯ୍ୟନ୍ତ ୧୫ଟି ଅନ୍ତର୍ଜାତୀୟ ଟାଇଟଲ ହାସଲ କରିଛନ୍ତି।

୨୩ ବର୍ଷୀୟ ଦହିୟା ଭାରତର ସର୍ବକନିଷ୍ଠ ଅଲିମ୍ପିକ୍ ଚାମ୍ପିୟନ ହେବେ ବୋଲି ଆଶା କରାଯାଉଥିଲା। ତେବେ ଉଗୁଏଭ ଉନ୍ନତ ପ୍ରଦର୍ଶନ କରି ସହଜରେ ବିଜୟୀ ହୋଇଥିଲେ ଓ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପୂର୍ବରୁ ୨୦୧୯ ବିଶ୍ୱ ଚାମ୍ପିୟନଶିପ୍‌ରେ ମଧ୍ୟ ଉଗୁଏଭଙ୍କଠାରୁ ଦହିୟା ପରାସ୍ତ ହୋଇଥିଲେ। ହରିୟାଣାର ନହରି ଗ୍ରାମରୁ ଆସିଥିବା ଦହିୟା ପ୍ରଥମ ବାଉଟ୍‌ରେ କଲମ୍ବିଆର ଟାଇଗେରୋସ ଉର୍ବାନୋଙ୍କୁ ୧୩-୨ରେ ହରାଇବା ପରେ କ୍ୱାର୍ଟର ଫାଇନାଲରେ ବୁଲଗେରିଆର ଜିଓର୍ଜି ଭାଲେଣ୍ଟିନୋ ଭାନ୍‌ଗେଲୋଭଙ୍କୁ ୧୪-୪ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ସେମିରେ ସେ କାଜାଖସ୍ତାନର ନୁରିସ୍ଲାମ ସାନାୟେଭଙ୍କୁ ୨-୯ରେ ହରାଇ ଫାଇନାଲକୁ ଉଠିଥିଲେ। ସେମିରେ ଦହିୟା ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରିଥିଲେ।

ପୂର୍ବରୁ ଏକମାତ୍ର ଭାରତୀୟ ରେସ୍‌ଲର ଭାବେ ସୁଶୀଲ କୁମାର ଅଲିମ୍ପିକ୍ସ ଫାଇନାଲରେ ପ୍ରବେଶ କରିଥିଲେ। ସୁଶୀଲ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ରୌପ୍ୟ ପଦକ ହାସଲ କରିଥିଲେ। ଯୋଗେଶ୍ୱର ଦତ୍ତ ମଧ୍ୟ ଏହି ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏହା ପୂର୍ବରୁ ସୁଶୀଲ ୨୦୦୮ ବେଜିଂ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏ ପର୍ଯ୍ୟନ୍ତ ଅଲିମ୍ପିକ୍ସ ଇତିହାସରେ ଭାରତ ୬ଟି ପଦକ ହାସଲ କରିଛି। ୧୯୫୨ ହେଲସିଙ୍କି ଅଲିମ୍ପିକ୍ସରେ ଭାରତର କେ.ଡି. ଯାଦବ ବ୍ରୋଞ୍ଜ ପଦକ ଜିତିଥିଲେ। ସାକ୍ଷୀ ମଲିକ ପ୍ରଥମ ଭାରତୀୟ ମହିଳା ଭାବେ ରେସ୍‌ଲିଂରେ ପଦକ ହାସଲ କରିଥିଲେ । ସେ ୨୦୧୬ ରିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ଜିତିଥିଲେ।

# ପ୍ରଥମ ଟେଷ୍ଟ: ରାହୁଲଙ୍କ ଅର୍ଦ୍ଧଶତକ

**ନଟିଂହାମ,୫।୮:** ସ୍ଥାନୀୟ ଟ୍ରେଣ୍ଟ ବ୍ରିଜ୍‌ରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଭାରତ ପ୍ରଥମ ଇନିଂସରେ ଭଲ ଆରମ୍ଭ କରିଥିଲେ ମଧ୍ୟ ଖୁବ୍ କମ୍ ରନ ବ୍ୟବଧାନରେ ଟପ୍ ଅର୍ଡରର ୪ ଉଇକେଟ ହରାଇ ସମସ୍ୟାରେ ପଡିଛି। ଟସ୍ ଜିତି ଇଂଲଣ୍ଡ ପ୍ରଥମ ଇନିଂସରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୬୫.୪ ଓଭରରେ ୧୮୩ ରନ କର ଅଲ୍‌ଆଉଟ ହୋଇଥିଲା। ଜବାବରେ ଭାରତ ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୪୬.୪ ଓଭରରେ ୪ ଉଇକେଟ ହରାଇ ୧୨୫ ରନ ସଂଗ୍ରହ କରିଛି। ଫଳରେ ହାତରେ ୬ ଉଇକେଟ ଥାଇ ଭାରତ ୫୮ ରନ ପଛରେ ରହିଛି। ଓପନର ଲୋକେଶ ରାହୁଲ ୫୭ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୭ ରନକରି ଅପରାଜିତ ରହିଛନ୍ତି। ବର୍ଷା ଯୋଗୁ ତୃତୀୟ ଥର ପାଇଁ ଖେଳ ବାଧାପ୍ରାପ୍ତ ହୋଇଥିଲା। ଏହି କାରଣରୁ ଦ୍ୱିତୀୟ ଦିନରେ ମାତ୍ର ୩୩.୪ ଓଭର ଖେଳ ସମ୍ଭବ ହୋଇଥିଲା।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୧/୦ରୁ ଭାରତ ଖେଳ ଆରମ୍ଭ କରିଥିଲା। ଦୁଇ ଓପନର ରୋହିତ ଶର୍ମା ଓ ରାହୁଲ ପ୍ରଥମ ଉଇକେଟରେ ୯୭ ରନ ସଂଗ୍ରହ କରି ଦଳକୁ ଭଲ ଆରମ୍ଭ ପ୍ରଦାନ କରିଥିଲେ। ତେବେ ଏହାପରେ ଭାରତ ମାତ୍ର ୧୫ ରନରେ ଟପ୍ ଅର୍ଡରର ୪ ମୂଲ୍ୟବାନ ଉଇକେଟ ହରାଇଥିଲା। ରୋହିତ ୩୬ ରନ କରିଥିବା ବେଳେ ଓଲି ରବିନସନଙ୍କ ବଲ୍‌ରେ ସ୍କୋୟାର ଲେଗ୍‌ରେ ସାମ କୁରାନଙ୍କୁ କ୍ୟାଚ ଦେଇ ଆଉଟ ହୋଇଥିଲେ। ଏହାପରେ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ମାତ୍ର ୪ ରନକରିଥିବା ବେଳେ ଜେମ୍ସ ଆଣ୍ଡରସନଙ୍କ ବଲ୍‌ରେ ଉଇକେଟକିପର ଜୋଶ ବଟଲରଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାର ଠିକ ପର ବଲ୍‌ରେ ଅଧିନାୟକ ବିରାଟ କୋହଲି ଖାତା ଖୋଲିବା ପୂର୍ବରୁ ବଟଲରଙ୍କୁ କ୍ୟାଚ୍ ଦେଇ ଆଣ୍ଡରସନଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଆଣ୍ଡରସନ ଷଷ୍ଠଥର ପାଇଁ କୋହଲିଙ୍କୁ ପ୍ୟାଭିଲିୟନ ଫେରାଇଛନ୍ତି। ଗୋଟିଏ ବଲ୍‌ରେ କୋହଲି ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ଉପ-ଅଧିନାୟକ ଅଜିଙ୍କ୍ୟ ରାହାନେ ୫ ରନ କରିଥିବା ବେଳେ ଜନି ବେୟାରଷ୍ଟୋଙ୍କ ଦ୍ୱାରା ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ଆଣ୍ଡରସନ ୨ ଓ ରବିନସନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଏଥିସହ ଆଣ୍ଡରସନ ୬୧୯ଟି ଉଇକେଟ ହାସଲ କରି ଭାରତୀୟ କିମ୍ବଦନ୍ତୀ ସ୍ପିନର ଅନିଲ କୁମ୍ବଲେଙ୍କ ତୃତୀୟ ସର୍ବାଧିକ ଟେଷ୍ଟ ଉଇକେଟ ହାସଲ ରେକର୍ଡର ସମକକ୍ଷ ହୋଇଛନ୍ତି। ଆଣ୍ଡରସନ ପ୍ରଥମ ଦ୍ରୁତ ବୋଲର ଭାବେ ୬୦୦ରୁ ଊର୍ଦ୍ଧ୍ୱ ଉଇକେଟ ହାସଲ କରି ରେକର୍ଡ କରିଛନ୍ତି।

**ସଂକ୍ଷିପ୍ତ ସ୍କୋର:** ଇଂଲଣ୍ଡ ପ୍ରଥମ ଇନିଂସ: ୬୫.୪ ଓଭରରେ ୧୮୩ ଅଲଆଉଟ। ଭାରତ ପ୍ରଥମ ଇନିଂସ: ୪୬.୪ ଓଭରରେ ୧୨୫/୪ (ରାହୁଲ-୫୭*, ପନ୍ତ-୭*, ରୋହିତ-୩୬, ଆଣ୍ଡରସନ-୨/୧୫, ରବିନସନ- ୧/୩୨)।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତ୍ପଥୀ

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୦,୧୩,୬୨,୦୧୨ | ୪୨,୭୫,୭୭୭ | ୧୮,୧୨,୭୩,୦୬୧ |
| ଭାରତ | ୩,୧୮,୫୫,୭୨୫ | ୪,୨୬,୭୮୨ | ୩,୧୦,୦୭,୭୯୫ |
| ଓଡ଼ିଶା | ୯,୮୩,୫୨୩ | ୬୨୩୬(+୫୩) | ୯,୬୫,୩୭୦ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଦୁଗ୍ଧ ଚାଷୀଙ୍କୁ ୧୧ କୋଟି

**ସ୍ୱତନ୍ତ୍ର କୋଭିଡ୍ ସହାୟତା**

- ରାଜ୍ୟ ସରକାର ଗରିବଙ୍କ ସହ ଅଛନ୍ତି : ମୁଖ୍ୟମନ୍ତ୍ରୀ
- ରାଜ୍ୟର ଦୁଗ୍ଧ ଉତ୍ପାଦନ ୨୪ ଲକ୍ଷ ମେଟ୍ରିକ ଟନ୍‌ରେ ପହଞ୍ଚିଛି


ଚାଷୀଙ୍କୁ ସହାୟତା ଘୋଷଣା ଅବସରରେ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ସଚିବ।

**ଭୁବନେଶ୍ୱର,୫।୮(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ରାଜ୍ୟର ଦୁଗ୍ଧ ଚାଷୀମାନଙ୍କୁ ସ୍ୱତନ୍ତ୍ର କୋଭିଡ୍ ସହାୟତା ପ୍ରଦାନ କରିଛନ୍ତି। ଏହାଦ୍ୱାରା ୧ ଲକ୍ଷ ଦୁଗ୍ଧଚାଷୀ ୬୦୦୦ ଟଙ୍କା ପର୍ଯ୍ୟନ୍ତ ସହାୟତା ପାଇଛନ୍ତି। ସମୁଦାୟ ୧୧ କୋଟି ଟଙ୍କାର ସହାୟତା ଦିଆଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ସବୁବେଳେ ଗରିବ ଲୋକଙ୍କ ସାଥିରେ ଅଛନ୍ତି। ସେମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ କାମ କରୁଛନ୍ତି। ଗରିବ ଲୋକଙ୍କ ଉପରେ କୋଭିଡ୍ ମହାମାରୀର ପ୍ରଭାବ କମ୍ କରିବା ପାଇଁ ରାଜ୍ୟ ସରକାର ଛୋଟ ଦୋକାନୀ, ଛୋଟ ଚାଷୀ, ମିଶନ ଶକ୍ତିର ମା'ମାନଙ୍କ ଆକାଉଣ୍ଟରେ ୨୦୦୦ କୋଟିରୁ ଅଧିକ ଟଙ୍କା ଜମା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଛୋଟ ଚାଷୀଙ୍କ ରୋଜଗାରରେ ଗୋପାଳନର ଅବଦାନ ବିଷୟ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହା ସେମାନଙ୍କ ରୋଜଗାର ବଢ଼ାଇବା ସହିତ ଗ୍ରାମ ଅର୍ଥନୀତିକୁ ମଧ୍ୟ ଚଳଚଞ୍ଚଳ କରେ। ମା'ମାନଙ୍କ ରୋଜଗାର ବଢ଼ାଇବା ସହିତ ସାଧାରଣ ଲୋକ ବିଶେଷକରି ପିଲାମାନଙ୍କ ପୁଷ୍ଟି ସାଧନରେ ଦୁଗ୍ଧର ବହୁତ ବଡ ଭୂମିକା ରହିଛି । ତେଣୁ ଦୁଗ୍ଧ ଉତ୍ପାଦନରେ ଅଭିବୃଦ୍ଧି ଆଣି ରାଜ୍ୟର ପୁଷ୍ଟି ସ୍ତରକୁ ଆହୁରି ଉନ୍ନତି କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଦୁଗ୍ଧ ଚାଷୀଙ୍କ ପାଇଁ ରାଜ୍ୟ ସରକାର ଅନେକ ଯୋଜନା କରି ରିହାତି ଯୋଗାଇ ଦେଉଛନ୍ତି। ଚାଷୀମାନେ ଏହି ଯୋଜନାର ଉପଯୋଗ କରି ରାଜ୍ୟର ଦୁଗ୍ଧ ଉତ୍ପାଦନ ଲକ୍ଷ୍ୟ ପୂରଣରେ ସହଯୋଗ କରିବା ପାଇଁ ସେ ଅନୁରୋଧ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଅରୁଣ ସାହୁ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ୫-ଟି ଏବଂ ମୋ ସରକାର ରାଜ୍ୟ ପ୍ରଶାସନର ମୂଳମନ୍ତ୍ର। ଏହାର ପ୍ରୟୋଗ ଦ୍ୱାରା ରାଜ୍ୟ ପ୍ରାଣୀସମ୍ପଦ କ୍ଷେତ୍ରରେ ପରିବର୍ତ୍ତନର ଧାରା ଆସିପାରିଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଓ ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ପ୍ରମୁଖ ସେମାନଙ୍କର ବକ୍ତବ୍ୟରେ ଚାଷୀ କଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ।

କାର୍ଯ୍ୟକ୍ରମରେ ବରଗଡ଼, ନବରଙ୍ଗପୁର ଓ କଟକର ୩ ଜଣ ଚାଷୀ ମୁଖ୍ୟମନ୍ତ୍ରୀଙ୍କ ସହିତ କଥା ହୋଇ ସ୍ୱତନ୍ତ୍ର ସହାୟତା ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ବରଗଡ଼ରୁ ସତ୍ୟବତୀ ସାହୁ, ନବରଙ୍ଗପୁରରୁ ଖୋକନ ବିଶ୍ୱାସ ଓ କଟକରୁ ବିଜୟଲକ୍ଷ୍ମୀ ସ୍ୱାଇଁ ଆଲୋଚନାରେ ଭାଗ ନେଇ କହିଥିଲେ ଯେ ରାଜ୍ୟ ସରକାର ଦୁଗ୍ଧ ଚାଷ ପାଇଁ ଅନେକ ପ୍ରକାର ସହାୟତା ଦେଉଛନ୍ତି । ଗୋଖାଦ୍ୟ, ଔଷଧ, କ୍ୟାଲସିୟମ, ମିନେରାଲ ମିକ୍ସଚର ଆଦି ଅନେକ ସହାୟତା ମିଳୁଛି। ଦୁଗ୍ଧ ଚାଷ ଦ୍ୱାରା ସେମାନଙ୍କ ଆର୍ଥିକ ଉନ୍ନତି ହେବା ସହିତ ସେମାନେ ପିଲାମାନଙ୍କୁ ଉଚ୍ଚଶିକ୍ଷା ଦେଇପାରିଛନ୍ତି ଏବଂ ଘର ଖଣ୍ଡେ ଖଣ୍ଡେ କରିପାରିଛନ୍ତି ବୋଲି କହିଥିଲେ।

ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମତ୍ସ୍ୟ ଓ ପଶୁସମ୍ପଦ ସଚିବ କେ. ରଘୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ।

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, କୃଷି ଉତ୍ପାଦନ କମିଶନର ଆର୍.କେ. ଶର୍ମା ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ ଓମ୍‌ଫେଡ୍ ଜରିଆରେ ରାଜ୍ୟର ୩୭୦୦ ଦୁଗ୍ଧ ଉତ୍ପାଦନ ସମବାୟ ସମିତି ଏବଂ ୨.୬୩ ଲକ୍ଷ ଦୁଗ୍ଧ ଚାଷୀ ଏହା ଜରିଆରେ ଦୁଗ୍ଧ ଉତ୍ପାଦନ କରୁଛନ୍ତି। ଏଥିରେ ୧୨୯୨ଟି ମହିଳା ସମବାୟ ସମିତି ରହିଛି ଏବଂ ୧ ଲକ୍ଷ ୫ ହଜାର ମହିଳା ଚାଷୀ ମଧ୍ୟ ଦୁଗ୍ଧ ଉତ୍ପାଦନରେ ଯୋଗଦାନ ରଖିଛନ୍ତି।

## ତୋଷାଳି ଭବନରେ ଅଗ୍ନିକାଣ୍ଡ

**ଭୁବନେଶ୍ୱର,୫।୮(ବ୍ୟୁରୋ)**

ଖାରବେଳନଗର ଥାନା ଅନ୍ତର୍ଗତ ସତ୍ୟନଗରସ୍ଥିତ ତୋଷାଳି ଭବନରେ ଗୁରୁବାର ଅଗ୍ନିକାଣ୍ଡ ଘଟିଛି। ପୂର୍ବାହ୍ନ ପ୍ରାୟ ୧୧ଟା ୪୫ରେ ଏଠାରେ ଥିବା ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି) କାର୍ଯ୍ୟାଳୟର ଦ୍ୱିତୀୟ ମହଲାର ଏ କୋଠରିରେ ନିଆଁ ଲାଗିଯାଇଥିଲା। ଏହାଦେଖି କର୍ମଚାରୀମାନେ ଭୟରେ ବାହାରକୁ ପଳାଇ ଆସିଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ଅଧଘଣ୍ଟାର ଉଦ୍ୟମ ପରେ ନିଆଁକୁ ଆୟତ୍ତ କରିଥିଲେ। ଫଳରେ ନିଆଁ ବ୍ୟାପି ପାରି ନ ଥିବାବେଳେ ବଡ଼ ଧରଣର କ୍ଷୟକ୍ଷତିକୁ ଏଡ଼ାଇ ଦିଆଯାଇ ପାରିଛି।

# ଅଗଷ୍ଟ ୧୬ରୁ ଖୋଲିବ ୯ମ ଶ୍ରେଣୀ

**ଅଭିଭାବକଙ୍କ ଅନୁମତି ଆଣିବା ବାଧ୍ୟତାମୂଳକ**

**ଭୁବନେଶ୍ୱର,୫।୮(ବ୍ୟୁରୋ)**

ଆସନ୍ତା ୧୬ ତାରିଖରୁ ନବମ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲିବ। ଗୁରୁବାର ଏ ନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଅଗଷ୍ଟ ୧୬ରୁ ସରକାରୀ, ସରକାରୀ ସହାୟତା ଏବଂ ବେସରକାରୀ ଶିକ୍ଷାନୁଷ୍ଠାନରେ ୯ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ପାଠପଢ଼ା ଆରମ୍ଭ ହେବ ବୋଲି ବିଭାଗ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତିରେ କୁହାଯାଇଛି । ଉଭୟ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ୯ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଅଫ୍‌ଲାଇନ ପାଠପଢ଼ା ଆରମ୍ଭ ହେବ। କରୋନା କଟକଣା ମଧ୍ୟରେ ସ୍କୁଲ ଖୋଲିବା ସହ ରବିବାର ଓ ଛୁଟିଦିନକୁ ଛାଡ଼ି ଅନ୍ୟ ଦିନ ସକାଳ ୯ରୁ ଅପରାହ୍ନ ୧୨ଟା ୩୦ ପର୍ଯ୍ୟନ୍ତ ପାଠପଢ଼ା ହେବ। ସ୍କୁଲରେ ପାଠପଢା ହେଲେ ମଧ୍ୟ ଅନ୍‌ଲାଇନ ଜରିଆରେ ପଢ଼ା ଜାରି ରହିବ। ତେବେ ପିଲାମାନେ ସ୍କୁଲକୁ ଆସିବା ପୂର୍ବରୁ ମାତାପିତାଙ୍କ ଅନୁମତି ନେବାକୁ କୁହାଯାଇଛି। ସ୍କୁଲରେ ଉପସ୍ଥାନ ଛାତ୍ରୀଛାତ୍ରଙ୍କ ପାଇଁ ବାଧ୍ୟତାମୂଳକ ନୁହେଁ। ବିଭାଗ ଦ୍ୱାରା ଜୁଲାଇ ୧୭ରେ ଜାରି କରାଯାଇଥିବା ଗାଇଡ୍‌ଲାଇନକୁ କଡ଼ାକଡ଼ି ଭାବେ ପାଳନ କରିବାକୁ କୁହାଯାଇଛି। ଏଥିସହିତ ନବମ ଶ୍ରେଣୀ ପିଲାଙ୍କ ଛାତ୍ରାବାସ ମଧ୍ୟ ଅଗଷ୍ଟ ୧୭ ତାରିଖରୁ ଖୋଲିବ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି କରାଯାଇଥିବା କୋଭିଡ୍ ଗାଇଡ୍‌ଲାଇନକୁ କଡ଼ାକଡ଼ି ଭାବେ ଅନୁସରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ଜୁଲାଇ ୨୬ରୁ ଦଶମ ଓ ଯୁକ୍ତ୨ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲାଯାଇ ଶିକ୍ଷାଦାନ କରାଯାଉଛି। ପରିସ୍ଥିତିକୁ ଦେଖି ପର୍ଯ୍ୟାୟ କ୍ରମେ ଅନ୍ୟ ଶ୍ରେଣୀଗୁଡ଼ିକ ଖୋଲିବା ନେଇ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି।

# ପାରଳାଖେମୁଣ୍ଡି ଫେରିଲା ତଦନ୍ତକାରୀ ଟିମ୍

**ଏସିଏଫ୍ ମୃତ୍ୟୁ ଘଟଣା**



**ପାରଳାଖେମୁଣ୍ଡି, ୫।୮(ଡି.ଏନ.ଏ.)**

ଗଜପତି ଜିଲା ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାର ୨୫ ଦିନ ପରେ ବି ପୋଲିସର ହାତ ଖାଲି। ମାମଲାର ତଦନ୍ତକାରୀ ଟିମ୍ ସୌମ୍ୟଙ୍କ ସ୍ତ୍ରୀ ବିଦ୍ୟାଭାରତୀଙ୍କୁ ତାଙ୍କ ମୟୂରଭଞ୍ଜ ଜିଲା କପ୍ତିପଦାସ୍ଥିତ ବାପଘରେ ଦ୍ୱିତୀୟ ଥର ଜେରା କରି ଗୁରୁବାର ପାରଳାଖେମୁଣ୍ଡି ଫେରିଛି। ଟିମ୍ ଏହା ପୂର୍ବରୁ ବାଲେଶ୍ୱର ଜିଲା ଖଇରାକୁ ଯାଇ ସୌମ୍ୟଙ୍କ ପରିବାର ଲୋକଙ୍କୁ ପଚରାଉଚରା କରିଥିବା ଥିବା ବେଳେ ବିଦ୍ୟାଭାରତୀ ପଢୁଥିବା ବଲାଙ୍ଗୀର ଜିଲାକୁ ମଧ୍ୟ ଯାଇଥିଲା। ପୋଲିସ ତଦନ୍ତ ପାଇଁ ଜିଲାରୁ ଜିଲାକୁ ବୁଲି ଦିନ ଗଡ଼ାଉଥିଲେ ମଧ୍ୟ ସୌମ୍ୟଙ୍କ ପୋଡ଼ି ହେବା ଘଟଣାର ଖିଅ ଖୋଜି ପାଉନି। ଜେରା ପରେ ସୁରାକ ପାଇଛୁ, ତଦନ୍ତ ଆଗକୁ ଯିବ। ଆଉ ଅନ୍ୟ ସବୁ ତଦନ୍ତ କରାଯାଉଛି ବୋଲି ତଦନ୍ତକାରୀ ଅଧିକାରୀ ତଥା ପାରଳାଖେମୁଣ୍ଡି ଥାନା ଆଇଆଇସି ବିବେକାନନ୍ଦ ସ୍ୱାଇଁ କହିଛନ୍ତି। ପୋଲିସ ଆଉ କେଉଁ ଦିଗକୁ ତଦନ୍ତ ବାକି ରଖିଛି ତାହା ବି ଦ୍ୱନ୍ଦ୍ୱରେ। କେଉଁ ପରିସ୍ଥିତିରେ ସୌମ୍ୟଙ୍କ ଶରୀରର ୯୫ ଭାଗ ପୋଡିଗଲା, ପାଖରେ ଥାଇ ବି ସ୍ତ୍ରୀ ବିଦ୍ୟାଭାରତୀ କିପରି ନିଆଁ ଲିଭାଇବାରେ ସକ୍ଷମ ହୋଇପାରି ନ ଥିଲେ ଏବେ ବି ତାହା ଉପରୁ ପରଦା ହଟିନି। ଅନ୍ୟପକ୍ଷରେ ସୌମ୍ୟ ଓ ବିଦ୍ୟାଭାରତୀଙ୍କ ଗୋଟିଏ ପରେ ଗୋଟିଏ ହାତଲେଖାରୁ ସେମାନଙ୍କ ମଧ୍ୟରେ ତିକ୍ତତା ଲାଗି ରହିଥିବା ସ୍ପଷ୍ଟ ହୋଇଛି। ଇତିମଧ୍ୟରେ ଗଜପତି ଏସ୍‌ପି ତପନ କୁମାର ପଟ୍ଟନାୟକ ଅବସର ଗ୍ରହଣ କରିସାରିଛନ୍ତି। ନୂତନ ଏସ୍‌ପି ଦାୟିତ୍ୱ ନେବା ପରେ ତଦନ୍ତ କେତେ ସ୍ପଷ୍ଟ ହେବ ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ନବୀନ ନିବାସ ଘେରିବ ଛାତ୍ର କଂଗ୍ରେସ

**ଷ୍ଟାଫ୍ ସିଲେକ୍ସନ କମିଶନ ଦୁର୍ନୀତି ପ୍ରସଙ୍ଗ**

**ଭୁବନେଶ୍ୱର, ୫।୮(ବ୍ୟୁରୋ)**

ଷ୍ଟାଫ୍ ସିଲେକ୍ସନ କମିଶନ ଦୁର୍ନୀତି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି କଂଗ୍ରେସ। ଏଭଳି ମହାଦୁର୍ନୀତି ବିରୋଧରେ ଛାତ୍ର କଂଗ୍ରେସ ପକ୍ଷରୁ ୩୩ ସାଙ୍ଗଠନିକ ଜିଲାରେ ଆନ୍ଦୋଳନ କରାଯିବ। ଏଥିସହ ନବୀନ ନିବାସ ଘେରାଉ କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି।

କଂଗ୍ରେସ ଭବନ ପରିସରରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ମୁଖପାତ୍ର ଦେବାଶିଷ ପଟ୍ଟନାୟକ କହିଛନ୍ତି, ଶାସନ ବ୍ୟବସ୍ଥାକୁ ଦୁର୍ନୀତି ମୁକ୍ତ କରିବାକୁ '୫-ଟି' ବିଭାଗ ସୃଷ୍ଟି ହୋଇଛି। ଟିମ୍‌ୱାର୍କ, ଟ୍ରାନସ୍‌ପରେନ୍ସି, ଟ୍ରାନସ୍‌ଫରମେଶନ, ଟେକ୍ନୋଲୋଜି, ଟାଇମ୍ ଲିମିଟ୍‌କୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବାର ଡିଣ୍ଡିମ ପିଟୁଛନ୍ତି। ହେଲେ ରାଜ୍ୟ ସରକାରଙ୍କ ଷ୍ଟାଫ୍ ସିଲେକ୍ସନ କମିଶନ ସଚିବଙ୍କ ଜଣେ ବ୍ୟକ୍ତିଗତ ସହାୟକଙ୍କ ଘରୁ କୋଟି କୋଟି ଟଙ୍କାର ସମ୍ପତ୍ତି ଜବତ ହେବା ପରେ ଦୁର୍ନୀତିର ଚେର କେତେ ଗଭୀରକୁ ଲମ୍ବିଛି, ତାହା ସ୍ପଷ୍ଟ ହୋଇସାରିଛି। ଅଭିଯୁକ୍ତ ବ୍ୟକ୍ତିଗତ ସହାୟକ ଜଣକ ଦୀର୍ଘ ୨୦ ବର୍ଷ ଧରି ଶିକ୍ଷିତ ଯୁବତୀଯୁବକଙ୍କ ଭାଗ୍ୟ ସହ ଖେଳୁଥିଲେ। ଚାକିରି ବିକ୍ରି ଅର୍ଥକୁ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ବଣ୍ଟନ କରାଯାଉଥିଲା। ଆଗାମୀ ଦିନରେ ଏଭଳି ଦୁର୍ନୀତିର ଜବାବ ଜନସାଧାରଣ ଦେବେ ବୋଲି ଦେବାଶିଷ କହିଛନ୍ତି। ଏହାର ପ୍ରତିବାଦରେ ୩୩ ସାଙ୍ଗଠନିକ ଜିଲାରେ ଛାତ୍ର କଂଗ୍ରେସ ଆନ୍ଦୋଳନ କରିବ। ନବୀନ ନିବାସ ମଧ୍ୟ ଘେରାଉ କରାଯିବ ବୋଲି ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଚେତାବନୀ ଦେଇଛନ୍ତି।







ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୬ ଅଗଷ୍ଟ, ୨୦୨୧

## ୪୦ କିଲୋଗ୍ରାମ ଗଞ୍ଜେଇ ଜବତ,୩ ଗିରଫ

ବାଉଁଶୁଣୀ,(ଡି.ଏନ.ଏ.): ବୌଦ୍ଧ ଜିଲା ମନମୁଣ୍ଡା ଥାନା ପୋଲିସ ଡିମିରିମୁଣ୍ଡା ଗ୍ରାମ ରାସ୍ତାରେ ବୁଧବାର ରାତିରେ କାର୍ ଯୋଗେ ଚାଲାଣ ହେଉଥିବା ବେଳେ ୪୦ କିଲୋଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବରଗଡ ଜିଲା ପଦ୍ମପୁର ଅଞ୍ଚଳର ନେପାଳ ମେହେର(୩୦), ଅତାବିରା ଅଞ୍ଚଳର ମହାଦେବ ଠଟୁଆ (୩୭) ଓ ଛତିଶଗଡ ରାଜ୍ୟ ପଲାରୀ ଥାନା ଅଞ୍ଚଳର ହୀରା ଦାସ (୨୦)। କାର୍ ନଂ ଓଡି ୦୨ ଡି ୬୩୯୬କୁ ଜବତ କରାଯାଇଥିବା ଥାନା ଅଧିକାରୀ ଗୋପୀନାଥ ପ୍ରଧାନ କହିଛନ୍ତି। ଏସଆଇ ସସ୍ମିତା ମଗରଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା।



**ସଂକ୍ଷେପରେ**

## ରାସ୍ତା ମରାମତି ନ ହେଲେ ଭୋଟ ବର୍ଜନ

ବାଉଁଶୁଣୀ, ୫।୮(ଡି.ଏନ.ଏ.): ବୌଦ୍ଧ ବ୍ଲକ ବାଉଁଶୁଣୀ ପଞ୍ଚାୟତ ଟିକିରାପଡା ୭/୮ ୱାର୍ଡ଼ର ଲୋକେ ଯେଉଁ ରାସ୍ତା ଉପରେ ନିର୍ଭର କରିଥାନ୍ତି ସେହି ରାସ୍ତା ବେହାଲ ହୋଇ ପଡ଼ିରହିଛି। ଏହି ଗ୍ରାମରେ ୩୦୦୦ ଲୋକ ବସବାସ କରନ୍ତି। ଆଜକୁ ୫ବର୍ଷ ହେବ ଏହି ରାସ୍ତା ଏମିତି ଖରାପ ହୋଇ ପଡ଼ିରହିଛି। ଜିଲା ପ୍ରଶାସନଠାରେ ଗ୍ରାମବାସୀ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ। ପଞ୍ଚାୟତ ନିର୍ବାଚନ ଆସିଲେ ଏହି ଗ୍ରାମ ଉପରେ ପ୍ରତିନିଧିମାନେ ମୁଖ୍ୟତଃ ନିର୍ଭର କରିଥାନ୍ତି। କାରଣ ଏହି ଗ୍ରାମରେ ଅଧିକ ଭୋଟର ଅଛନ୍ତି । ବୌଦ୍ଧ ଜିଲାର ବାଉଁଶୁଣୀ ପଞ୍ଚାୟତରେ ରାସ୍ତା ପରି ଅନେକ ସମସ୍ୟା ଲାଗିରହିଛି। ଏହି ରାସ୍ତା ଦେଇ ଗ୍ରାମବାସୀ ଚାଷ କାର୍ଯ୍ୟ ପାଇଁ ନିଜ ଚାଷ ଜମିକୁ ଯାଇଥାନ୍ତି। ହେଲେ ରାସ୍ତା କାଦୁଅ ଯୋଗୁ ଯାତାୟାତ କରିବା ବହୁ କଷ୍ଟକର ହୋଇପଡିଛି। ତୁରନ୍ତ ଜିଲା ପ୍ରଶାସନ ଏହି ରାସ୍ତା ଉପରେ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନଚେତ ଆଗାମୀ ଦିନରେ ଥିବା ପଞ୍ଚାୟତ ନିର୍ବାଚନରେ ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି କହିଛନ୍ତି।

## କଫ୍ ସିରପ୍ ଜବତ: ଜଣେ ଗିରଫ

ବୌଦ୍ଧ, ୫।୮(ସ୍ୱ.ପ୍ର.): ବୌଦ୍ଧ ଜିଲା ପୁରୁଣାକଟକ ପୋଲିସ କଫ ସିରଫ ଚାଲାଣ ଅଭିଯୋଗରେ ଶ୍ୱେତମ୍ବର ବାଘ(୩୦)ଙ୍କୁ ଗିରଫ କରିଛି । ଏହାଛଡା ବହୁ ପରିମାଣର କଫ ସିରଫ ଓ ଏକ ସ୍କର୍ପିଓ ଗାଡି ଜବତ ହୋଇଛି। ବୁଧବାର ରାତିରେ ପୁରୁଣାକଟକ ପୋଲିସ ପକ୍ଷରୁ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଉପରେ ପାଟ୍ରୋଲିଂ ବେଳେ ପୋଲିସ କଟକରୁ ନୂଆପଡା ଜିଲାର ସିନାପାଲି ଅଞ୍ଚଳକୁ ଯାଉଥିବା ସ୍କର୍ପିଓ (ଓଆର-୫ଏନ- ୩୩୩୩-)କୁ ଯାଞ୍ଚ କରିବାରୁ ୧୬ ଗୋଟି ପେଟିରେ ୨୫୬୦ ଗୋଟି କଫ ସିରପ ବୋତଲ ଥିବା ଦେଖିବାକୁ ମିଳିଥିଲା। ପୋଲିସ ସମସ୍ତ କଫ ସିରପ ଓ ଗାଡିକୁ ଜବତ କରିଛି । ଏହି ଘଟଣାରେ ନୂଆପଡା ଜିଲା ସିନାପାଲି ଥାନା ଗଡରମାଲର ଶ୍ୱେତମ୍ବର ବାଘ(୩୦)ଙ୍କୁ ଗିରଫ କରାଯାଇ ଗୁରୁବାର କୋର୍ଟ ଚାଲାଣ କରାଯାଇଛି ।

## ବାଲି ଚୋରାଚାଲାଣ, ୬୭ ହଜାର ଜରିମାନା ଆଦାୟ

ସୋନପୁର,୫।୮(ନି.ପ୍ର.): ସୋନପୁର ତହସିଲ ପକ୍ଷରୁ ଗୁରୁବାର ଲଘୁ ଖଣିଜ ପଦାର୍ଥ ଚୋରା ଚାଲାଣକୁ ନେଇ ଧରପଗଡ ହୋଇଥିଲା । ତେଲ ନଦୀର ସୋନପୁର-ମନମୁଣ୍ଡା ବ୍ରିଜ୍ ତଳୁ ବାଲି ଚୋରାଚାଲାଣ କରୁଥିବା ୪ଟି ଟ୍ରାକ୍ଟର ଓ ବାଲି ଚୋରାଚାଲାଣ କରୁଥିବା ଏକ ହାଇୱାକୁ ଜବତ କରାଯାଇ ୬୭ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିଲା। ତହସିଲଦାର ନବୀନ କିଶୋର ପାଢୀ, ଅତିରିକ୍ତ ତହସିଲଦାର ପ୍ରମୋଦ କୁମାର ମେହେର ଓ ରାଜସ୍ୱ ନିରୀକ୍ଷକ ସୁଧୀର କୁମାର ପାଣ୍ଡିଆ ଏହି ଚଢାଉ କରିଥିଲେ ।

## ଭିନ୍ନକ୍ଷମ ଚିହ୍ନଟ ପାଇଁ ଅଙ୍ଗନୱାଡି କର୍ମୀଙ୍କୁ ପ୍ରଶିକ୍ଷଣ

ଅମରପାଲି,୫।୮(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭା ଗୃହରେ ବୁଧବାର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗାଁରେ ଥିବା ୦ ରୁ ୬ ବର୍ଷ ମଧରେ ଥିବା ଭିନ୍ନକ୍ଷମ ଚିହ୍ନଟ କରିବା ପାଇଁ ଅଙ୍ଗନୱାଡି କର୍ମୀ ଓ ସୁପରଭାଇଜରଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ବୀରମହାରାଜପୁର ବିଡିଓ ମୋତିଲାଲ ସୁଲିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ତାଲିମ ଶିବିରରେ ବ୍ଲକର ବହଳପଦର ଓ କେଞ୍ଜିରିଆପାଲି ଗ୍ରାମ ପଞ୍ଚାୟତର ୨୯ ଜଣ ଅଙ୍ଗନୱାଡି କର୍ମୀ ଓ ସୁପରଭାଇଜର ଅଂଶ ଗ୍ରହଣ କରି ତାଲିମ ନେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କ୍ଷୀରୋଦ ଭୂଷଣ ରାୟ ଓ ବିଆରପି ଦିଲୀପ ପଧାନ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ଶିବିରରେ ୦-୬ ବର୍ଷର ଭିନ୍ନକ୍ଷମ ଶିଶୁମାନଙ୍କୁ କିପରି ଚିହ୍ନଟ କରାଯିବ ତାହା ଉପରେ ତାଲିମ ଦିଆଯିବା ସହିତ ୨୧ ପ୍ରକାର ଭିନ୍ନକ୍ଷମ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ସେହିପରି ସୁବଲୟା କଲ୍ୟାଣ ମଣ୍ଡପରେ ଜଟେସିଂହା ଓ ସୁବଲୟା ସେକ୍ଟରର ୫୦ ଜଣ ଅଙ୍ଗନୱାଡି କର୍ମୀଙ୍କୁ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ସୁବଲୟାରେ ସଙ୍ଗୀତା ମହାପାତ୍ର ଓ ସୌମ୍ୟସୀମା ସାହୁ ପ୍ରଶିକ୍ଷକ ଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ ।

# ଇଟାଭାଟିରେ ବନ୍ଧା ନାବାଳକ ଦାଦନ

ନୂଆପଡ଼ା ଅଫିସ,୫।୮

ନୂଆପଡା ଜିଲା କୋମନା ବ୍ଲକ ଲଖନା ପଞ୍ଚାୟାତ ଡେଡେଙ୍ଗା ଗାଁର ବଲ୍ଲଭ ଦୀପ (୧୪) ହାଇଦ୍ରାବାଦକୁ ଇଟା ଗଢିବା ପାଇଁ ଯାଇ ଆଉ ଘରକୁ ଫେରି ନାହାନ୍ତି। ଇଟାଭାଟି ମାଲିକ ତାଙ୍କୁ ବନ୍ଧକ ରଖିଥିବା ଜଣାପଡ଼ିଛି। ସେଠାରୁ ତାଙ୍କୁ ଉଦ୍ଧାର ପାଇଁ ଗୁରୁବାର ଗରିବ ସେନା ସଭାପତି ରବି ମଙ୍ଗରାଜଙ୍କ ନେତୃତ୍ୱରେ ନୂଆପଡା ଜିଲାପାଳ ସ୍ୱାଧାଦେବ ସିଂଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଉନୁପସ୍ଥିତିରେ ଉପଜିଲାପାଳ ତରଣୀସେନ ନାଏକ ଦାବିପତ୍ର ଗ୍ରହଣ କରିଛନ୍ତି। ଜିଲାରେ କାମଧନ୍ଦା ଅଭାବ ଯୋଗୁ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଇ ନିର୍ଯାତନାର ଶିକାର ହେଉଥିବା ଅଭିଯୋଗ ହେଉଛି। ବଲ୍ଲଭ ଲକ୍‌ଡାଉନ ପୂର୍ବରୁ ଗତ ଫେବୃୟାରୀରେ ତାଙ୍କ ବଡ ଭଉଣୀ ଜ୍ୟାମିନି ହରିଜନ ଓ ଭିଣେଇ ଜଗା ହରିଜନଙ୍କ ସହ ସହିତ ହାଇଦ୍ରାବାଦର ନାଲଗୋଣ୍ଡା ଜିଲା ଚେର୍ଲାପେଲି ଗାଁକୁ ଇଟା ତିଆରି କାମ କରିବାକୁ ସ୍ଥାନୀୟ ଶ୍ରମିକ ଦଲାଲ ନେଇଥିଲେ। ସେଠାରେ ଇଟାଭାଟି ମାଲିକ ନିର୍ଯାତନା ଦେବାରୁ ଭଉଣୀ ଓ ଭିଣେଇ ଲୁଚି ଚାଲି ଆସିଥିଲେ। ହେଲେ ବଲ୍ଲଭ ଆସି ପାରି ନ ଥିବାରୁ



ଉପ ଜିଲାପାଳ ଦାବିପତ୍ର ଗ୍ରହଣ କରୁଛନ୍ତି।

**ଉଦ୍ଧାର ପାଇଁ ଜିଲାପାଳଙ୍କୁ ଦାବିପତ୍ର**

ମାଲିକ ତାଙ୍କୁ ବନ୍ଧକ ରଖି ୨ ଲକ୍ଷ ଟଙ୍କା ଦେଲେ ଛାଡିବି ବୋଲି କହୁଛନ୍ତି। ଗୁରୁବାର ବଲ୍ଲଭଙ୍କୁ ଶୀଘ୍ର ଉଦ୍ଧାର କରିବା ସହ ସ୍ଥାନୀୟ ଶ୍ରମିକ ସର୍ଦ୍ଦାର ଶୁକ୍ଲିମୁଣ୍ଡି ଗାଁର ଶବିର ମହମ୍ମଦ ଓ ଇଟାଭାଟି ମାଲିକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ଗରିବସେନା ସଭାପତି ମଙ୍ଗରାଜ ସହିତ ମାନବ ଅଧିକାର ମନିଟର ଦେବେନ୍ଦ୍ର ବାଗ, ପୂର୍ବତନ ସରପଞ୍ଚ ବିଦ୍ୟାଧର ଶବର, ମହେନ୍ଦ୍ର ପଟେଲ, ଭୂଷଣ ଶଗରୀଆ ପ୍ରମୁଖ ବଲ୍ଲଭଙ୍କ ଘରକୁ ଯାଇ ସାକ୍ଷାତ କରିଛନ୍ତି।

# ବ୍ଲକ ଶିକ୍ଷା ଅଧିକାରୀଙ୍କ ଜରିଆରେ ଜିଲାପାଳଙ୍କୁ ଦାବିପତ୍ର



ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ଦିଆଯାଉଛି।

ନୂଆପଡ଼ା ଅଫିସ,୫।୮

ଆମେ ନିରୁପାୟ। ଆମକୁ ବଞ୍ଚିବା ପାଇଁ ସହାୟକ ହୁଅ, ନ ହେଲେ ମା'ପୁଅ ଭାସିଯିବୁ। ଏଭଳି କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି କରୋନାରେ ସ୍ୱାମୀଙ୍କୁ ହରାଇଥିବା ଜଣେ ବିଧବା ମହିଳା। ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଦବଡା ଉଚ୍ଚ ପ୍ରକଳ୍ପ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ଶିକ୍ଷକ ସରକାରଙ୍କ କୋଭିଡ୍-୧୯ କାର୍ଯ୍ୟରେ ନୂଆ ମାଲପଡା ପୋର୍ଟିପଡା ଅସ୍ଥାୟୀ କେନ୍ଦ୍ରରେ ନିୟୋଜିତ ହୋଇଥିଲେ। ନିଜେ କରୋନା ସଂକ୍ରମଣ ହୋଇ ଗୁରୁତର ଅବସ୍ଥାରେ ଛତିଶଗଡ ରାଜ୍ୟ ରାୟପୁର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ହେଲେ ରହିଗଲେ ଅନାଥ ନାବାଳକ ଅନିରୁଧ ଓ ସ୍ତ୍ରୀ ନିଳେନ୍ଦ୍ର। ଏମାନେ ଏବେ ବଞ୍ଚିବାର ରାହା ଖୋଜୁଛନ୍ତି। ସ୍ୱାମୀଙ୍କ ମୃତ୍ୟୁକାଳିନ ପେନସନ ଓ ଉତ୍ତରାଧିକାରୀ ଭାବେ ପୁଅକୁ ଯୋଗ୍ୟ ବୟସରେ ଚାକିରୀ ଓ କରୋନା ସହାୟତା ରାଶି ପ୍ରଦାନ କରିବାକୁ ନିବେଦନ କରିଛନ୍ତି। ସିନାପାଲି ବ୍ଲକ ଶିକ୍ଷା ଅଧିକାରୀ ଚୈତନ୍ୟ ହୋତାଙ୍କ ଜରିଆରେ ନୂଆପଡା ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହା ଉପରେ ତଦନ୍ତ କରି ସରକାରଙ୍କ ପକ୍ଷରୁ ସୁବିଧା ପାଇବା ଯୋଗ୍ୟ ତାହା ପାଇବେ ବୋଲି ଶିକ୍ଷା ଅଧିକାରୀ ପ୍ରକାଶ କରିଛନ୍ତି।

# ମାଝିମୁଣ୍ଡା ଗ୍ରାମରେ ଫାଙ୍କା ଗୁଳିଚାଳନା

ଡୁଙ୍ଗୁରିପାଲି,୫।୮(ଡି.ଏନ.ଏ.)

ଗୁରୁବାର ଅପରାହ୍ନ ସାଢ଼େ ୧୨ଟା ସମୟରେ ୩ ଜଣ ଅଚିହ୍ନା ଯୁବକ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ମାଝିମୁଣ୍ଡା ଗ୍ରାମକୁ ଯାଇ ଗ୍ରାମର ବବୁଲୁ ବାରିକ (୨୨) ଓ ତାଙ୍କର ଦୁଇ ଜଣ ସାଙ୍ଗକୁ ବନ୍ଧୁକ ଦେଖାଇ ଭୟଭୀତ କରି ଫେରାର ହୋଇ ଯାଇଛନ୍ତି । ସେମାନେ ଗଲାବେଳେ ଫାଙ୍କା ଗୁଳିଚାଳନା କରିଥିବା ଜଣାଯାଇଛି । ବବୁଲ ଏନେଇ ଡୁଙ୍ଗୁରିପାଲି ଥାନାରେ ଅଭିଯୋଗ କରିବା ପରେ ଥାନାଧିକାରୀ ଭାନୁଶଙ୍କର ଯାଦବ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ସନ୍ଧ୍ୟାରେ ସୁବର୍ଣ୍ଣପୁର ଏସଡିପିଓ ପୁଷ୍ପାଞ୍ଜଳି ନିଙ୍ଗି ମାଝିମୁଣ୍ଡା ଗାଁର ଲୋକଙ୍କୁ ପଚରାଉଚୁରା କରିଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଗାଁରେ ପୋଲିସ ମୁତୟନ କରାଯାଇଛି। ଏହି ଘଟଣା ପରେ ଗାଁରେ ଭୟର ବାତାବରଣ ଖେଳିଯାଇଛି।

ପ୍ରକାଶ ଯେ, ସମ୍ପୃକ୍ତ ଯୁବକମାନେ ଗାଁର ଜଗନ୍ନାଥ ମନ୍ଦିର ସମ୍ମୁଖରେ ବବୁଲୁଙ୍କୁ ଡାକି ପାଟିତୁଣ୍ଡ କରି ଧମକ ଚମକ ଦେଉଥିବା ବେଳେ ଆଖପାଖ ଲୋକଙ୍କ ଭିଡ ଜମି ଯାଇଥିଲା। ଏହି ସମୟରେ ତାଙ୍କର ଦୁଇ ଜଣ ସାଙ୍ଗ କାହିଁକି ପାଟିତୁଣ୍ଡ କରୁଛ ବୋଲି କହିବାରୁ ୩ ଜଣ ଯୁବକ ବନ୍ଧୁକ ଦେଖାଇ ଥିଲେ। ଫଳରେ ସେଠାରେ ଥିବା ଲୋକେ ଭୟଭୀତ ହୋଇ ପଳାଇ ଯାଇଥିଲେ। ପରେ ୩ ଜଣ ଯୁବକ ଫାଙ୍କା ଗୁଳିଚାଳନା କରି ଗାଁରୁ ଫେରାର ହୋଇ ଯାଇଥିଲେ। ଏନେଇ ଡୁଙ୍ଗୁରିପାଲି ଥାନାରେ ନମ୍ବର ୧୭୪/୨୧ରେ ମାମଲା ରୁଜୁ ହୋଇଛି। ତଦନ୍ତ ଜାରି ରହିଥିବା ଏସଡିପିଓ ନିଙ୍ଗି ପ୍ରକାଶ କରିଛନ୍ତି । ବବୁଲୁଙ୍କୁ ଧମକ ଦେବା ନେଇ ଅଧିକ ତଥ୍ୟ ହସ୍ତଗତ ହୋଇନାହିଁ।



ଗାଁରେ ପୋଲିସ ମୁତୟନ କରାଯାଇଛି ।

## ବୋଲେରୋ-ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ

ନୂଆପଡ଼ା ଅଫିସ,୫।୮

ନୂଆପଡା ଜିଲା ଜୋଙ୍କ ଥାନା ପରକୋଡ ଛକଠାରେ ବୋଲେରୋ ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ପ୍ରାପ୍ତସୂଚନା ଅନୁସାରେ ଜୋଙ୍କ ଥାନା ପରକୋଡ ଗାଁର କହ୍ନେୟା ପାଣ୍ଡେ (୪୫) ଓ ଜିଗ୍ନେସ ବାଗ (୩୬) ଏକ ବାଇକ୍ (ନଂ. ସିଜି-୧୩ଏଫ ୨୬୦୬)ରେ ଯାଉଥିବା ବେଳେ ପରକୋଡ ଛକଠାରେ ଏକ ବୋଲେରୋ (ନଂ. ଓଡି ୨୬ଇ-୧୬୮୬) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ୨ ଜଣ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ନୂଆପଡା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଉଥିବା ବେଳେ ରାସ୍ତାରେ କେହ୍ନୟାଙ୍କ ମୃତ୍ୟୁ ଘଟିଥିଲା। ଜିଗ୍ନେସଙ୍କୁ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଜୋଙ୍କ ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ବୋଲେରୋ ଓ ବାଇକ୍ ଜବତ କରି ଘଟଣାର ତଦନ୍ତ ଚଳାଇଥିବା ଜୋଙ୍କ ଆଇଆଇସି ଅନିରୁଧ ମୁଦୁଲି ସୂଚନା ଦେଇଛନ୍ତି ।

# ବିଜୁ ଛାତ୍ର ଜନତା ଦଳର ସାଙ୍ଗଠନିକ ବୈଠକ




ବୈଠକରେ ମଞ୍ଚାସୀନ ଛାତ୍ର ନେତା ଓ ଦଳୀୟ ନେତୃବୃନ୍ଦ ।

ସୋନପୁର,୫।୮(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଜିଲାସ୍ତରୀୟ ସାଙ୍ଗଠନିକ ବୈଠକ ଯାତ୍ରୀ ନିବାସ ଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଛାତ୍ର ସଂଗଠନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ଏଥିରେ ଜିଲା ସଭାପତି ସରୋଜ କମ୍ପ, ଉପସଭାପତି ରମେଶ ପୂଜାରୀ, କଇରୁ ସ୍ୱାଇଁ, ଯୁବ ବିଜେଡି ସଭାପତି ଅଶୋକ ନନ୍ଦ, ଡୁଙ୍ଗୁରିପାଲି ବ୍ଲକ ଅଧକ୍ଷ ମକରଧ୍ୱଜ ସାହୁ, ରଞ୍ଜିତ ରଥ, ଜନ୍ମେଜୟ ପାତ୍ର ଯୋଗଦେଇ ତୃଣମୂଳ ସ୍ତରରେ ଛାତ୍ର ସଂଗଠନକୁ ଅଧିକ କ୍ରିୟାଶୀଳ ତଥା ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ । ବିଜୁ ଛାତ୍ର ଜନତା ଦଳର ଜିଲା ପର୍ଯ୍ୟବେକ୍ଷକ ଆଶିଷ ମହାପାତ୍ର ତାଙ୍କ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର କାର୍ଯ୍ୟକୁ ଲୋକଙ୍କ ପାଖରେ ପହଞ୍ଚାଇ ସେମାନଙ୍କ ସୁଖଦୁଃଖରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ । ବିଜୁ ଛାତ୍ର ଜନତା ଦଳର ସୁବର୍ଣ୍ଣପୁର ଜିଲା ସଭାପତି ଶାଶ୍ୱତ କୁମାର ମିଶ୍ର, ପୀୟୁଷ ପଣ୍ଡା, ବିଭୁଦତ୍ତ ରାଜହଂସ, ଦେବାଶିଷ ପଟ୍ଟନାୟକ, ଅଭିଷେକ ଶର୍ମା ପ୍ରମୁଖ ଛାତ୍ର ନେତା ଆସନ୍ତା ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଛାତ୍ର କମିଟି ଗଠନ ଉପରେ ଗୁରୁତ୍ୱ ଦେଇଥିଲେ ।

## କୀଟନାଶକ ଉପଚାରିତ ମଶାରି ବଣ୍ଟନ

କେସିଙ୍ଗା, ୫।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ପାଷ୍ଟିକୁଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ବୋରିଂପଦର କଲ୍ୟାଣ ମଣ୍ଡପରେ ଗୁରୁବାର କିଟନାଶକ ଉପଚାରିତ ମଶାରୀ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସର୍ବପ୍ରଥମେ ବିଘ୍ନବିନାଶ ଶ୍ରୀ ଗଣେଶଙ୍କର ପ୍ରତିମୂର୍ତ୍ତିରେ ଦୀପ ପ୍ରଜ୍ୱଳନ କରି ଅତିଥିମାନେ ଶୁଭାରମ୍ଭ କରାଯାଇଥିଲା। କେସିଙ୍ଗା ସହରର ୧୨ଟି ୱାର୍ଡରେ ୧୫ ହଜାର ୧୨୧ଟି ମଶାରୀ ବଣ୍ଟନ ପାଇଁ ଧାର୍ଯ୍ୟ କରାଯାଇଛି। କେସିଙ୍ଗା ସହରର ୱାର୍ଡ ନଂ. ୮ରେ ୨୦୫୦ଟି ମଶାରୀ ବଣ୍ଟନ କରାଯାଇଥିଲା। ଜିଲା ପରିଷଦ ଅଧକ୍ଷ ନମିତାରାଣୀ ସାହୁ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ମଶାରୀ ବଣ୍ଟନ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ କେସିଙ୍ଗା ତହସିଲଦାର ଜ୍ୟୋର୍ତିମୟ କର, ପାଷ୍ଟିକୁଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଶାନ୍ତନୁ କୁମାର ଜେନା, କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ସୁବାସ ଚନ୍ଦ୍ର ବେହେରା, ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ବିଧାୟକଙ୍କ ପ୍ରତିନିଧି ବଂଶୀପାଣି ସାହା, ବିପିଏମ ବିଶ୍ୱମୋହନ ଠାକୁର, ରୁନି ରାଉତ, ସୁଦେଶ ପଣ୍ଡା, ଦେବାଶିଷ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ବରିଷ୍ଠ କ୍ରୀଡ଼ାବିତ୍ ଦେବରାଜ ସିଂଦେଓଙ୍କ ପରଲୋକ

ବଲାଙ୍ଗୀର ଅଫିସ, ୫।୮

ଜାତୀୟସ୍ତରରେ ସୁନାମ ଅର୍ଜନ କରିଥିବା ବରିଷ୍ଠ କ୍ରୀଡାବିତ୍ ଦେବରାଜ ସିଂଦେଓ (୯୧)ଙ୍କ ପରଲୋକ ହୋଇଯାଇଛି। ରାଜେନ୍ଦ୍ର କଲେଜରୁ ସେ ଗ୍ରାଜୁଏସନ୍ ସମାପ୍ତି କରିଥିଲେ। ଛାତ୍ର ସମୟରେ ସେ ଜଣେ ବ୍ୟାଡମିଣ୍ଟନ ଖେଳାଳି ଭାବେ ଲୋକପ୍ରିୟତା ହାସଲ କରିଥିଲେ। ବଲାଙ୍ଗୀର ଜିଲା, ରାଜ୍ୟ ତଥା ଜାତୀୟ ସ୍ତରରେ ବହୁ ମ୍ୟାଚ୍ ଖେଳି ସଫଳତା ହାସଲ କରିଥିଲେ। ଅଲ୍‌ଇଣ୍ଡିଆ ସାଉଥ୍ ଇଣ୍ଡିଆନ୍ ଚାମ୍ପିୟନ୍‌ଶିପ୍‌ରେ ସେ ବିଜେତା ହୋଇ ଜିଲା ତଥା ରାଜ୍ୟ ପାଇଁ ଗୌରବ ଆଣିଥିଲେ। ବ୍ୟାଡମିଣ୍ଟନ୍ ଡବଲ୍ସରେ ସ୍ୱର୍ଗତ ମସୁଦ୍ ଖାନ୍‌ଙ୍କ ସହ ଅଂଶଗ୍ରହଣ କରି ସେ ବହୁ ମ୍ୟାଚ୍ ବିଜେତା ହୋଇଥିଲେ। ବ୍ରିଜ୍ ଖେଳରେ ମଧ ସେ ଜଣେ ସଫଳ ଖେଳାଳି ଭାବେ ସୁନାମ ଅର୍ଜନ କରିଥିଲେ। ମୁମ୍ବାଇ ସ୍ଥିତ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଟ୍ରେନିଂ ସେଣ୍ଟରରେ ସେ ତାଲିମ ଗ୍ରହଣ କରି ସମବାୟ ବ୍ୟାଙ୍କ ସେକ୍ରେଟେରୀ ଭାବେ କାର୍ଯ୍ୟ କରି ଚାକିରିରୁ ଅବସର ଗ୍ରହଣ କରିଥିଲେ। ମଙ୍ଗଳବାର ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ସହଧର୍ମିଣୀ ସୁବର୍ଣ୍ଣମଞ୍ଜରୀ, ତିନି ପୁଅ ଜୟରାଜ, ବଳରାଜ ଓ ଶ୍ରୀରାଜ, ତିନି ଝିଅ ଜୟଶ୍ରୀ, ମଞ୍ଜୁଶ୍ରୀ ଓ ଗୀତାଶ୍ରୀ, ନାତିନାତୁଣୀ ଅଛନ୍ତି। ବିଭୂତିପଡା ଶ୍ମଶାନରେ ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠପୁତ୍ର ଜୟରାଜ ମୁଖାଗ୍ନି ଦେଇଥିଲେ। ଦେବରାଜଙ୍କ ମୃତ୍ୟୁରେ କ୍ରୀଡାପ୍ରେମୀ ମହଲରେ ଶୋକ ପ୍ରକାଶ ପାଇଛି ।



ବରିଷ୍ଠ କ୍ରୀଡାବିତ୍ ଦେବରାଜ ସିଂଦେଓଙ୍କ ଫାଇଲ ଫଟୋ।

# ନୂଆପଡ଼ା ପ୍ରଥମ ସରପଞ୍ଚଙ୍କ ପରଲୋକ

ନୂଆପଡ଼ା ଅଫିସ,୫।୮

ନୂଆପଡା ଜିଲା ଗଠନର ସଦର ପଞ୍ଚାୟତ ପ୍ରଥମ ମହିଳା ସରପଞ୍ଚ ଶୈଳବାଳା ପୁରୋହିତ (୮୫)ଙ୍କ ପରଲୋକ ହୋଇଯାଇଛି । ବୁଧବାର ସନ୍ଧ୍ୟାରେ ସେ ଅସୁସ୍ଥ ଅନୁଭବ କରିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଛନ୍ତି। ନୂଆପଡା ସଦର ପଞ୍ଚାୟତର ପ୍ରଥମ ସରପଞ୍ଚ ଭାବେ ତାଙ୍କର ନାମ ରହିଛି। ସେ ଜଣେ ସାମାଜିକ କର୍ମୀ ଓ କଣ୍ଠଶିଳ୍ପୀ ଭାବେ ପରିଚୟ ରହିଛି। ଅନ୍ତିମ ସମୟରେ ପରିବାର ଲୋକେ ଉପସ୍ଥିତ ଥିଲେ। ବଡପୁଅ ବୃନ୍ଦାବନ ପୁରୋହିତ ମୁଖାଗ୍ନୀ ଦେଇଥିବା ବେଳେ ସାନ ପୁଅ ଶଙ୍କର୍ଷଣ ପୁରୋହିତ, ୩ ଝିଅ ଓ ଜ୍ୱାଇଁ ସମେତ ପରିବାର ବନ୍ଧୁବର୍ଗ ଉପସ୍ଥିତ ଥିଲେ । ତାଙ୍କ ବିୟୋଗରେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, ମୁରଲିଧର ପଣ୍ଡା, ଅବନୀ ରଞ୍ଜନ ଯୋଶୀ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।



ପ୍ରଥମ ମହିଳା ସରପଞ୍ଚ ଶୈଳବାଳା ପୁରୋହିତଙ୍କ ଫାଇଲ ଫଟୋ।

# ଭିନ୍ନକ୍ଷମ ଶିଶୁ ଚିହ୍ନଟକରଣ ପାଇଁ ତାଲିମ ଶିବିର

ଦେଓଗାଁ, ୫।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ସଭାଗୃହରେ ଗୁରୁବାର ଅପରାହ୍ନରେ ବ୍ଲକର ଭିନ୍ନକ୍ଷମ ଶିଶୁମାନଙ୍କ ଚିହ୍ନଟକରଣ ପାଇଁ ତିନିଦିନ ଧରି ହେବାକୁ ଥିବା ନିରୀକ୍ଷଣ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁଶାନ୍ତ କୁମାର ବାଗଙ୍କ ପରିଚାଳନାରେ ଅନୁଷ୍ଠିତ ତାଲିମ ଶିବିରରେ ମୁଖ୍ୟ ଅତିଥିଭାବେ ବିଡିଓ ମୂରଲୀଧର ନାଏକ ଯୋଗଦେଇଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁ ଯୋଗଦେଇ ବ୍ଲକର ସମସ୍ତ ୨୬ପଞ୍ଚାୟତରେ ଥିବା ୦ରୁ ୬ବର୍ଷ ପର୍ଯ୍ୟନ୍ତ ସମସ୍ତ ଭିନ୍ନକ୍ଷମ ଶିଶୁଙ୍କୁ ଚିହ୍ନଟ କରିବାରେ ସହଯୋଗ କରିବା ପାଇଁ ଆହ୍ୱାନ ଦେଇଥିଲେ । ସିଡିପିଓ ସୁକାନ୍ତି ବେହେରା ଶିବିରରେ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ବନ୍ଧପଡା, ବଡବନ୍ଧ ଓ ରାମଚନ୍ଦ୍ରପୁର ପଞ୍ଚାୟତର ୬୯ ଅଙ୍ଗନୱାଡି କେନ୍ଦ୍ରର କର୍ମୀମାନେ ପ୍ରଶିକ୍ଷଣ ନେଇଥିଲେ।

# ପରିତ୍ୟକ୍ତ ଅବସ୍ଥାରେ ବିଶ୍ରାମାଗାର

ପଲମ, ୫।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ ପଲମ ଚାରିଛକଠାରେ ୨୦୦୫ରେ ଏକ ଯାତ୍ରୀ ବିଶ୍ରାମଗାର ନିର୍ମିତ ହୋଇଥିଲା। ରକ୍ଷଣାବେକ୍ଷଣ ରକ୍ଷାଣବେକ୍ଷଣ ଅଭାବ ଯୋଗୁ ଆଜକୁ ୫ ବର୍ଷ ହେଲା ବିଶ୍ରାମଗାର ପରିତିକ୍ତ ଅବସ୍ଥାରେ ପଡିରହିଛି। ଫଳରେ ବର୍ଷା ଦିନେ ଯାତ୍ରୀମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଅନେକ ଥର ଦାବି ହେଉଥିଲେ ମଧ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଏହି ବିଷୟରେ ସ୍ଥାନୀୟ ପିଇଓ ଟିକେରାମ ଛତ୍ରିଆଙ୍କୁ ପଚାରିବାରୁ କମ ଦିନ ମଧରେ ମରାମତି କରାଯିବ ବୋଲି ପ୍ରକାଶ କରିଥିଲେ।



ପରିତିକ୍ତ ଅବସ୍ଥାରେ ଥିବା ଯାତ୍ରୀ ବିଶ୍ରାମଗାର ।

# ବିଦ୍ୟୁତ୍ କର୍ମଚାରୀଙ୍କୁ ମାଡ଼, ଥାନାରେ ମାମଲା

ନୂଆପଡ଼ା ଅଫିସ,୫।୮

ନୂଆପଡା ଜିଲା ବିଦ୍ୟୁତ୍ ବିଭାଗ ଅଧୀନ କୁରୁମପୁରି ବିଦ୍ୟୁତ ସେକସନର ଠିକପାଲି ଗାଁରେ ବୁଧବାର ବିଦ୍ୟୁତ୍ ମରାମତି କରୁଥିବା ଲାଇନମ୍ୟାନ ଧନଞ୍ଜୟ ଶବରଙ୍କୁ ସେହି ଗାଁର କେତେଜଣ ଯୁବକ ଆସି ମରଣାତ୍ମକ ଆକ୍ରମଣ କରିଥିଲେ। ଏ ନେଇ କୁରୁମପୁରି ସେକସନ ଅଫିସର, ଏସଡିଓ ଏବଂ ଅନ୍ୟ କର୍ମଚାରୀଙ୍କ ସହିତ ଲାଇନମ୍ୟାନ ଶବର ଯାଇ କୋମନା ଥାନାରେ ଲିଖିତ ଭାବେ ଏତଲା ଦେଇଛନ୍ତି। ପୋଲିସ ସୂଚନା ଅନୁସାରେ ଲାଇନମ୍ୟାନ ଠିକପାଲି ଗାଁକୁ ଲାଇନ ସଜାଡିବା ପାଇଁ ଯାଇଥିବା ବେଳେ ଅତର୍କିତ ଭାବେ ଆକ୍ରମଣ ହୋଇଛି। ତାଙ୍କୁ ପ୍ରଥମେ ଗୋଡାଇ ଗୋଡାଇ ମାରିବା ସହ ଦୁଇହାତ ବାନ୍ଧି ନିସ୍ତୁକ ମାଡ ମାରିଥିବା ଅଭିଯୋଗ ହୋଇଛି। ତାଙ୍କସହ ଯାଇଥିବା ସହକର୍ମୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏ ନେଇ କୋମନା ଥାନାରେ ଏକ ମାମଲା (ନଂ-୨୧୮/୨୧) ରୁଜୁ ହୋଇଛି। ଏ ପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇ ନାହିଁ, ତଦନ୍ତ ଚାଲିଛି ବୋଲି ଏସଡିପିଓ ଏସଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ଅନ୍ୟପଟେ ବିପଦପୂର୍ଣ୍ଣ କାର୍ଯ୍ୟରତ ବିଦ୍ୟୁତ୍ କର୍ମଚାରୀଙ୍କୁ ମାଡପିଟ, ଲୁଟପାଟ, ଧମକଚମକ, ହତ୍ୟା ଉଦ୍ୟମ କରିଥିବା ବ୍ୟକ୍ତିଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ କରିବାକୁ ପଶ୍ଚିମ ଓଡିଶା ଆଦିବାସୀ କଲ୍ୟାଣ ମହାସଂଘ ଓ ୱେସ୍କୋ ୟୁଟିଲିଟି ଏସଟିଏସସି କଲ୍ୟାଣ ସଂଘ ସଭାପତି ନିରଞ୍ଜନ ବିଶି, ଉପ ସଭାପତି ଭାନୁ ପ୍ରତାପ ସିଂ ମାଝି, ସାଧାରଣ ସମ୍ପାଦକ ବାଳକୃଷ୍ଣ ଶବର, ୱେସ୍କୋ ଆସୋସିଏଶନ ସାଧାରଣ ସମ୍ପାଦକ ଜୟଦେବ ମିଞ୍ଜ, ଲଳିତ ନାୟକ, ପୂର୍ଣ୍ଣଚନ୍ଦ୍ର ମାଝି ପ୍ରମୁଖ ଦାବିକରିଛନ୍ତି।



ବିଦ୍ୟୁତ୍ କର୍ମଚାରୀମାନେ ଥାନାକୁ ଅଭିଯୋଗ ପାଇଁ ଆସିଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୬ ଅଗଷ୍ଟ, ୨୦୨୧

## କେନାଲରେ ଭାସୁଛି ନବଜାତ ଶିଶୁ ମୃତଦେହ

ବାଉଁଶୁଣୀ,(ଡି.ଏନ.ଏ.): ବୌଦ୍ଧ ବ୍ଲକ ଗୋଛାପଡା ପଞ୍ଚାୟତ ଲୁମୁରଜନା ଗ୍ରାମ ନିକଟ ବାଘନଦୀ କେନାଲରେ ଏକ ନବଜାତ ଶିଶୁର ମୃତଦେହ ଭାସୁଥିବା ଦେଖିବାକୁ ମିଳିଛି। ଶିଶୁଟି ତଳକୁ ମୁହଁ କରି ପଡିଥିବା ହେତୁ ପୁଅ କି ଝିଅ ଜଣା ପଡିନାହିଁ। କେହି କୁମାରୀ ମା' ଅପବାଦ ଭୟରେ ଶିଶୁକୁ କେନାଲରେ ଫିଙ୍ଗି ଦେଇଥିବା ଆଲୋଚନା ହେଉଛି। ଅନ୍ୟପକ୍ଷରେ କୌଣସି ନବଜାତ ଶିଶୁର ମୃତ୍ୟୁ ହେବା ପରେ ପରିବାର ଲୋକେ ତାକୁ କେନାଲରେ ଭସାଇ ଦେଇଥାଇ ପାରନ୍ତି ବୋଲି କୁହାଯାଉଛି। ଦୁଇ ଦିନ ହେଲା ଶିଶୁଟି ଭାସୁଥିବା ନେଇ ଗ୍ରାମବାସୀଙ୍କ ଠାରୁ ଖବରପାଇ ମନମୁଣ୍ଡା ଥାନା ଶଗଡା ଫାଣ୍ଡି ପୋଲିସ ଗୁରୁବାର ଘଟଣାସ୍ଥଳରେ ପହଞ୍ଚିଥିଲେ। ଫାଣ୍ଡି ଅଧିକାରୀ ତଦନ୍ତ ଜାରି ରଖିଛନ୍ତି।



### ସଂକ୍ଷେପରେ

## କୋଟିପତି ଚକ୍ଷୁ ସହାୟକ କୋର୍ଟଚାଲାଣ

ବରଗଡ଼ ଅଫିସ୍/ପଦ୍ମପୁର,୫।୮: ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ଚକ୍ଷୁ ସହାୟକ ଭାବେ କାର୍ଯ୍ୟରତ କିଶୋର ଚନ୍ଦ୍ର ପ୍ରଧାନଙ୍କୁ ଭିଜିଲାନ୍ସ ଗିରଫ କରିଛି। ଗୁରୁବାର ତାଙ୍କୁ ସମ୍ବଲପୁର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଛି ବୋଲି ବରଗଡ଼ ଭିଜିଲାନ୍ସ ଡିଏସପି ଦାଶରଥି ସେଠୀ କହିଛନ୍ତି। ବୁଧବାର ଚକ୍ଷୁ ସହାୟକ ପ୍ରଧାନଙ୍କ ପଦ୍ମପୁର କଲେଜ ରୋଡ଼ ସ୍ଥିତ ବାସଭବନ, ଉପଖଣ୍ଡ ଡାକ୍ତରଖାନା ଚ୍ୟାମ୍ବର ଏବଂ ମେଲଛାମୁଣ୍ଡା ଥନା ଟାଲ ଗ୍ରାମରେ ରହିଥିବା ପୈତୃକ ଘରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଚଢ଼ାଉରେ ପ୍ରଧାନଙ୍କ ୧କୋଟି ୨୫ଲକ୍ଷ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା।



କିଶୋର ଚନ୍ଦ୍ର ପ୍ରଧାନ।

## ମା' କ୍ଷୀର ଶିଶୁ ପାଇଁ ଅମୃତ ତୁଲ୍ୟ

ଲାଠୋର,୫।୮(ଡି.ଏନ.ଏ.): ଏକ ନବଜାତ ଶିଶୁ ପାଇଁ ମାଁ କ୍ଷୀର ଅମୃତ ତୁଲ୍ୟ। ୬ ମାସ ପର୍ଯ୍ୟନ୍ତ ଶିଶୁ ମାଁ କ୍ଷୀର ଖାଇଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ ଏବଂ ହୃଷ୍ଟପୃଷ୍ଟ ହୋଇ ବଢିଥାଏ। ଖପ୍ରାଖୋଲ ବ୍ଲକ କରୁଆଁଝରଠାରେ ମହିଳା ଓ ଶିଶୁ ବିକାଶ ବିଭାଗ ସୁପରଭାଇଜର ଅଞ୍ଜଳି ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ସିଡିପିଓ ସୁଜାତା ଦୋରା ଯୋଗଦେଇ ଉପସ୍ଥିତ ମହିଳାମାନଙ୍କୁ କହିଛନ୍ତି। ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଡିଓ ରଶ୍ମି ରଞ୍ଜନ ରାଉତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିଭାବେ ସରପଞ୍ଚ ବିଜୟଲକ୍ଷ୍ମୀ ବାଗ, ଇଫିକୋର ଅନୁଷ୍ଠାନ ଇନଚାର୍ଜ ଜିଡିଡିଆ ପରିଚ୍ଛା ଉପସ୍ଥିତ ଥିଲେ। ପଞ୍ଚାୟତ ଅଧିନ ବିଭିନ୍ନ ଗ୍ରାମର ମହିଳାମାନେ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଏହି ଅବସରରେ କମ୍ୟୁନିଟି ମୋବିଲାଇଜର ସସ୍ମିତା ପଣ୍ଡାଙ୍କ ସହ ଅଙ୍ଗନୱାଡି ଏବଂ ଆଶାକର୍ମୀ ଯୋଗ ଦେଇଥିଲେ। ବ୍ଲକ କୋଅର୍ଡିନେଟର ସ୍ନେହଲତା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଅଙ୍ଗନୱାଡି କର୍ମୀ ସନ୍ଧ୍ୟାରାଣୀ ଗିରି।

## ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

ଅମରପାଲି,୫।୮(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣୀ ପଞ୍ଚାୟତର ମାଣିକପୁର ଗାଁ କଲ୍ୟାଣ ସମିତି ଆନୁକୂଲ୍ୟରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। ଗାଁ ସ୍ୱାସ୍ଥ୍ୟ ସମୀକ୍ଷା ସଂଯୋଜକ ଅଙ୍କୁର ନାଏକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସ୍ୱାସ୍ଥ୍ୟକର୍ମୀ ସରୋଜ ସାହୁ, ଅଙ୍ଗନୱାଡି କର୍ମୀ ବନିତା ଦେହୁରୀ, ଆଶାକର୍ମୀ ସୁଲୋଚନା ଡାଙ୍ଗ ପ୍ରସୂତି ମହିଳା ତାଙ୍କ ଶିଶୁଙ୍କୁ ସ୍ତନ୍ୟପାନ କରାଇବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ରଶ୍ମିତା ସାହୁ ପ୍ରଥମ, ନିରୂପମା ଭୋଇ ଦ୍ୱିତୀୟ ଓ ଲିପାରାଣୀ ଦେ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଅଙ୍ଗନୱାଡି କର୍ମୀ ମହିମା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସୋନପୁର କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ କୃତିତ୍ୱ

ସୋନପୁର,୫।୮(ନି.ପ୍ର.): ଚଳିତ ସିବିଏସ୍‌ଇ ବୋର୍ଡ ପରୀକ୍ଷାରେ ସୋନପୁର କେନ୍ଦ୍ରୀୟ ବିଦ୍ୟାଳୟ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରମାନେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଛନ୍ତି। ବିଜ୍ଞାନରେ ସମୁଦାୟ ୩୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲା ବେଳେ ଶତ ପ୍ରତିଶତ ପରୀକ୍ଷା ଫଳ ହୋଇଛି। ୫ ଜଣ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ବେଳେ ୧୩ ଜଣ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଓ ୧୨ ଜଣ ୭୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ଶ୍ରୁତି ସୁମନ ପଧାନ ୯୫.୮ ପ୍ରତିଶତ, ଶ୍ରୀକାନ୍ତ ଗଡତିଆ ୯୩ ପ୍ରତିଶତ ଓ ଅନୁପ କୁମାର ମିଶ୍ର ୯୧.୮ ପ୍ରତିଶତ ପାଇ ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ଦଶମ ଶ୍ରେଣୀରେ ୪୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇ ସଫଳତା ପାଇଥିଲେ। ବିଦ୍ୟାଳୟର ଏଭଳି ସଫଳତାକୁ ନେଇ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକଙ୍କ ମହଲରେ ଉତ୍ସାହ ପରିଲକ୍ଷିତ ହୋଇଛି।

# ମିଳୁନି ରକ୍ତ, ରୋଗୀ ହଟହଟା

ବରଗଡ଼ ଅଫିସ୍,୫।୮

- ରକ୍ତ ସଂରକ୍ଷଣ ବିଭାଗରେ ତାଲା
- ୬ମାସ ହେଲା ରକ୍ତ ଯୋଗାଣ ବନ୍ଦ
- ଅଧିକ ଖର୍ଚ୍ଚାନ୍ତରେ ପଡୁଛନ୍ତି ରୋଗୀ

ବରଗଡ଼ ଜିଲା ନୂଆ ମୁଖ୍ୟ ଡାକ୍ତରଖାନାରେ ରୋଗୀଙ୍କୁ ଜରୁରୀ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେବାକୁ ପଡୁଛି। ଏପର୍ଯ୍ୟନ୍ତ ଏଠାରେ ଅଲଟ୍ରା ସାଉଣ୍ଡ ପରୀକ୍ଷା ଆରମ୍ଭ ହୋଇପାରିନାହିଁ। ରକ୍ତ ପାଇଁ ରୋଗୀଙ୍କୁ ହଟହଟା ହେବାକୁ ପଡୁଛି। ଡାକ୍ତରଖାନାରେ ଥିବା ରକ୍ତ ସଂରକ୍ଷଣ ବିଭାଗରେ ୬ମାସ ହେଲା ତାଲା ଝୁଲୁଛି। ଫଳରେ କୌଣସି ରୋଗୀଙ୍କୁ ରକ୍ତ ଆବଶ୍ୟକତା ପଡ଼ିଲେ ୮କି.ମି ଦୂର ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା ରକ୍ତ ଭଣ୍ଡାରକୁ ଆସି ଖର୍ଚ୍ଚାନ୍ତ ହେବାକୁ ପଡୁଛି। ନୂଆ ଜିଲା ମୁଖ୍ୟ ଡାକ୍ତରଖାନରେ ରହିଥିବା ରକ୍ତ ସଂରକ୍ଷଣ ବିଭାଗକୁ କାର୍ଯ୍ୟକ୍ଷମ କରାଯାଉନାହିଁ। ଅନ୍ୟପଟେ ଏହି ବିଭାଗରେ ନିୟୋଜିତ କର୍ମଚାରୀଙ୍କୁ ସେଠାରେ ଥିବା ଲାବୋରାଟୋରୀରେ ଅବସ୍ଥାପିତ କରାଯାଇଛି। ରକ୍ତ ସଂରକ୍ଷଣ ବିଭାଗ କାର୍ଯ୍ୟକ୍ଷମ କରିବାରେ ସ୍ୱାସ୍ଥ୍ୟ ବିଭାଗର ଏଭଳି ଉଦାସୀନତାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ସଂକଳ୍ପ ପରିବାରର ସଂଯୋଜକ ବିକାଶ ଅଗ୍ରୱାଲ କହିଛନ୍ତି, ରକ୍ତ ସଂରକ୍ଷଣ ବିଭାଗ ବନ୍ଦ ରହିଥିବାରୁ ରୋଗୀମାନେ ବହୁ ଖର୍ଚ୍ଚାନ୍ତ ହେଉଛନ୍ତି। ମାଗଣାରେ ସ୍ୱାସ୍ଥ୍ୟସେବା ମିଳିବ ବୋଲି ରୋଗୀମାନେ ଏଠାକୁ ଆସୁଛନ୍ତି। କିନ୍ତୁ ଗୋଟିଏ ୟୁନିଟ୍ ରକ୍ତ ପାଇଁ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ଯିବା ଆସିବା କଲେ ଅଟୋଭଡ଼ା ବାବଦ ୫୦୦ ଟଙ୍କା ଖର୍ଚ୍ଚ ହେଉଛି। ସେହିପରି ନିଷ୍ଠା ପରିବାରର ସମ୍ପାଦକ ଅଶ୍ୱିନୀ ତ୍ରିପାଠୀ କହିଛନ୍ତି, ରୋଗୀଙ୍କୁ ରକ୍ତ ଦେବା ଜରୁରୀ ସ୍ୱାସ୍ଥ୍ୟସେବା। ଏହି ବିଭାଗ ବନ୍ଦ ରହିବା ଦୁର୍ଭାଗ୍ୟଜନକ। ଉକ୍ତ ବିଭାଗକୁ କାର୍ଯ୍ୟକ୍ଷମ କରି ୨୪ଘଣ୍ଟିଆ ସେବା ଯୋଗାଇବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅରୁଣ କୁମାର ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ରକ୍ତ ସଂରକ୍ଷଣ ବିଭାଗ କାର୍ଯ୍ୟକ୍ଷମ ରହିଛି। ତେବେ କାହିକି ତାଲା ଝୁଲୁଛି ବୋଲି ପଚାରିବାରୁ ସେ ସମ୍ପର୍କରେ ଜାଣି ନାହାନ୍ତି। ଯଦି ତାହା ବନ୍ଦ ରହିଛି, ତାକୁ ଚାଲୁ କରାଯିବ ବୋଲି ପାତ୍ର କହିଥିଲେ।




ନୂଆ ଜିଲା ମୁଖ୍ୟ ଡାକ୍ତରଖାନା ରକ୍ତ ସଂରକ୍ଷଣ ବିଭାଗରେ ତାଲା ଝୁଲୁଛି।

## ଘୁନସର ଛକରେ ମାଓବାଦୀ ପୋଷ୍ଟର



ପୋଲିସ ଜବତ କରିଥିବା ପୋଷ୍ଟର।

ଖପ୍ରାଖୋଲ, ୫।୮(ଡି.ଏନ.ଏ.)

ଦୀର୍ଘଦିନର ନିରବତା ପରେ ଲାଲ ବାହିନୀ ତାର ଉପସ୍ଥିତି ଜାହିର କରିଛି। ବଲାଙ୍ଗୀର ଜିଲା ଖପ୍ରାଖୋଲ-ଲାଠୋର ରାସ୍ତା ଘୁନସର ଛକ କୁର୍ଲୁମାଲ ଛକ ନିକଟରେ ଗୁରୁବାର ସକାଳୁ ଏକ ପୋଷ୍ଟର ଲଗାଯାଇଥିବା ଦେଖିବାକୁ ମିଳିଥିଲା। ଓଡିଆ ଭାଷାରେ ନାଲି ଅକ୍ଷରରେ ପୋଷ୍ଟର ଲେଖାଯାଇଛି। ପୋଷ୍ଟର ଉପରେ ଲାଲ ସଲାମ୍ ଲେଖା ରହିଛି। ସେହିପରି ପୋଲିସ୍ ହେପାଜତରେ ଥିବା ଆଇତୁ ଆମର ଲୋକ ନୁହେଁ ବୋଲି ଲେଖା ରହିଛି। ସେହିପରି ଜନୈକ ରାଜନୈତିକ ବ୍ୟକ୍ତିଙ୍କ ନାମ ଉଲ୍ଲେଖ କରି ଗରୀବ ଲୋକଙ୍କୁ ଶୋଷଣ କରିବା, ବିଧାୟକଙ୍କ ନାମରେ ଲକ୍ଷାଧିକ ଟଙ୍କା ଆଦାୟ କରୁଥିବା ଉଲ୍ଲେଖ ରହିଛି। ତାଙ୍କୁ ପ୍ରଜାକୋର୍ଟରେ ୯୦ ଦିନ ମଧ୍ୟରେ ମୃତ୍ୟୁଦଣ୍ଡ ଦେବା ପାଇଁ ଧମକ୍ ରହିଛି। ପୋଷ୍ଟର ତଳେ ବଲାଙ୍ଗୀର-ବରଗଡ ମାଓବାଦୀ ଡିଭିଜନ ଲେଖା ରହିଛି। ପୋଷ୍ଟରଗୁଡିକ ଖପ୍ରାଖୋଲ ପୋଲିସ୍ ଜବତ୍ କରିଛି। ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁଙ୍କୁ ପଚାରିବାରୁ ରାଜନୈତିକ ବିଦ୍ୱେଷ ରଖି କେହି ଏଭଳି ପୋଷ୍ଟର ଲଗାଇଛି, ଏହା ମାଓବାଦୀ ପୋଷ୍ଟର ନୁହଁ ବୋଲି କହିଛନ୍ତି।

## କ୍ଷେତ୍ର ପରିଦର୍ଶନ କଲେ ପ୍ରକଳ୍ପ ନିର୍ଦ୍ଦେଶକ

ଲୋଇସିଂହା, ୫।୮(ଡି.ଏନ.ଏ.)

### ଖର୍ଡିଆ ମୁଣ୍ଡା ମାଟି ଉନ୍ନତୀକରଣରେ ଅନିୟମିତତା

ଏମ୍‌ଜିଏନଆରଇଜିଏସ୍ ଯୋଜନାରେ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ ପଞ୍ଚାୟତ ଅନ୍ତର୍ଗତ ତେନ୍ତୁଲିଖୁଣ୍ଟି ଗାଁର ଖର୍ଡିଆ ମୁଣ୍ଡାରେ ମାଟିକାମ କରାଯାଇଥିଲା। କିନ୍ତୁ ଏଥିରେ ଅନେକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ସିଂ ଗୁରୁବାର କ୍ଷେତ୍ର ପରିଦର୍ଶନ କରିଥିଲେ। କାମରେ ଲାଗୁ ନ ଥିବା ସ୍ଥାନରେ ନିର୍ମାଣ ହୋଇଥିବା ପାହାଚସ୍ଥଳ ବୁଲି ଦେଖିଥିଲେ। ବିଭାଗୀୟ କର୍ମଚାରୀଙ୍କ ଉପସ୍ଥିତିରେ କାମର ମାପ କରାଯାଇଥିଲା। ପରେ କାମ ବିଳମ୍ବକୁ ନେଇ ବିଭାଗୀୟ କର୍ମଚାରୀଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ।

୨୦୧୭-୧୮ ଆର୍ଥିକ ବର୍ଷରେ ପଞ୍ଚାୟତ ପକ୍ଷରୁ ଏମ୍‌ଜିଏନ୍‌ଆଇ୍‌ରଜିଏସ ଯୋଜନାରେ ଖର୍ଡିଆମୁଣ୍ଡାର ମାଟି ଉନ୍ନତୀକରଣ କରାଯାଇଥିଲା। ବ୍ୟୟ ଅଟକଳ ଥିଲା ୧୦ଲକ୍ଷ ଟଙ୍କା। ହେଲେ ମାଟିକାମ ଆଖିଦୃଶିଆ ହୋଇ ନ ଥିବା ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ପାଣି ରହୁ ନ ଥିବା ସ୍ଥାନରେ ପାହାଚ ନିର୍ମାଣ କରାଯାଇଥିବା ଅଭିଯୋଗ ହୋଇଥିଲା। ମାଟିକାମ ଚାଲିଥିବା ବେଳେ ଶ୍ରମିକମାନେ ନବନିର୍ମିତ ପାହାଚ ସ୍ଥାନରେ ଅଧିକ ମାଟିକାମ କରିବାକୁ ଗାଁ ସାଥୀ ଶ୍ରମିକଙ୍କୁ କହିଥିଲେ। ହେଲେ ସେତେବେଳେ ସେମାନଙ୍କ କଥାକୁ ଗୁରୁତ୍ୱ ଦିଆଯାଇ ନ ଥିଲା ବୋଲି ଶ୍ରମିକମାନେ କହିଛନ୍ତି। ଗତବର୍ଷ ପୋଖରୀ ଅପରପାର୍ଶ୍ୱରେ ଗୋଟିଏ ପାହାଚ ନିର୍ମାଣ ହୋଇଛି। ଏହା ଲୋକଙ୍କ ବ୍ୟବହାରରେ ଆସୁ ନ ଥିବାର ଅଭିଯୋଗ ହୋଇଥିଲା। ବିଗତ ଦୁଇବର୍ଷ ଧରି ମାଟି ଉନ୍ନତୀକରଣ କାମ ଚାଲିଥିଲେ ସୁଦ୍ଧା କାମ ସନ୍ତୋଷଜନକ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମର ବ୍ରହ୍ମାନନ୍ଦ ପଧାନ କହିଛନ୍ତି, ସେ ଜଣେ ଜବକାର୍ଡଧାରୀ ଶ୍ରମିକ। କିନ୍ତୁ ଖଡିଆ ମୁଣ୍ଡାରେ କାମ ନ କରି ମଧ୍ୟ ତାଙ୍କ ଆକାଉଣ୍ଟରେ ୪୮ଶହ ଟଙ୍କା ପକାଯାଇଛି। ପରେ ଉକ୍ତ ଟଙ୍କାକୁ ଗାଁ ସାଥୀ ତାଙ୍କଠାରୁ ମାଗି ନେଇଥିବା ସେ କହିଛନ୍ତି। ବୃନ୍ଦାବନ ସେଠ କହିଥିଲେ ଯେ, କାମ କରିଥିବା ଲୋକଙ୍କୁ ଟଙ୍କା ମିଳିନାହିଁ। ହେଲେ କାମ କରି ନ ଥିବା ଲୋକଙ୍କ ଆକାଉଣ୍ଟରେ ଟଙ୍କା ପକାଇ ହଡପ କରାଯାଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ପିଡି ସିଂଙ୍କୁ ପଚାରିବାରୁ ଅଭିଯୋଗ ପରେ ତଦନ୍ତ ଆରମ୍ଭ ହୋଇଛି। ଗୋଟିଏ ବର୍ଷାଋତୁ ସରିଯିବା ପରେ ମଧ କାମର ରିଡ୍ ଦେଖାଯାଉନାହିଁ। ଅଭିଯୋଗର ସତ୍ୟତା ଥିବା ଜଣାପଡୁଛି ବୋଲି ସେ କହିଛନ୍ତି।



ବିଭାଗୀୟ ଅଧିକାରୀଙ୍କ ସହ ଖର୍ଡିଆମୁଣ୍ଡାରେ ପିଡି ସୁଶାନ୍ତ ସିଂ।

## ମିଳୁନି ୟୁରିଆ ସାର, ଚାଷୀ ହନ୍ତସନ୍ତ

ବାଉଁଶୁଣୀ, ୫।୮ (ଡି.ଏନ.ଏ.)

ବୌଦ୍ଧ ବ୍ଲକ ବଡିଗାଁ ପଞ୍ଚାୟତର ବଡିଗାଁ ସୋସାଇଟିରେ ୟୁରିଆ ସାର ମିଳିବାରେ ଅବ୍ୟବସ୍ଥା ଦେଖାଦେଇଛି। ଚାଷୀ ସାର ପାଇଁ ଆସି ହଟହଟା ହେଉଛନ୍ତି। ଆଗାମୀ ଦିନରେ ବିହିତ ପଦକ୍ଷେପ ଗ୍ରହଣ କରା ନ ଗଲେ ଚାଷୀ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ଚାଷୀଙ୍କ ସୁବିଧା ପାଇଁ ସୋସାଇଟି ମାଧ୍ୟମରେ ୟୁରିଆ ଓ ପଟାସ ସାର ଯୋଗାଇ ଦିଆଯାଇଥାଏ। କିନ୍ତୁ ବଡିଗାଁ ସୋସାଇଟ ଦାୟିତ୍ୱରେ ଥିବା ସମ୍ପାଦକ ଦୁଇଟି ସୋସାଇଟିର ଦାୟିତ୍ୱରେ ଥିବାରୁ ଚାଷୀମାନେ ସାର ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ କରିଛନ୍ତି ବଡିଗାଁ ସୋସାଇଟି ଅଧୀନରେ ଥିବା ଚାଷୀମାନେ। ଗୁରୁବାର କେତେଜଣ ଚାଷୀ ୟୁରିଆ ସାର ପାଇଁ ବଡିଗାଁ ସେବା ସମବାୟ ସମିତିକୁ ଯାଇଥିଲେ। ଏହି ସମୟରେ ସୋସାଇଟିରେ ସମ୍ପାଦକ ନ ଥିବା ଏବଂ ସେ ବଘିଆପଡା ଯାଇଥିବା ଚାଷୀମାନେ ଜାଣିବାକୁ ପାଇଥିଲେ। ଏ ନେଇ ଚାଷୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହାପରେ ବଡିଗାଁ ସମିତିର କର୍ମଚାରୀ କିଛି ସମୟ ପରେ ସମ୍ପାଦକ ଆସିବେ ବୋଲି କହିବାରୁ ଚାଷୀମାନେ ଶାନ୍ତ ପଡ଼ିଥିଲେ। ମାତ୍ର ସେ କୌଣସି କାରଣରୁ ନ ଆସିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଦୁଇ ଦିନ ଧରି ଚାଷୀମାନେ ଚାଷ କାମ ଛାଡି ସାର ପାଇଁ ସୋସାଇଟିକୁ ଆସୁଛନ୍ତି। ହେଲେ ସାର ମିଳିବାରେ ବିଳମ୍ବ ହେଉଥିବାରୁ ଚାଷ କାମ ବ୍ୟାହତ ହେବା ସହିତ ସମୟ ନଷ୍ଟ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଏହାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଚାଷୀମାନେ ସୋସାଇଟି ଫାଟକରେ ତାଲା ପକାଇ ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି।

## ସୁରେଶଙ୍କୁ ମିଳିଲା ରେଡକ୍ରସରୁ ସହାୟତା

ଲୋଇସିଂହା,୫।୮(ଡି.ଏନ.ଏ.)

### କାନ୍ଥ ପଡି ଗୋଡ ଭାଙ୍ଗିବା ଘଟଣା

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଭରସୁଜା ପଞ୍ଚାୟତ ଅନ୍ତର୍ଗତ ଗୁହୁରୀଆପଦର ଗାଁର ଭିନ୍ନକ୍ଷମ ସୁରେଶ ସୁନାଙ୍କ ଘରକାନ୍ଥ ଭୁଶୁଡି ପଡିବାରୁ ତାଙ୍କୁ ବାମ ଗୋଡ ଭାଙ୍ଗିଯାଇଥିଲା। ତାଙ୍କର ଉଚ୍ଚଚିକିତ୍ସା ପାଇଁ ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଆଗଲପୁର ତହସିଲଦାର ସୁଚିତା ପୁଷ୍ପା ବୁଧବାର ସୁରେଶଙ୍କ ଘରେ ପହଞ୍ଚି ରେଡ୍ରସରୁ ୧୦ହଜାର ଟଙ୍କାର ଚେକପ୍ରଦାନ କରିଛନ୍ତି। ଏହାପୂର୍ବରୁ ସ୍ଥାନୀୟ ସରପଞ୍ଚ ଗଣେଶ ସାହୁ ତାଙ୍କୁ ୨ହଜାର ଟଙ୍କାର ଆର୍ଥିକ ସହାୟତା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗୁହୁରୀଆପଦର ଗାଁର ଭିନ୍ନକ୍ଷମ ସୁରେଶ ସୁନା। ସ୍ତ୍ରୀ ଭାଗ୍ୟବତୀ ଏବଂ ୩ ପିଲାଙ୍କୁ ନେଇ ତାଙ୍କ ପରିବାର। ସୁରେଶ ଜନ୍ମରୁ ଭିନ୍ନକ୍ଷମ। ତାଙ୍କ ପାଖରେ ଭିନ୍ନକ୍ଷମ ପ୍ରମାଣପତ୍ର ରହିଛି। ସରକାରଙ୍କର ବିଭିନ୍ନ ଯୋଜନାରେ ସୁରେଶ ସାମିଲ ହୋଇଥିବାବେଳେ ଆବାସ ଯୋଜାନରୁ ବଞ୍ଚିତ। ସେ ପଞ୍ଚାୟତ ଏବଂ ବ୍ଲକରେ ଅନେକ ଥର ଆବେଦନ କରି ନିରାଶ ହୋଇଛନ୍ତି। ଦୁର୍ଦ୍ଦିନରେ ଦିନ କାଟୁଥିବା ବେଳେ ଗତ ଜୁଲାଇ ୩୦ ତାରଖି ରାତିରେ ଘରେ ଶୋଇଥିବାବେଳେ ବର୍ଷାରେ ଭିଜିଯାଇଥିବା ମାଟି କାନ୍ଥ ଭୁଶଡି ତାଙ୍କ ଉପରେ ପଡିଯାଇଥିଲା। ଏଥିରେ ସୁରେଶଙ୍କ ବାମଗୋଡ ଭାଙ୍ଗିଯାଇଥିଲା। ଧାରଉଧାରା କରି ପରିବାର ଲୋକେ ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନେଇ ଚିକିତ୍ସା କରିଥିଲେ।



ଚେକ୍ ଦେଖାଉଛନ୍ତି ସୁରେଶଙ୍କ ସ୍ତ୍ରୀ ଭାଗ୍ୟବତୀ।

## ଚିକିତ୍ସା ପାଇଁ ଅର୍ଥ ବାଧକ

ବରଗଡ଼ ଅଫିସ୍,୫।୮

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୧୫ ଗଣେଶ ମନ୍ଦିର ନିକଟରେ ରହୁଥିବା ଜଣେ ଯୁବତୀ ସୁନୀତା ସୁନା(୩୦) କର୍କଟ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ନିହାତି ଗରିବ ପରିବାରର ହୋଇଥିବାରୁ ତାଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ସେ ବର୍ତ୍ତମାନ ଭୀମସାର୍ ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ଉଚ୍ଚତର ଚିକିତ୍ସାର ଆବଶ୍ୟକତା ରହିଥିବାବେଳେ ଏଥିପାଇଁ ଅଧିକ ଅର୍ଥ ଦରକାର ପଡୁଛି। ସୁନୀତା ପରିବାରରେ ରୋଜଗାରକ୍ଷମ ଥିଲେ। ଏକ କପଡ଼ା ଦୋକାନରେ କାମ କରି ସେ ପରିବାର ଗୁଜୁରାଣ ମେଣ୍ଟାଉଥିଲେ। ମାତ୍ର ଏବେ କର୍କଟ ରୋଗାକ୍ରାନ୍ତ ହୋଇଥିବାରୁ ତାଙ୍କ ପରିବାରର ଦୁଃଖ ବଢ଼ି ଯାଇଛି। ଝିଅର ଚିକିତ୍ସା ପାଇଁ ସହଯୋଗ କରିବାକୁ ସୁନୀତାଙ୍କ ମା' ମିଥିଳା ନିବେଦନ କରିଛନ୍ତି। ସରକାର, ପ୍ରଶାସନ କିମ୍ବା ସହୃଦୟ ଲୋକ ସହଯୋଗ କଲେ ତାଙ୍କ ଝିଅ ଆରୋଗ୍ୟ ଲାଭ କରି ପୁଣି ରୋଜଗାରକ୍ଷମ ହୋଇପାରିବ ବୋଲି ମିଥିଳା ଆଶା ରଖିଛନ୍ତି।



କର୍କଟ ରୋଗାକ୍ରାନ୍ତ ସୁନୀତା ସୁନା।

## ଚାଷୀ ପଞ୍ଜୀକରଣ ସମୟ ସୀମା ବୃଦ୍ଧି ଦାବି

ବିନିକା,୫।୮(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳର ୮ଟି ପ୍ୟାକ୍ସ ଏବଂ ୪ଟି ମହିଳା ସ୍ୱଂୟ ସହାୟକ ଗୋଷ୍ଠୀ ଦ୍ୱାରା ୨୦୨୧-୨୨ ଖରିଫ ଋତୁ ଧାନ କ୍ରୟ କରିବା ନେଇ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଜୋରସୋରରେ ଚାଲିଛି। ମାତ୍ର ଜିଲା ଯୋଗାଣ ବିଭାଗ ଦେଇଥିବା ଚାଷୀ ପଞ୍ଜୀକରଣ ସମୟ ଅବଧି ପ୍ୟାକ୍ସ, ମହିଳା ଗ୍ରୁପ ଓ ଚାଷୀଙ୍କୁ ଦ୍ୱନ୍ଦ୍ୱରେ ପକାଇ ଦେଇଛି। ଆସନ୍ତା ୧୫ତାରିଖ ମଧ୍ୟରେ ଚାଷୀଙ୍କର ପଞ୍ଜୀକରଣ ଆବେଦନ ପତ୍ର ଓ ପ୍ରମାଣପତ୍ର ଧାନକ୍ରୟ କେନ୍ଦ୍ର କର୍ତ୍ତୃପକ୍ଷଙ୍କ ଦ୍ୱାରା ଗ୍ରହଣ ହେବା ଲାଗି ସମୟ ଧାର୍ଯ୍ୟ ହୋଇଛି। ସେହିପରି ଅଗଷ୍ଟ ୧୭ ତାରିଖ ସୁଦ୍ଧା ଅନ୍‌ଲାଇନରେ ଚାଷୀ ପଞ୍ଜୀକରଣ କାମ ସମ୍ପୂର୍ଣ୍ଣ କରିବା ସମୟ ଅବଧି ନିର୍ଦ୍ଧାରିତ ହେଇଛି। ତେବେ ଅନ୍‌ଲାଇନରେ ପଞ୍ଜୀକରଣ ବେଳେ ଉପୁଜୁଥିବା ବିଭିନ୍ନ ସମସ୍ୟା ସାଙ୍ଗକୁ ଆଧାର କାର୍ଡ, ଭୂଲେଖ ସମସ୍ୟା ଯୋଗୁ ପଞ୍ଜୀକରଣ ସମ୍ପାଦନରେ ବିଳମ୍ବ ହେଉଛି। ଏଣୁ ପଞ୍ଜୀକରଣ ପ୍ରକ୍ରିୟା ପାଇଁ ନିର୍ଦ୍ଧାରିତ ସମୟ ଅବଧି ବୃଦ୍ଧି କରିବାକୁ ଚାଷୀମାନଙ୍କ ପକ୍ଷରୁ ଦାବି ହେଉଛି।

## ଜିଲା କୃଷି ଅଧିକାରୀଙ୍କୁ କିଷାନ କଂଗ୍ରେସର ଦାବିପତ୍ର

ବଲାଙ୍ଗୀର ଅଫିସ, ୫।୮

ବଲାଙ୍ଗୀର ଜିଲାରେ ସାର ଅଭାବ ସମସ୍ୟାକୁ ନେଇ କିଶାନ କଂଗ୍ରେସ ପକ୍ଷରୁ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା କିଶାନ କଂଗ୍ରେସ ଅଧକ୍ଷ ସାନନ୍ଦ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲା କୃଷି ଅଧିକାରୀଙ୍କୁ ସାକ୍ଷାତ୍ କରି ଏ ସଂକ୍ରାନ୍ତରେ ଦାବିପତ୍ର ଦେଇଛନ୍ତି। ଚଳିତ ଖରିଫ ଋତୁରେ ସ୍ୱଳ୍ପବର୍ଷା ଯୋଗୁଁ ଜିଲାର କମ୍ ସ୍ଥାନରେ ଚାଷକାମ ଚାଲୁଥିଲେ ମଧ କୃଷକଙ୍କୁ ସାର ଯୋଗାଇବାରେ ସରକାର ବିଫଳ ହୋଇଛନ୍ତି। ଯେଉଁଠି ବି କିଛି ପରିମାଣର ସାର ମିଳୁଛି ସେଠି କଳାବଜାରକାରୀ ଚଢାଦରରେ ବିକ୍ରି କରୁଛନ୍ତି। ବିଭାଗୀୟ ଅଧିକାରୀ ଏଦିଗରେ ପଦକ୍ଷେପ ନେଉନାହାନ୍ତି। ଜିଲା କୃଷି ଅଧିକାରୀଙ୍କ ତଥ୍ୟ ଅନୁସାରେ ଜିଲା ପାଇଁ ଚଳିତବର୍ଷ କାଦୁଅ ବା କମ୍ପ୍ଲେସ ସାର ୧୬ ହଜାର ୮ ଶହ ମେଟ୍ରିକ ଟନ୍ ଆବଶ୍ୟକ। କିନ୍ତୁ ଏଯାଏ ୮ ହଜାର ୨ ଶହ ମେଟ୍ରିକ ଟନ ସାର ଜିଲାକୁ ଆସିଥିବା କୁହାଯାଉଛି। ୟୁରିଆ ସାର ୨୨ହଜାର ମେଟ୍ରିକ ଟନ୍ ଆବଶ୍ୟକ ଥିବା ବେଳେ ଏଯାଏଁ ୧୦ ହଜାର ୫୦୦ ମେଟ୍ରିକ ଟନ୍ ସାର ଆସିଛି। କିଛିଦିନ ମଧ୍ୟରେ ପର୍ଯ୍ୟାପ୍ତ ପରିମାଣରେ ସାର ନ ମିଳିଲେ ଚାଷୀମାନେ କ୍ଷତି ସହିବେ ବୋଲି ଜିଲା କିଶାନ କଂଗ୍ରେସ ଅଧକ୍ଷ ମିଶ୍ର ଅଭିଯୋଗ କରିଛନ୍ତି। ପ୍ରତିନିଧି ମଣ୍ଡଳୀରେ ସରୋଜ ରଥ, ବିଶ୍ୱଜିତ ନାଥ, ବିପିନ ବିହାରୀ ବେହେରା, ଭରତ ଭୋଇ, ଯୁଗେଶ୍ୱର ପଟେଲ, ରମାକାନ୍ତ ପଟେଲ, ମନୀଷ ମିଶ୍ର, ବୁଲୁ ଦାନୀ, ଅସିତ ମିଶ୍ର, ବବିତା ସାହୁ, ସାଇନା ବେଗମ, ଲଳିତ ପଟେଲ ଯାଇଥିଲେ।



ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଏଡିଟି ହେଲା ଡିଡିଟି ଅଫିସ

ସୋନପୁର,୫।୮(ନି.ପ୍ର.)

### ସୁବର୍ଣ୍ଣପୁର ଜିଲା

- କର୍ମଚାରୀ ପାଇ ନାହାନ୍ତି ୨ ମାସର ଦରମା
- କରୋନା କାଳରେ ନାହିଁ ବଜାର ସୁବିଧା
- ଜିଲାରେ ରହିଛି ୬ ହଜାରରୁ ଉର୍ଦ୍ଧ୍ୱ ତନ୍ତଶାଳ

ରାଜ୍ୟ ସରକାର ସୋନପୁରସ୍ଥିତ ଉପ ନିର୍ଦ୍ଦେଶକ ବୟନ ଶିଳ୍ପ (ଡିଡିଟି) କାର୍ଯ୍ୟାଳୟକୁ ନିମ୍ନସ୍ତର(ଡାଉନଗ୍ରେଡ୍) କରିଛନ୍ତି। ଏହି କାର୍ଯ୍ୟାଳୟ ଏବେ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ(ଏଡିଟି)ଙ୍କ କାର୍ଯ୍ୟାଳୟରେ ପରିଣତ ହୋଇଛି। ଏହା ବଦଳରେ ବରଗଡ ଏଡିଟି ଅଫିସକୁ ଡିଡିଟି ଅଫିସ କରାଯାଇଛି। ଉପ ନିର୍ଦ୍ଦେଶକ ବୟନଶିଳ୍ପ, ସୋନପୁରର ଶିଶିର କୁମାର ନାଗଙ୍କୁ ବରଗଡରେ ଅବସ୍ଥାପିତ କରାଯାଇଛି। ସେହିପରି ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ବରଗଡ ଉମେଶ ଚନ୍ଦ୍ର ଦାସଙ୍କୁ ସୋନପୁର ଏଡିଟି ଅଫିସରେ ନିଯୁକ୍ତି ଦିଆଯାଇଛି। ଏଭଳି ସ୍ଥିତି ପାଇଁ ଏଡିଟି ଅଫିସର କର୍ମଚାରୀ ୨ ମାସର ଦରମା ପାଇନାହାନ୍ତି। ଏହି ଘଟଣାକୁ ନେଇ ସୁବର୍ଣ୍ଣପୁର ଜିଲାର ବୁଦ୍ଧିଜୀବୀଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଓଡିଶାର କେବଳ କଟକ ଓ ସୋନପୁରରେ ଉପ ନିର୍ଦ୍ଦେଶକ ବୟନ ଶିଳ୍ପଙ୍କ କାର୍ଯ୍ୟାଳୟ ଥିଲା। ସୁବର୍ଣ୍ଣପୁରର ପ୍ରସିଦ୍ଧ ବାନ୍ଧ କଳା, ପାଟ ଓ ସିଲ୍‌କି ଶାଢୀ ଏବଂ ହଜାର ହଜାର ବୁଣାକାର ପରିବାରଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ସରକାର ୨୦୦୮ ମସିହାରେ ସରକାର ସୋନପୁରଠାରେ ଥିବା ଏଡିଟି ଅଫିସକୁ ଡିଡିଟି ଅଫିସ କରିଥିଲେ। ଜିଲାର ବୟନ ଶିଳ୍ପ ଏବେ ଦେଶ ବିଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ୬ ହଜାର ୬୦୦ ତନ୍ତଶାଳ ଏବେ ବି କାର୍ଯ୍ୟକ୍ଷମ ଅଛି। ତେବେ କରୋନା କାଳରେ ବଜାର ସୁବିଧା ନ ଥିବାରୁ ଜିଲାର ବୟନ ଶିଳ୍ପ ଯଥେଷ୍ଟ ପ୍ରଭାବିତ ହୋଇଛି। ମହାମାରୀ ସମୟରେ ସରକାରଙ୍କ ଏଭଳି ପଦକ୍ଷେପକୁ ସାଧାରଣରେ ନାପସନ୍ଦ କରାଯାଇଛି। ଏ ସମ୍ପର୍କରେ ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ ସୋନପୁର ଉମେଶ ଚନ୍ଦ୍ର ଦାସ କୁହନ୍ତି ଗତ ଜୁନ୍ ୨ ତାରିଖରେ ସରକାରଙ୍କ ଆଦେଶନାମା କ୍ରମେ ବରଗଡ ଅଫିସ ଅପଗ୍ରେଡ୍ ହୋଇଥିବା ବେଳେ ସୋନପୁର ଡାଉନଗ୍ରେଡ୍ ହୋଇଛି। ଏହାର କାରଣ ସରକାର ଜାଣିଥିବେ ବୋଲି ସେ କହିଛନ୍ତି। ତେବେ ସରକାରଙ୍କ ଏହି ପଦକ୍ଷେପକୁ ତୀବ୍ର ସମାଲୋଚନା କରିଛନ୍ତି ଭାଜପା ନେତା ତଥା ବରିଷ୍ଠ ଆଇନଜୀବୀ ବଳଦେବ ପ୍ରସାଦ ବେଦ୍‌ବାକ୍। ଜିଲାର ଡିଡିଟି ପଦବୀକୁ ଡାଉନଗ୍ରେଡ୍ କରି ସରକାର ଜିଲାବାସୀଙ୍କୁ ନିଚ୍ଚା କରିବାକୁ ଉଦ୍ୟମ କରିଛନ୍ତି। ଜିଲାର ଦୁଇ ବିଧାୟକ କ୍ୟାବିନେଟ୍ ପାହ୍ୟାର ମନ୍ତ୍ରୀ ଥିବା ବେଳେ ପ୍ରତିବାଦ ନ କରି ଚୁପ୍ ରହିବା ଦୁର୍ଭାଗ୍ୟଜନକ ବୋଲି ବେଦ୍‌ବାକ୍ କହିଛନ୍ତି।




ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ସୋନପୁରଙ୍କ କାର୍ଯ୍ୟାଳୟ।